# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୨୭/୨୦୨୪ (୨୦ ପୃଷ୍ଠା) Bhubaneswar, Tuesday, February 27/2024 Page 20 ₹ 7.00 | SAMBALPUR

୫୦ଶ ଭାଗ ୯୫ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 95 ମୂଲ୍ୟ₹୭/-



DSPL - 728











ମିଶନ ଶକ୍ତି | MISSION Shakti BAZAAR

ଆମ ଓଡ଼ିଶା ନବୀନ ଓଡ଼ିଶା

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

ଶ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା...

ଶୁଭାରମ୍ଭ

- 0% ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମିଶନ ଶକ୍ତି ଋଣ
- ୧୪୫ କୋଟି ଟଙ୍କାର ସୁଧ ଫେରସ୍ତ
- ୭୩୦ କୋଟି ଟଙ୍କାର ୟୁନିଫର୍ମ ଓ ବ୍ଲେଜର ସହାୟତା



ଶୁଭ ଉଦ୍‌ଘାଟନ

ମିଶନ ଶକ୍ତି ବଜାର

ଭୁବନେଶ୍ୱର | ୨୭ ଫେବୃଆରୀ ୨୦୨୪

ସଶକ୍ତ ମହିଳା | ସଶକ୍ତ ଓଡ଼ିଶା




ମିଶନ ଶକ୍ତି ବିଭାଗ, ଓଡ଼ିଶା ସରକାର

OIPR-48001/13/0011/2324

DSPL-730

# ଶୁଭ ଉଦ୍‌ଘାଟନ



ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡ଼ିୟମ, ପୁରୀ



ବ୍ରହ୍ମପୁର ସ୍ପୋର୍ଟସ କମ୍ପ୍ଲେକ୍ସ, ବ୍ରହ୍ମପୁର



କ୍ରୀଡ଼ା କମ୍ପ୍ଲେକ୍ସ
ଯାଜପୁର



ଓସିଏ ର ୪୨ଟି
କ୍ରିକେଟ୍ ଏକାଡେମୀ



ମହିଳା କ୍ରିକେଟ ଏକାଡେମୀ
ପୁରୀ



କ୍ରିକେଟ୍ ଗ୍ରାଉଣ୍ଡ
ଝାରସୁଗୁଡ଼ା



ଭାରୋତ୍ତୋଳନ ଏକାଡେମୀ
ଗଞ୍ଜାମ



ହକି ପ୍ରଶିକ୍ଷଣ କେନ୍ଦ୍ର
ଯାଜପୁର

# ଭିତ୍ତିପ୍ରସ୍ତର ସ୍ଥାପନ



ଭିଏସ୍ଏସ୍ କ୍ରିକେଟ୍ ଷ୍ଟାଡିୟମ, ସମ୍ବଲପୁରର ପୁନଃବିକାଶ



ସ୍ପୋର୍ଟସ କମ୍ପ୍ଲେକ୍ସ, ବରଗଡ଼



ସ୍ପୋର୍ଟସ କମ୍ପ୍ଲେକ୍ସ, ଢେଙ୍କାନାଳ



ସ୍ପୋର୍ଟସ ଏକାଡେମୀ, ଯାଜପୁର

OIPR-29001/13/0240/2324

ଧରିତ୍ରୀ
DHARITRI
ଧରିତ୍ରୀ 50 Years

ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୨୭/୨୦୨୪ Bhubaneswar, Tuesday, February 27/2024




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆଚାର୍ଯ୍ୟ ହରିହର ଦାସଙ୍କ ୧୪୭ତମ ଜୟନ୍ତୀ, ସ୍ଥାନ: ଆଚାର୍ଯ୍ୟ ବିହାରସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା ୩୦।
- ବାଇକ୍, ଟାକ୍ସି ଆସୋସିଏଶନ ପକ୍ଷରୁ ବିକ୍ଷୋଭ, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ, ସମୟ: ସକାଳ ୯ଟା।
- ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱ ବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ଉତ୍ସବ, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଆଚାର୍ଯ୍ୟ ହରିହର ଦାସଙ୍କ ୧୪୭ତମ ଜୟନ୍ତୀ, ସ୍ଥାନ: ରୋଟାରି କ୍ଲବ ସମ୍ମୁଖ ରାସ୍ତା, ସମୟ: ଅପରାହ୍ନ ୨ଟା।
- ଶ୍ରୀଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ନାମ ସଂକୀର୍ତ୍ତନ, ସ୍ଥାନ: ଗୋପାଳସାହି ଭାଗବତ ଗୃହ,କଳାରାହାଙ୍ଗ, ସମୟ: ସନ୍ଧ୍ୟା ୫ଟା।
- ପଦ୍ମଭୂଷଣ ମନୋଜ ଦାସଙ୍କ ୯୧ତମ ଜୟନ୍ତୀ ଉତ୍ସବ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।
- ଚତୁର୍ଥ ବିଆର୍‌ଏମ୍ ଆଶା ପୁରସ୍କାର ପ୍ରଦାନ ଉତ୍ସବ, ସ୍ଥାନ: ଲୋହିଆ ଏକାଡେମୀ (ୟୁନିଟ-୯), ସମୟ: ସନ୍ଧ୍ୟା ୬ଟା।
- ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆଚାର୍ଯ୍ୟ ହରିହର ଦାସଙ୍କ ୧୪୭ତମ ଜୟନ୍ତୀ ଉପଲକ୍ଷେ ସାଧାରଣ ସଭା, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ୨୪ତମ ଓଡ଼ିଶୀ ସଙ୍ଗୀତ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ମଦ୍ରାସା ମୁଫିଦୁଲ ଅଓ଼ାମ ଓ ହସରତ ଆଦର୍ଶ ଶିଶୁ ବିଦ୍ୟାଭବନର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ପାଳସାହି, ରଏଡ଼ ବଜାର ନିମାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ବିଭିନ୍ନ ପଞ୍ଚାୟତରେ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ, ସ୍ଥାନ: ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ସହିତ ଭିଲିଗ୍ରାମ, ଛଣିଜଙ୍ଗ, ଅଣ୍ଟୁଆର, ବଡ଼ଶୁବିଲା ପଞ୍ଚାୟତ, ସକାଳ: ପୂର୍ବାହ୍ନ ୧୦ଟା।

## କଟକ

- ମହିଳା ଜନ ପ୍ରତିନିଧି ଓ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ସମାବେଶ, ସ୍ଥାନ: ୪୨ ମୌଜା ଯଶୋଦା ଗାର୍ଡେନ, କଟକ ସଦର, ସମୟ: ପୂର୍ବାହ୍ନ ୧୦ଟା।
- ମିଶନଶକ୍ତି ସମାବେଶ, ସ୍ଥାନ: ନିଶ୍ଚିନ୍ତକୋଇଲି ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବାରବାଟୀ ଷ୍ଟାଡିୟମ ଭିତ୍ତିପ୍ରସ୍ତର ସ୍ଥାପନ ଓ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ, ସ୍ଥାନ: ବାରବାଟୀ ଷ୍ଟାଡିୟମ ପରିସର, ସମୟ: ଅପରାହ୍ନ ୪ଟା।
- ମନୋଜ ଦାସ ସ୍ମୃତି ପକ୍ଷରୁ ମନୋଜ ଦାସଙ୍କ ୯୦ତମ ଜୟନ୍ତୀ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, କଟକ,ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା

- ୧୦୮ହନୁମାନ ଚାଳିଶା ପାଠ, ସ୍ଥାନ: କୁଶପଲ୍ଲା ବଜରଙ୍ଗବାଲୀ ମନ୍ଦିର ପରିସର, ବେଗୁନିଆ, ସମୟ: ସକାଳ ୭ଟା।
- ଆଶା ପ୍ଲେ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ରାମଚନ୍ଦ୍ରପୁର ବଜାର, ମେନ ରୋଡ୍, ଜଟଣୀ, ସମୟ: ପୂର୍ବାହ୍ନ ୧୦ଟା।
- ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: କୁଶପଲ୍ଲା ମିନି ଷ୍ଟାଡିୟମ, ବେଗୁନିଆ, ସମୟ: ଅପରାହ୍ନ ୩ଟା।
- ଦିଲୀପ-ସଞ୍ଜୀବ ସ୍ମାରକୀ ଜିଲାସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଶାଗୁଆନ ପଡ଼ିଆ ବଡ଼ପାରୀ, ଟାଙ୍ଗୀ, ସମୟ: ଅପରାହ୍ନ ୩ଟା।
- 'ଆମ ଗାଁ ମହୋତ୍ସବ' ଉଦ୍‌ଯାପନୀ ଦିବସ, ସ୍ଥାନ: ମଲ୍ଲୀପଦର, ବେଗୁନିଆ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ଏନଏସି ତାଲିକାରୁ ବାଲିଆପାଳ ବାଦ୍ ପ୍ରତିବାଦରେ ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚ ପକ୍ଷରୁ ବନ୍ଦ ଡ଼ାକରା, ସ୍ଥାନ: ବାଲିଆପାଳ ଓ ସିମୁଳିଆ ବଜାର, ସମୟ: ସକାଳ ୬ରୁ ଅପରାହ୍ନ ୨ଟା।
- ଖଇରା ବ୍ଲକ ମହତୀପୁର ୟୁପି ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବିଭିନ୍ନ ଦାବିରେ ପାଚିକା ସଂଘର ବିକ୍ଷୋଭ, ସ୍ଥାନ ବିଇଓ କାର୍ଯ୍ୟାଳୟ, ଭୋଗରାଇ, ସମୟ: ପୂର୍ବାହ୍ନ ୧୦ଟା।
- ମିଶନଶକ୍ତି ଭର୍ଚ୍ଚୁଆଲ କାର୍ଯ୍ୟକ୍ରମ, ସ୍ଥାନ: ଭୋଗରାଇ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଏସ୍‌ଏଚ୍‌ଜି ଋଣ ବିତରଣ କାର୍ଯ୍ୟକ୍ରମ, ସ୍ଥାନ: ନୀଳଗିରି ଏନ୍‌ଏସି କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଅଭିରାମ ପରମହଂସ ଭକ୍ତ ସେବା ସଂଘର ୧୧ତମ ବାର୍ଷିକ ଉତ୍ସବର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ଧାନହଣ୍ଡାସ୍ଥିତ ଅଭିରାମ ପରମହଂସ ଭକ୍ତ ଗୋଷ୍ଠୀ ଗୃହ, ବସ୍ତା, ସମୟ: ସନ୍ଧ୍ୟା ୫ଟା।
- ସାରସ୍ୱତ ସାଧକ ମନୋଜ ଦାସଙ୍କ ୯୧ତମ ଜୟନ୍ତୀ ଉତ୍ସବ, ସ୍ଥାନ: ଶାନ୍ତିକାନନ, ମଲ୍ଲିକାଶପୁର, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ଦୀନକୃଷ୍ଣ ପାଲା ପରିଷଦର ୩୮ତମ ବାର୍ଷିକ ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଧାନହଣ୍ଡାସ୍ଥିତ ଅଭିରାମ ପରମହଂସ ଭକ୍ତ ଗୋଷ୍ଠୀ ଗୃହ, ବସ୍ତା, ସମୟ: ରାତି ୮ଟା।

## ମୟୂରଭଞ୍ଜ

- ଉତ୍ତର ଓଡ଼ିଶାର ପ୍ରସିଦ୍ଧ ମା' ହିଙ୍ଗୁଳାଙ୍କ ବାର୍ଷିକ ବଡ଼ପୂଜା, ସ୍ଥାନ:ବଡ଼ସାହି ବ୍ଲକ ସୁହାଗପୁର କଉଡିଖଣୀ, ସମୟ: ସକାଳ ୬ଟା।
- ଜଗନ୍ନାଥ ମନ୍ଦିର ନବପ୍ରତିଷ୍ଠିତ ଶ୍ରୀଜୀଉମାନଙ୍କର ଷୋଡଶ ଉପଚାର ପୂଜା ଓ ସର୍ବସାଧାରଣ ପ୍ରଥମ ଦର୍ଶନ, ସ୍ଥାନ:ବଡ଼ସାହି ବ୍ଲକ ସୁହାଗପୁର,କଉଡ଼ିଖଣୀସ୍ଥିତ ମା' ହିଙ୍ଗୁଳା ପୀଠ, ସମୟ:ସକାଳ ୮ଟା।
- ଆଦିବାସୀ ଭବନର ଭୂମିପୂଜନ ଉତ୍ସବ, ସ୍ଥାନ: ଦେବେନ୍ଦ୍ରପୁର, ବାରିପଦା, ସମୟ: ସକାଳ ୯ଟା ୩୦।
- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଭର୍ଚ୍ଚୁଆଲ ମାଧ୍ୟମରେ କ୍ରିକେଟ ଏକାଡେମୀର ଶିଳାନ୍ୟାସ,ସ୍ଥାନ:ବାରିପଦା ଷ୍ଟାଡିୟମ,ସମୟ: ଅପରାହ୍ନ ୩ଟା।
- ହେଲପିଂ ହ୍ୟାଣ୍ଡ ଗ୍ରୁପ୍‌ର ରନ୍ଧାଖାଦ୍ୟ ପ୍ରଦାନ, ସ୍ଥାନ:ପିଆରଏମ୍ ମେଡିକାଲ କଲେଜ ଓ ହସ୍ପିଟାଲ, ବାରିପଦା,ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ୧୨ ଘଣ୍ଟିଆ ବରପଦା ବନ୍ଦ ପାଳନ, ସ୍ଥାନ: ବରପଦା, ଭଦ୍ରକ, ସମୟ: ସକାଳ ୬ଟା।
- ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ତିହିଡ଼ି ସଙ୍ଗୀତ ମହାବିଦ୍ୟାଳୟ, ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ରଣମେଳା, ସ୍ଥାନ: ଚାନ୍ଦବାଲି କାଳୀପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ମିଶନ ଶକ୍ତି ମହିଳାଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଭିଡିଓ କନ୍‌ଫରେନ୍ସ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ବାଲିଆପାଳ ପୋଲ ପାଇଁ ଭୂମି ପୂଜନ କାର୍ଯ୍ୟକ୍ରମ, ସ୍ଥାନ: ଘଣ୍ଟେଶ୍ୱର, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।
- ବାଲିଆଘାଟଠାରେ ପୋଲର ଶିଳାନ୍ୟାସ, ସ୍ଥାନ: କରଞ୍ଜଆଡ଼ିଆ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୧ଟା।
- ଚାରିବାଟିଆ ଘାଟଠାରେ ପୋଲର ଭୂମିପୂଜା, ସ୍ଥାନ: ବାଲିମେଡ, ବାସୁଦେବପୁର, ସମୟ: ମଧ୍ୟାହ୍ନ ୧୨ଟା।

## କେନ୍ଦୁଝର

- ପବ୍ଲିକ୍ ଆକାଉଣ୍ଟ କମିଟିର ଯୋଡ଼ା ଖଣି ଅଞ୍ଚଳ ପରିଦର୍ଶନ, ସ୍ଥାନ: ଯୋଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ସାହରପଡ଼ା ବ୍ଲକସ୍ତରୀୟ ମିଶନ ଶକ୍ତି ଗୃହ ଉଦ୍‌ଘାଟନ, ସ୍ଥାନ: ସାହରପଡ଼ା ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଗଞ୍ଜାମ

- କ୍ରିକେଟ ମ୍ୟାଚ,ସ୍ଥାନ:ଭଞ୍ଜନଗର ମଲାସପଦର ଶିଳ୍ପାଞ୍ଚଳ ପଡ଼ିଆ, ସମୟ: ସକାଳ ୯ଟା।
- ବାର୍ଷିକ ଉତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ:ଭେଜିପୁଟ କାଳଞ୍ଜି କୁଳ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ମିଶନ ଶକ୍ତି କାର୍ଯ୍ୟକ୍ରମ, ସ୍ଥାନ: ଭଞ୍ଜନଗର ବିଡେକା ଭବନ, ସମୟ: ପୂର୍ବାହ୍ନ ୧୦ ଟା।
- ଏସ୍‌ଏଚ୍‌ଜିଙ୍କୁ ଋଣ ଛାଡ଼ କାର୍ଯ୍ୟକ୍ରମ, ସ୍ଥାନ: ଗଞ୍ଜାମ ବ୍ଲକ ପରିସର ସମୟ: ପୂର୍ବାହ୍ନ ୧୦ଟା।
- ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମଙ୍କ ଭତ୍ତା ବଣ୍ଟନ, ସ୍ଥାନ:ବ୍ଲକ ପରିସର, ଖଲ୍ଲିକୋଟ ସମୟ:ପୂର୍ବାହ୍ନ ୧୦ଟା।
- ଆଦିବାସୀ ଭାରତ ମହାସଭାର ଧାରଣା,ସ୍ଥାନ: ଭଞ୍ଜନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ:ବୁଗୁଡା ବ୍ଲକ ବେଠିଆବୋରଦା, ସମୟ: ପୂର୍ବାହ୍ନ ୧୧ଟା୩୦।
- ନାଗରିକ ମଞ୍ଚର ବିକ୍ଷୋଭ, ସ୍ଥାନ:ଭଞ୍ଜନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୧ଟା।
- ଶ୍ରୀମଦ୍ ଭାଗବତ କଥା ଓ ପ୍ରବଚନ, ସ୍ଥାନ: ଭଞ୍ଜନଗର ଘୁମୁସର ବୈଶ୍ୟ ଧର୍ମଶାଳା, ସମୟ:ସନ୍ଧ୍ୟା ୭ଟା

## କନ୍ଧମାଳ

- ମା' ତାରିଣୀ ମେଳା, ବିଶ୍ୱଶାନ୍ତି ଯଜ୍ଞ, ସ୍ଥାନ:ଖଜୁରିପଡ଼ା ବ୍ଲକ ଭଞ୍ଜରମୁଣ୍ଡା, ସମୟ:ସକାଳ ୮ଟା।
- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠି ଋଣ ସୁଧ ରିହାତି ଓ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠି ବ୍ୟାଙ୍କ ଋଣ ସୁଧ ରିହାତି ବିତରଣ କାର୍ଯ୍ୟକ୍ରମ,ସ୍ଥାନ :ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ:ପୂର୍ବାହ୍ନ ୧୦ ଟା।
- ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ରାଇଖୋଲ, ସମୟ: ଅପରାହ୍ନ ୧ଟା୩୦।

## ରାୟଗଡ଼ା

- ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ପ୍ରଦାନ ଏବଂ ଆଦାୟ ମେଳା, ସ୍ଥାନ: ଗୁଣପୁର ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମିଶନ ଶକ୍ତି ମହିଳାଙ୍କୁ ସହାୟତା ରାଶି ପ୍ରଦାନ କାର୍ଯ୍ୟକ୍ରମ,ସ୍ଥାନ: ଗୁଡାରି ନୂତନ ବସ୍‌ଷ୍ଟାଣ୍ଡ, ସମୟ: ପୂର୍ବାହ୍ନ ୧୧।

## କୋରାପୁଟ

- ବ୍ଲକ ପ୍ରଶାସନ ପକ୍ଷରୁ ଏସ୍‌ଡିସି କ୍ରିକେଟ୍ କପ୍ ଉଦ୍‌ଘାଟନ, ସ୍ଥାନ: ଏକାମ୍ର ପଡ଼ିଆ, ସମୟ: ସକାଳ ୯ଟା।
- ଜିଲା ରାଜସ୍ୱ ବୈଠକ,ସ୍ଥାନ: ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଏସଏଚଜିଙ୍କୁ ଋଣ ଋଣ ପ୍ରଦାନ କାର୍ଯ୍ୟକ୍ରମ,ସ୍ଥାନ: ଜୟପୁର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା୩୦।
- ବ୍ଲକ ପ୍ରଶାସନ ପକ୍ଷରୁ ଏସଏଚଜିଙ୍କୁ ଋଣ ବଣ୍ଟନ ଶିବିର, ସ୍ଥାନ: ପଟ୍ଟାଙ୍ଗି ମିନି ଷ୍ଟାଡିୟମ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ବାଉଁଶଶିଳ୍ପ ନେଇ ତାଲିମ ଶିବିର, ସ୍ଥାନ:ଜିଲାପାଳଙ୍କ ସଭାଗୃହ,ସମୟ: ଅପରାହ୍ନ ୪ଟା।
- ମାଟନ ନିଯୁକ୍ତି ସମ୍ପର୍କିତ ଜିଲାସ୍ତରୀୟ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା।

## ନବରଙ୍ଗପୁର

- ସ୍ୱୟଂ ସହାୟକ ଗୋଷ୍ଠୀଙ୍କର ସୁଧ ପରିଶୋଧ ମେଳା, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ପୋଲିସ ଜନ ସମ୍ପର୍କ ଶିବିର, ସ୍ଥାନ: ଝରିଗାଁ ବ୍ଲକ ବହାରକରମରି ଗାଁ, ସମୟ: ପୂର୍ବାହ୍ନ ୧୧ଟା।
- ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନେଇ ସୁଧ ଫେରସ୍ତ ମେଳା, ସ୍ଥାନ: ଝରିଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- କ୍ରିକେଟ ଏକାଡେମୀ ଉଦ୍‌ଘାଟନ, ସ୍ଥାନ: ନବରଙ୍ଗପୁର, ସମୟ: ଅପରାହ୍ନ ୪ଟା।
- ଆଦିବାସୀଙ୍କ ପାରମ୍ପରିକ ବାଲିଯାତ୍ରା ଉଦ୍‌ଯାପନ, ସ୍ଥାନ: ଡାବୁଗାଁ ବ୍ଲକ ପୋଖନାଗୁଡ଼ା ଗାଁ, ସମୟ: ଅପରାହ୍ନ ୪ଟା।

## ମାଲକାନଗିରି

- ମିଶନ ଶକ୍ତି ପକ୍ଷରୁ ଶିବିର, ସ୍ଥାନ: ପଡିଆ ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ଭାଜପା ପକ୍ଷରୁ ଟିପିଡବ୍ଲ୍ୟୁଡିଏଲ୍ କାର୍ଯ୍ୟାଳୟ ଘେରାଉ, ସ୍ଥାନ: ଅଇଁଠାପାଲିସ୍ଥିତ ଏସ୍‌ଇ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ଜନଜାତି ଉତ୍ସବ, ସ୍ଥାନ: ବିର୍ସା ମଇଦାନ, ସମୟ: ସନ୍ଧ୍ୟା ୫ଟା।
- କ୍ରିକେଟ୍ ଏକାଡେମୀ ଶୁଭାରମ୍ଭ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ସନ୍ଧ୍ୟା ୫ଟା।
- ସାଓଲିନ ଉଷୁ ପକ୍ଷରୁ ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡ଼ୋ ହଲ, ସମୟ: ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ଲକ୍ଷେଘର ଗଣ୍ଡା ସମାଜ, ଛକୋର ଘାଁସି ସମାଜ ଓ ରୋହିଦାସ ସମାଜର ପାଟଣାଗଡ଼ ଚାଲ ଅଭିଯାନ, ସ୍ଥାନ: ପାଟଣାଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପାର ବ୍ଲକସ୍ତରୀୟ ଯୁବ ସମାବେଶ, ସ୍ଥାନ: ଖପ୍ରାଖୋଲ ବ୍ଲକ କନ୍ଦରାଭଟା ଝରଣାକୂଳ, ସମୟ: ପୂର୍ବାହ୍ନ ୧୧ଟା।
- ଆଗଲପୁର ବ୍ଲକ କୃଷି ବିଭାଗ ପକ୍ଷରୁ କୃଷିଭିତ୍ତିକ ତାଲିମ ଶିବିର, ସ୍ଥାନ: ମୁଣ୍ଡାପାଲି କମ୍ୟୁନିଟି ସେଣ୍ଟର, ସମୟ: ପୂର୍ବାହ୍ନ ୧୧ଟା।
- ସୁଧମୁକ୍ତ ଋଣ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଟିଟିଲାଗଡ଼ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଲାଠୋରକୁ ଏନଏସି ଘୋଷଣା କରା ନ ଯିବା ପ୍ରତିବାଦରେ ଆନ୍ଦୋଳନ ପାଇଁ ବିଭିନ୍ନ ଅନୁଷ୍ଠାନକୁ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଖପ୍ରାଖୋଲ ବ୍ଲକ ଲାଠୋର ଅଗ୍ରସେନ ଭବନ, ସମୟ: ଅପରାହ୍ନ ୪ଟା।

## ସୁବର୍ଣ୍ଣପୁର

- ବିନିକାକୁ ସବ୍‌ଡିଭିଜନ ଦାବିରେ ସର୍ବଦଳୀୟ ମିଳିତ ଆନୁକୂଲ୍ୟରେ ୧୨ଘଣ୍ଟିଆ ବନ୍ଦ ଡାକରା, ସ୍ଥାନ: ବିନିକା, ସମୟ: ସକାଳ ୬ଟା।
- ସୋନପୁର କ୍ରିକେଟ୍ ଏକାଡେମୀ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଗାନ୍ଧୀ ଷ୍ଟାଡିୟମ, ଅପରାହ୍ନ ୪ଟା।

## ବରଗଡ଼

- ଚାଷୀଙ୍କ ଚେତାବନୀ ବିକ୍ଷୋଭ ସମାବେଶ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଟିନିକଲ କର୍ମଚାରୀଙ୍କ ଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- କ୍ରୀଡ଼ା ଭିତ୍ତିଭୂମି ପ୍ରକଳ୍ପ ଉଦ୍‌ଘାଟନ, ସ୍ଥାନ: ବିକାଶ ସ୍କୁଲ-ଆମ୍ବସଡ଼ା ରାସ୍ତା ପାର୍ଶ୍ୱ, ସମୟ: ଅପରାହ୍ନ ୪ଟା।
- ବରଗଡ଼ କ୍ରିକେଟ ଏକାଡ଼େମୀର ଉଦ୍‌ଘାଟନୀ, ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମ, ସମୟ: ଅପରାହ୍ନ ୪ଟା।

## ସୁନ୍ଦରଗଡ଼

- ଏସ୍‌ଏଚଜିଙ୍କ ପାଇଁ ବ୍ଲକସ୍ତରୀୟ ମେଗା ଋଣ ସୁଧ ଛାଡ଼ ମେଳା, ସ୍ଥାନ: କୁଆଁରମୁଣ୍ଡା ବ୍ଲକ ମିଶନ ଶକ୍ତି ଭବନ,ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ ସ୍ତରୀୟ ଋଣ ପ୍ରଦାନ ମେଳା, ସ୍ଥାନ: କୁତ୍ରା ପଞ୍ଚାୟତ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ସୁନ୍ଦରଗଡ଼ କ୍ରିକେଟ ଏକାଡେମୀ ଉଦ୍‌ଘାଟନ ସମାରୋହ, ସ୍ଥାନ:ସୁନ୍ଦରଗଡ଼ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା୩୦।

## ରାଉରକେଲା

- ଦିବ୍ୟଜ୍ୟୋତି ଏସ୍‌ଏଚ୍‌ଜିରେ ପ୍ରଶିକ୍ଷଣ ଶିବିର, ସ୍ଥାନ: ଝିରପାଣି, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଶ୍ନପତ୍ର ଲିକ୍ ନେଇ ଏବିଭିପି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ଉଦିତ୍‌ନଗର, ସମୟ: ପୂର୍ବାହ୍ନ ୧୧ଟା।
- ନୂଆ-ଓ କାର୍ଯ୍ୟକ୍ରମ, ସ୍ଥାନ: ଜଗଦା ପଡିଆ, ସମୟ: ଅପରାହ୍ନ ୩ଟା।

## ଦେବଗଡ଼

- ରାଜ୍ୟ ସ୍ତରୀୟ ବଜରଙ୍ଗ କ୍ରିକେଟ କପ୍ ଚତୁର୍ଥ ଦିବସ,ସ୍ଥାନ:ମହୁଲିଡ଼ିହା ସାହି, ନାଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଦେବଗଡ଼ କ୍ରିକେଟ ଏକାଡେମୀ ଉଦ୍‌ଘାଟନ, ସ୍ଥାନ: ଆଇଜି ଷ୍ଟାଡିୟମ,ସମୟ: ଅପରାହ୍ନ ୪ଟା।

## କଳାହାଣ୍ଡି

- ଏନ୍‌ଏସି ଦାବିରେ ୫ ଘଣ୍ଟିଆ ବନ୍ଦପାଳନ, ସ୍ଥାନ: ଏମ୍. ରାମପୁର, ସମୟ: ସକାଳ ୭ରୁ ମଧ୍ୟାହ୍ନ ୧୨ଟା।
- ଷୋହଳ ପ୍ରହର ନାମଯଜ୍ଞ ସମ୍ପନ୍ନ ଏବଂ ନଗର ସଂକୀର୍ତ୍ତନ, ସ୍ଥାନ: ଲାଞ୍ଜିଗଡ଼ ଗୋପୀନାଥ ମନ୍ଦିର ପରିସର, ସମୟ: ସକାଳ ୭ଟା ୩୦।
- ମିଶନ ଶକ୍ତି ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ବିଶାଳ ସମାବେଶ, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ସଦର ସାଧାରଣ ପରେଡ଼ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଭତ୍ତା ବୃଦ୍ଧି ଦାବିରେ ବ୍ଲକ ଅଫିସ ଘେରାଉ, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱତନ୍ତ୍ର ମିଶନ ଶକ୍ତିବ୍ୟାଙ୍କ ଋଣ ସୁଧ ଫେରସ୍ତ କାର୍ଯ୍ୟକ୍ରମ, ସ୍ଥାନ: ଲାଞ୍ଜିଗଡ଼ ବ୍ଲକ ସଭାଗୃହ ବିଶ୍ୱନାଥପୁର, ସମୟ: ପୂର୍ବାହ୍ନ ୧୧ଟା।
- କଳାହାଣ୍ଡି କ୍ରିକେଟ ଏକାଡେମୀ ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଭବାନୀପାଟଣା ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍, ସମୟ: ଅପରାହ୍ନ ୪ଟା।

## ନୂଆପଡ଼ା

- ଜୟ ଶ୍ରୀରାମ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପନୀ, ସ୍ଥାନ: କୋମନା ବ୍ଲକ ବଞ୍ଜାରୀ ଖେଳ ପଡ଼ିଆ, ସମୟ: ସକାଳ ୯ଟା।
- ୨୦୨୪ ରଣନୀତି ପାଇଁ ଆଦିବାସୀଙ୍କ ବିଚାରବିମର୍ଶ ସଭା, ସ୍ଥାନ: ଖଡ଼ିଆଲ କଲ୍ୟାଣ ମଣ୍ଡପ ୨, ସମୟ: ପୂର୍ବାହ୍ନ ୧୦ଟା।
- କ୍ରିକେଟ ଏକାଡେମୀ ଉଦ୍‌ଘାଟିତ, ସ୍ଥାନ: ନୂଆପଡ଼ା ମିନିଷ୍ଟାଡିୟମ, ସମୟ: ଅଧାହ୍ନ ୧୨ଟା।
- ସୁଧ ଅନୁଦାନ କାର୍ଯ୍ୟକ୍ରମ, ସ୍ଥାନ: ନୂଆପଡ଼ା ବ୍ଲକ କାର୍ଯ୍ୟାଳୟସ୍ଥିତ ରାଜୀବ ଗାନ୍ଧୀ ସେବାକେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ ଟା।

## ବୌଦ୍ଧ

- କଣ୍ଟାମାଳ ବ୍ଲକ ମହିଳା ମିଶନ ଶକ୍ତି ତରଫରୁ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ସୁଧ ଟଙ୍କା ବଣ୍ଟନ, ସ୍ଥାନ: ମିଶନ ଶକ୍ତି ସଭାଗୃହ, କଣ୍ଟାମାଳ, ସମୟ: ପୂର୍ବାହ୍ନ ୧୦ଟା।
- କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତର ଖଲିଆପାଲି ମାତାକୁପାରେ ନାଗବାଚା ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପନୀ, ସ୍ଥାନ: ମହୋତ୍ସବ ମଣ୍ଡପ, ମାତାକୁପା, ସମୟ: ଅପରାହ୍ନ ୫ଟା।
- କଣ୍ଟାମାଳ ବ୍ଲକ ଘଣ୍ଟାପଡା ସ୍ଥିତ ମା' ସମଲେଶ୍ୱରୀ ମନ୍ଦିରରେ ମହାଆଳତୀ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।
- ବୌଦ୍ଧ ସହରର ନବ ନିର୍ମିତ ଦୁର୍ଗା ମଣ୍ଡପ ଉଦ୍‌ଘାଟନ, ସ୍ଥାନ: ରାମମନ୍ଦିର ପରିସର ବଗିଚାସାହି, ସମୟ: ସନ୍ଧ୍ୟା ୬ଟା ୩୦।

## ଅନୁଗୋଳ

- ଅନନ୍ତ ନାରାୟଣଙ୍କ ନବରାତ୍ର ମହାଯଜ୍ଞ, ସ୍ଥାନ: ମନ୍ଦରଗିରି, ସମୟ: ସକାଳ ୭.୫୦।
- ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଆର୍ଥିକ ସହାୟତା ପ୍ରଦାନ, ସ୍ଥାନ: କଣିହାଁ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଆର୍ଥିକ ସହାୟତା ପ୍ରଦାନ, ସ୍ଥାନ: କଣିହାଁ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ପ୍ରଦାନ, ସ୍ଥାନ: ବଣଁରପାଳ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- କମର୍ସିଆଲ ଭେହିକିଲ୍ ଡ୍ରାଇଭିଂ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ ଉଦ୍‌ଘାଟନ, ସ୍ଥାନ: ଡ୍ରାଇଭିଂ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍, ତାଳଚେର, ସମୟ: ମଧ୍ୟାହ୍ନ ୧୨.୩୦।
- କ୍ରିକେଟ୍ ଏକାଡ଼େମୀର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: କଦମ ପଡ଼ିଆ ସମୟ: ଅପରାହ୍ନ ୪ଟା।

## ଜଗତ୍‌ସିଂହପୁର

- ଇତିହାସ ବିଭାଗର ଆଲୋଚନା ଚକ୍ର, ସ୍ଥାନ: ପାରାଦୀପ ମହାବିଦ୍ୟାଳୟ, ସମୟ : ପୂର୍ବାହ୍ନ ୧୧ଟା।
- ମିଶନଶକ୍ତିର ଜୀବିକା ମିଶନ କାର୍ଯ୍ୟକ୍ରମ, ସ୍ଥାନ: ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ:ପୂର୍ବାହ୍ନ୧୧ଟା ୩୦।

## ନୟାଗଡ଼

- ନୀଳମାଧବ ଜୀଉଙ୍କ ମାଘମେଳା ମହୋତ୍ସବର ଉଦ୍‌ଯାପନୀ, ସ୍ଥାନ:ଖଣ୍ଡପଡ଼ା ବ୍ଲକ୍‌ର କଣ୍ଟିଲୋ ପଲଟନ ପଡିଆ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।
- ମହାବୀର ବଣିକ ମହାସଂଘର ୧୩ ତମ ବାର୍ଷିକୋତ୍ସବ, ସ୍ଥାନ: ଦଶପଲ୍ଲା ବଣିକ ସଂଘର ନିଜସ୍ୱ କାର୍ଯ୍ୟାଳୟ ,ସମୟ: ପୂର୍ବାହ୍ନ ୧୦ଟା।
- ମିଶନ ଶକ୍ତିର ସ୍ୱୟଂ ସହାୟିକା ଗୋଷ୍ଠୀ ପାଇଁ ଋଣ ବଣ୍ଟନ ମେଳା, ସ୍ଥାନ: ପଠାଣୀ ସାମନ୍ତ ନୟାଗଡ଼ ଜିଲା ସଂସ୍କୃତି ଭବନ, ସମୟ:ପୂର୍ବାହ୍ନ ୧୧ଟା।
- ମିଶନ ଶକ୍ତିର ସ୍ୱୟଂ ସହାୟିକା ଗୋଷ୍ଠୀ ପାଇଁ ଋଣ ବଣ୍ଟନ ମେଳା, ସ୍ଥାନ: ନୂଆଗାଁ ବ୍ଲକ ନୂଆଗାଁ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ସମ୍ମୁଖ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- କ୍ରିକେଟ ଏକାଡେମୀ ନୟାଗଡ଼କୁ ଭର୍ଚ୍ଚୁଆଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ ,ସ୍ଥାନ: ନୟାଗଡ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପଡ଼ିଆ, ସମୟ:ଅପରାହ୍ନ ୪ଟା।
- ମା'ଅନ୍ଧାର ବାଉଁତୀ ଠାକୁରାଣୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ, ସ୍ଥାନ : କଦଳୀବନ୍ଧ-ରଗଡିସାହି ଗ୍ରାମ,ଓଡ଼ଗାଁ ଏନଏସି, ସମୟ:ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- ଜିଲାସ୍ତରୀୟ ସ୍ୱାସ୍ଥ୍ୟକର୍ମୀଙ୍କ ପୁରସ୍କାର କାର୍ଯ୍ୟକ୍ରମ, ସ୍ଥାନ: ଟାଉନହଲ, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।
- କେନ୍ଦ୍ରାପଡ଼ା ବ୍ଲକ ଓ ନଗର କଂଗ୍ରେସର ମାଟି ପାଇଁ ଜେଲ୍ ଚାଲ ଆନ୍ଦୋଳନ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ମିଶନ ଶକ୍ତି ଋଣର ସୁଧ ଫେରସ୍ତ ମେଳା, ସ୍ଥାନ: କେନ୍ଦ୍ରାପଡ଼ା ବ୍ଲକ କାର୍ଯ୍ୟାଳୟ, ଡେରାବିଶ ବ୍ଲକ କାର୍ଯ୍ୟାଳୟ, ମାର୍ଶାଘାଇ ବ୍ଲକ କାର୍ଯ୍ୟାଳୟ, ଗରଦପୁର ବ୍ଲକ କାର୍ଯ୍ୟାଳୟ, ମହାକାଳପଡ଼ା ବ୍ଲକ କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ ବ୍ଲକ କାର୍ଯ୍ୟାଳୟ, ରାଜନଗର ବ୍ଲକ କାର୍ଯ୍ୟାଳୟ, ଆଳି ବ୍ଲକ କାର୍ଯ୍ୟାଳୟ ଏବଂ ରାଜକନିକା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- କ୍ରିକେଟ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟନ, ସ୍ଥାନ: ବିଜୁ ପଟ୍ଟନାୟକ ଷ୍ଟାଡିୟମ, ସାରଙ୍ଗ, କେନ୍ଦ୍ରାପଡ଼ା, ସମୟ: ଅପରାହ୍ନ ୩ଟା।
- ମା' ତାରିଣୀ ମେଳା ମହୋତ୍ସବ, ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଇନ୍ଦାଳୋ ପଞ୍ଚାୟତ ଅଢ଼ଙ୍ଗା, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଚିନ୍ମୟ ଚେତନା ପରିବାର ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ଧର୍ମଶାଳା ବ୍ଲକର ନୀଳକଣ୍ଠପୁର, ସମୟ ପୂର୍ବାହ୍ନ: ୧୦ଟା।

# ଅଭିଯୁକ୍ତ ସ୍ୱାମୀ ଗିରଫ, ଜେଲ ଗଲେ

### ଯୌତୁକ ପାଇଁ ବଧୂ ହତ୍ୟା ମାମଲା

ଭୁବନେଶ୍ୱର,୨୬।୨
(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଶ୍ରୀଲିଙ୍ଗରାଜ ଥାନା ଅଞ୍ଚଳରେ ଯୌତୁକ ପାଇଁ ବଧୂ ହତ୍ୟା ମାମଲାରେ କମିଶନରେଟ୍ ପୋଲିସ କାର୍ଯ୍ୟାନୁଷ୍ଠାନ ନେଇଛି। ଅଭିଯୁକ୍ତ ସ୍ୱାମୀଙ୍କୁ ପୋଲିସ ସୋମବାର ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଶ୍ରୀରାମ ନଗର ଲେନ୍-୩ରେ ରହୁଥିବା କଟକ ଜିଲା ନିଆଳି ଥାନା ଅନ୍ତର୍ଗତ ପହଙ୍ଗା ଗ୍ରାମର ଚନ୍ଦନ କୁମାର ସେଠୀ (୨୫)। ଚନ୍ଦନଙ୍କୁ କୋର୍ଟଚାଲାଣ ପରେ ଜେଲକୁ ପଠାଇ ଦିଆଯାଇଛି।

୨୦୨୧ ମାର୍ଚ୍ଚ ୩ରେ ଏୟାରଫିଲ୍ଡ ଅଞ୍ଚଳର ଝିଲିଙ୍କ ସହ ଚନ୍ଦନଙ୍କର ବିବାହ ହୋଇଥିଲା। ଚନ୍ଦନ ଅଟୋ ଚଲାଇ ପରିବାର ଚଳାନ୍ତି। ଅଭିଯୋଗ ଅନୁସାରେ, ବିବାହ ପରେ ଚନ୍ଦନ ଓ ତାଙ୍କ ପରିବାର ଲୋକେ ଅଧିକ ଟଙ୍କା, ସୁନା, କାର ଆଦି ଯୌତୁକ ଦାବି କରି ଝିଲିଙ୍କୁ ନିର୍ଯାତନା ଦେଉଥିଲେ। ଶନିବାର ଚନ୍ଦନ ଓ ଝିଲିଙ୍କ ମଧ୍ୟରେ ପ୍ରବଳ ଝଗଡା ହୋଇଥିଲା। ଏହି ସମୟରେ ଝିଲିଙ୍କୁ ଚନ୍ଦନ ପ୍ରବଳ ମାଡ ମାରିଥିଲେ। ଖବର ପାଇ ବାପା ମହେନ୍ଦ୍ର ଘରକୁ ଆସି ବୁଝାମଣା କରି ଫେରିଯାଇଥିଲେ। ଏହାର କିଛି ସମୟ ପରେ ଝିଲିଙ୍କ ମୃତ୍ୟୁ ଖବର ପାଇ ଚନ୍ଦନଙ୍କ ଉପରେ ମହେନ୍ଦ୍ର ସନ୍ଦେହ କରି ଥାନାରେ ହତ୍ୟା ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ସ୍ୱାମୀ ଚନ୍ଦନଙ୍କ ବୟାନ ଅନୁଯାୟୀ, ଘଟଣାଦିନ ଝଗଡା ପରେ ଚନ୍ଦନ ଖାଇବା ଆଣିବାକୁ ବାହାରକୁ ଯାଇଥିଲେ। ସେ ଫେରିବା ପରେ ଝିଲୀ ଘର ଭିତରେ ଏକ ଲୁହା ଦଣ୍ଡରେ ଶାଢ଼ୀ ଦ୍ୱାରା ଝୁଲୁଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ସେ ପରିବାର ଲୋକଙ୍କୁ ଡାକି ଝିଲିଙ୍କୁ ଉଦ୍ଧାର କରି ଅଟୋ ଦ୍ୱାରା ତାଙ୍କୁ ବିଏମ୍‌ସି ହସ୍ପିଟାଲକୁ ନେଇଥିଲେ। ପରେ ସେଠାରୁ ଝିଲିଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଝିଲିଙ୍କୁ ସ୍ୱାମୀ ଓ ଅନ୍ୟମାନେ ନିର୍ଯାତନା ଦେଇ ହତ୍ୟା କରିଥିବା ବାପା ମହେନ୍ଦ୍ର ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା (ନଂ.୪୪/୨୦୨୪) ରୁଜୁ କରି ତଦନ୍ତ ଚଳାଇଥିଲା। ତେବେ ଝିଲି ଆତ୍ମହତ୍ୟା କରିଥିବା ନେଇ ପୋଲିସ ସନ୍ଦେହ କରୁଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କର୍ମାଧିପ ଉଚ୍ଚସ୍ଥ ଯୋଗୁ ଅର୍ଥ ଓ ସମ୍ମାନ ସାଙ୍ଗକୁ ପାରିବାରିକ ସୁଖ, ସୌହାର୍ଦ୍ଦ୍ୟ ମିଳିବ। ବ୍ୟୟଭାର ବୃଦ୍ଧି ପାଇଲେ ମଧ୍ୟ ଅଧାପନ୍ତରିଆ କାମକୁ ପୂର୍ଣ୍ଣାଙ୍ଗ କରିବା ସୂଚନା ରହିଛି। ସାମାଜିକ ସ୍ତରରେ ସଭାସମିତି ଓ ଆନୁଷ୍ଠାନିକ କାମରେ ବ୍ୟସ୍ତ ରହିପାରନ୍ତି। ପୂର୍ବ ଶତ୍ରୁତାକୁ ଦୋହରାଇ ନିଜ ଲୋକମାନେ ଅସୁବିଧାରେ ପକାଇପାରନ୍ତି।

**ବୃଷ** କୋଣଭାବସ୍ଥ ଚନ୍ଦ୍ର ସହ କେତୁ ସନ୍ତାନହେତୁକ କଳହର ଆଶଙ୍କା ରହିଛି। ରାହୁଙ୍କ ପ୍ରଭାବରୁ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ଆର୍ଥିକ ସମସ୍ୟା ପାରିବାରିକ ଆବଶ୍ୟକତାକୁ ଅଟକାଇଦେଇପାରେ। ନିର୍ମାଣ, ବାଣିଜ୍ୟ, ବ୍ୟବସାୟ, ସାମ୍ବାଦିକତା, ଏଜେନ୍ସିପ୍, ମାଲିମକଦ୍ଦମା ପ୍ରଭୃତିରେ ସଫଳତା ପାଇବେ।

**ମିଥୁନ** ଦୁଃସ୍ଥାନସ୍ଥ ଶୁକ୍ର ଓ ମଙ୍ଗଳ ରୋଗପୀଡ଼ା କମାଇବାରେ ସାହାଯ୍ୟ କରିବ ଏବଂ ଋଣ ପରିଶୋଧ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଲାଗିରହିବା କାରଣରୁ ମନରେ ସରସତା ରହିବ ନାହିଁ। କର୍ମକ୍ଷେତ୍ର ପ୍ରତି ଉଦାସୀନ ରହିବେ, ଯାହାକି ନୂତନ ସମସ୍ୟାକୁ ଜନ୍ମଦେଇପାରେ। ଅବଶ୍ୟ ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧହେବେ।

**କର୍କଟ** ରାହୁଦୃଷ୍ଟ ଚନ୍ଦ୍ର ମାନସିକ ସ୍ଥିତିକୁ ଅସ୍ଥିର ରଖିବା ସହ ଅଶାନ୍ତ ପରିସ୍ଥିତି ସୃଷ୍ଟି କରିବ। ରବିଙ୍କ ପ୍ରଭାବରେ ଆର୍ଥିକ ଅଭିବୃଦ୍ଧି, ବିଶିଷ୍ଟ ବ୍ୟକ୍ତିଙ୍କ ସାନିଧ୍ୟ ତଥା ସାମାଜିକ ସମ୍ମାନ ଦାନରେ ସହାୟକ ହେବ। ଶୁକ୍ର ଓ ମଙ୍ଗଳଙ୍କ ପ୍ରଭାବରୁ କୂଟନୀତି ବଳରେ କାର୍ଯ୍ୟ ସାଧନ କରିବେ। ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି।

**ସିଂହ** ମୁଖଭାବସ୍ଥ ଗ୍ରହ ଆପଣଙ୍କ ଦ୍ୱନ୍ଦ୍ୱଯୁକ୍ତ ଶ୍ଳେଷାତ୍ମକ କଥାରେ ବନ୍ଧୁବର୍ଗଙ୍କ ମନରେ ବିସ୍ମୟଭାବ ସୃଷ୍ଟି କରିବ। ଆତ୍ମବିଶ୍ୱାସ ବଳରେ ପରିସ୍ଥିତିକୁ ସାମ୍ନା କରିପାରିବେ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କର ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହେବେ। ସଭାସମିତି କିମ୍ବା ଆଲୋଚନା କ୍ଷେତ୍ରରେ ନିଷ୍ପତ୍ତି ବଦଳାଇ ସମାଲୋଚିତ ହେବେ।

**କନ୍ୟା** ମାନସିକ ସ୍ଥିତି ଭଲ ନ ଥିବାରୁ ପ୍ରତ୍ୟେକ କଥାକୁ ନକାରାତ୍ମକ ଦୃଷ୍ଟିକୋଣରୁ ଚିନ୍ତାକରିବେ। ସମସ୍ତ ସୁବିଧା ଥିଲେ ମଧ୍ୟ ନିଜ ଲୋକଙ୍କ ଦ୍ୱାରା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ପରକୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡ଼ିପାରନ୍ତି। ଆଜି ଗୃହସୀମା ସମ୍ପର୍କିତ ସମସ୍ୟାଜନିତ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ।

**ତୁଳା** ମଙ୍ଗଳଙ୍କ ପରୋକ୍ଷ ପ୍ରଭାବଜନିତ ଆପଣଙ୍କ କଠୋର ନିଷ୍ପତ୍ତି ପାରିବାରିକ ଜୀବନକୁ ଦୋହଲାଇଦେଇପାରେ। ବାହାର ଦୁନିଆରେ ବନ୍ଧୁଙ୍କୁ ଉପଯୁକ୍ତ ପ୍ରେରଣା ଦେଇ ପ୍ରଶଂସିତ ହେବେ। ଆଜି କୌଣସି ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ଭଲ କାମ କଲେ ମଧ୍ୟ ବିଭିନ୍ନ କ୍ଷେତ୍ରରୁ ଅଭିଯୋଗ ଆସିପାରେ।

**ବିଛା** ରାଶ୍ୟାଧିପ ଉଚ୍ଚସ୍ଥ ଏବଂ ଏକାଦଶସ୍ଥ ଚନ୍ଦ୍ର ଯୋଗୁ ଦିନଟି ଭଲ ରହିବ। ପ୍ରତ୍ୟେକ କ୍ଷେତ୍ରରେ ସମୟୋପଯୋଗୀ ପଦକ୍ଷେପ ନେଇ ଅନ୍ୟମାନଙ୍କୁ ସନ୍ତୁଷ୍ଟ କରିପାରିବେ। ପରିବାରରେ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି ଯୋଗୁ ମନ ଅଶାନ୍ତ ରହିପାରେ। ବନ୍ଧୁଙ୍କ ସହାୟତାରେ ବହୁ ଯୁକ୍ତିତର୍କ ପରେ ଯାଇ ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**ଧନୁ** ଆପଣଙ୍କ ଅର୍ଥନୈତିକ ପ୍ରଗତି ହେବ। ପାରିବାରିକ ଓ କର୍ମକ୍ଷେତ୍ରରେ ଟେନ୍‌ସନ କମିଯିବ ଓ ଲକ୍ଷ୍ୟ ହାସଲ କରିବାରେ ଅସୁବିଧା ହେବନାହିଁ। ରାଜନୀତି ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂରେଇବାରେ ସାମାନ୍ୟ ବିଳମ୍ବ ଘଟିପାରେ। ବିଶେଷ କିଛି କାରଣ ନ ଥାଇ ମଧ୍ୟ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ।

**ମକର** ସପ୍ତମାଧିପ ନବମସ୍ଥ ହୋଇ ପାପଯୁକ୍ତ ହେତୁ ପ୍ରିୟବନ୍ଧୁଙ୍କ ସହ ମତାନ୍ତର ସୂଚନା ରହିଛି। ବିଭିନ୍ନ ସମସ୍ୟା ମଧ୍ୟରେ ବନ୍ଧୁ ଓ ପଡ଼ୋଶୀଙ୍କ ସାହାଯ୍ୟର ଅଭାବ ରହିବ ନାହିଁ। କର୍ମକ୍ଷେତ୍ରରେ ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ମାଲିମକଦ୍ଦମା, ପରୋକ୍ଷ ଶତ୍ରୁତା ଆଜିର ଦୁଶ୍ଚିନ୍ତାର କାରଣ ହୋଇପାରେ।

**କୁମ୍ଭ** ଚନ୍ଦ୍ରଙ୍କ ଦ୍ୱାରା ବିପରୀତ ରାଜଯୋଗ ସୃଷ୍ଟି ହେଉଥିବାରୁ ଶତ୍ରୁତାର ଅବସାନ ଘଟିବ। ପ୍ରତ୍ୟେକ କାର୍ଯ୍ୟକୁ ସଫଳତାର ସହ ସାଧନକରି ଆଶ୍ୱସ୍ତି ଲଭିବେ। ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ, ପରୋକ୍ଷ ଶତ୍ରୁତା, ବ୍ୟବସାୟିକ ସମସ୍ୟା ଦେଖାଦେଇପାରେ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି।

**ମୀନ** ବୃହସ୍ପତିଙ୍କ ଅନୁକମ୍ପାରୁ ଅସମ୍ପୂର୍ଣ୍ଣ କାମକୁ ଆଜି ପୂର୍ଣ୍ଣାଙ୍ଗକରି ଆଶ୍ୱସ୍ତି ଅନୁଭବ କରିବେ। ମାଲି ମାକଦ୍ଦମାରେ ସଫଳତା ହାସଲ କରିବେ ଏବଂ ସାମାଜିକ କ୍ଷେତ୍ର ସରଳୀକୃତ ରହିବ। ଦେହ ଭଲ ରହିବ, ମାତ୍ର ଶ୍ରମଜନିତ କ୍ଳାନ୍ତିବୋଧ କରିପାରନ୍ତି। ଧର୍ମକାର୍ଯ୍ୟରେ ବ୍ୟୟ କିମ୍ବା ଦୂରଯାତ୍ରାର ମସୁଧା କରିବେ।

ଆଜି ଫେବୃଆରୀ ୨୭ ତାରିଖ, ଫାଲ୍‌ଗୁନ କୃଷ୍ଣ ତୃତୀୟା ମଙ୍ଗଳବାର। ରାଶିନ କ୍ଷତ୍ର-ହସ୍ତା/କନ୍ୟା, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ସାମବେଦୀ ବ୍ରତୋପନୟନ। ସକାଳ ଘ.୦୭।୦୫ ଗତେ, ଘ.୧୦।୫୦ ମଧ୍ୟେ, ଘ.୦୧।୦୯ ଗତେ, ଘ.୦୧।୨୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୫୩ମି . ଗତେ, ଘ.୦୪।୨୦ ମଧ୍ୟେ ରାହୁକାଳ।

# ଧରିତ୍ରୀ
DHARITRI

ଧରିତ୍ରୀ 50 Years









# ପରଲୋକରେ ପଙ୍କଜ ଉଧାସ

ମୁମ୍ବାଇ,୨୬।୨

କିମ୍ବଦନ୍ତୀ ଭାରତୀୟ ଗଜଲ ଗାୟକ ତଥା ହିନ୍ଦୀ ଚଳଚ୍ଚିତ୍ରର ପ୍ରଚ୍ଛଦପଟ କଣ୍ଠଶିଳ୍ପୀ ପଙ୍କଜ ଉଧାସଙ୍କର ସୋମବାର ପୂର୍ବାହ୍ନ ୧୧ଟାରେ ମୁମ୍ବାଇର ବ୍ରିଚ୍ କାଣ୍ଡି ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୭୨ ବର୍ଷ ହୋଇଥିଲା। ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। ତାଙ୍କର ଶେଷକୃତ୍ୟ ମଙ୍ଗଳବାର ଅନୁଷ୍ଠିତ ହେବ।



ପଦ୍ମଶ୍ରୀ ପଙ୍କଜଙ୍କ ଯାଦୁକରୀ ସ୍ୱର କୋଟି ହୃଦୟକୁ ଛୁଇଁଥିଲା। ସେ କେବଳ ଭାରତରେ ନୁହେଁ, ବିଦେଶରେ ମଧ୍ୟ ଅନ୍ୟତମ ସବୁଠୁ ଲୋକପ୍ରିୟ ଗଜଲ ଗାୟକ ଥିଲେ। ତାଙ୍କର 'ଚିଠି ଆୟି ହୈ' ଗୀତ ସବୁଦିନ ମନେ ରହିବ। 'ନାମ୍', 'ସାଜନ' ଏବଂ 'ମୋହରା' ଆଦି ଚଳଚ୍ଚିତ୍ରରେ ସେ କଣ୍ଠଦାନ କରିଥିଲେ। ତାଙ୍କର ସ୍ମରଣୀୟ ଗଜଲ ମଧ୍ୟରେ ରହିଛି 'ଚାନ୍ଦନୀ ରାତ୍ ମେଁ', 'ନା କଜରେ କୀ ଧାର', 'ଔର ଅହିସ୍ତା କି ଜି ୟେ ବାତେଁ', 'ଏ କ୍ ତରଫ ଉସ୍କା ଘର' ଏବଂ 'ଥୋଡ଼ି ଥୋଡ଼ି ପିୟା କରୋ'। ତାଙ୍କ ନାମରେ ଅନେକ ଆଲବମ୍ ରହିଥିବାବେଳେ ସେ ଅନେକ ଦେଶରେ ସଙ୍ଗୀତ ପରିବେଷଣ କରିଥିଲେ।

୧୯୫୧ ମେ' ୧୭ରେ ଗୁଜରାଟର ଜେତପୁରରେ ପଙ୍କଜଙ୍କ ଜନ୍ମ। ଖୁବ୍ କମ୍ ବୟସରୁ ସେ ସଙ୍ଗୀତ ଦୁନିଆରେ ପ୍ରବେଶ କରିଥିଲେ। ତାଙ୍କ ବାପା ମନୁଭାଇ ଉଧାସ ମଧ୍ୟ ଜଣେ ଖ୍ୟାତନାମା ଗାୟକ ଥିଲେ। ସ୍ନାତକ ପଢ଼ା ଶେଷ ପରେ ପଙ୍କଜ ବଲିଉଡ୍ ଫିଲ୍ମରେ ପ୍ରଚ୍ଛଦପଟ ଗାୟକ ଭାବେ କ୍ୟାରିୟର ଆରମ୍ଭ କରିବାକୁ ମୁମ୍ବାଇ ଯାଇଥିଲେ। ତେବେ ଗଜଲ ଗାଇବା ପାଇଁ ତାଙ୍କର ଅନନ୍ୟ ଭାବପୂର୍ଣ୍ଣ ସ୍ୱର ଉପଯୁକ୍ତ ସାବ୍ୟସ୍ତ ହୋଇଥିଲା। ୧୯୮୦ରେ ତାଙ୍କର ପ୍ରଥମ ଆଲବମ୍ 'ଆହତ' ପଙ୍କଜଙ୍କୁ ଗଜଲ ଦୁନିଆରେ ଜଣେ ଉଦୀୟମାନ ☞ପୃଷ୍ଠା-୧୩

## ଦୁର୍ଘଟଣାରେ ୩ କଳାକାରଙ୍କ ମୃତ୍ୟୁ

କେନ୍ଦ୍ରାପଡ଼ା,୨୬।୨(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଗଣ୍ଡାକିଆ କେନାଲ ରାସ୍ତାର ଓସ୍ତପୁର ହଳଦୀଡିଆଠାରେ ସୋମବାର ସକାଳେ ବୋଲେରୋ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ୩ ଜଣ ମହିଳା କଳାକାରଙ୍କ ମୃତ୍ୟୁ ହୋଇଛି। ସେମାନେ ହେଉଛନ୍ତି ଭଦ୍ରକ ଜିଲା ସବଳଙ୍ଗ ଗାଁର ଭାଗ୍ୟଲକ୍ଷ୍ମୀ ଦାସ, କଟକ ଜିଲା ବୟାଳିଶ ମୌଜାର ରାଜଲକ୍ଷ୍ମୀ ରାଉତ ଓ ବାଲେଶ୍ୱର ଭୋଗରାଇର ଜ୍ୟୋତ୍ସ୍ନାମୟୀ ପଟ୍ଟନାୟକ। ଏଥିସହ ନରଣପୁର ଗାଁର ଉତ୍ତମ କୁମାର ସ୍ୱାଇଁ, ଉତ୍କଳ କୁମାର ସ୍ୱାଇଁ, କଟକ ଜିଲା ନେମାଳ ଗାଁର କୁସୁମ ଆଚାର୍ଯ୍ୟ ଓ ରୁବି ଗୁରୁତର ହୋଇଛନ୍ତି। କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ଗୁରୁତରଙ୍କୁ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଏ ସମ୍ପର୍କରେ ☞ପୃଷ୍ଠା-୧୩

**ଆଜିର ସମ୍ପାଦକୀୟ**

ବେରୋଜଗାର ଯୁବକ

# ପ୍ରଶ୍ନପତ୍ର ପୁଣି ଭାଇରାଲ

## ବୋର୍ଡର ଖଣ୍ଡନ, ଗଣମାଧ୍ୟମକୁ ଦୋଷଦେଲେ

ଭୁବନେଶ୍ୱର, (ଅସମାପିକା ସାହୁ)/ କେନ୍ଦୁଝର, (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)/ ପାଟଣା, ୨୬।୨(ବୀର କିଶୋର ଦାଶ)

ମାଟ୍ରିକ ପରୀକ୍ଷା ଆରମ୍ଭରୁ ବିବାଦ ଲାଗି ରହିଛି। ପ୍ରଥମେ ପ୍ରଶ୍ନପତ୍ର ଲିକ୍ ନେଇ ଅଭିଯୋଗ ହୋଇଥିବାବେଳେ ପରୀକ୍ଷା ପରିଚାଳନାଜନିତ ତ୍ରୁଟିକୁ ପଦାକୁ ଆଣିଥିଲା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)। ଏହାସତ୍ତ୍ୱେ କେନ୍ଦୁଝର ଜିଲାରେ ପୁଣିଥରେ ପ୍ରଶ୍ନପତ୍ର ଲିକ୍ ହୋଇଥିବା ନେଇ ଅଭିଯୋଗ ହୋଇଛି। ସୋମବାର ଗଣିତ ପରୀକ୍ଷା ଆରମ୍ଭ ହେବା ପୂର୍ବରୁ ପ୍ରଶ୍ନପତ୍ର ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା କୁହାଯାଉଛି। ତେବେ ଏହାକୁ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) କର୍ତ୍ତୃପକ୍ଷ ଖଣ୍ଡନ କରିଛନ୍ତି। ଗଣିତ ବିଷୟରେ କୌଣସି ପ୍ରଶ୍ନପତ୍ର ଭାଇରାଲ ହୋଇନାହିଁ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ଓ ଉପସଭାପତି ଡ. ନୀହାର ରଞ୍ଜନ ମହାନ୍ତି ପ୍ରକାଶ କରିଛନ୍ତି।



(a) ΔABC ର ∠ABC ଏକ ସମକୋଣ, BD ⊥ AC ଏବଂ ∠BAC ର ସମଦ୍ୱିଖଣ୍ଡକ BD କୁ E ବିନ୍ଦୁରେ ଛେଦ କରେ। ପ୍ରମାଣ କର ଯେ $\frac{BE^2}{DE^2} = \frac{AC}{AD}$.

∠ABC is right angle of ΔABC, BD ⊥ AC and bisector of ∠BAC intersects BD at E. Prove that $\frac{BE^2}{DE^2} = \frac{AC}{AD}$.

କିମ୍ବା /OR

ΔABC ରେ ∠A ସମଦ୍ୱିଖଣ୍ଡକ ΔABC ର ପରିବୃତ୍ତକୁ P ବିନ୍ଦୁରେ ଛେଦ କରେ। AP ଓ BC ର ଛେଦବିନ୍ଦୁ D ହେଲେ ପ୍ରମାଣ କର ଯେ ΔABD ଓ ΔAPC ସଦୃଶ ଅଟନ୍ତି।

In ΔABC, bisector of ∠A intersects the circumcircle of ΔABC at the point P. If AP and BC intersect each other at D, prove that ΔABD and ΔAPC are similar.

15–MTH–P-II 17

ସୂଚନାନୁଯାୟୀ, ସକାଳ ୯ଟାରୁ ପୂର୍ବାହ୍ନ ୧୧ଟା ୪୫ ପର୍ଯ୍ୟନ୍ତ ଗଣିତ ପରୀକ୍ଷା ଚାଲିଥିଲା। ତେବେ ପରୀକ୍ଷା ଆରମ୍ଭ ହେବା ଅର୍ଥାତ୍ ନୋଡାଲ ସେଣ୍ଟରରୁ ପ୍ରଶ୍ନପତ୍ର ଡେସ୍‌ପାଚ ପୂର୍ବରୁ ସକାଳ ୬ଟାରୁ ଗଣିତ ପ୍ରଶ୍ନପତ୍ରର ସେଟ୍ 'ସି' ଓ ସେଟ୍ 'ଡି' ବିଭିନ୍ନ ସୋସିଆଲ ମିଡିଆ ଭାଇରାଲ ହୋଇଥିଲା। କେନ୍ଦୁଝର ଜିଲାର ବିଭିନ୍ନ ଅଞ୍ଚଳରେ ହ୍ୱାଟ୍ସ ଆପ୍‌ଠାରୁ ଆରମ୍ଭ କରି ଫେସ୍‌ବୁକ୍‌ରେ ଉକ୍ତ ପ୍ରଶ୍ନପତ୍ର ଘୂରି ବୁଲୁଥିବା ଦେଖିବାକୁ ମିଳିଥିଲା। ☞ପୃଷ୍ଠା-୧୩

## ଗଣିତରେ କପି କରି ୫୧ ଧରାପଡ଼ିଲେ

ମାଟ୍ରିକ ପରୀକ୍ଷାରେ ସୋମବାର ହୋଇଥିବା ଗଣିତ ବିଷୟରେ ଅସାଧୁ ଉପାୟ ଅବଲମ୍ବନ କରି ୫୧ଜଣ ପରୀକ୍ଷାର୍ଥୀ ସ୍କ୍ୱାଡ୍ ହାତରେ ଧରାପଡ଼ିଛନ୍ତି। ପୂର୍ବରୁ ଅନୁଷ୍ଠିତ ପ୍ରଥମ ଭାଷା ମାତୃଭାଷା ପରୀକ୍ଷାରେ ମୋଟ ୧୦ ପରୀକ୍ଷାର୍ଥୀ ମାଲପ୍ରାକ୍ଟିସ୍ ହୋଇଥିଲେ। ଦ୍ୱିତୀୟ ଭାଷା ଇଂଲିଶ ବିଷୟରେ ୪୨ ଜଣ ପରୀକ୍ଷାର୍ଥୀ ମାଲପ୍ରାକ୍ଟିସ୍ ହୋଇଥିଲେ। ☞ପୃଷ୍ଠା-୧୩

## ୮,୫୧୧ ମାଧ୍ୟମିକ ସ୍କୁଲ ପିଲାଙ୍କୁ ମିଳିବ ମୌଳିକ ଆଇଟି ଶିକ୍ଷା

ଭୁବନେଶ୍ୱର, ୨୬।୨
(ଅସମାପିକା ସାହୁ)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ବିକାଶ, ସଂଖ୍ୟାଲଘୁ ଏବଂ ପଛୁଆ ଶ୍ରେଣୀ କଲ୍ୟାଣ ବିଭାଗ ଅଧୀନରେ ଥିବା ରାଜ୍ୟର ୮,୫୧୧ଟି ମାଧ୍ୟମିକ ବିଦ୍ୟାଳୟଗୁଡ଼ିକର ଛାତ୍ରୀଛାତ୍ର ସୂଚନା ପ୍ରଯୁକ୍ତି (ଆଇଟି)ରେ ଦକ୍ଷ ହେବେ। ଓକାକ୍ ମାଧ୍ୟମରେ ଆଉଟସୋର୍ସିଂରେ କମ୍ପ୍ୟୁଟର ଆସିଷ୍ଟାଣ୍ଟମାନଙ୍କ ଦ୍ୱାରା ଛାତ୍ରୀଛାତ୍ରଙ୍କ ମୌଳିକ ଆଇଟି ଦକ୍ଷତା ବୃଦ୍ଧି ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଆଇଟି ଶିକ୍ଷାଦାନ ବ୍ୟତୀତ କମ୍ପ୍ୟୁଟର ଆସିଷ୍ଟାଣ୍ଟମାନେ ବିଦ୍ୟାଳୟଗୁଡ଼ିକରେ ଅନ୍ୟାନ୍ୟ ଆଇଟି ସମ୍ବନ୍ଧୀୟ କାର୍ଯ୍ୟ ସମ୍ପାଦନ ପାଇଁ ସହାୟତା ପ୍ରଦାନ କରିବେ ବୋଲି ସୂଚନା ଦିଆଯାଇଛି।

# ଓଡ଼ିଶାରେ ୩୦ ମହାବଳ

ଭୁବନେଶ୍ୱର, ୨୬।୨
(ଅସମାପିକା ସାହୁ)



ରାଜ୍ୟରେ ମହାବଳ ବାଘ ସଂଖ୍ୟା ବୃଦ୍ଧି ପାଇଛି। ଏବେ ରାଜ୍ୟରେ ୩୦ଟି ମହାବଳ ରହିଥିବା ସୋମବାର ପ୍ରକାଶିତ ବାଘ ଗଣନା ରିପୋର୍ଟରୁ ଜଣାପଡ଼ିଛି। ଏମାନଙ୍କ ମଧ୍ୟରେ ଏକବର୍ଷରୁ କମ୍ ବୟସର ୮ଟି ଶାବକ ରହିଛି। ତେବେ ୨୭ଟି ବାଘକୁ କ୍ୟାମେରା ଟ୍ରାପ୍‌ରେ ଠାବ କରାଯାଇଥିବାବେଳେ ଶିମିଳିପାଳରେ ଆଉ ୩ଟି ବାଘର ଉପସ୍ଥିତ ଥିବା ପ୍ରମାଣ ମିଳିଛି। କେବଳ ଶିମିଳିପାଳରେ ରହିଥିବା ୨୭ଟି ବାଘ ମଧ୍ୟରୁ ୧୪ଟି ମାଈ ଓ ୧୦ଟି ଅଣ୍ଡିରା। ସେହିଭଳି କେନ୍ଦୁଝର ଟେରିଟୋରିଆଲ ଓ କେନ୍ଦୁଝର ୱାଇଲ୍ଡଲାଇଫ୍, ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ଏବଂ ପାରଳାଖେମୁଣ୍ଡି ଟେରିଟୋରିଆଲରେ ଗୋଟିଏ ଲେଖାଏ ଅଣ୍ଡିରା ବାଘ ଦେଖାଯାଇଛି। ତେବେ କ୍ୟାମେରା ଟ୍ରାପ୍‌ରେ ଠାବ ହୋଇଥିବା ୨୭ ବାଘ ମଧ୍ୟରୁ ୧୪ଟି ମାଈ ଏବଂ ୧୩ଟି ଅଣ୍ଡିରା ବାଘ ରହିଛି। ସେହିଭଳି ୧୩ଟି ମେଲାନିଷ୍ଟିକ ବା କଳାବାଘ ରହିଥିବା ରିପୋର୍ଟରେ ଦର୍ଶାଯାଇଛି। ଏହି ୧୩ଟି ମଧ୍ୟରେ ୭ଟି ମାଈ ଏବଂ ୬ଟି ଅଣ୍ଡିଆ ବାଘ ରହିଛନ୍ତି। ଏହା କେବଳ ଶିମିଳିପାଳରେ ଦେଖାଯାଇଛନ୍ତି।

ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋସିଆଲ ମିଡିଆ 'ଏକ୍ସ'ରେ ପୋଷ୍ଟ କରିଛନ୍ତି। ରାଜ୍ୟର ପ୍ରଥମ ବାଘ ଗଣନା ରିପୋର୍ଟ ପ୍ରକାଶ ପାଇଛି। ରାଜ୍ୟରେ ୮ଟି ବାଘ ଛୁଆ ସମେତ ମୋଟ ୩୦ଟି ବାଘ ରହିଛି। ୨୦୨୨ରେ ଏହା ୨୦ ଥିଲା। ଯାହା ଏବେ ବୃଦ୍ଧି ପାଇ ୩୦ରେ ପହଞ୍ଚିଛି। ସେହିଭଳି ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପରେ ୨୭ଟି ବାଘ ରହିଛି। ଆମ ଜାତୀୟ ପଶୁର ବାସସ୍ଥାନ ସୃଷ୍ଟି କରିଥିବାରୁ ବନ ବିଭାଗର ପ୍ରୟାସକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି।

ସୂଚନାଯୋଗ୍ୟ, ୨୦୨୨ରେ ଭାରତ ସରକାରଙ୍କ ପକ୍ଷରୁ ହୋଇଥିବା ବାଘ ଗଣନାରେ ଓଡ଼ିଶାରେ ୧୬ଟି ବାଘ ଥିବା ଜଣାପଡ଼ିଥିଲା। ତେବେ ରାଜ୍ୟରେ ଅଧିକ ବାଘ ରହିଥିବା ରାଜ୍ୟ ସରକାର ଦାବି କରିଥିଲେ ଏବଂ ନିଜ ଉଦ୍ୟମରେ ବାଘ ଗଣନା କରିବେ ବୋଲି କହିଥିଲେ। ଏହାପରେ ରାଜ୍ୟ ସରକାର ପ୍ରଥମ ଥର ପାଇଁ ବାଘ ଗଣନା କରିଥିଲେ। ଏହା ୨୦୨୩ ଅକ୍ଟୋବର ୧୫ରୁ ଫେବୃଆରୀ ୧୦ତାରିଖ ମଧ୍ୟରେ ରାଜ୍ୟର ୪୭ଟି ବନଖଣ୍ଡରେ ହୋଇଥିଲା। ମୋଟ ୧,୪୩୨ଟି କ୍ୟାମେରା ଟ୍ରାପ ଲଗାଯାଇଥିଲା ଏବଂ ୫୬୭ଟି ଫଟୋ ଉଠାଯାଇଥିଲା।

# ଭାରତୀୟଙ୍କୁ ବିଦା କଲା ରୁଷିଆ ସେନା

**ରୁଷିଆ ସେନାରେ ୟୁକ୍ରେନ୍ ବିରୋଧୀ ଯୁଦ୍ଧରେ ସହାୟକ କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ଗୁଜରାଟର ଜଣେ ୨୩ ବର୍ଷୀୟ ଯୁବକ ହମିଲ ମଙ୍ଗୁକିଆଙ୍କ ମୃତ୍ୟୁ ଘଟିଛି। ଯୁଦ୍ଧରେ ଭାରତୀୟଙ୍କ ମୃତ୍ୟୁ ଘଟିବା ପରେ ଭାରତକୁ ଅପଦସ୍ଥ ହେବାକୁ ପଡ଼ିଥିଲା। ଏଥିରୁ ବର୍ତ୍ତିବା ପାଇଁ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଚାପ ପଡ଼ିବା ହେତୁ ରୁଷିଆ ସରକାର ନବନିଯୁକ୍ତ ପାଇଥିବା ଭାରତୀୟଙ୍କୁ ଚାକିରିରୁ ବିଦା କରିଦେଇଛି। ଏହି ଯୁବକମାନେ ଭାରତରେ ରୋଜଗାରର ପନ୍ଥା ପାଇ ନ ଥିବାରୁ ରୁଷିଆ ଯାଇ ସେଠାରେ ସେନାରେ ଯୋଗ ଦେଇଥିଲେ। ଏବେ ସେମାନେ ଘରକୁ ଫେରି ବେକାର ହୋଇ ଘରେ ବସିବେ।**

ନୂଆଦିଲ୍ଲୀ,୨୬।୨

ଭାରତର ଦାବି ପରେ ରୁଷିଆ ସେନାରେ ସହାୟକ କର୍ମଚାରୀ ଭାବେ ନିୟୋଜିତ ଥିବା ଅନେକ ଭାରତୀୟଙ୍କୁ ବିଦା କରାଯାଇଛି। ବହିର୍ବ୍ୟାପାର ମନ୍ତ୍ରଣାଳୟର କହିବା ଅନୁଯାୟୀ, ଭାରତ ଏହାକୁ ସର୍ବାଧିକ ପ୍ରାଥମିକତା ଦେଇଥିଲା। ରୁଷିଆ ସେନାରେ ନିୟୋଜିତ ଭାରତୀୟମାନଙ୍କୁ ତୁରନ୍ତ ମୁକ୍ତ କରିବା ଲାଗି ବହିର୍ବ୍ୟାପାର ମନ୍ତ୍ରଣାଳୟ ରୁଷୀୟ କର୍ତ୍ତୃପକ୍ଷଙ୍କୁ କହିଥିଲା।

ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ରୁଷିଆ ସେନାରେ ଅନେକ ଭାରତୀୟ ଯୁବକ ସୁରକ୍ଷା ସହାୟକ ଭାବେ କାର୍ଯ୍ୟ କରୁଥିଲେ। ଭଲ ଦରମାରେ ଚାକିରି କରିବା ଲାଗି ପ୍ରଲୋଭିତ ହୋଇ ରୁଷିଆ ଯାଇଥିବା ଭାରତୀୟ ଯୁବକମାନେ ସେଠାରେ ଠକାମିର ଶିକାର ହେବା ସହ ରୁଷୀୟ ସେନା ପାଇଁ ଯୁଦ୍ଧ କରୁଥିବା ଖବର ପ୍ରକାଶ ପାଇଥିଲା।


ହମିଲ ମଙ୍ଗୁକିଆ

ରୁଷୀୟ ସେନାରେ ହେଲ୍ପର ଭାବେ କାମ କରୁଥିବା ଗୁଜରାଟର ୨୩ ବର୍ଷୀୟ ହମିଲ ମଙ୍ଗୁକିୟା ୟୁକ୍ରେନ୍ ସହ ଯୁଦ୍ଧରେ ପ୍ରାଣ ହରାଇଥିବା ୨ ଦିନ ପୂର୍ବରୁ ତାଙ୍କ ପରିବାରକୁ ଖବର ମିଳିଥିଲା। ମଙ୍ଗୁକିୟା ଏକ ଅନ୍‌ଲାଇନ ବିଜ୍ଞାପନ ଜରିଆରେ ରୁଷିଆରେ ନିଯୁକ୍ତି ପାଇଁ ଆବେଦନ କରିଥିଲେ। ସେ ଚେନ୍ନାଇରୁ ଯାଇ ମସ୍କୋରେ ପହଞ୍ଚିବା ପରେ ତାଙ୍କୁ ରୁଷିଆ ସେନାରେ ସହାୟକ ଭାବେ ନିଯୁକ୍ତ କରାଯାଇଥିଲା। ଗୁଜରାଟର ହମିଲଙ୍କ ମୃତ୍ୟୁ ପରେ ସେଠାରେ କାର୍ଯ୍ୟ କରୁଥିବା ଅନ୍ୟ ଭାରତୀୟମାନେ ସ୍ୱଦେଶ ଫେରିବା ପାଇଁ ରୁଷିଆରେ ଅବସ୍ଥାପିତ ଭାରତୀୟ ଦୂତାବାସ ନିକଟରେ ଆବେଦନ କରିଥିଲେ। ଏହି ଘଟଣାରେ ଭାରତକୁ ବିଭିନ୍ନ ମହଲରେ ଅପଦସ୍ଥ ହେବା ପରେ ଭାରତ ପକ୍ଷରୁ ଚାପ ପକାଇବା ପରେ ରୁଷିଆ ଭାରତୀୟଙ୍କୁ ବିଦା କରିଦେଇଛି।




ପରିପୂର୍ଣ୍ଣ ବିଶ୍ୱଜନୀନ ଦୃଷ୍ଟି ଓ ବିଶ୍ୱଜନୀନ ଭାବ ହେଲା ସବୁକିଛି ଭ୍ରାନ୍ତି ଓ ଦୁଃଖ ବେଦନାରୁ ଆରୋଗ୍ୟର ମାର୍ଗ। କିନ୍ତୁ ଅଧିକାଂଶ ମଣିଷ କେବଳ ସେମାନଙ୍କର ଅହଂକାରକୁ ପ୍ରସାରିତ କରି ଚାଲିଥାନ୍ତି। -ଶ୍ରୀଅରବିନ୍ଦ



# ବେରୋଜଗାର ଯୁବକ

ଭାରତରେ ୩୫ ବର୍ଷ ବୟସରୁ କମ୍ ଯୁବବର୍ଗଙ୍କ ସଂଖ୍ୟା ଏହାର ମୋଟ ଜନସଂଖ୍ୟାର ୬୦ ପ୍ରତିଶତରୁ ଅଧିକ। ଏହି ଯୁବ ଶ୍ରମଶକ୍ତି ଉପରେ ଭାରତର ଆର୍ଥିକ ଅଭିବୃଦ୍ଧି ନିର୍ଭର କରେ। କିନ୍ତୁ ବହୁ ସମୟରେ ଯୁବ ବେରୋଜଗାରି ସମ୍ପର୍କିତ ପ୍ରକାଶିତ ତଥ୍ୟ ଚିନ୍ତା ବଢ଼ାଇଦେଉଛି। ନିକଟରେ ବିଶ୍ୱ ବ୍ୟାଙ୍କ ତରଫରୁ ପ୍ରକାଶିତ ଏକ ରିପୋର୍ଟ ଦର୍ଶାଇଛି ଯେ, ୨୦୨୨ରେ ଭାରତରେ ଯୁବ ବେରୋଜଗାରି ହାର ୨୩.୨୨ ପ୍ରତିଶତ ରହିଥିଲା ଏବଂ ଏହା ପଡ଼ୋଶୀ ଦେଶ ପାକିସ୍ତାନ (୧୧.୩), ଭୁଟାନ(୧୪.୪) ଓ ବାଂଲାଦେଶ(୧୨.୯)ଠାରୁ ଅଧିକ। ଏହା ନିଶ୍ଚିତ ଯେ, ନିଯୁକ୍ତି କ୍ଷେତ୍ରରେ ଯୁବବର୍ଗଙ୍କ ଭାଗୀଦାରି ସବୁବେଳେ ଜାତୀୟ ବେରୋଜଗାରି ସମସ୍ୟା ଦୂର କରିଥାଏ। କିନ୍ତୁ ଭାରତରେ ଏକ ଦଶନ୍ଧି ହେଲା ଜାତୀୟ ବେରୋଜଗାରି ହାରଠାରୁ ଯୁବ ବେରୋଜଗାରି ପ୍ରତିଶତ ଅଧିକ ରହିଆସିଛି ବୋଲି ବିଶ୍ୱ ବ୍ୟାଙ୍କ ରିପୋର୍ଟ ଦର୍ଶାଇଛି। ଏହା ପଛରେ ଅନେକ କାରଣ ରହିଛି। କୋଭିଡ୍ ମହାମାରୀକୁ ଲକ୍ଷ୍ୟକରି ମାର୍ଚ୍ଚ ୨୦୨୦ରେ ଲକ୍‌ଡାଉନ ଲାଗୁ କରାଯିବା ଦ୍ୱାରା ଶ୍ରମଶକ୍ତି ଭୁଶୁଡ଼ି ପଡ଼ିଲା; ଯାହାର ପ୍ରମୁଖ ଅଂଶ ହେଉଛନ୍ତି ଯୁବଗୋଷ୍ଠୀ। କଳକାରଖାନା ବନ୍ଦ ହୋଇଯିବା ଯୋଗୁ ଅଣସଂଗଠିତ କ୍ଷେତ୍ରରୁ ବିଭିନ୍ନ ବର୍ଗର ଲୋକଙ୍କ ସହିତ ଯୁବତୀଯୁବକ କାମଛାଡ଼ି ଘରକୁ ଫେରିଆସିଲେ। ତା'ପରେ ସେମାନଙ୍କୁ ଗାଁଗହଳିରେ କାମ ଯୋଗାଇ ଦେବା ସମ୍ଭବ ହେଲା ନାହିଁ। ଅନେକେ ରୋଜଗାର ହରାଇ ଗାଁରେ ରହିଗଲେ ଏବଂ ଚାକିରି ନ ପାଇ ଆଉ କାମ କରିପାରିଲେ ନାହିଁ। ମୁଖ୍ୟ କଥା ହେଉଛି ଏମାନେ କୁଶଳୀ ହୋଇ ନ ଥିବାରୁ ଚାକିରି ଖୋଜିଲେ ବି ପାଇବା ସମ୍ଭବ ହୋଇପାରିଲା ନାହିଁ। ଅଣକୁଶଳୀ ହେତୁ ଆତ୍ମନିର୍ଭରଶୀଳ ଭାରତ ପାଇଁ ସରକାର ଯେତେ ଯୋଜନା କଲେ ମଧ୍ୟ ତାହା ସଫଳ ହୋଇପାରୁନାହିଁ। କୋଭିଡ୍ କଥା କହି ଯୁବନିଯୁକ୍ତି ହ୍ରାସ ବିଷୟ ବୁଝାଇବା ସହଜ ହୋଇପାରେ, କିନ୍ତୁ ଏହା ପୂର୍ବରୁ ଅର୍ଥନୈତିକ ଝଟ୍‌କା ଯୋଗୁ ଯୁବକଙ୍କ ନିଯୁକ୍ତି ପଥ ଅବରୋଧ ହୋଇଥିବା ବିଷୟକୁ ଅଣଦେଖା କରାଯାଇପାରିବ ନାହିଁ। ସମସ୍ତଙ୍କର ମନେଥିବ, ସରକାର କୌଣସି ଆଲୋଚନା ନ କରି ତରବରିଆ ଭାବେ ନଭେମ୍ବର ୨୦୧୬ରେ ବିମୁଦ୍ରୀକରଣ ଘୋଷଣା ପରେ ୨୦୧୭ରେ ସାମଗ୍ରୀ ଓ ସେବା ଟିକସ ଲାଗୁ କରିଦେଲେ। ଫଳରେ ଏହି ସବୁ ନିଷ୍ପତ୍ତି ଭାରତରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟଗୁଡ଼ିକର ମେରୁଦଣ୍ଡ ଭାଙ୍ଗି ଦେଲା ଓ ତା'ପରକୁ କୋଭିଡ୍ ଏହାକୁ ପୂରା ଧୂଳିସାତ୍ କରିଦେଲା; ଯାହା ଏବେ ମଧ୍ୟ ଶତ ପ୍ରତିଶତ ଫେରିବା ସମ୍ଭବ ହୋଇପାରୁ ନାହିଁ। ଅନ୍ୟପକ୍ଷରେ ଅର୍ଥନୈତିକ ମାନ୍ଦାବସ୍ଥା ଦ୍ୱାରା ପ୍ରଭାବିତ ହୋଇ ନ ଥିବା ବୃହତ୍ ଶିଳ୍ପଗୁଡ଼ିକ ଟେକ୍‌ନୋଲୋଜି ଉପରେ ନିର୍ଭର କରି ଭାରତରେ ଯୁବ ଶ୍ରମଶକ୍ତିର ଉପଯୋଗକୁ ବୃଦ୍ଧି କରିପାରୁନାହାନ୍ତି। ଯୁବବର୍ଗଙ୍କ ବେରୋଜଗାରି ବୃଦ୍ଧି ପଛରେ ଆଉ ଏକ ପ୍ରମୁଖ କାରଣ ହେଉଛି ଉପଯୁକ୍ତ ଶିକ୍ଷା, ପ୍ରଯୁକ୍ତି ସୁବିଧା ଏବଂ କୌଶଳ ଦକ୍ଷତାର ଅଭାବ। ଗ୍ରାମାଞ୍ଚଳରେ ଦେଶର ୭୦ ପ୍ରତିଶତରୁ ଅଧିକ ଲୋକ ରହନ୍ତି ଓ ସେଠାରେ ଯୁବକଙ୍କ ସଂଖ୍ୟା ମଧ୍ୟ ଅଧିକ, ଯେଉଁମାନେ ଅଧିକାଂଶ ଗରିବ ପରିବାରରୁ ଆସିଥାନ୍ତି। କିନ୍ତୁ ଗ୍ରାମାଞ୍ଚଳ ଶିକ୍ଷା ବ୍ୟବସ୍ଥାରେ ସର୍ବାଧିକ ଦକ୍ଷତାଭିତ୍ତିକ ଶିକ୍ଷା ଯୋଗାଇବା ସମ୍ଭବ ହେଉନାହିଁ। ଏଣୁ ବିଶେଷ ଦକ୍ଷତା ଓ ଯୋଗ୍ୟତା ଅଭାବରୁ ଯୁବତୀଯୁବକମାନେ ଚାକିରି ପାଇବାକୁ ସକ୍ଷମ ହୋଇପାରୁନାହାନ୍ତି। ଅସଂଗଠିତ କ୍ଷେତ୍ରଗୁଡ଼ିକ ମଧ୍ୟ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ବିଫଳ ହେଉଛନ୍ତି ଏବଂ ସେଥିରେ ମହିଳା ଶ୍ରମଶକ୍ତି ଭାଗୀଦାରି ହ୍ରାସ ଯୁବ ନିଯୁକ୍ତିକୁ ପ୍ରଭାବିତ କରୁଛି। ଏହା ବ୍ୟତୀତ ସରକାର ପ୍ରତିରକ୍ଷା କ୍ଷେତ୍ରରେ ଲାଗୁ କରିଥିବା ଅଗ୍ନିବୀର ଯୋଜନା ଯୁବକଙ୍କୁ ନିଯୁକ୍ତି ସୁରକ୍ଷା ଅଭାବରୁ ଅଧିକ ଆକର୍ଷିତ କରିପାରୁନାହିଁ। ଅପରପକ୍ଷରେ ଅନେକ ଭାରତୀୟ ଯୁବକ ରୁଷିଆ ସେନାରେ ଯୋଗଦେଇଛନ୍ତି ବୋଲି ଖବର ମିଳିଛି। ସେମାନଙ୍କୁ ସିଧାସଳଖ ଯୁଦ୍ଧ କ୍ଷେତ୍ରକୁ ପଠାଇ ଦିଆଯାଇଛି। ଏହି ଖବର ପ୍ରକାଶ ପାଇବା ପରେ କେନ୍ଦ୍ର ସରକାର ଅପଦସ୍ଥ ହୋଇ ପଡ଼ିଥିଲେ। ଯାହା ପାଇଁ ଏବେ ଖବର ମିଳିଛି ଯେ, ଭାରତ ସରକାରଙ୍କ ଚାପରେ ରୁଷିଆ ସରକାର ତାହାର ୟୁକ୍ରେନ ଯୁଦ୍ଧ କ୍ଷେତ୍ରରୁ ଭାରତୀୟମାନଙ୍କୁ ଫେରାଇ ଆଣିବା ସହିତ ଚାକିରିରୁ ବାହାର କରିଦେଇଛି। ଏଥିରୁ ବୁଝିବାକୁ ହେବ ଯେ, ଏହି ଯୁବକମାନେ ପୁନର୍ବାର ଭାରତକୁ ଫେରି ଏଠାରେ ନିଷ୍କ୍ରିୟ ହୋଇ ବସି ରହିବେ। ରୁଷିଆ ଆର୍ମିରେ ଯୋଗଦେଇଥିବା ଭାରତୀୟ ସୈନ୍ୟ ଭାବେ କାର୍ଯ୍ୟକରି ଦରମା ପାଉଥିଲେ। ରାଜନୈତିକ ସୁବିଧା ପାଇଁ ସେମାନଙ୍କ ରୋଜଗାରକୁ ବନ୍ଦ କରିଦେବା ଦ୍ୱାରା କେନ୍ଦ୍ର ସରକାର ଅତ୍ୟନ୍ତ ଅନୈତିକ ନିଷ୍ପତ୍ତି ନେଇଛନ୍ତି।

ଭାରତର ଯୁବ ବେରୋଜଗାରି ପ୍ରତିଶତ ପଡ଼ୋଶୀ ଦେଶଗୁଡ଼ିକ ତୁଳନାରେ ଅଧିକ ରହିବା ବିଷୟରେ କେବଳ ସରକାରଙ୍କୁ ଦୋଷ ଦିଆଯାଇପାରିବ ନାହିଁ। ଏ ଦିଗରେ ଆମ ଯୁବବର୍ଗଙ୍କୁ ମଧ୍ୟ ଦାୟୀ କରାଯାଇପାରେ। ସବୁବେଳେ ସୁବିଧାରେ ଚାକିରି ଖୋଜିବାରେ ବ୍ୟସ୍ତ ରହି ଅଧିକାଂଶ ଯୁବଗୋଷ୍ଠୀ କିଛି କାମ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ସେଥିପାଇଁ ମେକ୍ ଇନ ଇଣ୍ଡିଆ କିମ୍ବା ଆତ୍ମନିର୍ଭର ଭାରତ ସ୍ଲୋଗାନ ଯୁବପିଢ଼ି ପାଇଁ ନିରର୍ଥକ ହୋଇପଡ଼ିଛି। ଚାଇନା, କୋରିଆ କିମ୍ବା ଜାପାନ ଭଳି ଦେଶରେ ଉତ୍ପାଦନକୁ ବିଶ୍ୱ ବଜାର ପସନ୍ଦ କରୁଥିବା ବେଳେ ଭାରତୀୟ ଉତ୍ପାଦନର ଚାହିଦା କମ୍। ଚାହିଦା ନାହିଁ ତ ଲାଭ ନାହିଁ କି ନିଯୁକ୍ତି ସୁଯୋଗ ନାହିଁ। ଭାରତ ବିଶ୍ୱରେ କେବଳ ଏକ ଉତ୍ପାଦନକାରୀ ଦେଶ ଭାବେ ପରିଚିତ ହୋଇ ରହିଲେ ଯୁବ ଶ୍ରମଶକ୍ତିକୁ ଆକର୍ଷିତ କରାଯାଇପାରିବ ନାହିଁ। ଅର୍ଥାତ୍ ଯୁବ ବେରୋଜଗାରି ପ୍ରତିଶତ ହ୍ରାସ କରିବା କଷ୍ଟକର ହୋଇପଡ଼ିବ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 8 | | 1 | | | 6 |
| | 5 | 2 | | 4 | | | | 7 |
| | | | | | | | 8 | |
| 7 | 6 | 5 | 4 | 3 | | | | |
| 4 | | | | 6 | 9 | | | |
| | | | | | | | | |
| | | 8 | | | | | 1 | |
| 3 | 2 | | | | | 8 | | |
| | 7 | | 1 | | | 3 | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 2 | 6 | 4 | 5 | 3 | 9 | 8 |
| 8 | 9 | 3 | 2 | 1 | 7 | 6 | 5 | 4 |
| 6 | 4 | 5 | 9 | 8 | 3 | 2 | 1 | 7 |
| 3 | 6 | 7 | 1 | 2 | 4 | 9 | 8 | 5 |
| 9 | 5 | 4 | 7 | 6 | 8 | 1 | 2 | 3 |
| 2 | 1 | 8 | 3 | 5 | 9 | 7 | 4 | 6 |
| 4 | 2 | 1 | 5 | 3 | 6 | 8 | 7 | 9 |
| 7 | 8 | 6 | 4 | 9 | 2 | 5 | 3 | 1 |
| 5 | 3 | 9 | 8 | 7 | 1 | 4 | 6 | 2 |

ଗତକାଲିର ଉତ୍ତର

# ଶ୍ରମଜୀବୀ ଓ ସେମାନଙ୍କ ପିଲା



ମିନତୀ ପ୍ରଧାନ

ନିର୍ମାଣାଧୀନ ମେଟ୍ରୋ ରେଲୱେ ଲାଇନ ପାଇଁ ରାସ୍ତାରେ ଯାନ ବାହନର ନାହିଁ ନ ଥିବା ଭିଡ଼, ବିଶେଷ କରି ଦିନର ଅଧିକାଂଶ ସମୟ, କେବଳ ଅତି ସକାଳୁ ବା ଡେରି ରାତିକୁ ଛାଡ଼ି ଦେଲେ। ସିଗ୍‌ନାଲ ପାଖରେ ଖେଳୁଥିବା କୁନି ଝିଅଟିକୁ ଦେଖି କାରରେ ସ୍କୁଲ ଯାଉଥିବା ସମବୟସ୍କ କୁନି ଝିଅଟିଏ ତା'ର ମା'କୁ ପ୍ରଶ୍ନ କରୁଥିଲା ଯେ ସେ ପିଲାଟି କ'ଣ ପାଇଁ ସ୍କୁଲ ଯାଉନି? ପାଖରେ ଥାଇ ମୁଁ ଶୁଣି ପାରୁଥିଲି। ପରେ ସିଗ୍‌ନାଲ ସବୁଜ ହେଲା ପରେ ସେମାନଙ୍କ କାର ଆଗକୁ ଚାଲିଯିବାରୁ ସେମାନଙ୍କ ବାର୍ତ୍ତାଳାପ ମୁଁ ଶୁଣି ପାରି ନ ଥିଲି। କିନ୍ତୁ କୁନି ଝିଅ ପଚାରି ଥିବା ପ୍ରଶ୍ନ ମୋ ମନରେ ଗୁଡ଼େଇ-ତୁଡ଼େଇ ହୋଇ ଉତ୍ତର ଖୋଜୁଥିଲା। ଅନେକ ସମୟରେ ଆମେ ଅବହେଳା କରିଦେଉଥିବା ଏହି ପ୍ରକାରଦୃଶ୍ୟ, ତାହା 'ତାଙ୍କ ସମସ୍ୟା' କହି ଆମର ମାନବିକତାକୁ ଛୋଟ କରି ଦେଇ ନିଜ ପରିଧି ଭିତରେ ବୁଡ଼ି ଯିବାର ଅଭ୍ୟାସ ପ୍ରାୟ ଆମ ସମସ୍ତଙ୍କ ଭିତରେ ଅଛି।

ସତରେ ଆମେ କେବେ ଭାବିଛୁ ଏଇ ପିଲାମାନଙ୍କ ଭବିଷ୍ୟତ ବିଷୟରେ? ନିର୍ମାଣକାରୀ ଶ୍ରମିକମାନଙ୍କ ବିନା ଆମ ଉନ୍ନତ ରାଷ୍ଟ୍ରର ପରିକଳ୍ପନା ଅସମ୍ଭବ। ଘର, କୋଠାବାଡ଼ି, ଡାକ୍ତରଖାନା, ସରକାରୀ, ବେସରକାରୀ ଅଫିସବିଲ୍ଡିଂ, ବାସଗୃହ ରାସ୍ତା ଏବଂ ରେଲୱେ ଲାଇନ ଯେଉଁଠି ବି ଚାହିଁଲେ ଜଣେ ଭାବିପାରିବ ନିର୍ମାଣକାରୀ ଶ୍ରମିକଙ୍କ ବିନା ଆମେ ଟିକିଏ ବି ଆଗେଇ ପାରିବୁ ନାହିଁ। ଏମାନଙ୍କ ପ୍ରଚ୍ଛଦରେ ଥିବା ତାଙ୍କ ପରିବାରର ତ୍ୟାଗ ଓ ଦୁଃଖ ଦୁର୍ଦ୍ଦଶା ବିଷୟରେ ଆସନ୍ତୁ ବିଚାର କରିବା।

ଗ୍ରାମ ଓ ଛୋଟ ସହରଗୁଡ଼ିକରେ ନିଯୁକ୍ତି ଓ କର୍ମ ସଂସ୍ଥାନର ଅଭାବ ହେତୁ ପ୍ରାୟ ଅଧିକାଂଶ ଶ୍ରମିକ ବା ଦାଦନ ମଜୁରିଆ ହିସାବରେ ଠିକାଦାରମାନଙ୍କ ଦ୍ୱାରା ବଡ଼ ସହର ବା ନଗର ମାନଙ୍କରେ ନିଯୁକ୍ତି ପାଇଥାନ୍ତି। ଅଧିକାଂଶ ପ୍ରାୟ ନିର୍ମାଣ କାମରେ ହିଁ ଲାଗିଥାନ୍ତି। ଅନେକ ଦିନ ଘରୁ ବାହାରେ ରହିବା ଫଳରେ ଏମାନେ ନିଜ ପରିବାର ବିଶେଷ କରି ସ୍ତ୍ରୀ ଓ ଛୋଟ ପିଲାମାନଙ୍କୁ ସାଙ୍ଗରେ ନେଇ ଆସିଥାନ୍ତି। କେହି କେହି ଏକୁଟିଆ ରହି କାମ କରିଥାନ୍ତି ଓ ନିଜ ସ୍ତ୍ରୀ, ପିଲାଙ୍କୁ ନିଜ ଗ୍ରାମ ବା ଛୋଟ ସହରରେ ରଖିଥାନ୍ତି। ବେଳେ ବେଳେ ଉଭୟ ମାତାପିତା ନିର୍ମାଣ କାମ କରୁଥିବା କାରଣରୁ ପିଲାଙ୍କୁ ଗାଁରେ ପରିବାରର ଅନ୍ୟ ସଦସ୍ୟଙ୍କ ପାଖରେ ଛାଡି ଦେଇଥାନ୍ତି। ଯେଉଁ ପିଲାମାନେ ଗାଁରେ ଏକୁଟିଆ ଥାନ୍ତି, ସେମାନେ ନିଜ ପିତା (ବା ମାତା-ପିତା)ଙ୍କର ସ୍ନେହ ବା ଯତ୍ନ ପାଇବାରୁ ବଞ୍ଚିତ ହୋଇଥାନ୍ତି। ମାତା- ପିତା ମଧ୍ୟ ପିଲାଙ୍କ ଠାରୁ ଅଲଗା ରହୁଥିବାରୁ ତାଙ୍କ ମାନସିକ ସ୍ଥିତି ଭଲ ନ ଥାଏ।

ଯେତେବେଳେ ଶ୍ରମିକମାନେ ନିଜ ପିଲାମାନଙ୍କୁ ସାଙ୍ଗରେ ନେଇ ଆସନ୍ତି, ସେମାନେ ନିଜ ପରିବାର ସହ ସିନା ରହିପାରନ୍ତି, ମାତ୍ର ଏଥିରେ ବାଧକ ସୃଷ୍ଟି କରେ ଅର୍ଥ। ରହିବା ପାଇଁ ଘରର ଆବଶ୍ୟକତା ଥାଏ, ସ୍ୱଳ୍ପ ରୋଜଗାରରେ ଏମାନେ ଭଲ ଘର ନେଇପାରନ୍ତି ନାହିଁ-ସୁତରାଂ ନିର୍ମାଣ ଚାଲୁଥିବା ଜାଗାପାଖରେ ଆଜ୍‌ବେଷ୍ଟସ ଘେରା ଅସ୍ଥାୟୀ ଘରେ ସେମାନଙ୍କୁ ରହିବାକୁ ପଡ଼େ। ଏହା ସାଧାରଣତଃ ସନ୍ତସନ୍ତିଆ ଓ ନିର୍ମାଣ ଚାଲୁଥିବା ହେତୁ ସବୁ



ବେଳେ ଧୂଳି ଉଡି ଧୂଳିମୟ ହୋଇଥାଏ। ଏହି ପରିବାରମାନଙ୍କୁ ଗୋଟିଏ ଅସ୍ଥାୟୀ ବା ଜନ-ସାଧାରଣ ଶୌଚାଳୟ ବ୍ୟବହାର କରିବାକୁ ପଡ଼ିଥାଏ। ଅନେକ ଲୋକ ଗୋଟିଏ ଶୌଚାଳୟ ବ୍ୟବହାର କରିଥାନ୍ତି, ଫଳରେ ତାହା ଠିକ୍‌ରେ ସଫା ସୁତରା ରହିପାରେ ନାହିଁ। ଏ ପ୍ରକାର ଅସ୍ୱାସ୍ଥ୍ୟକର ପରିବେଶରେ ପିଲାମାନଙ୍କୁ ରହିବାକୁ ପଡ଼ିଥାଏ।

ଗବେଷଣାରୁ ଜଣାପଡ଼ିଛି ଯେ, ଏହି ଶ୍ରମିକଙ୍କ ପିଲାମାନେ ଅତ୍ୟଧିକ ଓଜନର ହୋଇଥାନ୍ତି, ଯଦିଓ ପୋଷଣର ଅଭାବ ଅଧିକାଂଶ କ୍ଷେତ୍ରରେ ଦେଖାଯାଏ। ଏହା ଏକ ବିଡମ୍ବନା। ପ୍ରକୃତ କାରଣଟି ହେଲା ମାତା ପିତା ଉଭୟ ଶ୍ରମ କରୁଥିବାରୁ ଏବଂ ବେଳେ ବେଳେ ପୋଷଣଯୁକ୍ତ ଖାଦ୍ୟ ବିଷୟରେ ଠିକ୍ ଜ୍ଞାନ ନ ଥିବାରୁ ସେମାନେ ପିଲାମାନଙ୍କୁ ପ୍ୟାକ ହୋଇଥବା ଖାଦ୍ୟ ଯଥା- ବିସ୍କୁଟ, ଚିପ୍ସ, ଚକୋଲେଟ ଓ ଜୁସ, ଅନ୍ୟାନ୍ୟ ଖାଦ୍ୟ କେବଳ ପେଟ ପୂରାଇବା ପାଇଁ ଦେଇ ଥାଆନ୍ତି। ଏ ପ୍ରକାର ଖାଦ୍ୟ ଭୋକ ତ ସାମୟିକ ଭାବେ ମେଣ୍ଟାଇଥାଏ, କିନ୍ତୁ ଜରୁରୀ ପୋଷଣ ଯାହା ବୃଦ୍ଧି ଓ ବିକାଶ ପାଇଁ ଜରୁରୀ, ତାହା ମିଳେନାହିଁ। ଏଭଳି କ୍ଷେତ୍ରରେ ଏନ୍‌ଜିଓ ଓ ସ୍ୱାସ୍ଥ୍ୟ କର୍ମୀମାନେ ଏମାନଙ୍କୁ ଏହି ବିପଦ ବିଷୟରେ ସଚେତନ କରିବା ଦରକାର।

ପିଲାମାନେ ନିଜ ରାଜ୍ୟ ବାହାରେ କିମ୍ବା ନିଜ ରାଜ୍ୟ ଭିତରେ ସ୍ଥାନାନ୍ତରିତ ହୋଇଥାନ୍ତି। କିଛି କ୍ଷେତ୍ରରେ ବାରମ୍ବାର ସେମାନଙ୍କୁ ସ୍ଥାନ ବଦଳାଇବା ପାଇଁ ପଡେ; ଫଳରେ ସାମାଜିକ ଓ ପରିବେଶର ସ୍ଥିରତା ସେମାନଙ୍କୁ ବେଶି ମିଳେ ନାହିଁ। ଗୋଟେ ଜାଗାର ସାଙ୍ଗଙ୍କୁ ସେମାନଙ୍କୁ ଛାଡ଼ିବାକୁ ପଡେ, ନୂଆ ଜାଗାରେ ସାଙ୍ଗ ସୃଷ୍ଟି କରିବା ପାଇଁ ସେମାନଙ୍କୁ ସମୟ ଲାଗିଥାଏ। ଏହା ସେମାନଙ୍କ ଭିତରେ ମାନସିକ ଚାପ ସୃଷ୍ଟି କରିଥାଏ। ନିଜ ରାଜ୍ୟ ବାହାରେ ରହୁଥିବା ପିଲାମାନଙ୍କ ପାଇଁ ଶିକ୍ଷା ଏକ ବଡ଼ ସମସ୍ୟା ହୋଇଥାଏ- ଯେହେତୁ ଭାଷା ପ୍ରାୟତଃ ଅଲଗା ହୁଏ। କିଛି କ୍ଷେତ୍ରରେ ମାତା ପିତାମାନେ ସେ ରାଜ୍ୟର ଭାଷାରେ କଥୋପକଥନ କରି ପାରୁଥିଲେ ମଧ୍ୟ ଲେଖା-ପଢ଼ା କରିପାରନ୍ତି ନାହିଁ। ଆଉ ସେଇଥି ପାଇଁ ପିଲାମାନଙ୍କୁ ପଢ଼ାପଢ଼ିରେ ସାହାଯ୍ୟ କରିପାରନ୍ତି ନାହିଁ। ଟିଉସନରେ ପଢାଇବା ଅଧିକ ଖର୍ଚ୍ଚ, ଯାହାକୁ ବହନ କରିବା ତାଙ୍କ ପାଇଁ କାଠିକର ହୋଇଥାଏ।

ଖେଳ କୁଦ ପିଲାମାନଙ୍କର ବଢ଼ିବା ବୟସରେ ବହୁତ ଜରୁରୀ। ହେଲେ, ଜାଗା ଅଭାବରୁ ଏମାନେ ସ୍ୱଚ୍ଛନ୍ଦରେ ଖେଳିପାରନ୍ତି ନାହିଁ ଏବଂ ବ୍ୟୟବହୁଳ ଖେଳରେ ସେମାନଙ୍କୁ ପଞ୍ଜୀକରଣ କରାଇବାର ସାଧନ ତାଙ୍କ ପାଖରେ ନ ଥାଏ। ନିର୍ମାଣ ଚାଲୁଥିବା ସମୟରେ ପାଖ ଜାଗାରେ ଏମାନେ ବିପଦ ସଙ୍କୁଳ ଅବସ୍ଥାରେ ଖେଳୁଥାନ୍ତି। ଆଜିକାଲି କେତେକ ସହୃଦୟ ବ୍ୟକ୍ତି ଏମାନଙ୍କର ପ୍ରତିଭାକୁ ଚିହ୍ନି ଏମାନଙ୍କୁ ଉପଯୁକ୍ତ ତାଲିମ ଦେଇ ଲୋକଲୋଚନକୁ ଆଣିବାରେ ସାହାଯ୍ୟ କରୁଛନ୍ତି। ଏହା ଏମାନଙ୍କୁ କୁପଥରୁ ଦୂରରେ ରଖିବାକୁ ବହୁତ ସାହାଯ୍ୟ କରୁଛି। କିନ୍ତୁ, ଆହୁରି ବେଶିମାତ୍ରାରେ ସଂସ୍ଥା ଓ ସହୃଦୟ ଲୋକ ଆଗକୁ ଆସିଲେ ଏହି ଦିଗରେ ଅନେକ କାର୍ଯ୍ୟ କରାଯାଇପାରିବ ଓ ଅନେକ ଲୁକ୍କାୟିତ ପ୍ରତିଭା ଆଗକୁ ଆସିପାରିବେ। ଯେଉଁ ପିଲାମାନେ ସ୍କୁଲ ଯାଇପାରନ୍ତି ନାହିଁ କି ଖେଳିବାକୁ ଜାଗା ପାଆନ୍ତି ନାହିଁ, ସେମାନେ ଧୀରେ ଧୀରେ ବାଲ୍ୟକାଳରୁ ନିଶାସକ୍ତ ହୋଇଯାଆନ୍ତି। ଆଉ କିଛି ପିଲା ବିଭିନ୍ନ ଅସାମାଜିକ ବା ଅନୈତିକ କାର୍ଯ୍ୟରେ ଲିପ୍ତ ହେବାର ଉଦାହରଣ ଅଛି। କଥାରେ ଅଛି, 'ଶୂନ୍ୟ ମସ୍ତିଷ୍କ ଶଇତାନର କାରଖାନା'। ଯଦି ସେହି ପିଲାମାନଙ୍କୁ ଆମେ ପାଠ ଓ ଖେଳକୁଦରେ ବ୍ୟସ୍ତ ରଖିପାରିବା, ତା'ହେଲେ ସେଭଳି ଭୟଙ୍କର କାର୍ଯ୍ୟକଳାପରୁ ଏମାନଙ୍କୁ ନିବୃତ୍ତ କରାଯାଇପାରିବ।

ଏହି ଶ୍ରମିକ ଓ ତାଙ୍କ ପରିବାର କାମ ସମାପ୍ତ ହେଲା ପରେ ବା ବେଳେ ବେଳେ କାମ ଅଧାରୁ ଗୋଟେ ଜାଗାରୁ ଅନ୍ୟ ଜାଗାକୁ ଚାଲିଯାଇଥାନ୍ତି, ସେମାନଙ୍କର ମୋବାଇଲ ନମ୍ବର ବଦଳି ଯାଇଥାଏ। ଅନେକଙ୍କର ରାଶନ କାର୍ଡ ନ ଥାଏ; ଯାହା ଫଳରେ ସେମାନେ କେତେକ ସରକାରୀ ଯୋଜନା ଓ କେତେକ କ୍ଷେତ୍ରରେ ବେସରକାରୀ ସଂସ୍ଥାମାନଙ୍କ ଦ୍ୱାରା ଦିଆଯାଉଥିବା ସୁଯୋଗର ଲାଭ ଉଠାଇପାରନ୍ତି ନାହିଁ। ଏକ ରିପୋର୍ଟ ଅନୁସାରେ କେବଳ ବାଙ୍ଗାଲୋରରେ ପାଖାପାଖି ପନ୍ଦର ଲକ୍ଷ ଶ୍ରମିକ ନିର୍ମାଣସେକ୍ଟରରେ କାମ କରନ୍ତି, ତେଣୁ ସେହି ହିସାବରେ ଦେଶର ଅନ୍ୟ ସହର, ନଗରରେ କେତେ ଅପଞ୍ଜୀକୃତ ଶ୍ରମିକ ଅଛନ୍ତି, ତା'ର ଅନୁମାନ କରି ହେବ। କର୍ଣ୍ଣାଟକରେ ଏହି ଶ୍ରମିକ ପିଲାମାନଙ୍କ ପାଇଁ ଦଶମ ଓ ଯୁକ୍ତ୨ ପାସ୍ କରିଲା ପରେ ମେଧାବୀ ଛାତ୍ର ବୃତ୍ତିର ବ୍ୟବସ୍ଥା ଅଛି।

କାମ କରୁଥିବା ଅବସ୍ଥାରେ କେଉଁ ଶ୍ରମିକର ଦୁର୍ଭାଗ୍ୟ ବଶତଃ ମୃତ୍ୟୁ ହେଲେ ବା ଦୁର୍ଘଟଣାରେ ଅଙ୍ଗହାନି ହେଲେ, ତାଙ୍କ ପରିବାର ଓ ପିଲାମାନଙ୍କର ଅବସ୍ଥା ସହଜରେ ଅନୁମେୟ। ଏପରି କ୍ଷେତ୍ରରେ ଯଦି କାମ କରୁଥିବା କମ୍ପାନୀ ଏକ ବଡ କମ୍ପାନୀ ହୋଇଥାଏ, ତା' ହେଲେ କିଛି ବା କ୍ଷତି ପୂରଣ ମିଳେ। ଛୋଟ ଠିକାଦାରମାନେ କିଛି ବି ଦିଅନ୍ତି ନାହିଁ। ଏଥି ପାଇଁ ସରକାରୀ ବୀମା ବା କ୍ଷତି ପୂରଣର ବ୍ୟବସ୍ଥା ରହିଲେ ସେମାନଙ୍କ ପିଲାମାନେ ଉପକୃତ ହୋଇପାରନ୍ତେ। ଏକ ବାଙ୍ଗାଲୋରର ଏକ ବେସରକାରୀ ସଂସ୍ଥା ଦିୟା ଘର। ଏହି ସଂସ୍ଥା ଶ୍ରମଜୀବୀ ପିଲାମାନଙ୍କ ଶାରୀରିକ, ମାନସିକ, ବୌଦ୍ଧିକ ବିକାଶ ଦିଗରେ ଧ୍ୟାନ ଦେଉଛି। ସେମାନଙ୍କ ସାମାଜିକ ସୁରକ୍ଷା ଓ ସୁସ୍ଥ ମିଶ୍ରଣ ମୁଖ୍ୟ ସ୍ରୋତରେ କିପରି ହୋଇପାରିବ ସେ ଦିଗରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଉଛି। ଦିୟା ଘର ଭଳି ଆହୁରି ଅନେକ ଘର ଆମେ ସୃଷ୍ଟି କରିପାରିଲେ ଅବହେଳିତ ଶୈଶବକୁ ଯଥାର୍ଥ ଦିଗ୍‌ଦର୍ଶନ ମିଳିବ ଓ ଆମ ଦେଶକୁ ଏକ ଉନ୍ନତ ରାଷ୍ଟ୍ର ହେବାରୁ କେହି ଅଟକାଇ ପାରିବେ ନାହିଁ।

ମୋ:୮୩୧୦୭୮୧୫୨୪

# ହଜି ଯାଉଥିବା ସୁରଝଙ୍କାର



ଦୁର୍ଗାପ୍ରସାଦ ଆଚାର୍ଯ୍ୟ

ଆମର ଜୀବନବୀଣାକୁ ଦିନେ ଝଙ୍କୃତ କରୁଥିବା ଅନେକ ସ୍ୱର କାହିଁ କେବେଠାରୁ ହଜିଗଲେଣି। ଯେଉଁ କେତୋଟି ସ୍ୱର ନାନା ପ୍ରତିକୂଳତା ସତ୍ତ୍ୱେ ଏବେ ତିଷ୍ଠି ରହି ସମୟେ ସମୟେ ଆମ ମନ ପ୍ରାଣ ହୃଦୟରେ ମଧୁର ଭାବତରଙ୍ଗ ସୃଷ୍ଟି କରି ଚାଲିଛନ୍ତି, ସେସବୁ ବର୍ତ୍ତମାନର ଏହି ଉଗ୍ର, ଉଚ୍ଛୃଙ୍ଖଳ ଓ ନାନା ବିକୃତି - ସଂକ୍ରମିତ ଆବହାୱାରେ ଦ୍ରୁତ ଅପସୃୟମାଣ ହେବାରେ ଲାଗିଛନ୍ତି। ବଡ଼ ନିର୍ମମ, ନିଷ୍କରୁଣ ଭାବରେ ସମୟ ଗଡ଼ିଚାଲିଛି ଏକମୁହାଁ। ପଛକୁ ପଛ ଆଡ଼ ହୋଇ ଯାଉଛନ୍ତି କେତେ କେତେ ରୋମାଞ୍ଚକ, ଚିତ୍ତ ଉଲ୍ଲାସକ ସୁର, ରାଗ ଓ ରାଗିଣୀ। ଯେଉଁଗୁଡ଼ିକ ଦିନେ ମଣିଷକୁ ତା'ର ସୀମାହୀନ ଜୀବନ ଯନ୍ତ୍ରଣା ଭିତରେ କିଛି କିଛି ଅମୃତ ଅନୁଭବ ଦେଉଥିଲା ଓ ସେ ସହଜ, ସରଳ, ଭାବ ଅନୁରାଗରେ ସ୍ପନ୍ଦିତ ହୋଇଉଠୁଥିଲା, ଜୀବନ ପ୍ରତି ଶ୍ରଦ୍ଧା ଆନୁଗତ୍ୟରେ ପୂରି ଉଠୁଥିଲା ତା'ର ମନହୃଦୟ, ସେଥିରୁ ଅନେକ ଏବେ ସ୍ମୃତିର ଯାଦୁଘରେ ନିଜ ନିଜ ଥାକ ସବୁ ବାଛି ନେଲେଣି।

ଲୋକକଥା, ଲୋକକାହାଣୀ ଓ ଢଗଢ଼ମାଳିରେ ଗୁଞ୍ଜରିତ ହେଉଥିବ ନମ୍ର କମ୍ର ଲଳିତସ୍ୱର କେବେଠାରୁ ନୀରବ ହୋଇଗଲାଣି। ନୀରବ ହୋଇଗଲାଣି ନାତିନାତୁଣୀଙ୍କୁ କୋଳରେ ଧରି ଝୁଲାଉଥିବା ବୁଢ଼ୀମା'ର ''ଆ ଜହ୍ନ ମାମୁ ସରଗଶଶୀ/ମୋ କାହ୍ନୁ ହାତରେ ପଡ଼ରେ ଖସି''ରେ ଆଚ୍ଛନ୍ନ କରି ଦେଉଥିବା ସୁରଲହରି। ଅତୀତ ହୋଇଗଲା ଯୋଗୀ କଣ୍ଠରେ ଲହରିତ ହେଉଥିବା 'ଭଜୁ କିନା ରାମ ନାମରେ କୁମର'ର ଛଳଛଳ ଭାବବୈରାଗ୍ୟ। ଆଶ୍ୱିନ ମାସର ଶାରଦୀୟ ଚନ୍ଦ୍ରାଲୋକରେ ପଲ୍ଲୀ ଦାଣ୍ଡରେ 'ଚକା ଭଉଁରି' ବା 'ଠିଆ ପୁଚି ନାରଙ୍ଗ' ଖେଳି ଖେଳି ଅନୂଢ଼ା କିଶୋରୀ ତା'ର କଣ୍ଠରୁ ଝରାଉ ନାହିଁ 'କୁଆଁର ପୂନେଇଁ ଜହ୍ନ ଲୋ ଫୁଲ ବଉଳ ବେଣୀ'ର ଲାବଣ୍ୟ ଝଙ୍କାର। ଆଉ 'ଠୋ, ଠା ଫୁଟୁ ନାହାନ୍ତି ଜହ୍ନିଫୁଲ' କି 'କେଉଁ ଗୁଣ୍ଠୁଚି ମୂଷା କୁମାରୀର କାନରେ କହୁନାହିଁ ରଖିଦେବାକୁ ତା'ର ଚାଉଳମୁଠା।'' ଗାଁ ଦାଣ୍ଡରେ ବାଗୁଡ଼ି ଖେଳରେ ନାଗରା ବାଜାର ତାଳେ ତାଳେ ରାହା ଧରି ଡେଉଁନାହାନ୍ତି କେହି ଯୁବା ଭେଣ୍ଡା। ତାଳପତ୍ର ଛତାର ଛତ୍ରତୋଳି କେଉଁ ଦାତା ବା ଅଦାତାଙ୍କ ଦାଣ୍ଡ ଦ୍ୱାରରେ ଆଶୀର୍ବଚନ କି କୌତୁକ-ବ୍ୟଞ୍ଜିତ ଲଘୁ ଅଭିସମ୍ପାତ ବର୍ଷି ଦେଇ ଯାଉନାହାନ୍ତି ଚକୁଳିଆ ପଣ୍ଡା। 'କଂସର ଘରଣୀ ପଦ୍ମାବତୀ ରାଣୀ' ପାଲଟି ଗଲାଣି ସାତସମୁଦ୍ର ପରପାରର ସୁରତରଙ୍ଗ। ଜଳଦ ଗମ୍ଭୀର ସ୍ୱରରେ କେଉଁ ଭାଟ ମହାଶୟ ଆସି ଅନର୍ଗଳ ଆବୃତ୍ତି କରୁନାହାନ୍ତି ସ୍ତୋତ୍ର, ଶ୍ଳୋକ ଓ ନାମାବଳୀ। ଏମିତି, ଏମିତି ଅପସରି ଗଲେଣି ଶହ ଶହ ସୁର, ଶହ ଶହ ନାମ ରୂପ - ଯେଉଁଗୁଡ଼ିକ



ଥିଲେ ଆମ ପ୍ରାଚୀନ ସଂସ୍କୃତିର ଓ ଐତିହ୍ୟର ପ୍ରତିଭୂ, ଦ୍ୟୋତକ। ଦରଦୀ, ଆତ୍ମୀୟତାଭରା ମାନବିକ ସ୍ନେହ ସୌହାର୍ଦ୍ଦ୍ୟ, ଆଶା ଆକାଂକ୍ଷା, ପୁଲକ ବା ବିଶାଦର ବର୍ଣ୍ଣାଳୀ ସୃଷ୍ଟି କରୁଥିବା ବହୁ ଭାବଭାବନା ଆଜି ହୁଏତ ସମ୍ପୂର୍ଣ୍ଣ ଅବଲୁପ୍ତ କିମ୍ବା ଦ୍ରୁତ ମରଣୋନ୍ମୁଖୀ।

ଅବଶ୍ୟ ଆଜିର ଏଇ ଡିଜିଟାଲ୍ ଯୁଗରେ ଆମେ ଦୂରଦର୍ଶନ ଓ ସିନେମାର ପରଦାରେ ଓ ସ୍ମାର୍ଟଫୋନରେ, ନେଟ୍‌ରେ ଆପ୍ରାଣ ଚେଷ୍ଟା କରି କରିଚାଲିଛୁ ବଞ୍ଚାଇ ରଖିବାକୁ ଆମ ଅତୀତର ସୁର- ଆମ ଅତୀତର ଭାବଭାଷା, କଳା ସାହିତ୍ୟ ଓ ଜୀବନ ଦୃଷ୍ଟି ଦର୍ଶନ। କିନ୍ତୁ ବିମର୍ଷକର ଭାବରେ ସବୁକିଛିରୁ ଚାଲିଯାଇଛି ସହଜ ସରଳ ଗ୍ରାମ୍ୟ ପୁଲକ, ହଜିଯାଇଛି ଉଚ୍ଛଳ ଭାବ ଅନୁରାଗର ସ୍ପର୍ଶ। କୌଣସିଥିରେ ଆଉ ନାହିଁ କାବ୍ୟମୟ, ଛନ୍ଦମୟ ଜୀବନର ମଧୁର ନିସ୍ୱନ। ସବୁକିଛି ଆଜି 'ଡିଜେ' ବାଦ୍ୟପରି ବା 'ରକ୍', 'ପପ୍' ନୃତ୍ୟଗୀତ ପରି ଉଗ୍ର, ଉତ୍ତେଜକ, ଭୀତିସଂଚାରକ। ମନ ହୃଦୟକୁ ଶତଧା ବିଦୀର୍ଣ୍ଣ କରିଦେଉଥିବା ଓ ଚକ୍ଷୁପଟଳକୁ ବିଦ୍ଧକରି ଅନ୍ତରକୁ ଅଶ୍ଳୀଳ ଅନ୍ଧକାରରେ ଭରି ଦେଉଥିବା ନୃତ୍ୟ, ଗୀତ ଓ ଚିତ୍ରସମ୍ଭାରର ପ୍ରଦର୍ଶନୀରେ ଆଜି ପୁରପଲ୍ଲୀ, ସହର ନଗର ସବୁକିଛି ପ୍ରଦୂଷିତ। ଦିନଥିଲା ଯେତେବେଳେ କେତେକେତେ ଶାସ୍ତ୍ରୀୟ ରାଗରାଗିଣୀଙ୍କ ମୃଦୁମନ୍ଦ ଝଙ୍କାରର ଅମିୟ ଭାବଫଲ୍‌ଗୁରେ ଆମର ମନପ୍ରାଣ ହୃଦୟ ଶୁଦ୍ଧ ବୁଦ୍ଧ ପୁଲକ ଉଚ୍ଛ୍ୱାସର ନମ୍ର ପ୍ଲାବନରେ ସ୍ନାତ ହୋଇଯାଉଥିଲା। ଦିନ ଥିଲା, ଯେତେବେଳେ ଛନ୍ଦହୀନ, ରାଗରାଗିଣୀହୀନ, ଅଥଚ ଛଳଛଳ ଭାବଜର୍ଜର ପଲ୍ଲୀଗୀତର ଅମିୟ ପୁଲକରେ ଆମ ଦେହ ମନ ଚେତନାରେ ରୋମାଞ୍ଚ ସୃଷ୍ଟି ହେଉଥିଲା। ଏବେ କିନ୍ତୁ ସବୁ ସୁନ୍ଦର, କୋମଳ, ଉଚ୍ଚାଙ୍ଗ ରାଗରାଗିଣୀ ବିକଳ, ବିକୃତ ହୋଇଚାଲିଛନ୍ତି; ବିକଳାଙ୍ଗ ହୋଇ ଚାଲିଛନ୍ତି ଆମ ଆଗରେ ପରଷା ଯାଉଥିବା ଉଚ୍ଛୃଙ୍ଖଳ ଧ୍ୱନି - ସର୍ବସ୍ୱ କୋଳାହଳମୟତାରେ। ପଲ୍ଲୀ ଗୀତମାଧୁରୀ ଆଜି ଅପହୃତ ଓ ଅପହୃତ ମଧ୍ୟ ଶାସ୍ତ୍ରୀୟ ସଙ୍ଗୀତର ଗାନ୍ଧାର ଗାମ୍ଭୀର୍ଯ୍ୟ। କୃତ୍ରିମତା ଓ ଯାନ୍ତ୍ରିକତାର ରାହୁଗ୍ରାସରେ ଜୀବନ ହରାଇଚାଲିଛି ମଧୁସ୍ରାବୀ ଗୀତିମୟତା।

ମଣିଷ ଆଜି ଖୋଜୁଛି ତା'ର ନିରୁପଦ୍ରବ ଅଥଚ ମାଦକତାଭରା ଅତୀତ। ମଣିଷ ଆଜି ଖୋଜୁଛି ସେଇ ସବୁ ସୁର ଯାହା ଦିନେ ଅମୃତ ଫଲ୍‌ଗୁ ଖେଳାଇଦେଇ ତା'ର ଜୀବନବୀଣାରେ ସୃଷ୍ଟି କରୁଥିଲା ଅପୂର୍ବ ଝଙ୍କାର। ତେବେ, ମଣିଷ ଯେ ଅମୃତର ସନ୍ତାନ! ତା'ର ଅନ୍ତରାତ୍ମା ସର୍ବଦା ସତ୍ୟ ଶିବ ସୁନ୍ଦର - ଦିବ୍ୟ, ମଙ୍ଗଳମୟ ଭାବଦର୍ଶନର ଅନ୍ୱେଷୀ। ତେଣୁ ଏହା ମଧ୍ୟ ସତ୍ୟ - ମଣିଷର ଏଇ ଲୋଡ଼ିବା, ଏଇ ଖୋଜିବା, ଏଇ ରୋମନ୍ଥନ ଓ ଅତୀତର ନିରୁପଦ୍ରବ ଜୀବନର ସ୍ମୃତିଚାରଣ ଆମକୁ ଆଶାନ୍ୱିତ କରିଥାଏ ଯେ ଆମ ଅନ୍ତର୍ଚେତନାର ପବିତ୍ରତା ଏବେ ବି ଅତୁଟ ଓ ଆମର ଶାଶ୍ୱତ ପ୍ରଜ୍ଞା ଏବେ ବି ଆମ ଭାବଲୋକରେ ଇନ୍ଦ୍ରଧନୁ ସୃଷ୍ଟି କରିବାକୁ ସକ୍ଷମ।

**ଅବସରପ୍ରାପ୍ତ ଇଂଲିଶ ପ୍ରାଧ୍ୟାପକ,**
**କୋଡିଆଁ ବାରଙ୍ଗ, ଜଗତ୍‌ସିଂହପୁର**
**ମୋ: ୯୮୫୩୩୫୫୧୦୭**

## ଏଇ ଭାରତରେ

ଜନ୍ମରୁ ଯେଉଁ ଶିଶୁମାନେ କମ୍ ଶୁଣିପାରୁଛନ୍ତି ସେମାନଙ୍କ ଶ୍ରବଣ ଶକ୍ତି ଫେରାଇ ଆଣିବାରେ 'ଦି ହାନ୍ସ ଫାଉଣ୍ଡେଶନ' (ଟିଏଚ୍‌ଏଫ୍) ସହଯୋଗର ହାତ ବଢ଼ାଇଛି। ଏବେ ସୁଦ୍ଧା ୯୦୦ ଶିଶୁଙ୍କୁ ଶ୍ରବଣ ଶକ୍ତି ଫେରାଇବାରେ ସକ୍ଷମ ହୋଇଛି। ଏଥିପାଇଁ ଏହି ସଂସ୍ଥା କୋକ୍‌ଲିୟର ଇମ୍ପ୍ଲାଣ୍ଟ ପ୍ରୋଗ୍ରାମ ଚଳାଇଛି। ଏହା ୨୦୧୩ ଡିସେମ୍ବରରେ ଆରମ୍ଭ କରାଯାଇଥିଲା ଓ ଏଥିରେ ମୁଖ୍ୟ ଭୂମିକା ନେଉଛନ୍ତି ଡ. ରବି ଭାଟିଆ। ସେ ସର୍ବୋଦୟ ହସ୍ପିଟାଲର ଇଏନ୍‌ଟି ସର୍ଜନ ଭାବେ କାର୍ଯ୍ୟରତ। ଅସ୍ତ୍ରୋପଚାର କରି କାନ ଭିତରେ ଇଲେକ୍ଟ୍ରୋନିକ ଡିଭାଇସ ଲଗାଇବା ଦ୍ୱାରା ପିଲାମାନେ ଶୁଣିପାରୁଛନ୍ତି। ଜନ୍ମରୁ ୫ ବର୍ଷ ବୟସ ମଧ୍ୟରେ ଅଧିକ ସଫଳତା ମିଳୁଛି। ବାସ୍ତବରେ ଏହି ଅସ୍ତ୍ରୋପଚାର ବ୍ୟୟବହୁଳ ହୋଇଥିଲେ ବି ଟିଏଚ୍‌ଏଫ୍ ଅସହାୟ ପରିବାର ପିଲାଙ୍କୁ ମାଗଣାରେ ଚିକିତ୍ସା ସେବା ଯୋଗାଇ ଦେଉଛି। ୭ ରାଜ୍ୟର ୧୪ଟି ହସ୍ପିଟାଲରେ ଏହି ସେବା ଯୋଗାଇ ଦିଆଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

**୨୭ ଫେବୃଆରୀ ୧୯୭୫**

- ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନର ମେୟର ପଦବୀରୁ କେଦାରନାଥ ସାହାନୀଙ୍କ ଇସ୍ତଫା ପ୍ରଦାନ।
- ହିନ୍ଦୁ ଦେବୋତ୍ତର ବୋର୍ଡ ଅଧୀନରେ ଥିବା ତାମିଲନାଡୁର ୧୬୦୦୦ ମନ୍ଦିରରେ ବରୁଣଙ୍କୁ ପୂଜା ଆରାଧନା କରିବାକୁ ନିର୍ଦ୍ଦେଶ।
- ଭାରତରେ ଇରାକର ନୂଆ ରାଷ୍ଟ୍ରଦୂତ ରୂପେ ମହମ୍ମଦ ସୟିଦ ଅଲସାହାଫ ମନୋନୀତ।
- ଘାନାରେ ଥିବା ଭାରତର ରାଷ୍ଟ୍ରଦୂତ କୁମାରୀ ଚୋନିଲା ବେଲିଆପ୍ପା ମୁଥାମା ଲାଇବେରିଆର ରାଷ୍ଟ୍ରଦୂତ ନିଯୁକ୍ତ।

## ଚିରନ୍ତନୀ

ସେହି ତ ଖଜଣା ସୁଧ
ଆଗ ପରି ଚଢ଼ା ଦରେ
ନାହିଁ ଲାଭ କହି ଖାଲି
ଥିବ ଯାହା ବରାଦରେ!
-(ଚାଷୀର ଭାଗ୍ୟ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଇଲେକ୍ଟୋରାଲ ବଣ୍ଡ୍ ଉପରେ ଛାଟ

ମହାଶୟ,
ଇଲେକ୍ଟୋରାଲ ବଣ୍ଡ ମାଧ୍ୟମରେ ବିଭିନ୍ନ ରାଜନୈତିକ ଦଳ ଯେଉଁ ସବୁ ଚାନ୍ଦା ପାଉଥିଲେ ତାହାକୁ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଅବୈଧ ଘୋଷଣା କରିଛନ୍ତି। ଷ୍ଟେଟ୍ ବ୍ୟାଙ୍କ ଜରିଆରେ ଇଲେକ୍ଟୋରାଲ ବଣ୍ଡ୍ କିଣି ରାଜନୈତିକ ଦଳମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ଦେବାକୁ ନେଇ ମୁଖ୍ୟ ବିଚାରପତିଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ଏହାକୁ ବେଆଇନ ଘୋଷଣା କରିବା ସହିତ ଅର୍ଥ ପ୍ରଦାନ କରୁଥିବା ବ୍ୟକ୍ତି ଏବଂ ସଂସ୍ଥାମାନଙ୍କର ନାମ ସାର୍ବଜନୀନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ନିର୍ବାଚନ ସମୟରେ ସ୍ୱଚ୍ଛତା ଆସିବା ସହିତ ରାଜନୈତିକ ଦଳମାନେ ଆୟତ୍ତରେ ରହିବେ। ପୂର୍ବରୁ ଇଲେକ୍ଟୋରାଲ ବଣ୍ଡ୍ ମାଧ୍ୟମରେ ପ୍ରଦାନ କରାଯାଉଥିବା ଅର୍ଥର ପ୍ରକୃତ ମାଲିକଙ୍କ ନାମ ଗୋପନ ରଖାଯାଉଥିଲା। ଏବେ ଆଉ ସେସବୁ ଚଳିବ ନାହିଁ।

**-ସତ୍ୟସିଂହ ଶତପଥୀ, ହାଉସିଂବୋର୍ଡ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଓଲଟି ପଡ଼ିଲେଣି: କିଛି ନ ହେଉଣୁ ଉଦୁରୁମତା କଂଗ୍ରେସ (ଫଟୋ: ମୌସମ ନନ୍ଦ)

# ଟେଷ୍ଟ ସିରିଜ୍ ଜିତିଲା ଭାରତ

## ଚତୁର୍ଥ ଟେଷ୍ଟରେ ଇଂଲଣ୍ଡକୁ ୫ ଉଇକେଟରେ ହରାଇଲା ଟିମ୍ ଇଣ୍ଡିଆ

ରାଞ୍ଚି, ୨୬।୨

ସୋମବାର ଏଠାରେ ଶେଷ ହୋଇଥିବା ଚତୁର୍ଥ କ୍ରିକେଟ ଟେଷ୍ଟରେ ଭାରତ ୫ ଉଇକେଟରେ ଇଂଲଣ୍ଡକୁ ପରାସ୍ତ କରିଛି। ଏଥିସହ ୩-୧ରେ ଅଗ୍ରଣୀ ସହ ୫ ମ୍ୟାଚ ବିଶିଷ୍ଟ ସିରିଜକୁ ଆଗୁଆ ଜିତିଛି ଟିମ୍ ଇଣ୍ଡିଆ। ଘରୋଇ ମାଟିରେ ଭାରତର ଏହା କ୍ରମାଗତ ୧୭ ଟେଷ୍ଟ ସିରିଜ ବିଜୟ। ଇଂଲଣ୍ଡ ପକ୍ଷରୁ ଧାର୍ଯ୍ୟ ୧୯୨ ରନର ବିଜୟ ଲକ୍ଷ୍ୟକୁ ୫ ଉଇକେଟ ହରାଇ ହାସଲ କରିଛି ଘରୋଇ ଦଳ। ଦୁଇ ଯୁବ ଖେଳାଳି ଶୁବମନ ଗିଲ୍ ଓ ଧ୍ରୁବ ଜୁରେଲ ଅସମାପ୍ତ ୬ଷ୍ଠ ଉଇକେଟରେ ୭୨ ରନର ଭାଗୀଦାରି ଗଢ଼ି ଭାରତକୁ ବିଜୟୀ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ଦୁଇ ଇନିଂସରେ ଯଥାକ୍ରମେ ୯୦ ଓ ୩୯* ରନ କରିଥିବା ଜୁରେଲ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। କ୍ୟାରିୟରର ଦ୍ୱିତୀୟ ଟେଷ୍ଟରେ ଯୁବ ଉଇକେଟ କିପର ଜୁରେଲ ଏହି ସଫଳତା ପାଇଛନ୍ତି।

ତୃତୀୟ ଦିବସର ଅସମାପ୍ତ ସ୍କୋର ୪୦/୦ରୁ ଖେଳ ଆରମ୍ଭ କରିଥିବା ଭାରତ ଓପନିଂ ଯୋଡ଼ିରେ ୮୪ ରନ ଯୋଗକରି ବିଜୟ ପଥରେ ଅଗ୍ରସର ହୋଇଥିଲା। ମାତ୍ର ଏହି ଯୋଡ଼ି ଭାଙ୍ଗିବା ସହ ମାତ୍ର ୩୬ ରନ ବ୍ୟବଧାନରେ ୫ ଉଇକେଟ ହରାଇ ଭାରତ ବିପଦ ଘେରକୁ ଚାଲି ଆସିଥିଲା। ଏପରି ସ୍ଥିତିରେ ଗିଲ୍ ଓ ଜୁରେଲଙ୍କ ସାହସିକ ଭାଗୀଦାରି ଭାରତକୁ ବିପଦରୁ ମୁକୁଳାଇବା ସହ ବିଜୟ ସ୍ୱାଦ ଚଖାଇଥିଲା।



ଭାରତକୁ ଟେଷ୍ଟ ଜିତାଇବା ପରେ ଉଲ୍ଲସିତ ଶୁବମନ ଗିଲ ଓ ଧ୍ରୁବ ଜୁରେଲ।

ଦୁଇ ଓପନର ଅଧିନାୟକ ରୋହିତ ଶର୍ମା ୫୫ ଓ ଯଶସ୍ୱୀ ଜୟସ୍ୱାଲ ୩୭ ରନ କରିଥିଲେ। ମାତ୍ର ମିଡିଲ ଅର୍ଡରରେ ୩ ବ୍ୟାଟର ରଜତ ପଟିଦାର (୦) ଓ ସର୍ଫରାଜ ଖାଁ (୦) ଖାତା ଖୋଲି ନ ପାରିବା ଏବଂ ରବୀନ୍ଦ୍ର ଜାଡେଜା ମାତ୍ର ୪ ରନରେ ଆଉଟ ହେବା ଭାରତକୁ କିଛି ସମୟ ପାଇଁ ବ୍ୟାକ୍‌ଫୁଟରେ ରଖିଥିଲା। ତେବେ ଗିଲ୍ ୫୨* (୧୨୪ ବଲ, ୨ ଛକା) ଓ ଜୁରେଲ ୩୯ (୭୭ ବଲ, ୨ ଚୌକା) ସତର୍କତାର ସହ ବ୍ୟାଟିଂ କରି ଦଳକୁ ବିଜୟ ସ୍ୱାଦ ଚଖାଇଥିଲେ। ଇଂଲଣ୍ଡ ପକ୍ଷରୁ ଶୋଏବ ବଶିର ୩ଟି ଏବଂ ଜୋ ରୁଟ୍ ଓ ଟମ୍ ହାର୍ଟଲେ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଦୁଇ ଦଳ ମଧ୍ୟରେ ୫ମ ତଥା ଅନ୍ତିମ ଟେଷ୍ଟ ଧର୍ମଶାଳାରେ ମାର୍ଚ୍ଚ ୭ରୁ ଆରମ୍ଭ ହେବ।

ଘରୋଇ ପରିବେଶରେ ଭାରତ ଶେଷଥର ପାଇଁ ୨୦୧୨-୧୩ ସିଜନରେ ଆଲିଷ୍ଟର କୁକ୍‌ଙ୍କ ନେତୃତ୍ୱାଧୀନ ଇଂଲଣ୍ଡ ଦଳଠାରୁ ୧-୨ରେ ଟେଷ୍ଟ ସିରିଜ ହାରିଥିଲା। ଏହାପରେ ୫୦ଟି ଟେଷ୍ଟ ଖେଳିଥିବାବେଳେ ୩୯ଟିରେ ବିଜୟ ହାସଲ କରିଛି। ଘରୋଇ ଦଳର ଏହି ସିରିଜ ବିଜୟ ଇଂଲଣ୍ଡର 'ବାଜ୍‌ବଲ୍' (ଆକ୍ରମଣାତ୍ମକ) ରଣନୀତି ପ୍ରତି ଶକ୍ତ ଧକ୍କା ପହଞ୍ଚାଇଛି। ବ୍ରେଣ୍ଡନ ମ୍ୟାକକୁଲମ କୋଚ୍ ଓ ବେନ୍ ଷ୍ଟୋକ୍ସ ଅଧିନାୟକ ହେବାପରେ ୨୦୨୨ରୁ ଇଂଲଣ୍ଡ ଆପଣେଇ ଆସୁଥିବା ଏହି ରଣନୀତିକୁ ଏବେ ସମାଲୋଚନା ଆରମ୍ଭ ହୋଇଛି। ମ୍ୟାକ୍‌କୁଲମ-ଷ୍ଟୋକ୍ସଙ୍କ କମ୍ବିନେଶନରେ ଇଂଲଣ୍ଡର ଏହା ପ୍ରଥମ ଟେଷ୍ଟ ସିରିଜ ପରାଜୟ ଏବଂ କ୍ରମାଗତ ୩ ଟେଷ୍ଟରେ ପରାଜିତ ହେବା ମଧ୍ୟ ଏହା ପ୍ରଥମ। ତାରକା ବ୍ୟାଟର ବିରାଟ କୋହଲି ଓ ଲୋକେଶ ରାହୁଲଙ୍କ ଅନୁପସ୍ଥିତିରେ ଭାରତ ଏକଦା ୦-୧ରେ ପଛୁଆ ରହିବା ସତ୍ତ୍ୱେ ଯେପରି ପ୍ରତ୍ୟାବର୍ତ୍ତନ କରି କ୍ରମାଗତ ୩ ଟେଷ୍ଟ ଏବଂ ସିରିଜ ଜିତିଲା ତାହାକୁ ସବୁ ମହଲରୁ ପ୍ରଶଂସା କରାଯାଉଛି। ୨ଟି ଦ୍ୱିଶତକ ହାସଲକାରୀ ଯଶସ୍ୱୀ ଜୟସ୍ୱାଲଙ୍କ ସମେତ ଜୁରେଲ, ସର୍ଫରାଜ ଓ ଆକାଶ ଦୀପ ଆଦି ଯୁବ ଖେଳାଳିମାନେ ପ୍ରଶଂସାର ହକ୍‌ଦାର ହୋଇଛନ୍ତି।

### ସଂକ୍ଷିପ୍ତ ସ୍କୋର

ଇଂଲଣ୍ଡ ପ୍ରଥମ ଇନିଂସ: ୩୫୩। ଭାରତ ପ୍ରଥମ ଇନିଂସ: ୩୦୭। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୧୪୫/ଅଲଆଉଟ। ଭାରତ ଦ୍ୱିତୀୟ ଇନିଂସ: ୧୯୨/୫ (ରୋହିତ ଶର୍ମା-୫୫, ଶୁବମନ ଗିଲ୍-୫୨*, ଧ୍ରୁବ ଜୁରେଲ-୩୯*, ଯଶସ୍ୱୀ ଜୟସ୍ୱାଲ-୩୭, ଶୋଏବ ବଶିର-୩/୭୯, ଜୋ ରୁଟ୍-୧/୨୬, ଟମ୍ ହାର୍ଟଲେ-୧/୭୦)।

# ରାଇପାହାଡ଼ ଗ୍ରାମ ବିଦ୍ୟୁତ୍‌କରଣରେ ଆନ୍ଧ୍ର ବାଧକ

ନନ୍ଦପୁର, ୨୬।୨ (ଶଙ୍କର ପୂଜାରୀ)

ଦୁଇ ରାଜ୍ୟ ଓଡ଼ିଶା ଓ ଆନ୍ଧ୍ର ମଧ୍ୟରେ ଆଲୋଚନା ପରେ ମଧ୍ୟ ରାଇପାହାଡ଼ ଗ୍ରାମରୁ ବିବାଦ ତୁଟୁନି। ରାଇପାହାଡ଼ ଗ୍ରାମବାସୀଙ୍କୁ ବିଦ୍ୟୁତ୍ ସରବରାହ ଜାରିରଖି ଆନ୍ଧ୍ର ନିଜର ଉପସ୍ଥିତି ଜାହିର କରିଛି। ଅନ୍ୟପକ୍ଷରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଟିପିଏସ୍‌ଓଡିଏଲ କର୍ତ୍ତୃପକ୍ଷ ବିଦ୍ୟୁତ୍ ସଂଯୋଗ ପାଇଁ ସମସ୍ତ କାର୍ଯ୍ୟ ସମ୍ପାଦନ କରିସାରିଥିଲେ ମଧ୍ୟ ଗ୍ରାମବାସୀଙ୍କୁ ବିଦ୍ୟୁତ୍ ସଂଯୋଗ ଦେଇ ଗ୍ରାମକୁ ଆଲୋକୀକରଣ କରିପାରୁନାହାଁନ୍ତି। ଡୁମୁରିଗୁଡ଼ାଠାରୁ ରାଇପାହାଡ଼ ଯାଏ ବିଦ୍ୟୁତ୍ ଖୁଣ୍ଟ ପୋତା କାର୍ଯ୍ୟ ଓ ଗ୍ରାମରେ ଟ୍ରାନ୍ସଫର୍ମର ସ୍ଥାପନ ସରିଛି। ଗ୍ରାମବାସୀଙ୍କ ଘରକୁ ବିଦ୍ୟୁତ୍ ସଂଯୋଗୀକରଣ ଓ ସରବରାହ ଆନ୍ଧ୍ର ଯୋଗୁ ବାଧକ ସାଜିଛି। ଏ ଦିଗରେ ନନ୍ଦପୁର ବ୍ଲକ ଓ କୋରାପୁଟ ଜିଲା ପ୍ରଶାସନ ନୀରବଦ୍ରଷ୍ଟା ସାଜିଥିବାରୁ ଗ୍ରାମର ବିକାଶ ହୋଇପାରୁ ନ ଥିବା ରାଇପାହାଡ଼ବାସୀଙ୍କ ସମେତ ଗୋଲୁର ପଞ୍ଚାୟତ ଲୋକପ୍ରତିନିଧିମାନେ ଅଭିଯୋଗ କରିଛନ୍ତି। ଗୋଲୁର ପଞ୍ଚାୟତର ରାଇପାହାଡ଼ ଗ୍ରାମରେ ଆନ୍ଧ୍ରର ଅନୁପ୍ରବେଶ ଓ ସରକାରୀ ଯୋଜନା କାର୍ଯ୍ୟକାରୀ କରୁଥିବା ଦେଖି ବିବାଦ ସୃଷ୍ଟି ହୋଇଥିଲା। ଏଥି ନିମନ୍ତେ ଦୁଇ ରାଜ୍ୟର ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଦୁଇଥର ବୈଠକ ପୂର୍ବରୁ ହୋଇଥିଲା। ବୈଠକରେ ରାଇପାହାଡ ନିଜର ବୋଲି ଆନ୍ଧ୍ର କୌଣସି ପ୍ରମାଣ ଦେଖାଇ ନ ପାରିବାରୁ ରାଇପାହାଡ଼ରୁ ହଟିବାକୁ ନିଷ୍ପତ୍ତି ନେଇ ଚଳାଇଥିବା ସବୁ କାର୍ଯ୍ୟ ବନ୍ଦ କରି ଦେଇଥିଲା। ଆନ୍ଧ୍ର ରାଇପାହାଡ଼ବାସୀଙ୍କୁ କିଛିଦିନ ବିଦ୍ୟୁତ୍ କାଟ ପରେ ଏବେ ପୁଣି ଗ୍ରାମବାସୀଙ୍କ ପାଇଁ ବିଦ୍ୟୁତ୍ ଯୋଗାଣ ଜାରି ରଖିଛି, ଯାହାଦ୍ୱାରା ଓଡ଼ିଶା ସରକାରଙ୍କ ବିଦ୍ୟୁତ୍ ଯୋଗାଣ କାର୍ଯ୍ୟ ଆଗେଇପାରୁନାହିଁ। ପ୍ରଥମେ ଆନ୍ଧ୍ର ପ୍ରଦତ୍ତ ବିଦ୍ୟୁତ୍ ସେବା କାଟ୍ କରାଯିବାକୁ ଗ୍ରାମକୁ ବିଦ୍ୟୁତ୍ କାର୍ଯ୍ୟ ତଦାରଖ କରିବାକୁ ଯାଇଥିବା କୋରାପୁଟ ଜିଲା ଟିପିଏସ୍‌ଓଡିଏଲର ଦୁଇ ଡିଷ୍ଟ୍ରିବ୍ୟୁଶନ ଓ ପ୍ରୋଜେକ୍ଟ ନିର୍ବାହୀ ଯନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ନନ୍ଦପୁର ଟିପିଏସ୍‌ଓଡିଏଲ ଯନ୍ତ୍ରୀ ବିକାଶ ଚୌଧୁରୀ କହିଛନ୍ତି। ରାଇପାହାଡ଼ ଗ୍ରାମର ବିକାଶ ଲାଗି ଓଡ଼ିଶା ସରକାରଙ୍କ ପକ୍ଷରୁ ସମସ୍ତ ପରିବାରକୁ ବିଜୁ ପକ୍କାଘର ପ୍ରଦାନ କରାଯାଇଛି। କିଛି ପରିବାର ଗୃହ ନିର୍ମାଣ ଆରମ୍ଭ କଲେଣି। ଓଡ଼ିଶାର ବିଦ୍ୟୁତ୍ ଓ ପକ୍କାରାସ୍ତା ନିର୍ମାଣକୁ ଗ୍ରାମବାସୀ ଅପେକ୍ଷା କରିଛନ୍ତି। ଏପରି କ୍ଷେତ୍ରରେ ନନ୍ଦପୁର ବ୍ଲକ ଓ କୋରାପୁଟ ଜିଲା ପ୍ରଶାସନ ଶୀଘ୍ର ରାଇପାହାଡ଼ ଗ୍ରାମ ପରିଦର୍ଶନ କରି ଗ୍ରାମରୁ ଆନ୍ଧ୍ରର ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ହଟାଇବାକୁ ସାଧାରଣରେ ଦାବି ହେଉଛି।



ଓଡ଼ିଶା ସରକାରଙ୍କ ପକ୍ଷରୁ ରାଇପାହାଡ଼ ଗ୍ରାମରେ ସ୍ଥାପିତ ଟ୍ରାନ୍ସଫର୍ମର (ବାମ)। ଗ୍ରାମରେ ପୋତାଯାଇଥିବା ଆନ୍ଧ୍ରର ବିଦ୍ୟୁତ୍ ଖୁଣ୍ଟ।

# ରାଜ୍ୟ, କେନ୍ଦ୍ର ସରକାରଙ୍କ ବିରୋଧରେ କଂଗ୍ରେସର ଗର୍ଜନ

ଭୁବନେଶ୍ୱର, ୨୬।୨ (ସୁନିତ୍ ମିଶ୍ର)

## ଲୋକସେବା ଭବନ ଘେରାଉବେଳେ ପୋଲିସ-କଂଗ୍ରେସ କର୍ମୀ ଧସ୍ତାଧସ୍ତି

ରାଜ୍ୟ ସରକାରଙ୍କ ବିଭିନ୍ନ ବିଫଳତା କଥା ଉଠାଇ ଏହା ବିରୋଧରେ ଲୋୟର ପିଏମ୍‌ଜିଠାରେ ଗର୍ଜିଛି କଂଗ୍ରେସ। ରାଜ୍ୟରେ ପାଣି, ଖଣି, ବିଜୁଳି, ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ଦୁର୍ନୀତି ହୋଇଥିବା ଅଭିଯୋଗ ଆଣି ସୋମବାର କଂଗ୍ରେସର ନେତା ଏବଂ ଶତାଧିକ କର୍ମୀ ଲୋକସେବା ଭବନ ଘେରାଉ କରିବାକୁ ଉଦ୍ୟମ କରିଥିଲେ। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ, ପିସିସି ପ୍ରଭାରୀ ଅଜୟ କୁମାରଙ୍କ ସମେତ ଦଳର ବିଧାୟକ, ଜିଲା ସଭାପତି ଓ ଶତାଧିକ କଂଗ୍ରେସ କର୍ମୀ କଂଗ୍ରେସ ଭବନରୁ ରାଲିରେ ବାହାରି ଲୋୟର ପିଏମ୍‌ଜି ଦେଇ ଲୋକସେବା ଭବନ ଅଭିମୁଖେ ଯାଇଥିଲେ। ଏହାପରେ ସେମାନେ ଲୋକସଭା ଭବନ ଆଡ଼କୁ ଯିବାବେଳେ ପୋଲିସ ସେମାନଙ୍କୁ ଲୋୟର ପିଏମ୍‌ଜି ରାସ୍ତାରେ ବ୍ୟାରିକେଡ୍ କରି ଅଟକାଇଥିଲା। ଏହି ସମୟରେ ପୋଲିସ ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। କିଛି ସମୟ ପାଇଁ ସେହି ସ୍ଥାନ ରଣକ୍ଷେତ୍ର ପାଲଟିଥିଲା। ସେଠାରୁ ପୋଲିସ କିଛି ନେତା ଓ କର୍ମୀଙ୍କୁ ଉଠାଇନେଇ ପରବର୍ତ୍ତୀ ସମୟରେ ଛାଡ଼ିଦେଇଥିବା ଜଣାପଡ଼ିଛି।

ଏହି ଅବସରରେ ଅଜୟ କହିଛନ୍ତି ଯେ, ବିଜେଡି ସରକାର ଓଡ଼ିଶାର ସାଢ଼େ ୪ କୋଟି ଓଡ଼ିଆଙ୍କୁ ଧୋକା ଦେଇଛନ୍ତି। ଦୁର୍ନୀତି ଓ ବେରୋଜଗାରି ଆଜି ରାଜ୍ୟ ସରକାରଙ୍କ ସଫଳତା ପାଲଟିଛି। ରାଜ୍ୟର ବିକାଶ କରିବା ପରିବର୍ତ୍ତେ କେବଳ ନିର୍ବାଚନ ସମୟରେ ବଡ଼ ବଡ଼ ଘୋଷଣା କରି ବିଜେଡି ସରକାର ଲୋକଙ୍କୁ ଭୁଆଁ ବୁଲାଉଛି। ଓଡ଼ିଆ ଓ ଓଡ଼ିଶାର ଅସ୍ମିତା ଅଣଓଡ଼ିଆଙ୍କ ହାତରେ ବନ୍ଧାପଡ଼ିଛି ବୋଲି ସେ କହିଛନ୍ତି। ପିସିସି ସଭାପତି କହିଛନ୍ତି, ରାଜ୍ୟରେ ବେରୋଜଗାରି ସମସ୍ୟା ଉତ୍କଟ ରୂପ ନେଇଛି। ଫଳରେ ଦାଦନ ସଂଖ୍ୟା ବଢ଼ି ଚାଲିଛି। କୃଷକଙ୍କୁ ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନରେ ରାଜ୍ୟ ଓ କେନ୍ଦ୍ର ସରକାର ଉଭୟ ବିଫଳ ହୋଇଛନ୍ତି। ରାଜ୍ୟରେ ଚାଷୀ ଆତ୍ମହତ୍ୟା ଉଦ୍‌ବେଗଜନକ ସ୍ଥିତିରେ ରହିଛି। ମହିଳାଙ୍କୁ ସମ୍ମାନ ଦେବା ପରିବର୍ତ୍ତେ ପ୍ରତାରଣା ଓ ଅତ୍ୟାଚାର ସୀମା ସରହଦ ଟପିଛି। ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ସହିତ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ଅହେତୁକ ଭାବେ ବୃଦ୍ଧି ଘଟିବା ଯୋଗୁ ସାଧାରଣ ଜନତା ତ୍ରାହି ତ୍ରାହି ଡାକ ଦେଲେଣି। ସରକାରଙ୍କ ଏହି ଦୁର୍ନୀତି ଓ ବିଫଳତାର ପ୍ରତିବାଦ କାରଣରୁ ତମାମ୍ ରାଜ୍ୟରେ ଜନଆକ୍ରୋଶ ବୃଦ୍ଧି ପାଇଛି ବୋଲି ସେ କହିଛନ୍ତି।

ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି କହିଛନ୍ତି ଯେ, ଓଡ଼ିଶାରେ ଓଡ଼ିଆ ଲୋକମାନେ ଏବେ ରାଜରାସ୍ତାରେ। ୩୦ ଲକ୍ଷ ଯୁବକ ପେଟ ପୋଷିବା ପାଇଁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଶିକ୍ଷିତ ଯୁବତୀ, ଯୁବକଙ୍କୁ ରୋଜଗାର ଯୋଗାଇବାରେ ଉଭୟ ବିଜେଡି ଓ ଭାଜପା ସରକାର ବିଫଳ। ମହିଳାମାନେ ରୋଷେଇ ଘରକୁ ଯିବା ପାଇଁ ଡରିଲେଣି। ଦୁର୍ନୀତି ବିରୋଧରେ କଂଗ୍ରେସ ରାଜ୍ୟବାସୀଙ୍କୁ ସଚେତନ କରିବା ପାଇଁ ରାଜରାସ୍ତାକୁ ଓହ୍ଲାଇଛି ବୋଲି ସେ କହିଛନ୍ତି। ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି, ଓଡ଼ିଶାରେ ଶତାଧିକ ଚାଷୀ ଆତ୍ମହତ୍ୟା କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରୁ ହଜାର ହଜାର ଲୋକ ଦାଦନ ଖଟିବାକୁ ଯାଉଛନ୍ତି। ସରକାର ଏହାକୁ ରୋକିପାରୁନାହାନ୍ତି। ଯୁବକମାନେ ବେକାର ହୋଇ ବୁଲୁଛନ୍ତି। ଦରଦାମ୍ ହୁ ହୁ ହୋଇ ବଢୁଛି। ହେଲେ ସରକାର ସବୁ ଦେଖି ଚୁପ୍‌ହୋଇ ବସିଥିବା ତାରା କହିଛନ୍ତି।

# ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୨୬।୨ (ଦୁର୍ଯ୍ୟୋଧନ ପାତ୍ର)



ଛତିଶଗଡର ସୁକମା ଜିଲା ପୋଲିସ ନିକଟରେ ଜଣେ ୮ଲକ୍ଷ ପୁରସ୍କାର ଘୋଷିତ ମାଓବାଦୀ ନାଗେଶ ଆତ୍ମସମର୍ପଣ କରିଛନ୍ତି।

ଛତିଶଗଡର ସୁକମାରେ ମାଓବାଦୀ ସଙ୍ଗଠନର ପିଏଲଜିଏ ବାଟାଲିୟନ ୨ର କାମାଣ୍ଡର ନାଗେଶ ସୁକମା ଏସ୍‌ପି କିରଣ ଚୌହାନଙ୍କ ନିକଟରେ ସୋମବାର ଆତ୍ମ ସମର୍ପଣ କରିଛନ୍ତି। ସେ ଦୀର୍ଘ ବର୍ଷ ଧରି ମାଓବାଦୀ ସଙ୍ଗଠନରେ କାର୍ଯ୍ୟରତ ଥିବା ବେଳେ ୨୦୧୦ରେ ତାଡ଼ମେଟଲାରେ ସୁରକ୍ଷା ବାହିନୀ ଉପରେ ଆକ୍ରମଣ ଘଟଣାରେ ମୁଖ୍ୟ ଭୂମିକା ନେଇଥିଲେ। ଯେଉଁଥିରେ ୭୬ ଯବାନ ଶହୀଦ ହୋଇଥିଲେ। ଏହାସହ ସେ ଅନେକ ମାଓବାଦୀ ହିଂସାରେ ସମ୍ପୃକ୍ତ ଥିଲେ। ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଆଶା ରଖି ଆତ୍ମ ସମର୍ପଣ କରିଥିବା ନାଗେଶ ପ୍ରକାଶ କରିଛି।

ଛତିଶଗଡ ସରକାରଙ୍କ ଆତ୍ମସମର୍ପଣ ନୀତି ଅନୁଯାଇ ତାଙ୍କୁ ଥଇଥାନ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

# ଚିକିତ୍ସା ଅବହେଳାରୁ ଗର୍ଭବତୀଙ୍କ ଜୀବନ ଗଲା

ଭଦ୍ରକ, ୨୬।୨ (ସନାତନ ରାଉତ)

ଚିକିତ୍ସା ଅବହେଳାରୁ ଜଣେ ଗର୍ଭବତୀଙ୍କ ଜୀବନ ଚାଲିଗଲା। ବାରମ୍ବାର ଗୁହାରି ସତ୍ତ୍ୱେ ଡାକ୍ତର ଓ ନର୍ସ ସେମାନଙ୍କ କଥା ଶୁଣି ନ ଥିଲେ। ଚିକିତ୍ସାରେ ବିଳମ୍ବ କଲେ। ଭଦ୍ରକ ଗେଲପୁରସ୍ଥିତ ମାତୃ ଓ ଶିଶୁ ବିଭାଗ ଡାକ୍ତରଖାନାରେ ଜଣେ ଗର୍ଭବତୀଙ୍କ ମୃତ୍ୟୁ ପରେ ପରିବାର ଲୋକେ ଏଭଳି ଅଭିଯୋଗ କରିଛନ୍ତି। ଏହାକୁ ନେଇ ସୋମବାର ସକାଳେ ଡାକ୍ତରଖାନା ପରିସରରେ ଉତ୍ତେଜନା ଦେଖାଦେଇଥିଲା। ମୃତା ମହିଳା ହେଉଛନ୍ତି ଆଗରପଡ଼ା ଥାନା ଅଧୀନ ବିରିଡ଼ି ଗ୍ରାମର ଅଭିମନ୍ୟୁ ଘଡ଼େଇଙ୍କ ସ୍ତ୍ରୀ ମଞ୍ଜୁଲତା(୨୮)। ଏନେଇ ଅଭିମନ୍ୟୁ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ମଞ୍ଜୁଲତାଙ୍କର ପ୍ରସବ ଯନ୍ତ୍ରଣା ହେବାରୁ ରବିବାର ତାଙ୍କୁ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଭଦ୍ରକ ସ୍ଥାନାନ୍ତର କରାଯିବା ପରେ ପରିବାର ଲୋକେ ତାଙ୍କୁ ରାତି ପ୍ରାୟ ସାଢ଼େ ୧୧ଟାରେ ମାତୃ ଓ ଶିଶୁ ବିଭାଗରେ ଭର୍ତ୍ତି କରାଇଥିଲେ। ତାଙ୍କର ପ୍ରସବ ଯନ୍ତ୍ରଣା ବଢ଼ିବାରୁ ଅସ୍ତ୍ରୋପଚାର ଦ୍ୱାରା ପିଲା ଜନ୍ମ ପାଇଁ ଅଭିମନ୍ୟୁ ଡାକ୍ତରଙ୍କୁ ଗୁହାରି କରିଥିଲେ। ରାତି ପ୍ରାୟ ୨ଟା ବେଳେ ତାଙ୍କଠାରୁ ଦସ୍ତଖତ ନେଇ ଅସ୍ତ୍ରୋପଚାର କରାଯିବ ବୋଲି କହିଥିଲେ। ମାତ୍ର ରାତି ୩ଟା ବେଳେ ମଞ୍ଜୁଲତାଙ୍କ ମୃତ୍ୟୁ ଘଟିଥିବା ନେଇ ନର୍ସ ଆସି ଜଣାଇଥିଲେ। ତାଙ୍କ ସ୍ତ୍ରୀଙ୍କ ଅସହ୍ୟ ଯନ୍ତ୍ରଣା ନେଇ ବାରମ୍ବାର ଗୁହାରି କରିଥିଲେ ମଧ୍ୟ ଡାକ୍ତର ଓ ନର୍ସ କେହି ଶୁଣି ନ ଥିଲେ। ଓଲଟା ତାଙ୍କୁ ପାଗଳ କହି ଗାଳିଗୁଲଜ କରିଥିଲେ। ଚିକିତ୍ସା ଅବହେଳାରୁ ତାଙ୍କ ସ୍ତ୍ରୀଙ୍କର ଜୀବନ ଯାଇଥିବା ସେ ଅଭିଯୋଗ କରିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ସେ ଏତଲାରେ ଦର୍ଶାଇଛନ୍ତି। ମଞ୍ଜୁଲତାଙ୍କ ମୃତ୍ୟୁ ଖବର ଶୁଣି ତାଙ୍କ ସମ୍ପର୍କୀୟମାନେ ଅସନ୍ତୋଷ ପ୍ରକାଶ କରିବା ସହ ମେଡିକାଲ ପରିସରରେ ହୋହଲ୍ଲା କରିଥିଲେ। ଗ୍ରାମାଞ୍ଚଳ ଥାନା ପୋଲିସ ପହଞ୍ଚି ତଦନ୍ତ କରିବା ସହ ସେମାନଙ୍କୁ ବୁଝାଶୁଝା କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର କହିଛନ୍ତି, ଗର୍ଭବତୀଙ୍କ ଅବସ୍ଥା ଭଲ ଥିଲା। କିନ୍ତୁ ରାତି ୩ଟା ବେଳେ ହଠାତ୍ ମୃତ୍ୟୁ ଘଟିଛି। ମୃତ୍ୟୁର କାରଣ ବ୍ୟବଚ୍ଛେଦ ପରେ ଜଣାପଡ଼ିବ। ଚିକିତ୍ସାରେ ଅବହେଳା ହୋଇଥିଲେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ଗେଲପୁର ମାତୃ ଓ ଶିଶୁ ବିଭାଗ ଡାକ୍ତରଖାନା ପରିସରରେ ମୃତା ମହିଳାଙ୍କ ସମ୍ପର୍କୀୟ ହୋହଲ୍ଲା କରୁଛନ୍ତି।

# ୫ ବର୍ଷରେ ୧୮୫୮ ଡାକ୍ତରଖାନା ହେବ 'ଆମ ହସ୍ପିଟାଲ'

ଭୁବନେଶ୍ୱର, ୨୬।୨ (ଅନିଲ ଦାସ)

## ସରକାରୀ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହା ବିରାଟ ପରିବର୍ତ୍ତନ ଆଣିବ: ମୁଖ୍ୟମନ୍ତ୍ରୀ




## ୧୫ ଜିଲାରେ ୬୭ ଆମ ହସ୍ପିଟାଲ ଉଦ୍‌ଘାଟିତ

- ୨ ପର୍ଯ୍ୟାୟରେ ୧୪୦ 'ଆମ ହସ୍ପିଟାଲ' ଲୋକାର୍ପିତ
- ନିଜ ସମ୍ପତ୍ତି ଭଳି ରକ୍ଷଣାବେକ୍ଷଣ କରନ୍ତୁ: ପଣ୍ଡିଆନ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଦ୍ୱିତୀୟ ପର୍ଯ୍ୟାୟରେ ରାଜ୍ୟର ୧୫ ଜିଲାରେ ୬୭ଟି 'ଆମ ହସ୍ପିଟାଲ', ଉମରକୋଟ ଉପଖଣ୍ଡ ହସ୍ପିଟାଲରେ ଡାଏଲିସିସ୍ ସେଣ୍ଟର, ସୁବର୍ଣ୍ଣପୁର ଜିଲା ମୁଖ୍ୟାଳୟ ହସ୍ପିଟାଲ ଓ ଝାରସୁଗୁଡ଼ାରେ ବିଏମ୍‌ଆର୍‌ସି କାର୍ଡିଆକ୍ କେୟାର ହସ୍ପିଟାଲ ଲୋକାର୍ପିତ କରିଛନ୍ତି। ଏଥିସହିତ ଖୋର୍ଦ୍ଧା ଜିଲା ବେଗୁନିଆ ଉପଜିଲା ଡାକ୍ତରଖାନାର ଭିତ୍ତିପ୍ରସ୍ତର ମଧ୍ୟ ସ୍ଥାପନ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, 'ଆମ ହସ୍ପିଟାଲ'ରେ ସବୁ ବ୍ୟବସ୍ଥା ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି କରାଯାଇଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ 'ଆମ ହସ୍ପିଟାଲ'ଗୁଡ଼ିକ ଏକ ନୂଆ ଯୁଗ ରାଜ୍ୟରେ ଆରମ୍ଭ କରିବ। ସରକାରୀ ହସ୍ପିଟାଲଗୁଡ଼ିକରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହା ଏକ ବିରାଟ ପରିବର୍ତ୍ତନ ଆଣିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରୂପାନ୍ତରର ଚିତ୍ରକୁ 'ଆମ ହସ୍ପିଟାଲ' ଆହୁରି ଉଜ୍ଜ୍ୱଳ କରିବ। ୫-ଟି ଅଧକ୍ଷଙ୍କ ଜିଲା ଗସ୍ତରୁ ମିଳିଥିବା ପ୍ରସ୍ତାବ ଓ 'ମୋ ସରକାର' ଜନମତ ସଂଗ୍ରହ ଭିତ୍ତିରେ 'ଆମ ହସ୍ପିଟାଲ' ଆରମ୍ଭ କରାଯାଇଛି। ଏହା ଆଗାମୀ ୫ ବର୍ଷ ମଧ୍ୟରେ ୧୮୫୮ଟି ଡାକ୍ତରଖାନାକୁ ଏହି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି ଏବଂ ଏଥିପାଇଁ ୨୦୨୩-୨୮ ମଧ୍ୟରେ ୩୩ ଶହ କୋଟିରୁ ଅଧିକ ଟଙ୍କା ବ୍ୟୟବରାଦ କରାଯାଇଛି। ରାଜ୍ୟରେ ୧୪୯ଟି ଡାକ୍ତରଖାନାର ରୂପାନ୍ତରଣ କାର୍ଯ୍ୟ ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗତ ୧ ବର୍ଷ ମଧ୍ୟରେ ୪ହଜାର ଡାକ୍ତର ଓ ୩,୭୦୦ ରୁ ଅଧିକ ନର୍ସଙ୍କୁ ନିଯୁକ୍ତି ଦିଆଯାଇଛି। ଧନୀ, ଗରିବ ସମସ୍ତଙ୍କ ପାଇଁ ସରକାରୀ ଡାକ୍ତରଖାନାରେ ମାଗଣାରେ ଚିକିତ୍ସା ସୁବିଧା କରାଯାଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଜି ସାରା ଓଡ଼ିଶାରେ ମଡେଲ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରେ ଓଡ଼ିଶାର ଜନସାଧାରଣ ଘରୋଇ ଡାକ୍ତରଖାନା ଭଳି ସୁବିଧା ସୁଯୋଗ ସରକାରୀ ହସ୍ପିଟାଲରେ ପାଉଛନ୍ତି।

ଏହି କାର୍ଯ୍ୟକ୍ରମକୁ ୫-ଟି ତଥା ନବୀନ ଓଡ଼ିଶା ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ସଂଯୋଜନା କରିଥିଲେ। ବର୍ତ୍ତମାନ ସୁଦ୍ଧା ଦୁଇଟି ପର୍ଯ୍ୟାୟରେ ୧୪୦ଟି 'ଆମ ହସ୍ପିଟାଲ' ଲୋକାର୍ପିତ ହୋଇଛି। ଏଥିପାଇଁ ୭୦୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଛି। ସମସ୍ତଙ୍କ ସହଯୋଗରେ ଏହି କାମ ସଫଳ ହୋଇଛି ବୋଲି ସେ କହିଛନ୍ତି। ଏଥି ପାଇଁ ସମସ୍ତଙ୍କୁ ଧନ୍ୟବାଦ ସେବା ସହ ସବୁ ହସ୍ପିଟାଲଗୁଡ଼ିକୁ ନିଜ ସମ୍ପତ୍ତି ଭଳି ରକ୍ଷଣାବେକ୍ଷଣ କରିବା ପାଇଁ ଅନୁରୋଧ କରିଛନ୍ତି।

କାର୍ଯ୍ୟକ୍ରମରେ ଗଜପତି ପାରଳାଖେମୁଣ୍ଡିରୁ ଏମ୍‌ପି ଚନ୍ଦ୍ରଶେଖର ସାହୁ, ଅନୁଗୋଳ ଜିଲା କୋଶଳାରୁ ବିଧାୟକ ସୁଶାନ୍ତ କୁମାର ବେହେରା, ପୁରୀ ଜିଲା ରେବଣା ନୂଆଗାଁରୁ ରାଜ୍ୟ ଯୋଜନା ବୋର୍ଡ ପୂର୍ବତନ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ଭଦ୍ରକ ଜିଲା ଧାମନଗରରୁ ବିଧାୟକ ପ୍ରଫୁଲ୍ଲ ସାମଲ, ନୟାଗଡ ଜିଲା ରଣପୁରରୁ ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ନବରଙ୍ଗପୁର ଜିଲା ଉମରକୋଟରୁ ବ୍ଲକ ଅଧକ୍ଷା ନବୀନ ନାୟକ, ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିରୁ ସରକାରୀ ଦଳ ଉପମୁଖ୍ୟ ସଚେତକ ସରୋଜ ମେହେର, ଝାରସୁଗୁଡ଼ାରୁ ବିଧାୟିକା ଦୀପାଳି ଦାସ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିରେ ପ୍ରତିଟି ଜୀବନ ତାଙ୍କ ପାଇଁ ମୂଲ୍ୟବାନ। ଏଥିପାଇଁ ରାଜ୍ୟବାସୀଙ୍କୁ ଉନ୍ନତ ମାନର ସ୍ୱାସ୍ଥ୍ୟସେବା ପ୍ରଦାନକୁ ସେ ସବୁବେଳେ ପ୍ରାଥମିକତା ଦେଇ ଆସିଛନ୍ତି ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ଦେଇଥିଲେ। ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ।

ସୌନ୍ଦର୍ଯ୍ୟ

# ହେବ ନାହିଁ ଟ୍ୟାନ୍

ଧୀରେ ଧୀରେ ଗରମ ବଢ଼ିବାରେ ଲାଗିଛି। ସୂର୍ଯ୍ୟର କିରଣ ଦିନକୁ ଦିନ ପ୍ରଖର ହେଉଥିବାରୁ ଏହାଦ୍ୱାରା ସନ୍‌ବର୍ଣ୍ଣ ବା ଟ୍ୟାନିଂ ସମସ୍ୟା ଦେଖାଦିଏ। ଏହାକୁ ଦୂରକରିବା ଲାଗି କେତୋଟି ଘରୋଇ ଉପାୟ ଆପଣେଇପାରିବେ...





⏭ କ୍ଷୀର ହଳଦୀ ପ୍ୟାକ୍‌କୁ ବହୁ ପୁରୁଣା କାଳରୁ ସୌନ୍ଦର୍ଯ୍ୟ ବୃଦ୍ଧି ନିମନ୍ତେ ବ୍ୟବହାର କରାଯାଇ ଆସୁଛି। ଏହାକୁ ଲଗାଇବା ଦ୍ୱାରା ଟ୍ୟାନ୍ ସମସ୍ୟା ଦୂରହେବା ସହ ତ୍ୱଚାର ରଙ୍ଗ ଗୋରା ଏବଂ ଉଜ୍ଜ୍ୱଳ ହୋଇଥାଏ।

⏭ ଲେମ୍ବୁରସରେ ମହୁ ମିଶାଇ ଟ୍ୟାନ୍ ହୋଇଥିବା ସ୍ଥାନରେ ଲଗାନ୍ତୁ। କିଛି ସମୟ ରଖିବା ପରେ ଧୀରେ ଧୀରେ ପାଣିରେ ଧୋଇଦିଅନ୍ତୁ। ଏହା ଟ୍ୟାନ୍ ଦୂରକରିବାରେ ସାହାଯ୍ୟ କରିଥାଏ।

⏭ ୨ ଚାମଚ ବେସନରେ ଅଧା ଚାମଚ ଲେମ୍ବୁରସ, ୧ ଚାମଚ ଦହି ଏବଂ ଅଧା ଚାମଚ ହଳଦୀ ମିଶାଇ ଟ୍ୟାନ୍ ହୋଇଥିବା ସ୍ଥାନରେ ଲଗାନ୍ତୁ। ଏହାକୁ ୧୫ ମିନିଟ୍ ରଖିବା ପରେ କିମ୍ବା ଅଳ୍ପ ଶୁଖିଯିବା ପରେ ପାଣିରେ ଧୀରେ ଧୀରେ ଆଙ୍ଗୁଳି ଟିପ ସାହାଯ୍ୟରେ ଧୋଇ ଦିଅନ୍ତୁ। ମନେରଖନ୍ତୁ ଶୀଘ୍ର ଛଡ଼ାଇବା ଆଳରେ ଆଦୌ ରଗଡ଼ିବେ ନାହିଁ। କିଛିଦିନ ଏହି ପ୍ୟାକ୍ ବ୍ୟବହାର କରିବା ପରେ ଟ୍ୟାନ୍ ସମସ୍ୟାରୁ ମୁକ୍ତି ପାଇବେ ଏବଂ ତ୍ୱଚା ମଧ୍ୟ ଆକର୍ଷଣୀୟ ଲାଗିବ।

⏭ ସ୍ୟାଣ୍ଡେଲ ପାଉଡର, ରୋଜ୍ ୱାଟର ଓ ଲେମ୍ବୁରସ ମିଶାଇ ପେଷ୍ଟ ପ୍ରସ୍ତୁତ କରି ଟ୍ୟାନ୍ ହୋଇଥିବା ସ୍ଥାନରେ ୨୦ମିନିଟ୍ ରଖିବା ପରେ ପାଣିରେ ଧୋଇ ଦିଅନ୍ତୁ।

⏭ କାକୁଡ଼ିରସ ୧ ଚାମଚ, ଦହି ୧ ଚାମଚ, ଅଧା ଚାମଚ ମହୁ, ଅଳ୍ପ ଲେମ୍ବୁରସ ଏବଂ ୧ ଚାମଚ ସ୍ୟାଣ୍ଡେଲ ପାଉଡର ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ଟ୍ୟାନ୍ ହୋଇଥିବା ସ୍ଥାନରେ ଲଗାଇ ୧୫ ମିନିଟ୍ ରଖିବା ପରେ ଧୋଇଦିଅନ୍ତୁ। ସପ୍ତାହକୁ ୨-୩ ଥର ଏହି ପ୍ୟାକ୍ ଲଗାଇଲେ ଟ୍ୟାନ୍ ଦୂର ହୋଇଥାଏ।

ଖାଦ୍ୟରୁଚି

# ପାଳଙ୍କ ଟିକି

**ଆବଶ୍ୟକ ସାମଗ୍ରୀ:** ୨୫୦ ଗ୍ରାମ୍ ପାଳଙ୍ଗ (ପାଳକ) ଶାଗ, ଅଧା କପ୍ ବୁଟଡାଲି, ୨ଟି ଲବଙ୍ଗ, ୧ ଇଞ୍ଚ ଡାଲଚିନି, ୪-୫ଟି ଗୋଲମରିଚ, ଚାଉଳ ଅଟା ୨ ବଡ଼ ଚାମଚ, ଅଧା କପ୍ ବ୍ରେଡ୍ ଗୁଣ୍ଡ, ତେଲ, ଲୁଣ, କୋରା ହୋଇଥିବା ୧୦୦ ଗ୍ରାମ୍ ପନିର, କିସ୍‌ମିସ୍ ୧ ବଡ଼ ଚାମଚ, କାଜୁ ୧ ବଡ଼ ଚାମଚ, ଗୋଲମରିଚ ଗୁଣ୍ଡ ଅଧା ଚାମଚ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ବୁଟଡାଲିକୁ ୧ଘଣ୍ଟା ପର୍ଯ୍ୟନ୍ତ ପାଣିରେ ଭିଜାଇ ଦିଅନ୍ତୁ। ପାଳଙ୍ଗ ଶାଗକୁ ଭଲ ଭାବେ ଧୋଇ ଛୋଟ ଛୋଟ କାଟି ଦିଅନ୍ତୁ। ପ୍ରେସର କୁକର ଚୁଲାରେ ବସାଇ ସେଥିରେ ପାଳଙ୍ଗ, ଭିଜା ଡାଲି, ଲବଙ୍ଗ, ଡାଲଚିନି, ଗୋଲମରିଚ, ୧କପ୍ ପାଣି, ସ୍ୱାଦାନୁସାରେ ଲୁଣ ପକାଇ ଗୋଟିଏ ହ୍ୱିସିଲ ଆସିବା ପର୍ଯ୍ୟନ୍ତ ରଖନ୍ତୁ। ଏହା ପରେ ଚୁଲାକୁ ସିମ୍‌ରେ ରଖି ୫-୬ ମିନିଟ୍ ରଖିବା ପରେ ବନ୍ଦ କରିଦିଅନ୍ତୁ। କୁକର ଥଣ୍ଡା ହୋଇଯିବା ପରେ ଏହାକୁ ଭଲ ଭାବେ ଗ୍ରାଇଣ୍ଡିଂ କରିଦିଅନ୍ତୁ। ଧ୍ୟାନ ରଖିବେ ଏହା ଯେପରି ପାଣିଆ ନ ହୁଏ। ଆଉ ଏକ ପାତ୍ରରେ କୋରାଯାଇଥିବା ପନିର, ଲୁଣ, ଗୋଲମରିଚ ଗୁଣ୍ଡ, କିସ୍‌ମିସ୍, କାଜୁ ନେଇ ଭଲ ଭାବେ ମିଶାଇ ଦିଅନ୍ତୁ। ପାଳଙ୍ଗ ବଟାକୁ ମଧ୍ୟମ ଆକାରର ଗୁଳାକରି ମଝିରେ ପନିର ପୁର ଦେଇ ଟିକି ପ୍ରସ୍ତୁତ କରନ୍ତୁ। ଏକ ପ୍ଲେଟ୍‌ରେ ବ୍ରେଡ୍ ଗୁଣ୍ଡ ରଖନ୍ତୁ ଏବଂ ସମସ୍ତ ପାଳଙ୍ଗ ଟିକିଗୁଡ଼ିକୁ ଏହା ଉପରେ ଗଡ଼ାଇ ଦିଅନ୍ତୁ। ଚୁଲାରେ ଏକ ତାୱା ବସାଇ ତେଲ ଗରମ କରନ୍ତୁ ଏବଂ ପାଳଙ୍ଗ ଟିକିଗୁଡ଼ିକୁ ଏଥିରେ ଭଲ ଭାବେ ଏପଟ ସେପଟ କରି ଭାଜି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ପାଳଙ୍ଗ ଟିକି, ଏହାକୁ ଚଟଣି, ସସ୍ କିମ୍ବା କଟା ପିଆଜ ସହ ଗରମ ଗରମ ଖାଇବାର ଆନନ୍ଦ ନିଅନ୍ତୁ।



# ୱାଶିଂମେଶିନ ଶୀଘ୍ର ଖରାପ ହେଉଥିଲେ...

ୱାଶିଂମେଶିନ ଘରେ ରଖିବା ଦ୍ୱାରା କପଡ଼ା ଧୋଇବାଠୁ ଶୁଖାଇବା ପର୍ଯ୍ୟନ୍ତ ସବୁ କାମ ସହଜରେ ହୋଇପାରୁଛି। ହେଲେ ଯେତେ ଭଲ କମ୍ପାନୀର ୱାଶିଂମେଶିନ ଆଣିଲେ ବି ଶୀଘ୍ର ଖରାପ ହୋଇଯିବାର ଅଭିଯୋଗ ଅନେକଙ୍କର ରହିଛି। ହେଲେ ବାସ୍ତବରେ ଏଥିପାଇଁ କମ୍ପାନୀ ନୁହେଁ ବରଂ ଏହାକୁ ଠିକ୍ ଭାବେ ବ୍ୟବହାର ନ କରିବା ଦାୟୀ। ତେଣୁ କେତେକ ଦିଗ ପ୍ରତି ଧ୍ୟାନଦେଲେ ଦୀର୍ଘଦିନ ପର୍ଯ୍ୟନ୍ତ ଖରାପ ହେବ ନାହିଁ। ଜାଣି ରଖନ୍ତୁ ସେ ସମ୍ପର୍କରେ...

⏭ ସବୁଠୁ ବଡ଼ କଥା ହେଉଛି ୱାଶିଂମେଶିନରେ ଏକାସଙ୍ଗେ ବହୁ କପଡ଼ା ପକାନ୍ତୁ ନାହିଁ କିମ୍ବା ଅଧିକ ଡିଟରଜେଣ୍ଟ ପାଉଡର ପକାନ୍ତୁ ନାହିଁ। କାରଣ ଯାହାଦ୍ୱାରା ମେଶିନ ବି ଖରାପ ହୋଇଥାଏ। ତେଣୁ ମେଶିନର କାପାସିଟି ଅନୁଯାୟୀ କପଡ଼ା ପକାନ୍ତୁ ଏବଂ ଆବଶ୍ୟକ ମାତ୍ରାରେ ଡିଟରଜେଣ୍ଟ ପକାନ୍ତୁ।

⏭ ଲେସ୍, ଷ୍ଟୋନ୍‌ୱାର୍କ, ମାଳି, ମିରର ଆଦି ଥିବା ହେଭି ଶାଢ଼ି କିମ୍ବା ଡ୍ରେସ୍‌କୁ ୱାଶିଂ ମେଶିନରେ ପକାଇଲେ ଉଭୟ ପୋଷାକ ଏବଂ ମେଶିନ ଖରାପ ହୋଇଯିବା ଆଶଙ୍କା ଥାଏ। ତେଣୁ ଏଭଳି କପଡ଼ାକୁ ହାତରେ ସଫା କରନ୍ତୁ।

⏭ ଜିନ୍ସ କିମ୍ବା ଜ୍ୟାକେଟ୍ ବା ଅନ୍ୟ ଜିପ୍ ଥିବା କପଡ଼ା ଧୋଇବା ସମୟରେ ଏହାର ଜିପ୍ ଖୋଲା ରଖନ୍ତୁ ନାହିଁ। କାରଣ ଏହାର ଜିପ୍ ଘଷିହୋଇ ଭାଙ୍ଗିଯିବ ନଚେତ୍ ଏହା ଲାଗି ଅନ୍ୟ କପଡ଼ା ଫାଟି ମଧ୍ୟ ଯାଇପାରେ। ଏହା ମେଶିନକୁ ବି ଖରାପ କରିଦେଇପାରେ।



⏭ ୱାଶିଂମେଶିନରେ ଜୋତା, ଡୋର୍‌ମ୍ୟାଟ୍ ଭଳି ଜିନିଷ ସଫାକଲେ ମେଶିନ ଶୀଘ୍ର ଖରାପ ହୋଇପାରେ। କେବଳ ଏତିକି ନୁହେଁ, ଏହାଦ୍ୱାରା ରୋଗଜୀବାଣୁ ମଧ୍ୟ ମେଶିନ ଭିତରେ ରହିଯିବା ସହ ପରବର୍ତ୍ତୀ ସମୟରେ ଅନ୍ୟ ପୋଷାକକୁ ସଂକ୍ରମିତ ହୋଇପାରେ।

**ମନେରଖନ୍ତୁ....**

⏭ କୌଣସି ପୋଷାକରୁ ରଙ୍ଗ ବାହାରୁଥିଲେ ଏହାକୁ ମେଶିନରେ ଧୁଅନ୍ତୁ ନାହିଁ। ନଚେତ୍ ଏଥିରୁ ରଙ୍ଗ ଛାଡ଼ି ମେଶିନରେ ପଡ଼ିଥିବା ଅନ୍ୟ କପଡ଼ାର ରଙ୍ଗକୁ ଖରାପ କରିଦେବ।

⏭ ଓଦା ହାତରେ ମେଶିନ ଛୁଅଁନ୍ତୁ ନାହିଁ। କାରଣ ଏହାଦ୍ୱାରା କରେଣ୍ଟ ଲାଗିବା ଆଶଙ୍କା ବେଶି। ତେଣୁ ଏହାକୁ ବ୍ୟବହାର କରିବା ବେଳେ ସ୍ଲିପର ପିନ୍ଧନ୍ତୁ।

ଆଞ୍ଚଳିକ ଖବର

# ସୁବର୍ଣ୍ଣପୁରରେ ୩୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ଉଦ୍‌ଘାଟିତ



ଉଦ୍‌ଘାଟିତ ହୋଇଥିବା ନୂଆ ଜିଲା ମୁଖ୍ୟ ଡାକ୍ତରଖାନା କୋଠା।



ଉଦ୍‌ଘାଟନୀ ଉତ୍ସବରେ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ଅନ୍ୟମାନେ।

■ ଭିଡିଓ କନ୍‌ଫରେନ୍ସିଂ ଯୋଗେ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ
■ ଅତ୍ୟାଧୁନିକ ସୁବିଧା ସହ ମିଳିବ ଉନ୍ନତ ସ୍ୱାସ୍ଥ୍ୟସେବା

ସୋନପୁର,୨୬।୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ସଦର ମହକୁମାରେ ନୂତନ ଭାବେ ନିର୍ମାଣ ହୋଇଥିବା ଜିଲା ମୁଖ୍ୟ ଡାକ୍ତରଖାନାର କୋଠା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରରୁ ଭିଡିଓ କନ୍‌ଫରେନ୍ସିଂ ଯୋଗେ ଏହାକୁ ଲୋକାର୍ପଣ କରିଛନ୍ତି। ରାଜ୍ୟ ସରକାର ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ ଦେଉଛନ୍ତି। ଏହି କ୍ରମରେ ଡାକ୍ତରଖାନାଗୁଡ଼ିକୁ ରୂପାନ୍ତରଣ କରାଯାଉଛି। ସୁବର୍ଣ୍ଣପୁର ଜିଲା ମୁଖ୍ୟ ଡାକ୍ତରଖାନାରେ ସମସ୍ତ ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା ରହିଛି। ଏଠାରେ ଜନସାଧାରଣଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ମିଳିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସୁବର୍ଣ୍ଣପୁର ରୟାଲ ପଡିଆଠାରେ ଏହି ଅବସରରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସୋନପୁର ବିଧାୟକ ତଥା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗଦେଇ ୧୧୦ କୋଟି ଟଙ୍କା ବ୍ୟୟରେ ନୂତନ କୋଠା ନିର୍ମାଣ କରାଯାଇଛି ବୋଲି କହିଥିଲେ। ୭ ମହଲା ବିଶିଷ୍ଟ ନୂଆ ଡାକ୍ତରଖାନାରେ ୩୦୦ ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ ସୁବିଧା ରହିଛି। ସିଟି ସ୍କାନ, ନୂଆ ଜରୁରିକାଳୀନ ୟୁନିଟ୍, ଡାଏଲିସିସ, ଏନଆରସି, ସେଣ୍ଟ୍ରାଲ ଲାବ, ସେଣ୍ଟ୍ରାଲ ଡାଇଗ୍ନୋଷ୍ଟିକ୍ ୟୁନିଟ୍ ଓ ସ୍ୱତନ୍ତ୍ର ସଂକ୍ରମଣ ୟୁନିଟ୍ ଆଦି ରହିଛି। ଡାକ୍ତରଖାନା ପରିସରରେ ଆହାର କେନ୍ଦ୍ର ରହିବ। ଏଥିସହିତ ଏକ ମିଶନ ଶକ୍ତି କାଫେ ମଧ୍ୟ ଖୋଲିବ। ଏହା ଜିଲା ବିକାଶରେ ନୂଆ ଅଧ୍ୟାୟ ସୃଷ୍ଟି କରିବ। ସେହିପରି ବିଜୁ ସ୍ୱାସ୍ଥ୍ୟକାର୍ଡ ଯୋଜନାରେ ମାଗଣା ଚିକିତ୍ସା ସୁବିଧା ସମ୍ପର୍କରେ ମନ୍ତ୍ରୀ ପୂଜାରୀ ଏହି ଅବସରରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁବର୍ଣ୍ଣପୁର ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକ ବିଜୟ କୁମାର ମହାପାତ୍ର, ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ, ରବୀନ୍ଦ୍ରନାଥ କହଁର, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମେହେର, ସୋନପୁର ଉପଜିଲାପାଳ ସୁରଜ କୁମାର ପଟ୍ଟନାୟକ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଶ୍ୱରଞ୍ଜନ ପତି, ଡାକ୍ତର ଦୈତ୍ୟନାରାୟଣ ପାଢ଼ୀ, ପୌରାଧ୍ୟକ୍ଷା ତାମସି ତାମସ୍ମିତା ନାୟକ, ଜିଲାର ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧି, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟବୃନ୍ଦ ଯୋଗ ଦେଇଥିଲେ।

# ବୌଦ୍ଧ, କଣ୍ଟାମାଳ ଡାକ୍ତରଖାନା 'ଆମ ହସ୍ପିଟାଲ' ଯୋଜନାରେ ସାମିଲ

ବୌଦ୍ଧ, ୨୬।୨(ଅଜିତ କୁମାର ବାରିକ)

ବୌଦ୍ଧ ଜିଲାର ଦୁଇଟି ଡାକ୍ତରଖାନାକୁ ରାଜ୍ୟ ସରକାର ଆମ ହସ୍ପିଟାଲ ଯୋଜନାରେ ସୋମବାର ସାମିଲ କରିଛନ୍ତି। ଜିଲାର ଦୁଇଟି ହସ୍ପିଟାଲ ଜିଲା ମୁଖ୍ୟ ଚିକିତ୍ସାଳୟ ଓ କଣ୍ଟାମାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ଭିଡିଓ କନଫରେନ୍ସିଂ ଜରିଆରେ ଉଦ୍‌ଘାଟନ କରିଛନ୍ତି। ଏନେଇ ସହରର ମାଉସୀ ମା' ମନ୍ଦିର ପରିସରରେ ଏକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବୌଦ୍ଧରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଜଙ୍ଗଲ ଓ ପରିବେଶ, ପଞ୍ଚାୟତରାଜ, ପାନୀୟଜଳ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟଭଞ୍ଜନ ମଦନ ମୋହନ ପାତ୍ର, ବୌଦ୍ଧଗଡ଼ ଏନ୍ଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଜୟକୃଷ୍ଣ ମିଶ୍ର, ସାଂସଦ ପ୍ରତିନିଧି ତାରେଣୀ ମହାପାତ୍ରଙ୍କ ସମେତ ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର, କର୍ମଚାରୀ, ବରିଷ୍ଠ ନାଗରିକ, ଆଶା, ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଉପସ୍ଥିତ ଥିଲେ।



ଉତ୍ସବରେ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଓ ଅନ୍ୟମାନେ।

# ପ୍ରେମିକାଙ୍କୁ ତଣ୍ଟି ଚିପି ହତ୍ୟା ପରେ ପୋଡ଼ି ଦେଲେ ପ୍ରେମିକ

ଅମରପାଲି,୨୬।୨(ପୀତାମ୍ବର ସାହୁ)

ପ୍ରେମିକାଙ୍କୁ ସନ୍ଦେହ କରି ତଣ୍ଟି ଚିପି ହତ୍ୟା ପରେ ପ୍ରମାଣ ନଷ୍ଟ ପାଇଁ ପ୍ରଥମେ ଗଛରେ ଝୁଲାଇ ଟାଙ୍ଗି ଦେବା ଓ ପରେ ପେଟ୍ରୋଲ ଢାଳି ପୋଡ଼ିଦେଲେ ପ୍ରେମିକ। ଏହି ଘଟଣା ଘଟିଛି ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ କେନଝିରିଆପାଲି ଗ୍ରାମପଞ୍ଚାୟତର ବଳିପାଲି ଗ୍ରାମରେ। ସୋମବାର ସକାଳୁ କେନଝିରିଆପାଲି ପଞ୍ଚାୟତର ହୀରାପାଲି ଗ୍ରାମ ନିକଟ ଏକ ବିଲରେ ଜଣେ ଯୁବତୀଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ପଡ଼ିଥିବା ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ବୀରମହାରାଜପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲା। ମୃତା ଯୁବତୀ ଜଣକ ସମ୍ବଲପୁର ଜିଲା କତରବା ଥାନା ଅନ୍ତର୍ଗତ ଲାଉବାହାଲ ଗ୍ରାମର। ଯୁବତୀ ଓ ବଳିପାଲି ଗ୍ରାମର ଲିଙ୍ଗ ଦେହୁରୀ(୨୪)ଙ୍କ ମଧ୍ୟରେ ଦୀର୍ଘଦିନ ହେଲା ପ୍ରେମସମ୍ପର୍କ ଥିଲା। ତେବେ ପ୍ରେମିକାଙ୍କୁ ଅନ୍ୟ ଜଣେ ଯୁବକଙ୍କ ସହିତ କଥା ହେଉଥିବା ଲିଙ୍ଗ ସନ୍ଦେହ କରିଥିଲେ। ଶନିବାର ପ୍ରେମିକାଙ୍କୁ ତାଙ୍କ ଗ୍ରାମକୁ ଆସିବାକୁ କହିଥିଲେ ଲିଙ୍ଗ। ପ୍ରେମିକା ବସ୍ ଯୋଗେ ସନ୍ଧ୍ୟାବେଳେ ଆସି ଲୁଡୁରପଙ୍କ ଛକରେ ଓହ୍ଲାଇଥିଲେ। ଯୁବକ ଜଣକ ତାଙ୍କୁ ସେଠାରୁ ସାଇକେଲରେ ନେଇ ଯାଇଥିଲେ। ଉଭୟ ରାସ୍ତା ପାର୍ଶ୍ୱରେ ପ୍ରେମସମ୍ପର୍କକୁ ନେଇ ଆଲୋଚନା ବେଳେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଲିଙ୍ଗ ପ୍ରେମିକାଙ୍କ ତଣ୍ଟି ଚିପି ହତ୍ୟା କରିଥିଲେ। ପରେ ପ୍ରମାଣ ନଷ୍ଟ ପାଇଁ ଏକ ଗଛରେ ମୃତଦେହକୁ ଟାଙ୍ଗି ଦେଇ ଆତ୍ମହତ୍ୟାର ରୂପ ଦେଇଥିଲେ। ଅଭିଯୁକ୍ତ ଲିଙ୍ଗ ଘରକୁ ଯାଇ ପେଟ୍ରୋଲ ଆଣି ମୃତଦେହରେ ଢାଳି ପୋଡ଼ିଦେବାକୁ ଚେଷ୍ଟା କରିଥିଲେ। ମାତ୍ର ମୃତଦେହ ସମ୍ପୂର୍ଣ୍ଣ ପୋଡ଼ି ନ ପାରିବାରୁ ସେଠାରୁ ସେ ଫେରାର ହୋଇଯାଇଥିଲେ। ତେବେ ଯୁବତୀଙ୍କ ମୃତଦେହ ହୀରାପାଲି ଗ୍ରାମର କିଛି ଦୂରରେ ଥିବା ଏକ ବିଲରେ ଅର୍ଦ୍ଧଦଗ୍ଧ ଅବସ୍ଥାରେ ପଡିଥିବା ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ। ଖବରପାଇ ବୀରମହାରାଜପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ସନ୍ଦେହରେ ବଳିପାଲି ଗ୍ରାମର ଲିଙ୍ଗରାଜଙ୍କୁ ପୋଲିସ ଅଟକ ରଖି ତଦନ୍ତ କରିବାରୁ ସେ ସବୁଘଟଣାକୁ ସ୍ୱୀକାର କରିଥିଲେ। ଖବରପାଇ ଝିଅଙ୍କ ପରିବାର ଲୋକେ ବୀରମହାରାଜପୁର ଥାନାରେ ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ନେଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରରେ ବୀରମହାରାଜପୁର ଥାନାରେ ଏକ ମାମଲା (ନଂ. ୮୪/୨୪) ରୁଜୁ ହୋଇଛି। ଅଧିକ ତଦନ୍ତ ଜାରି ରହିଥିବା ତଦନ୍ତ ଅଧିକାରୀ ଦୀପ୍ତିରଞ୍ଜନ ଦିଗାଲ ସୂଚନା ଦେଇଛନ୍ତି।

# ଅବକାରୀ ବିଭାଗ ଭ୍ୟାନ୍‌କୁ ଧକ୍କା ଦେଇ ଖସି ଯିବାକୁ ଉଦ୍ୟମ

ସୋନପୁର,୨୬।୨
(ମୃତ୍ୟୁଞ୍ଜୟ ଶତପଥୀ)



ଗିରଫ ଅଭିଯୁକ୍ତ, ଜବତ ଗଞ୍ଜେଇ ଓ କାର୍।

■ କାର, ୪୮ କିଲୋ ଗଞ୍ଜେଇ ଜବତ : ୨ ଗିରଫ
■ ବୌଦ୍ଧରୁ ସମ୍ବଲପୁରକୁ ଚୋରା ଚାଲାଣ ହେଉଥିଲା

ସୁବର୍ଣ୍ଣପୁର ଜିଲା ସୋନପୁର -ବିନିକା ରାସ୍ତାର ସଂସାମୁରାରେ ଅବକାରୀ ବିଭାଗ ପକ୍ଷରୁ ସୋମବାର ସକାଳେ ଚଢାଉ ହୋଇଥିଲା। ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ସମ୍ବଲପୁର ଜିଲାର ୨ଜଣଙ୍କୁ ଗିରଫ କରାଯାଇଛି। ଏହି ଘଟଣାରେ ଗୋଟିଏ କାର ଓ ୪ କିଲୋ ଗଞ୍ଜେଇ ଜବତ ହୋଇଛି। ଅଭିଯୁକ୍ତମାନେ ଅବକାରୀ ବିଭାଗର ଭ୍ୟାନ୍‌କୁ କାର୍‌ରେ ଧକ୍କା ଦେଇ ଖସିଯିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ଏ ସମ୍ପର୍କରେ ବିନିକା ଅବକାରୀ ଥାନା ପକ୍ଷରୁ ଏକ ମାମଲା (ନଂ. ୨୨୯/୨୦୨୪) ରୁଜୁ ହୋଇଛି। ଅଭିଯୁକ୍ତ ଦ୍ୱୟଙ୍କୁ ଅପରାହ୍ନରେ କୋର୍ଟଚାଲାଣ କରାଯାଇଛି। ଜିଲା ମୋବାଇଲ ୟୁନିଟ୍ ଓ ବିନିକା ଅବକାରୀ ଥାନା ପକ୍ଷରୁ ସଂସାମୁରା ପେଟ୍ରୋଲ ପମ୍ପ ନିକଟରେ ଏହି ଚଢାଉ ହୋଇଥିଲା। ସନ୍ଦେହରେ କାର ନଂ. ଓଆର୦୨ ବିଏଲ-୯୪୮୯କୁ ବିଭାଗର କର୍ମଚାରୀମାନେ ଅଟକାଇ ଥିଲେ। ତେବେ କାର୍ ଡ୍ରାଇଭର ଦ୍ରୁତ ବେଗରେ ଅବକାରୀ ବିଭାଗର ଭ୍ୟାନ ନଂ. ଓଡି ୩୧-୩୪୬୮କୁ ଧକ୍କା ଦେଇ ଖସିଯିବାକୁ ଉଦ୍ୟମ କରିଥିଲେ। ଏଥିଯୋଗୁ କାର୍ ସମ୍ମୁଖ ଭାଗ ଓ ଅବକାରୀ ଭ୍ୟାନ୍‌ର ପଛ ପଟ ଭାଙ୍ଗିଯାଇଛି। କାର୍ ତନଖି ସମୟରେ ୩ଟି ଜରି ବ୍ୟାଗ୍‌ରୁ ମୋଟ ୪୮ କିଲୋ ଗଞ୍ଜେଇ ମିଳିଥିଲା। ଏହି ଘଟଣାରେ ସମ୍ବଲପୁର ଜିଲା ଯୁଯୁମୁରା ଥାନା ନୂଆବଳଣ୍ଡା ଅଞ୍ଚଳର ଡ୍ରାଇଭର ଦୁଷ୍ମନ୍ତ ଗୁରୁ(୨୯) ଓ ସଦାଶିବ ଭୋଇ(୪୯)ଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ବୌଦ୍ଧ ଜିଲା ମନମୁଣ୍ଡା ଥାନା ଅଞ୍ଚଳରୁ ଗଞ୍ଜେଇ କିଣି ସମ୍ବଲପୁରକୁ ଚୋରାଚାଲାଣ କରୁଥିଲେ। ସୂଚନା ପାଇ ସୁବର୍ଣ୍ଣପୁର ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ସୋନପୁର ରେଞ୍ଜ ଇନିସପେକ୍ଟର ପ୍ରକାଶ ସା, ମୋବାଇଲ ଇନିସପେକ୍ଟର ହରପ୍ରସାଦ ରଣା, ସବ୍‌ଇନିସପେକ୍ଟର ସୁମିତ୍ରା ହେମ୍ବ୍ରମ୍, ବିନିକା ଅବକାରୀ ଥାନା ସବ୍‌ଇନିସପେକ୍ଟର ବଳବୀର ଗଡନାୟକ, ଏଏସ୍ଆଇ ଭେଙ୍କଟ ରମଣ ବେହେରା, ପିଣ୍ଟୁ ସାହୁ, ପୃଥ୍ୱୀରାଜ କୁଅଁର, ଡୋଳାମଣି ପଧାନ ଓ କନଷ୍ଟେବଳମାନେ ଏହି ଚଢାଉରେ ସାମିଲ ହୋଇଥିଲେ।

# ଓଡ଼ିଶା ବଜାରରେ ରୟାଲ ଏନ୍‌ଫିଲ୍ଡର ଅଲ୍ ନ୍ୟୁ ସଟ୍‌ଗନ-୬୫୦ ସିସି



ରୟାଲ ଏନ୍‌ଫିଲ୍ଡର ସ୍ୱୀକୃତିପ୍ରାପ୍ତ ଡିଲର ଗ୍ରୀନ୍ ଅଟୋମୋଟିଭ ପ୍ରାଇଭେଟ ଲିମିଟେଡ୍ ଅନୁଗୋଳ ଆନୁକୂଲ୍ୟରେ ବ୍ରାଣ୍ଡର ଅତ୍ୟାଧୁନିକ ମଡେଲ ଅଲ୍ ନ୍ୟୁ ସଟ୍‌ଗନ-୬୫୦ ସିସି' ଅନାବରଣ ସହ ବଜାର ପ୍ରବେଶ ହୋଇଯାଇଛି। ଏହି ଅବସରରେ କାନାରା ବ୍ୟାଙ୍କର ଚିଫ୍ ମ୍ୟାନେଜର ରାଜକୁମାର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରୀନ୍ ଅଟୋମୋଟିଭ ପ୍ରାଇଭେଟ ଲିମିଟେଡ୍‌ର ସ୍ୱତ୍ୱାଧିକରୀ ଅନୀଲ କୁମାର ରାଉତ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।



ରୟାଲ ଏନ୍‌ଫିଲ୍ଡର ସ୍ୱୀକୃତିପ୍ରାପ୍ତ ଡିଲର ବୈଷ୍ଣବୀ ଦେବୀ ଅଟୋମୋବାଇଲ୍ସ ବ୍ରହ୍ମପୁର ଆନୁକୂଲ୍ୟରେ ବ୍ରାଣ୍ଡର ଅତ୍ୟାଧୁନିକ ମଡେଲ ଅଲ୍ ନ୍ୟୁ ସଟ୍‌ଗନ-୬୫୦ ସିସି' ଅନାବରଣ ସହ ବଜାର ପ୍ରବେଶ ହୋଇଯାଇଛି। ଏହି ଅବସରରେ ବୈଷ୍ଣବୀ ଦେବୀ ଅଟୋମୋବାଇଲ୍ସର ସ୍ୱତ୍ୱାଧିକାରୀ ଅଶ୍ୱିନୀ କୁମାର ନାୟକ ଏବଂ କେଲୁଆପଲ୍ଲୀ ସରପଞ୍ଚ ଅରୁଣ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଜ ନାୟକ, ଅମରେନ୍ଦ୍ର ନାୟକ ଏବଂ ଅଜିତ କୁମାର କୁମାର ନାୟକ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।



ରୟାଲ ଏନ୍‌ଫିଲ୍ଡର ସ୍ୱୀକୃତିପ୍ରାପ୍ତ ଡିଲର ଦି ଏଜେଣ୍ଟ ଆଣ୍ଡ ଡିଷ୍ଟ୍ରିବ୍ୟୁଟର୍ସ ରାଉରକେଲା ଆନୁକୂଲ୍ୟରେ ବ୍ରାଣ୍ଡର ଅତ୍ୟାଧୁନିକ ମଡେଲ ଅଲ୍ ନ୍ୟୁ ସଟ୍‌ଗନ-୬୫୦ ସିସି' ଅନାବରଣ ସହ ବଜାର ପ୍ରବେଶ ହୋଇଯାଇଛି। ଏହି ଅବସରରେ ଦି ଏଜେଣ୍ଟ ଆଣ୍ଡ ଡିଷ୍ଟ୍ରିବ୍ୟୁଟର୍ସର ସ୍ୱତ୍ୱାଧିକାରୀ ନବକିଶୋର ଶତପଥୀ ଏବଂ ଶୁଭ୍ରାଂଶୁ ଶଥପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶୋ'ରୁମ୍ ମ୍ୟାନେଜର ତପନଜିତ୍ ବିଶ୍ୱାଳଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।



ରୟାଲ ଏନ୍‌ଫିଲ୍ଡର ସ୍ୱୀକୃତିପ୍ରାପ୍ତ ଡିଲର ଫେଭର ରାଇଡ୍ ଅଟୋମୋବାଇଲ୍ସ ବାଲେଶ୍ୱର ଆନୁକୂଲ୍ୟରେ ବ୍ରାଣ୍ଡର ଅତ୍ୟାଧୁନିକ ମଡେଲ ଅଲ୍ ନ୍ୟୁ ସଟ୍‌ଗନ-୬୫୦ ସିସି' ଅନାବରଣ ସହ ବଜାର ପ୍ରବେଶ ହୋଇଯାଇଛି। ଏହି ଅବସରରେ ଫେଭର ରାଇଡ୍‌ର ସ୍ୱତ୍ୱାଧିକାରୀ ମେରୁନ କିଶାନ ଦାସ ଏବଂ ବାଲେଶ୍ୱର ରୟାଲ କ୍ଲବର ସଦସ୍ୟ ସାଗର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫେଭର ରାଇଡ୍‌ର ଜିଏମ୍ ହିମାଂଶୁ ରାଉତ ଏବଂ ପ୍ରଣୟ ମହାନ୍ତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।



ରୟାଲ ଏନ୍‌ଫିଲ୍ଡର ସ୍ୱୀକୃତିପ୍ରାପ୍ତ ଡିଲର ବୀରେନ୍ଦ୍ର ମୋଟର୍ସ ଯାଜପୁର ରୋଡ୍ ଆନୁକୂଲ୍ୟରେ ବ୍ରାଣ୍ଡର ଅତ୍ୟାଧୁନିକ ମଡେଲ ଅଲ୍ ନ୍ୟୁ ସଟ୍‌ଗନ-୬୫୦ ସିସି' ଅନାବରଣ ସହ ବଜାର ପ୍ରବେଶ ହୋଇଯାଇଛି। ଏହି ଅବସରରେ ଶୋ'ରୁମ୍‌ର ସ୍ୱତ୍ୱାଧିକାରୀ, ବରିଷ୍ଠ ଅଧିକାରୀ, ଗ୍ରାହକ ଓ କର୍ମଚାରୀଙ୍କ ଉପସ୍ଥିତିରେ ଏହାର ଅନାବରଣ କରାଯାଇଥିଲା। ଏହି ଅବସରରେ ଆଶାୟୀ ଗ୍ରାହକ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।



ରୟାଲ ଏନ୍‌ଫିଲ୍ଡର ସ୍ୱୀକୃତିପ୍ରାପ୍ତ ଡିଲର ଲୟାଲ ଅଟୋମୋବାଇଲ୍ସ ବାଲାଙ୍ଗୀର ଆନୁକୂଲ୍ୟରେ ବ୍ରାଣ୍ଡର ଅତ୍ୟାଧୁନିକ ଅଲ୍ ନ୍ୟୁ ସଟ୍‌ଗନ-୬୫୦ ସିସି' ମଡେଲର ଅନାବରଣ ସହ ବଜାର ପ୍ରବେଶ ହୋଇଯାଇଛି। ଲୟାଲ ଅଟୋମୋବାଇଲ୍ସର ସ୍ୱତ୍ୱାଧିକାରୀ ଶ୍ୟାମଳା ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜକୁମାର ପଟେଲ, ଶିବୁ ମିଶ୍ର, ଶୁଭମ୍ ପଣ୍ଡା, ଅଭିନାଶ ଦାଶ, ରମେଶ ଅଗ୍ରୱାଲ, ଶଙ୍କର ଜୁଏଡ, ସେଲ୍ସ ମ୍ୟାନେଜର ସରୋଜ ପୋଢ଼, ସର୍ଭିସ୍ ମ୍ୟାନେଜର ଦୀପକ ରାଉତଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ଆକ୍ଷିଓ ସହ ଟ୍ରାଞ୍ଜେପ ସ୍ମାର୍ଟ ବିଲ୍ଡିଂର ବୁଝାମଣା

ଭୁବନେଶ୍ୱର,୨୬।୨

ଅନ୍ତଃରାଷ୍ଟ୍ରୀୟ ଘରୋଇ କମ୍ପାନୀ ତଥା ଆକ୍ଷିଓ ପୋଲାଣ୍ଡ ସହ ଟ୍ରାଞ୍ଜେପ ସ୍ମାର୍ଟ ବିଲ୍ଡିଂ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷକରି ଭବିଷ୍ୟତରେ ସ୍ମାର୍ଟ ଲିଭିଂକୁ ଅଗ୍ରଣୀ କରିବା ପାଇଁ ଉଭୟ କମ୍ପାନୀ ମିଳିତ ହୋଇଛନ୍ତି। ଏପରିକି ଘରୋଇ ଅଟୋମେସନ୍ ଓ ସ୍ମାର୍ଟ ଲିଭିଂର ମାନ ବୃଦ୍ଧି କରିବା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଉଭୟ ସଂସ୍ଥା ପକ୍ଷରୁ ବିସ୍ତୃତ ଭାବେ ଆଲୋଚନା କରାଯାଇଛି। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରଠାରେ ଆୟୋଜିତ ଏକ ଆର୍କିଟେକ୍ଟର ମିଟ୍‌ରେ ଉପରୋକ୍ତ ସହଭାଗିତା (ପାର୍ଟନରଶିପ) ସହ ଏକ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଛି। ଏଥିରେ ଆର୍କିଟେକ୍ଟ, ଡିଜାଇନର ଓ ଶିଳ୍ପ ବିଶେଷଜ୍ଞମାନେ ମଧ୍ୟ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆବାସିକ ସ୍ଥାନଗୁଡିକରେ ଆରାମ ଓ ନିରାପତ୍ତା ପାଇଁ ପ୍ରସ୍ତୁତି ଅତ୍ୟାଧୁନିକ ଉତ୍ପାଦ ପ୍ରଦର୍ଶିତ ହୋଇଥିଲା। ଟ୍ରାଞ୍ଜେପ ସ୍ମାର୍ଟ ବିଲ୍ଡିଂର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆକାଶ ଝୁନ୍‌ଝୁନ୍‌ୱାଲା କହିଥିଲେ, ଆକ୍ଷିଓ ପୋଲାଣ୍ଡ ସହ ସହଭାଗିତା ହୋଇଛି। ଏପରିକି ଲୋକମାନଙ୍କର ପରିବର୍ତ୍ତିତ ଜୀବନଶୈଳୀ ପାଇଁ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ ବୋଲି ଲକ୍ଷ୍ୟ ରହିଛି। ଆକ୍ଷିଓ ପୋଲାଣ୍ଡର କାର୍ଯ୍ୟନିର୍ବାହୀ ଅଧିକାରୀ ଆଲିନା କ୍ରୁସେଇଟ୍ କୋୱାଲେଭେସ୍କା ଉକ୍ତ ସହଭାଗିତା ଉପରେ ଗୁରୁତ୍ୱାରୋପ କରି ସ୍ମାର୍ଟହୋମ୍ ଟେକ୍ନୋଲୋଜିକୁ ଆପଣେଇବା ପାଇଁ ସମସ୍ତଙ୍କୁ ପ୍ରୋତ୍ସାହିତ କରିଥିଲେ। ଅଧିକ ବିବରଣୀ ପାଇଁ ଆକ୍ଷିଓ ପୋଲାଣ୍ଡର ୱେବ୍‌ସାଇଟ୍ ପରିଦର୍ଶନ କରିବାକୁ ସମସ୍ତଙ୍କୁ ଅନୁରୋଧ କରାଯାଇଛି।

## ଆସାନସୋଲ୍‌ରେ ରୁଙ୍ଗ୍‌ଟା ଷ୍ଟିଲ୍‌ର ଡିଲର୍ସ ମିଟ୍

ଭୁବନେଶ୍ୱର,୨୬।୨

ଭାରତର ଅନ୍ୟତମ ଦ୍ରୁତ ଅଭିବୃଦ୍ଧିଶୀଳ ସମନ୍ୱିତ ଇସ୍ପାତ ଏବଂ ଟିଏମ୍‌ଟି ବାର୍ ଉତ୍ପାଦନକାରୀ ରୁଙ୍ଗ୍‌ଟା ଷ୍ଟିଲ୍ ପକ୍ଷରୁ ଦିନିକିଆ କର୍ମଶାଳା ଓ ଡିଲର୍ସ ମିଟ୍‌ର ଆୟୋଜନ କରାଯାଇଥିଲା। ବିଶେଷକରି ପଶ୍ଚିମବଙ୍ଗର ପ୍ରମୁଖ ବିତରକ ଏସ୍‌ଭିଏନ୍ ଏଣ୍ଟରପ୍ରାଇଜେସ୍‌ର ମିଳିତ ସହଯୋଗରେ ଆସାନସୋଲ୍‌ର ପାନୋରମା ୱାଟର ପାର୍କଠାରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏପରିକି ଉଭୟ ସଂସ୍ଥା ମଧ୍ୟରେ ଥିବା ସମ୍ପର୍କରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟକୁ ଦର୍ଶାଉଥିବାବେଳେ ସମ୍ପୃକ୍ତ ଅଞ୍ଚଳରେ ଡିଲରମାନଙ୍କ ସହ ସମ୍ପର୍କକୁ ସୁଦୃଢ଼ କରିବା ଏବଂ ଗ୍ରାହକ ସନ୍ତୁଷ୍ଟିରେ ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖାଯାଇଛି। ଏ ସମ୍ପର୍କରେ ରୁଙ୍ଗ୍‌ଟା ଷ୍ଟିଲ୍‌ର ଏଭିପି ତଥା



ସେଲ୍ସ ଆଣ୍ଡ ମାର୍କେଟିଂ (ଟିଏମ୍‌ଟି ଆଣ୍ଡ ୱାୟାର ରଡ୍) ମୁଖ୍ୟ ଅରବିନ୍ଦ କୁମାର କହିଛନ୍ତି, ଆମେ ନିୟମିତ ବ୍ୟବଧାନରେ ଆୟୋଜନ କରୁଥିବା ସମ୍ମିଳନୀକୁ ଉତ୍ସାହର ସହ ଅପେକ୍ଷା କରିଥାଉ,କାରଣ ତାହା ଆମକୁ ଆସାନସୋଲରେ ରୁଙ୍ଗ୍‌ଟା ଷ୍ଟିଲ୍‌ର ଉପସ୍ଥିତିକୁ ସୁଦୃଢ଼ କରିବା ଏବଂ ଆମର ଗୁରୁତ୍ୱପୂର୍ଣ୍ଣ ପଶ୍ଚିମବଙ୍ଗ ବଜାରରେ ସମ୍ପ୍ରସାରଣ ପାଇଁ ମୂଲ୍ୟବାନ୍ ସୁଯୋଗ ପ୍ରଦାନ କରିଥିବା ବେଳେ ପାରସ୍ପରିକ ସଫଳତାକୁ ଆଗକୁ ବଢ଼ାଇବା ଲାଗି ଆମ ମୂଲ୍ୟବାନ୍ ସହଯୋଗୀଙ୍କ ସହ ମିଶି କାମ କରିବାର ସୁଯୋଗ ପ୍ରଦାନ କରିଛି। ଉକ୍ତ କାର୍ଯ୍ୟକ୍ରମରେ ୫୦ରୁ ଅଧିକ ଡିଲର ଯୋଗଦେଇଥିଲେ, ଯେଉଁଥିରେ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ବିକାଶ ଓ ପାରସ୍ପରିକ ଅଭିବୃଦ୍ଧି ରଣନୀତି ଉପରେ ଆଲୋଚନା ପାଇଁ ଭାବର ଆଦାନପ୍ରଦାନ ହୋଇଥିଲା।

## ଗୁଣାତ୍ମକ ଉତ୍ପାଦକୁ ଗୁରୁତ୍ୱ

ଭୁବନେଶ୍ୱର,୨୬।୨

ସେଞ୍ଚୁରି ମ୍ୟାଟ୍ରେସ୍‌ର ନୂତନ ଉତ୍ପାଦକୁ ନିକଟରେ ଉନ୍ମୋଚନ କରାଯାଇଛି। ବିଶେଷକରି କ୍ୟୁସନ୍ସ ଟେକ୍ନୋଲୋଜି ସହିତ ବ୍ରାଣ୍ଡର କ୍ୟୁ-ଜେଲ ମ୍ୟାଟ୍ରେସ୍ ପରିସରକୁ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏକ ସମ୍ପୂର୍ଣ୍ଣ ନୂତନସ୍ତରର ଆରାମକୁ ବୃଦ୍ଧି କରିବାକୁ ପ୍ରତିଜ୍ଞାକରି ଏକ ଆରାମଦାୟକ ଶୋଇବା ଅଭିଜ୍ଞତାର ଆବଶ୍ୟକତାକୁ ସମାଧାନ କରିବାକୁ ବିବର୍ତ୍ତନଶୀଳ ମ୍ୟାଟ୍ରେସ୍ ସର୍ବଶେଷ କ୍ୟୁସନ୍ସ ପ୍ରଯୁକ୍ତିବିଦ୍ୟାର ଲାଭ ଉଠାଇଛି। ଗ୍ରାହକମାନେ ଭଲ ନିଦ୍ରାର ଗୁରୁତ୍ୱକୁ ଅଧିକରୁ ଅଧିକ ପ୍ରାଧାନ୍ୟ ଦେଉଥିବାରୁ ଏହି ଉଦ୍ଭାବନ ବର୍ଦ୍ଧିତ ବିଶ୍ରାମ ଏବଂ ଆରାମକୁ ସୁନିଶ୍ଚିତ କରିଥାଏ। ସଠିକତା ସହିତ ନିର୍ମିତ ଏହି ମ୍ୟାଟ୍ରେସ୍‌ରେ ୟୁରୋ ଟପ୍ ଫିନିଶ୍ ସହିତ ଏକ ଭିସ୍କୋଜ କପଡ଼ା ବୈଶିଷ୍ଟ୍ୟ ରହିଛି, ଯାହା ଏକ ସମୃଦ୍ଧ ଅନୁଭବ ଏବଂ ବର୍ଦ୍ଧିତ ଆରାମ ଯାଚିଥାଏ। କ୍ୟୁସନ୍ସ ଟେକ୍ନୋଲୋଜିରେ ଭର୍ତ୍ତି ହୋଇଥିବା କ୍ୟୁ-ଜେଲ ତମ୍ବା କ୍ରିଷ୍ଟାଲ ମେମୋରି ଫୋମ ଏକ ବିଶ୍ରାମଦାୟୀ ଶୋଇବା ଅଭିଜ୍ଞତା ପାଇଁ ପ୍ରଭାବଶାଳୀ ଉତ୍ତାପ ପରିଚାଳନାକୁ ସୁନିଶ୍ଚିତ କରିଥାଏ। ଏର୍ଗୋ-ସଫ୍ଟ ଟ୍ରାନ୍ସମିଶନ ଫୋମ୍ ପ୍ରୋ ରେସ୍‌ପନ୍ସିଭ କଟୋର ଫୋମ ଦ୍ୱାରା ଡିଜାଇନ ହୋଇଥିବା ଏହି ମ୍ୟାଟ୍ରେସ ଅନନ୍ୟ ଶରୀରର ସମର୍ଥନ ଏବଂ ବାୟୁପ୍ରବାହ ନିୟନ୍ତ୍ରଣ ପ୍ରଦାନ କରିଥାଏ। କ୍ୟୁ-ଜେଲ ମ୍ୟାଟ୍ରେସ ଦୁଇଟି ବର୍ଗରେ କ୍ୟୁ-ଜେଲ ବିଲାସ ଏବଂ କ୍ୟୁ-ଜେଲ ଆରାମରେ ଉପଲବ୍ଧ। ଏହାର ୟୁରୋ ଟପ୍ ଶେଷସ୍ପର୍ଶ ଦ୍ୱାରା ଏକ ନରମ ଏବଂ ଆରାମ ଅନୁଭବ ପ୍ରଦାନ କରୁଥିବା ୮ ଇଞ୍ଚର ମୋଟେଇରେ ଉପଲବ୍ଧ। କ୍ୟୁ-ଜେଲ ବିଲାସ ୭ ବର୍ଷର ୱାରେଣ୍ଟି ସହିତ ଆସିଥାଏ। ସେର୍ଟିପୁର-ୟୁଏସ୍ ସାର୍ଟିଫିକେଟ ସାମଗ୍ରୀ ଦ୍ୱାରା ନିର୍ମିତ ଏହି ଫୋମ ମ୍ୟାଟ୍ରେସ ଏକ ନୂତନ ଶକ୍ତି ଦେବା ଶୋଇବା ଅଭିଜ୍ଞତାକୁ ସୁନିଶ୍ଚିତ କରିଥାଏ ।

## ରିଲାଏନ୍ସ ଫାଉଣ୍ଡେସନ ପକ୍ଷରୁ ବନ୍ତାରା'ର ଶୁଭାରମ୍ଭ

ଭୁବନେଶ୍ୱର,୨୬।୨



ଦେଶର ପ୍ରମୁଖ ସାମାଜିକ ପ୍ରତିଷ୍ଠାନ ତଥା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍(ଆରଆଇଏଲ)ର ସିଏସ୍ଆର ୟୁନିଟ୍ ରିଲାଏନ୍ସ ଫାଉଣ୍ଡେଶନ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ବନ୍ତାରା (ଜଙ୍ଗଲର ତାରା) ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଯେଉଁଥିରେ ଉଭୟ ଭାରତ ଓ ବିଦେଶରେ ଆହତ, ଉତ୍ପୀଡ଼ନର ଶିକାର ଏବଂ ଭୟରେ ଥିବା ପଶୁମାନଙ୍କୁ ଉଦ୍ଧାର, ଚିକିତ୍ସା, ଯତ୍ନ ଓ ଥଇଥାନ ଆଦିର ବ୍ୟବସ୍ଥା କରାଯାଇଛି। ଏପରିକି ଗୁଜରାଟରେ ରିଲାଏନ୍ସ ଜାମ୍‌ନଗର ରିଫାଇନେରି ପରିସରରେ ଥିବା ସବୁଜ ବଳୟର ୩୦୦୦ ଏକର ପରିବ୍ୟାପ୍ତି/ବ୍ୟାପ୍ତ ସ୍ଥାନରେ 'ବନ୍ତାରା'ର ଶୁଭାରମ୍ଭ ହୋଇଛି। ଏହାର ମୂଳ ଲକ୍ଷ୍ୟ ହେଉଛି ବିଶ୍ୱରେ ସଂରକ୍ଷଣ ଉଦ୍ୟମର ଅନ୍ୟତମ ପ୍ରମୁଖ ଯୋଗଦାନକାରୀରେ ପରିଣତ ହେବା ସହିତ ପଶୁ ଯତ୍ନ ଓ କଲ୍ୟାଣ କ୍ଷେତ୍ରରେ ଅଭିଜ୍ଞ ବିଶେଷଜ୍ଞମାନଙ୍କ ସହ କାର୍ଯ୍ୟକରି ବନ୍ତାରା ୩୦୦୦ ଏକର ସ୍ଥାନକୁ ଏକ ପ୍ରାକୃତିକ ଜଙ୍ଗଲ ଭଳି ପରିବେଶରେ ପରିଣତ କରିଛି, ଯେଉଁଠାରେ ଉଦ୍ଧାର କରାଯାଇଥିବା ପଶୁମାନେ ଆରାମରେ ବାସ କରିପାରିବେ। ଆର୍‌ଆଇଏଲ୍ ବୋର୍ଡ ଓ ରିଲାଏନ୍ସ ଫାଉଣ୍ଡେଶନର ନିର୍ଦ୍ଦେଶକ ଅନନ୍ତ ଅମ୍ବାନୀଙ୍କ ଦ୍ୱାରା ପରିକଳ୍ପନା କରାଯାଇଥିବା ତଥା ଉତ୍ସାହଭରା ନେତୃତ୍ୱରେ ଏହାର ସ୍ଥାପନ କରାଯାଇଛି। ଏହା ଭାରତରେ ପ୍ରଥମ ଘରୋଇ କାର୍ଯ୍ୟକ୍ରମ ହୋଇଥିଲାବେଳେ ଅନନ୍ତ ଅମ୍ବାନୀ ଜାମ୍‌ନଗରରେ ରିଲାଏନ୍ସର ମହତ୍ୱପୂର୍ଣ୍ଣ ଅକ୍ଷୟ ଶକ୍ତି ପ୍ରକଳ୍ପର ନେତୃତ୍ୱ ନେଉଛନ୍ତି, ଯାହା ୨୦୩୫ ସୁଦ୍ଧା ରିଲାଏନ୍ସକୁ ନେଟ୍ କାର୍ବନ ଜିରୋ ଲକ୍ଷ୍ୟ ହାସଲ କରିବାରେ ସହାୟକ ହେବ। ଏହି କାର୍ଯ୍ୟକ୍ରମ ଅଧୀନରେ ଗତ କିଛିବର୍ଷ ଭିତରେ ୨୦୦ରୁ ଊର୍ଦ୍ଧ୍ୱ ହାତୀ, ହଜାର ହଜାର ଅନ୍ୟ ଜୀବ, ସରୀସୃପ ଓ ପକ୍ଷୀଙ୍କୁ ଅସୁରକ୍ଷିତ ସ୍ଥିତିରୁ ଉଦ୍ଧାର କରାଯାଇଛି । ଗଣ୍ଡା, କଲରାପତରିଆ ବାଘ ଓ କୁମ୍ଭୀର ଭଳି ପ୍ରମୁଖ ଜୀବଙ୍କୁ ଉଦ୍ଧାର ଓ ଥଇଥାନ ଦିଗରେ ମଧ୍ୟ ଏଥିରେ ଉଦ୍ୟମ କରାଯାଇଛି। ମେକ୍ସିକୋ ଓ ଭେନେଜୁଏଲା ଭଳି ବିଦେଶ ରାଷ୍ଟ୍ରର ଉଦ୍ଧାର କାର୍ଯ୍ୟକ୍ରମରେ ମଧ୍ୟ ବନ୍ତାରା ସାମିଲ ହୋଇଥିଲା।

## କାରଖାନା ପରିସରରେ ଚାଲିବ ବୈଦ୍ୟୁତିକ ଯାନ

ଭୁବନେଶ୍ୱର,୨୬।୨ (ଅଭୟ ଦାଶ)

ଦେଶର ଅଗ୍ରଣୀ ଇସ୍ପାତ ଉତ୍ପାଦନକାରୀ ସଂସ୍ଥା ତଥା ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର (ଜେଏସ୍‌ପି) ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ଗୋ ଗ୍ରୀନ ଅଭିଯାନର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କମ୍ପାନୀର ଓଡ଼ିଶା ୟୁନିଟ୍ ଜେଏସ୍‌ପି ଅନୁଗୋଳ ଇସ୍ପାତ କାରଖାନା ପରିସରରେ ଉକ୍ତ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜେଏସ୍‌ପି ଅନୁଗୋଳ କାରଖାନା ପରିସରରେ ଗମନାଗମନ ପାଇଁ ୧୦ଟି ଇଲେକ୍ଟ୍ରିକ୍ ବସ୍ ଏବଂ ୨୭ଟି ଇଲେକ୍ଟ୍ରିକ୍ ଭେଇକିଲ (ଇଭି) ନିୟୋଜିତ ହୋଇଛି। ଅପରପକ୍ଷରେ ପରିବେଶର ନିରନ୍ତରତା ଏବଂ ଡିକାର୍ବୋନାଇଜେଶନ ପ୍ରୟାସ ପ୍ରତି ଜେଏସ୍‌ପିର ପ୍ରତିବଦ୍ଧତା ଦିଗରେ ଏହା ଏକ ପ୍ରମୁଖ ପଦକ୍ଷେପ ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଏହି ଅବସରରେ ଜେଏସ୍‌ପିର ଅଧ୍ୟକ୍ଷ ନବୀନ ଜିନ୍ଦଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଇଲେକ୍ଟ୍ରିକ୍ ଯାନଗୁଡ଼ିକୁ ପତାକା ଦେଖାଇ ଶୁଭାରମ୍ଭ କରିବା ସହିତ ପରିବେଶର ନିରନ୍ତରତା ପାଇଁ ଜେଏସ୍‌ପିର ଅତୁଟ ପ୍ରତିବଦ୍ଧତାକୁ ଦୋହରାଇଥିଲେ। ସେହିଭଳି ଜେଏସ୍‌ପିରେ ଆମେ ନିରନ୍ତର ଅଭିବୃଦ୍ଧି ଏବଂ ପରିବେଶ ସୁରକ୍ଷା ପାଇଁ ସର୍ବଦା ପ୍ରୟାସରତ ଥିବାବେଳେ ପ୍ଲାଣ୍ଟ ପରିସରରେ ଇଭି ଯାନର ପ୍ରଚଳନ ଏବଂ ଅନୁଗୋଳ ୟୁନିଟ୍‌ରେ ବ୍ୟାପକ ସୌରଶକ୍ତି ୟୁନିଟ୍ କାର୍ଯ୍ୟକ୍ଷମ ହେବା ସହିତ ନେଟ୍ ଜିରୋ ହାସଲ କରିବା ଏବଂ ଭବିଷ୍ୟତ ପିଢ଼ି ପାଇଁ ଏକ ସ୍ୱଚ୍ଛ ଏବଂ ସବୁଜ ପୃଥିବୀ ନିର୍ମାଣ ଦିଗରେ ଆମର ପ୍ରତିବଦ୍ଧତାକୁ ପୂରଣ କରିବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଜିନ୍ଦଲ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ସେହିପରି ଜେଏସ୍‌ପି ଅନୁଗୋଳ କାରଖାନା ପରିସରରେ ମୋଟ ୨୭ଟି ଇଲେକ୍ଟ୍ରିକ୍ ବସ୍ ଓ ୪୫ଟି ଇଲେକ୍ଟ୍ରିକ୍ ଏସ୍‌ୟୁଭି ଯାନ ପାଇଁ ମଧ୍ୟ ଅର୍ଡର ଦିଆଯାଇଛି। ଉପରୋକ୍ତ ସଂଖ୍ୟକ ସମସ୍ତ ଯାନ ଶୂନ୍ୟ-ନିର୍ଗମନ ବା ଜିରୋ ଏମିଶନ୍ ଯାନ ଭାବେ କାର୍ଯ୍ୟକ୍ଷମ ହେବ। ଏହି ପରିବର୍ତ୍ତନ କାରଖାନାସ୍ତରରେ କାର୍ବନ ନିର୍ଗମନକୁ ହ୍ରାସ କରିବା ସହ କାରଖାନା ପରିସରରେ ଦୁଇଚକିଆ ଯାନର ବ୍ୟବହାରକୁ ଦୂର କରିବା ସହ ପରିଚାଳନାଗତ ନିରାପତ୍ତା ମଧ୍ୟ ବୃଦ୍ଧି କରିବ।



## ସଂକ୍ଷେପରେ

### କଣ୍ଟାବାଞ୍ଜି ରୂପାନ୍ତରିତ ହସ୍ପିଟାଲ ଲୋକାର୍ପିତ

କଣ୍ଟାବାଞ୍ଜି, ୨୬।୨ (ଗୁରୁଦୟାଲ ହଂସ)

ଓଡ଼ିଶା ସରକାରଙ୍କ ଆମ ହସ୍ପିଟାଲ ଯୋଜନାରେ ହସ୍ପିଟାଲ ରୂପାନ୍ତରୀକରଣ ଯୋଜନାରେ କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଆଭାସୀ ଜରିଆରେ ଉଦ୍‌ଘାଟନ କରିଛନ୍ତି। ଏହି ଉପଲକ୍ଷେ ସ୍ଥାନୀୟ ରେଳବାଇ ଫୁଟବଲ ପଡ଼ିଆରେ ଅନୁଷ୍ଠିତ ସଭାରେ ପାଟଣାଗଡ ବିଧାୟକ ସରୋଜ ମେହେର, କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ପୂର୍ବତନ ବିଧାୟକ ଆୟୁବ ଖାଁ, ବିଜେଡି ନେତା ଅଜୟ ଦାସ, ଜିଲା ପରିଷଦ ଉପାଧ୍ୟକ୍ଷ ମିଥିଳା ମାଝି, ଜିଲା ଉନ୍ନୟନ ପରିଷଦ ଉପାଧ୍ୟକ୍ଷ ନିରୂପମା ମାଝି, କଣ୍ଟାବାଞ୍ଜି ମ୍ୟୁନିସିପାଲଟି ଅଧ୍ୟକ୍ଷ ବରିୟମ ସିଂ ସାଲୁଜା, ପର୍ଯ୍ୟବେକ୍ଷକ ରାଜୁ ଘିଭେଲା ଅତିଥି ଭାବେ ଉପସ୍ଥିତ ଥିଲେ।

### ସପ୍ତାହେ ହେବ ଚାଲୁନି ଲକ୍ଷ୍ମୀ ବସ୍

ଲୋଇସିଂହା, ୨୬।୨ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ଲକ୍ଷ୍ମୀ ବସ୍ ସେବା ଆରମ୍ଭ ହୋଇଛି। ହେଲେ ବାଦିବାହାଲ ଦେଇ ଆସୁଥିବା ଲକ୍ଷ୍ମୀ ବସ୍ ସପ୍ତାହ ହେବ ବନ୍ଦ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବ୍ଲକରେ ୩ଟି ଲକ୍ଷ୍ମୀ ବସ୍ ଚାଲୁଛି। ଲୋଇସିଂହା-ତଲିଉଡାର ଓ ବାନିପାଲି ଦେଇ ଗୋଟିଏ, ଲୋଇସିଂହା-ଫାସଡ-କୁଶମେଲ ଓ ରେଙ୍ଗାଲି ଦେଇ ଅନ୍ୟଟି ଏବଂ ଲୋଇସିଂହା-ବୁଢାପଦରର-ଯୋଗୀସର୍ଡା-ବାଦିବାହାଲ, ଲୋଇସିଂହା-ହୀରାପୁର ଦେଇ ଆଉ ଗୋଟିଏ ବସ୍ ଗଡୁଛି। ହେଲେ ଲୋଇସିଂହା-ବାଦିବାହାଲ, ଲୋଇସିଂହା-ହୀରାପୁର ଅଞ୍ଚଳରେ ଚାଲୁଥିବା ବସ୍ ବନ୍ଦ ରହିଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

### ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଶ୍ରମିକଙ୍କୁ ମିଳିନି ପ୍ରାପ୍ୟ

ଲୋଇସିଂହା, ୨୬।୨ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ପଞ୍ଚାୟତ ସଦର ଗ୍ରାମର ଏମ୍‌ଜିଏନ୍‌ଆରଇଜିଏସ୍ ଶ୍ରମିକଙ୍କୁ ପ୍ରାପ୍ୟ ମିଳିନାହିଁ। କାମ କରିବାର ୩ମାସ ବିତି ଯାଇଥିଲେ ସୁଦ୍ଧା ସେମାନଙ୍କୁ ପ୍ରାପ୍ୟ ଦିଆ ଯାଇ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଯୋଗୀସର୍ଡା ଗ୍ରାମ ଖେଳ ପଡିଆ କାମ ୨୦୨୩ ଡିସେମ୍ବର ମାସରେ ଆରମ୍ଭ ହୋଇଥିଲା। ଏଥିରେ ଗ୍ରାମର ହରିଜନ ବସ୍ତିର ଜବକାର୍ଡଧାରୀ ଶ୍ରମିକ ନିୟୋଜିତ ହୋଇଥିଲେ। ବ୍ରଜ ଭଇନା, ରସିଆ ଦୀପ, ଅମର ଦୀପ, ସୁରସିଂ ଭଇନା, ପରକ୍ଷିତ ବାରିକଙ୍କ ସହ ୭୦ଜଣ ଶ୍ରମିକ ନିୟୋଜିତ ହୋଇଥିଲେ। ସେମାନେ ୧ ମାସ ଧରି ପଡିଆ କାମରେ ନିୟୋଜିତ ହୋଇଥିଲେ। କିଏ ୫୦ପିଟ ତ ଆଉ କିଏ ୬୦ ଓ ୭୦ ପିଟ ମାଟି ଉଠାଣ କରିଥିଲେ। ସପ୍ତାହକ ମଧ୍ୟରେ ପାଉଣା ପ୍ରଦାନ ନିୟମ ରହିଛି। ୩ ମାସରୁ ଅଧିକ ଦିନ ବିତି ଯାଇଥିଲେ ବି ପାଉଣା ମିଳି ନ ଥିବାରୁ ଆର୍ଥିକ ଦୁର୍ଗତିରେ ଦିନ କାଟୁଥିବା ସେମାନେ ଅଭିଯୋଗ କରିଛନ୍ତି।

# ଚାଷୀଙ୍କ ଦାବି ଶୁଣିଲାନି ପ୍ରଶାସନ

ଲୋଇସିଂହା, ୨୬।୨ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଅନ୍ତର୍ଗତ ୫ ପଞ୍ଚାୟତର ଚାଷୀ ଲୋୟର ସୁକତେଲ ପ୍ରକଳ୍ପ ଜଳସେଚନରୁ ବଞ୍ଚିତ ହୋଇଛନ୍ତି। ଜିଲା ପ୍ରଶାସନ ଜରିଆରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ। ଏହାକୁ ନେଇ ଆଗଲପୁର ବ୍ଲକ କୃଷକ ସଂଘର୍ଷ ସମିତି ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ସମ୍ପୃକ୍ତ ଅଞ୍ଚଳବାସୀଙ୍କୁ ଅଣଦେଖା ପ୍ରତିବାଦରେ କୃଷକ ସଂଘର୍ଷ ସମିତି ପକ୍ଷରୁ ଆଗାମୀ ୨୮ତାରିଖରେ ରାସ୍ତାରୋକୋ କରିବାକୁ ନିଷ୍ପତ୍ତି ନିଆଯାଇଛି। ସୋମବାର ଲୋଇସିଂହା ପଞ୍ଚାୟତ ଅଫିସ ପରିସରରେ ସମିତି ପକ୍ଷରୁ ଖବରଦାତା ସମ୍ମିଳନୀ କରି ଏନେଇ ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ କୃଷକ ସଂଘର୍ଷ ସମିତିର ବରିଷ୍ଠ ସଭ୍ୟ କୃଷ୍ଣଚନ୍ଦ୍ର ନାଏକ, କ୍ଷମା ଦଳପତି, ଆଶୋକ କୁମାର ପଟେଲ,



ଖବରଦାତା ସମ୍ମିଳନୀରେ ଚାଷୀନେତାମାନେ।

ପୂର୍ଣ୍ଣଚନ୍ଦ୍ର ସାହୁ, ଶ୍ୟାମସୁନ୍ଦର ବିଶ୍ୱାଳ ଉପସ୍ଥିତ ଥିଲେ। ସେମାନେ କହିଥିଲେ ଯେ, ଆଗଲପୁର ବ୍ଲକ ନଅଗାଁ(ଖ), ବେନ୍ଦ୍ରା, ବଡଟିକା, ଝରଣୀପାଲି ଓ ନୁନିଆପାଲି ପଞ୍ଚାୟତ ଲୋୟର ସୁକତେଲ ଜଳ ସେଚନ ପ୍ରକଳ୍ପର ପାଦ ତଳେ ଥିଲେ ସୁଦ୍ଧା ଜଳ ସେଚନରୁ ବଞ୍ଚିତ ହୋଇଛି। ୫-ଟି ଅଧ୍ୟକ୍ଷଙ୍କ ଲୋଇସିଂହା ଗସ୍ତ ବେଳେ ସମ୍ପୃକ୍ତ ଅଞ୍ଚଳକୁ ଜଳ ସେଚନ ପାଇଁ କୃଷକ ସଂଘର୍ଷ ସମିତି ପକ୍ଷରୁ ଦୃଷ୍ଟି ଆକର୍ଷଣ କରାଯାଇଛି। ଜଳ ସେଚନ ଦାବିରେ ସରକାରଙ୍କ ଉପରେ ଚାପ ପକାଇବା ପାଇ ଗାଁ ଗାଁରେ ସମିତି ପକ୍ଷରୁ ଚାଷୀଙ୍କୁ ଜନ ଜାଗରଣ କରିବା ସହ ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସରକାରଙ୍କ ଉଦାସୀନତାକୁ ନେଇ କୃଷକ ସଂଘର୍ଷ ସମିତି ବୈଠକରେ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ବୈଠକରେ କୃଷିଋଣ ଛାଡ, ଇନପୁଟ ସବ୍‌ସିଡି ପ୍ରଦାନ, ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଆଦି ଦାବି ରହିଛି। ୫ ପଞ୍ଚାୟତ ଚାଷୀଙ୍କ ବିବିଧ ସମସ୍ୟାକୁ ନେଇ ସର୍ବସମ୍ମତିକ୍ରମେ ଫେବୃୟାରୀ ୨୮ରେ ଆନ୍ଦୋଳନ କରିବାକୁ ଜିଲା ପ୍ରଶାସନକୁ ଜଣାଇ ଦିଆଯାଇଛି। ଇତିମଧ୍ୟରେ ଗୋଟିଏ ସପ୍ତାହ ହେବାକୁ ଯାଇଥିଲେ ସୁଦ୍ଧା ଜିଲା ପ୍ରଶାସନ କିମ୍ବା ସରକାରଙ୍କଠାରୁ କୌଣସି ପ୍ରତିଶ୍ରୁତି ନ ମିଳିବା ଚାଷୀଙ୍କୁ ରାସ୍ତାରୋକୋ କରିବାକୁ ବାଧ୍ୟ କରୁଛି ବୋଲି କୃଷକ ସଂଘର୍ଷ ସମିତି ପକ୍ଷରୁ କୁହାଯାଇଛି। ଏହିଦିନ ଜରୁରୀକାଳୀନ ସେବା ସହ ମାଟ୍ରିକ ଏବଂ ଅନ୍ୟଶ୍ରେଣୀର ପରୀକ୍ଷାରେ ପରୀକ୍ଷାର୍ଥୀ ଓ ଅଭିଭାବକଙ୍କୁ କୌଣସି ବାଧା ଦିଆଯିବ ନାହିଁ ବୋଲି ବୋଲି ଖବରଦାତା ସମ୍ମିଳନୀରେ କୁହାଯାଇଛି।

## ଆମ ହସ୍ପିଟାଲ ରୂପାନ୍ତରୀକରଣ ଉଦ୍‌ଘାଟିତ



ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ଟୁକୁନୀ ସାହୁ ଓ ଅନ୍ୟମାନେ।

ଟିଟିଲାଗଡ, ୨୬।୨ (ଶରତ ମିଶ୍ର)

ଟିଟିଲାଗଡ ଉପଖଣ୍ଡ ଚିକିତ୍ସାଳୟ ଆମ ହସ୍ପିଟାଲ ରୂପାନ୍ତରୀକରଣକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭାସୀ ମାଧ୍ୟମରେ ସୋମବାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଟିଟିଲାଗଡଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଟୁକୁନୀ ସାହୁ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟିଟିଲାଗଡ ଉପଜିଲାପାଳ ରେହାନ ଖତ୍ରୀ, ମନ୍ତ୍ରୀଙ୍କ ପ୍ରତିନିଧି ଅରୁଣ ମିଶ୍ର, ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା ନାଏକ, ପୌର ଉପାଧ୍ୟକ୍ଷା ପୁଷ୍ପାମଞ୍ଜରୀ ଜାଲ, ଜିଲା ପରିଷଦ ସଦସ୍ୟା ଗୀତା ବିଶି, ଏଡିଏମ୍‌ଓ ବଲାଙ୍ଗୀର, ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୀପ ନାୟକ, ଜିଲା ସ୍ୱାସ୍ଥ୍ୟ ସଂଯୋଜକ ସନ୍ତୋଷ, ଏଏଚଏମ ଦୀପ୍ତିକାନ୍ତ ପ୍ରଧାନ, କଲ୍ୟାଣ ବୋଷ, ଉମାଦେବୀ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର



ଜନଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀ ଓ ଜନ ପ୍ରତିନିଧି।

ଦେଓଗାଁ, ୨୬।୨ (କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ କ୍ଷମାନିଧି ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୁଣାଣିରେ ଅତିରିକ୍ତ ଜିଲାପାଳ ପବିତ୍ର ବେହେରା, ଡେପୁଟି କଲେକ୍ଟର ସଚ୍ଚିଦାନନ୍ଦ ମିଶ୍ର, ଆସିଷ୍ଟାଣ୍ଟ କଲେକ୍ଟର ସସ୍ମିତା ପ୍ରଧାନ, ଆରକ୍ଷୀ ଅଧୀକ୍ଷକ ରିଶିକେଶ ଖିଲାରୀ ଯୋଗଦେଇ ପଞ୍ଜୀକୃତ ୭୦ ଅଭିଯୋଗର ଶୁଣାଣି କରିଥିଲେ। ଦେଓଗାଁ ୨୬ ନଂ ଜାତୀୟ ରାଜପଥ ରାଏପାଲି ଛକରୁ ରାଏପାଲି ଗାଁକୁ ସ୍ଥାୟୀ ରାସ୍ତା ନିର୍ମାଣ ଦିଗରେ ପ୍ରଶାସନ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଥିଲେ। ନିର୍ବାଚନ ପୂର୍ବରୁ ଏ ଦିଗରେ ପଦକ୍ଷେପ ନ ନେଲେ ଭୋଟ ବର୍ଜନ କରିବୁ ବୋଲି ଧନୁର୍ଯ୍ୟ କରଣ, ଆର୍ତ୍ତ ଘିଭେଲା, ଧ୍ରୁବା ମଟାରୀ, ମାର୍କଣ୍ଡ ଘିଭେଲା, ମଙ୍ଗଳବାରୀ ଭଣ୍ଡା, ସନ୍ତୋଷିନୀ କରଣ ଲିଖିତ ଅଭିଯୋଗ କରିଥିଲେ। କୁଲିଆବାହାଲରେ ଏକ ପ୍ରକଳ୍ପ ପାଇଁ ଅନୁଦାନ ଆସିଥିଲେ ହେଁ କାମ ନ ହୋଇ ପଡି ରହିବାକୁ ନେଇ ସ୍ଥାନୀୟ ସମିତି ସଭ୍ୟ ଲକ୍ଷ୍ମଣ କୁମାର ମେହେର ଅଭିଯୋଗ କରିଥିଲେ। ସେପରି କୁହିମୁଣ୍ଡାରେ ଗଭୀର ନଳକୂପ ଖନନ କରାଯାଇଥିବାବେଳେ ବିଦ୍ୟୁତ ସଂଯୋଗ କରାଯାଉ ନ ଥିବା ନେଇ ଅଗ୍ରଣୀ ଚାଷୀ ଶମ୍ଭୁଭୂଷଣ ସାହୁ ଅଭିଯୋଗ କରିଥିଲେ। ଉପରଝର ଭାୟା ଫଟାମୁଣ୍ଡା ପୂର୍ତ୍ତ ରାସ୍ତା ନିକଟ ଚାଷ ଜମିକୁ ଲାଗି ବିଭାଗ ତରଫରୁ ଗାର୍ଡୱାଲ କାମ ଅଧାପନ୍ତରିଆ ଓ ନିମ୍ନମାନର କରି ପକାଇ ରଖିବା ଦ୍ୱାରା ଚାଷ ଜମି ନଷ୍ଟ ହୋଇଥିବା ନେଇ ଚାଷୀ ରଜନୀକାନ୍ତ ପଟେଲ ଅଭିଯୋଗ କରିଥିଲେ। ଏହି ଶିବିରରେ ଜିଲାସ୍ତରୀୟ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ନିଖୋଜ ୩ନାବାଳିକା ଛତିଶଗଡ଼ରୁ ଠାବ

ଟିଟିଲାଗଡ଼, ୨୬।୨ (ଶରତ ମିଶ୍ର)

ବୁଲିଯିବାକୁ କହି ଘରୁ ବାହାରିଥିବା ଟିଟିଲାଗଡର ତିନି ଜଣ ନାବାଳିକା ରବିବାର ସନ୍ଧ୍ୟାରେ କୁଆଡେ ନିଖୋଜ ହୋଇଯାଇଥିଲେ। ବହୁ ଖୋଜାଖୋଜି ପରେ ସେମାନଙ୍କର କୌଣସି ପତ୍ତା ମିଳି ନ ଥିଲା। ପରିବାର ଲୋକେ ଟିଟିଲାଗଡ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଆଖପାଖ ଅଞ୍ଚଳରେ ଲାଗିଥିବା ସିସି ଟିଭିକୁ ଅନୁଧ୍ୟାନ କରି ତଦନ୍ତ ଜାରି ରଖିଥିଲା। ବିଭିନ୍ନ ସୂତ୍ରରୁ ଖବର ସଂଗ୍ରହ ପରେ ସୋମବାର ନିଖୋଜ ନାବାଳିକାମାନଙ୍କୁ ଛତିଶଗଡ଼ ରାଜ୍ୟ ବାଗବାହାରରୁ ଉଦ୍ଧାର କରିଛି ଟିଟିଲାଗଡ ପୋଲିସ। ସେମାନଙ୍କୁ ଆଣିବା ପାଇଁ ପୋଲିସ ସେଠାକୁ ଯାଇଥିବା ଆଇଆଇସି ଅବନୀ ସାହୁ କହିଛନ୍ତି।

## ରୂପାନ୍ତରିତ ଖପ୍ରାଖୋଲ ସିଏଚ୍‌ସି ଲୋକାର୍ପିତ

ଖପ୍ରାଖୋଲ, ୨୬।୨ (ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସଦର ମହକୁମାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ ହସ୍ପିଟାଲ ଯୋଜନାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ସୋମବାର ଉଦ୍‌ଘାଟନ କରିଛନ୍ତି। ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ଆୟୋଜିତ ଭବ୍ୟ ସମାରୋହରେ ପାଟଣାଗଡ ଉପଜିଲାପାଳ ଅମିତ କୁମାର ନାୟକ, ଉପଖଣ୍ଡ ପୋଲିସ ଅଧିକାରୀ ସଦାନନ୍ଦ ପୂଝାରୀ, ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ବ୍ଲକ ଅଧ୍ୟକ୍ଷା ନିରୂପମା ପଟେଲ, ଉପାଧ୍ୟକ୍ଷ ସୁଖୀରାମ ସାଣ୍ଡ, ବିଧାୟକ ପ୍ରତିନିଧି ରମେଶ ପ୍ରଧାନ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମେଡିକାଲ ଅଫିସର ଡାକ୍ତର ସୁରଜ ଦୀପ, ସହକାରୀ ଯନ୍ତ୍ରୀ କୁଳମଣି ଭୋଇ, କନିଷ୍ଠ ଯନ୍ତ୍ରୀ ରାଜକିଶୋର ନାଏକ, ବଳଭଦ୍ର ନାଏକ, ସୂର୍ଯ୍ୟଭାନୁ ମେହେର, ଯୋଗାଣ ନିରୀକ୍ଷକ ବିକାଶ ବାର୍ଲା, ଏପିଓ ପ୍ରଶାନ୍ତ ସାହୁ, ଜିପିଇଓ ପରମେଶ୍ୱର ନାଏକ ଉପସ୍ଥିତ ଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୂପାନ୍ତରିତ କାମ ନିର୍ମାଣାଧୀନ ଥିବା ବେଳେ ତୋରଣ ଅଧାପନ୍ତରିଆ ହୋଇଥିବାରୁ ତାକୁ ଧଳା କପଡ଼ା ଦେଇ ଘୋଡ଼ା ଯାଇଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ କାର୍ଯ୍ୟକ୍ରମ ବାହାରେ ଓ ଭିତରେ କେତେକ ଯୁବକ ଅସନ୍ତୋଷ ପ୍ରକାଶ କରିଥିଲେ। ପରେ ବିଡ଼ିଓ ସେମାନଙ୍କୁ ବୁଝାଶୁଝା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲେ।

## ସ୍ୱୀକୃତି ପାଇଁ ଲଢ଼େଇ ଜାରି ରଖିବାକୁ ପଡ଼ିବ



କୋଶଳୀ ଦିନ ପାଳନ ଅବସରରେ ମଞ୍ଚାସୀନ ଅତିଥି।

### ଟିଟିଲାଗଡ଼ରେ କୋସଲି ଦିନ ପାଳିତ

ଟିଟିଲାଗଡ, ୨୬।୨ (ଶରତ ମିଶ୍ର)

କୋସଲି ଭାଷା ସୁରକ୍ଷା ସମିତି ପକ୍ଷରୁ କୋସଲି ଭାଷା ଆନ୍ଦୋଳନର ରଥୀ ପଣ୍ଡିତ ପ୍ରୟାଗଦତ୍ତ ଯୋଷୀଙ୍କ ଜନ୍ମ ଦିନକୁ କୋସଲି ଦିନ ଭାବେ ସ୍ଥାନୀୟ ମହାବୀର ଧର୍ମଶାଳାରେ ସୋମବାର ପାଳନ କରାଯାଇଛି। ଆୟୋଜିତ ସଭାରେ ସମିତି ଅଧ୍ୟକ୍ଷ ଭିକାରୀ ଚରଣ ମିଶ୍ର ସଭାପତିତ୍ୱ କରିଥିଲେ। ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ଯୁଗଳ କିଶୋର ଷଡଙ୍ଗୀ, ଚଉଷଠି ଯୋଗିନୀ କଳା ସାହିତ୍ୟ ପରିଷଦ ସଭାପତି ଡ. ନାରାୟଣ ମିଶ୍ର, ସାହିତ୍ୟ ସଂସ୍କୃତିର ସଭାପତି ଜ୍ୟୋତି ପ୍ରକାଶ ଗଡତ୍ୟା, କୋସଲି ସାଂସ୍କୃତିକ ମହାଯୋଟର ଟିକେଲାଲ ବେହେରା, ସମିତି ସଭାପତି ଦିଲୀପ କୁମାର ପସାୟତ ମଞ୍ଚାସୀନ ଥିଲେ। କୋସଲି ଆମର ଭାଷା, ଆମର ଅସ୍ମିତା, ଆମ ଜୀବନର ସ୍ପନ୍ଦନ ଏହାର ସ୍ୱୀକୃତି ଓ ପ୍ରତିଷ୍ଠା ପାଇଁ ଆମକୁ ଲଢେଇ ଜାରି ରଖିବାକୁ ପଡିବ। ଡ: ଯୋଷୀଙ୍କ ଏହି ସ୍ୱରରେ ସ୍ୱର ମିଳାଇ ଦାବି ହାସଲ କରିବାକୁ ହେବ। କୋସଲି ଭାଷାକୁ ସାମ୍ବିଧାନିକ ସ୍ୱୀକୃତି, ଏହି ଭାଷାରେ ଅକାଡେମୀ ପ୍ରତିଷ୍ଠା, ପ୍ରାଥମିକସ୍ତରରେ ଶିକ୍ଷାଦାନ ତଥା ଏହାର ବିକାଶ ପାଇଁ ବିଶ୍ୱବିଦ୍ୟାଳୟରେ ଗବେଷଣା ବ୍ୟବସ୍ଥା ଗ୍ରହଣ କରିବା ପ୍ରଭୃତି ଉପରେ ଅତିଥିମାନେ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ରଶ୍ମି ରଞ୍ଜନ ବାଗ, ମହେନ୍ଦ୍ର ପାଣିଗ୍ରାହୀ, ନୀଳମଣି ସାହୁ, ସେବକ ଚରଣ ଦାଶ, କୁବେର ବେହେରା, ଦ୍ରୁବ ହରପାଲ ସହଯୋଗ କରିଥିଲେ।

## ଗୀତିକାର ଉଦୟନାଥ ଦର୍ଜୀଙ୍କୁ ଶ୍ରଦ୍ଧାର୍ପଣ



ଗୀତିକାର ଉଦୟନାଥ ଦର୍ଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

ବଲାଙ୍ଗୀର, ୨୬।୨ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ୧୯୭୭ ସାମାଜିକ ସାଂସ୍କୃତିକ ସଂଘ ପକ୍ଷରୁ ମହାନ କଳାକାର ଏବଂ ଗୀତିକାର ସ୍ୱର୍ଗତ ଉଦୟନାଥ ଦର୍ଜୀଙ୍କ ଦ୍ୱାଦଶାହ ଗଙ୍ଗାଶ୍ରାଦ୍ଧ ଉପଲକ୍ଷେ ସୁଦପଡା କଲ୍ୟାଣ ମଣ୍ଡପରେ ଶ୍ରଦ୍ଧାଞ୍ଜଳି ସମାରୋହ ଅନୁଷ୍ଠିତ ହୋଇଥିଲା। ଅତିଥିମାନେ ଗୀତକାର, ଆକାଶବାଣୀର ସ୍ୱୀକୃତ କଳାକାର, ସୁଦକ୍ଷ ଅଭିନେତା, ଅପ୍ରତିଦ୍ୱନ୍ଦ୍ୱୀ କୀର୍ତ୍ତନ ଗୁରୁ, ପାଲା ଓ ଦାସକାଠିଆ ଗାୟକମାନଙ୍କ ପ୍ରିୟ ସମ୍ବଲପୁରୀ ଗୀତକାର, କ ରୁ କ୍ଷ ପର୍ଯ୍ୟନ୍ତ ଓଡ଼ିଆ ଆଦ୍ୟାକ୍ଷରରେ ମା' ସମଲାଇଙ୍କ ଅନେକ ସ୍ତୁତି ରଚୟିତା ଦର୍ଜୀଙ୍କ ସ୍ମୃତିଚାରଣ କରିଥିଲେ। ସଭାପତି ରତନ କୁମାର ମହାରଣା, ସମ୍ପାଦକ ଡ. ସୁକାନ୍ତ ପୁରୋହିତ, କୋଷାଧ୍ୟକ୍ଷ ବ୍ରଜବନ୍ଧୁ ସାଏ, ନରେନ୍ଦ୍ର ଆଚାର୍ଯ୍ୟ, ସୁବାସ ଚନ୍ଦ୍ର ଶତପଥୀ, ସନ୍ତୋଷ କୁମାର ତ୍ରିପାଠୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ମୁରିବାହାଲ ପଞ୍ଚାୟତ କପ: ଗମ୍ଭୀରିଖୋଲା ଚାମ୍ପିୟନ

ମୁରିବାହାଲ, ୨୬।୨ (ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଗ୍ରାମ ପଞ୍ଚାୟତ ବରାଜୁରା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଗ୍ରାମ ପଞ୍ଚାୟତ କପ ସୋମବାର ସମାପନ ହୋଇଛି। ପଞ୍ଚାୟତର ୮ଟି ଦଳକୁ ଦେଇ ଆୟୋଜିତ ଟୁର୍ନାମେଣ୍ଟରେ ସୋମବାର ୩ଟି ମ୍ୟାଚ ଖେଳାଯାଇଥିଲା। ପ୍ରଥମ ସେମିଫାଇନାଲ ଘଣ୍ଟବାହାଲ ଓ ଗମ୍ଭାରିଖୋଲା ମଧ୍ୟରେ ହୋଇଥିଲା। ଗମ୍ଭାରିଖୋଲା ୫ ଉଇକେଟରେ ବିଜୟୀ ହୋଇ ଫାଇନାଲକୁ ଯାଇଥିଲା। ଦ୍ୱିତୀୟ ସେମିଫାଇନାଲ ବନବାହଲ ଓ ମୁରିବାହାଲ ମଧ୍ୟରେ ହୋଇଥିଲା। ଏଥିରେ ମୁରିବାହାଲ ଦଳ ୩୬ ରନରେ ବିଜୟୀ ହୋଇଥିଲା। ଫାଇନାଲ ଖେଳ ମୁରିବାହାଲ ଓ ଗମ୍ଭରିଖୋଲା ମଧ୍ୟରେ ହୋଇଥିଲା। ଗମ୍ଭାରିଖୋଲ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୩ଉଇକେଟ ହରାଇ ୧୦୬ ରନ କରିଥିଲା। ଜବାବରେ ମୁରିବାହାଲ ଦଳ ୮ଉଇକେଟ ହରାଇ ମାତ୍ର ୭୦ରନରେ ସୀମିତ ରହିଥିଲା। ଫଳରେ ଗମ୍ଭାରିଖୋଲା ୩୬ରନରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁରିବାହାଲ ସରପଞ୍ଚ ବିଶ୍ୱବିହାରୀ ଯୋଶୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥିଭାବେ ବିଶିଷ୍ଟ କ୍ରୀଡାବିତ କେଦାର ବଡ଼ଜେନା, ଆନନ୍ଦ ତାଣ୍ଡି, ହସମୁଖ ଛତ୍ରିଆ, ମହେନ୍ଦ୍ର ରଣା, ପୋରନ୍ଦର ମହାଲିଙ୍ଗ ଉପସ୍ଥିତ ଥିଲେ।

ଶ୍ରେଷ୍ଠ ଖେଳାଳିଭାବେ ରାଜୁ ହାତୀଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଟୁର୍ନାମେଣ୍ଟ ଆୟୋଜନରେ ଆୟୋଜକ କମିଟି ସଭାପତି ଗିରିଧାରୀ ଛତ୍ରିଆ, ସମ୍ପାଦକ ଭକ୍ତ ଚରଣ ମହାନନ୍ଦ, କୋଷାଧ୍ୟକ୍ଷ ଗଣେଶ ମହାନନ୍ଦ, କବିରାଜ ବାଗ, ରବି ବାଗ, ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କ ସହ ଚାମ୍ପିୟନ ଦଳର ଖେଳାଳିମାନେ।

## ପିସିସି ପାଟଣାଗଡ଼କୁ ହରାଇଲା ଟିସିସି ଟିଟିଲାଗଡ଼

### ସୋନିଆ ମେମୋରିଆଲ କ୍ରିକେଟ

ଲାଠୋର, ୨୬।୨ (ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଜୟ ମା' ବମ୍ବେନ କ୍ରିକେଟ କ୍ଲବ ଆନୁକୂଲ୍ୟରେ ସୋମବାର ୧୪ତମ ଆନ୍ତଃଜିଲା ସୋନିଆ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୀତଳ ଅଗ୍ରୱାଲ କ୍ରୀଡା ପତାକା ଉତ୍ତୋଳନ କରିଥିଲେ। ସମ୍ମାନୀତ ଅତିଥିଭାବେ ପୂର୍ବତନ ସରପଞ୍ଚ ପ୍ରବୀଣ ଅଗ୍ରୱାଲ ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ପିସିସି ପାଟଣାଗଡ ଏବଂ ଟିସିସି ଟିଟିଲାଗଡ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ୨୦ ଓଭରରେ ଟିଟିଲାଗଡ ପ୍ରଥମେ ବ୍ୟାଟିଂ କରି ୬ ଉଇକେଟ ବିନିମୟରେ ୧୯୦ ରନ କରିଥିଲା। ଦଳ ପକ୍ଷରୁ ରିତେଶ ପାଣ୍ଡେ ୫୩ ବଲରେ ୯୪ ରନ କରିଥିଲେ। ସେ ଶେଷ ଓଭରରେ ୫ଟି ଛକା ଏବଂ ଗୋଟିଏ ଚୌକା ମାରି ଦର୍ଶକଙ୍କ ମନ ମୋହିଥିଲେ। ୧୯୦ରନକୁ ପିଛା କରି ପାଟଣାଗଡ ଦଳ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ହରାଇ ୧୫୬ ରନ କରି ପରାଜିତ ହୋଇଥିଲା। ଖେଳ ପରିଚାଳନା ଓସିଏ ସୀକୃତିପ୍ରାପ୍ତ ଚୂଡ଼ାମଣି ପାଢ଼ୀ ଏବଂ ହନୁ ଅଗ୍ରୱାଲ କରିଥିଲେ। ଥାର୍ଡ ଅମ୍ପେୟାରଭାବେ ଭରତ ଥାପା ଦାୟିତ୍ୱ ବହନ କରିଥିଲେ। ସ୍କୋରର ଅମିତ ଭଇଁସାଲ, ଧାରା ବିବରଣୀ ପ୍ରଦାନ କରିଥିଲେ ଅକ୍ଷୁର ହାତୀ। ଆୟୋଜକ କ୍ରିକେଟ କ୍ଲବ ସଭାପତି ରବି ସୋନି, ସମ୍ପାଦକ ମନୁ ସିଂ, ସୁନିଲ ଘିଭେଲା, ବେନାର ତାଣ୍ଡିଙ୍କ ସହ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ।



ଦୁଇ ଦଳର ଖେଳାଳିଙ୍କ ସହ ଅତିଥିମାନେ।

## 'ହକ୍ ଜାହିର କରିବା ଗଣତାନ୍ତ୍ରିକ ଅଧିକାର'

### ଗ୍ରାମୀଣ ଡାକସେବକ ୟୁନିଅନ୍‌ର ଦ୍ୱିବାର୍ଷିକ ସମ୍ମିଳନୀ

ବଲାଙ୍ଗୀର, ୨୬।୨ (ବୀରେନ୍ଦ୍ର କୁମାର ଝାଙ୍କର)

ସର୍ବଭାରତୀୟ ଗ୍ରାମୀଣ ଡାକସେବକ ୟୁନିୟନ୍ ବଲାଙ୍ଗୀର ଶାଖାର ଦ୍ୱିବାର୍ଷିକୀ ସମ୍ମିଳନୀ ମୁଖ୍ୟ ଡାକଘର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ୟୁନିୟନର ବଲାଙ୍ଗୀର ସଭାପତି ଜୟକୃଷ୍ଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟଅତିଥିଭାବେ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ସମ୍ମାନୀତ ଅତିଥି ପଶ୍ଚିମ ଓଡ଼ିଶା ଯୁଗ୍ମ ଟ୍ରେଡ ୟୁନିୟନ୍ ସଭାପତି ତଥା କୋଶଳବାଦୀ ନେତା ପ୍ରମୋଦ କୁମାର ମିଶ୍ର ଏବଂ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପୋଷ୍ଟମାଷ୍ଟର ଦାମୋଦର ମିଶ୍ର ଯୋଗ ଦେଇଥିଲେ। ଗ୍ରାମୀଣ ଡାକସେବକଙ୍କ ବିଭିନ୍ନ ଦାବି ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ଏହି ନ୍ୟାର୍ଯ୍ୟ ଦାବିଗୁଡିକ ପୂରଣ କରିବାରେ ସରକାରଙ୍କ ଅବହେଳାକୁ ଅତିଥିମାନେ ତୀବ୍ର ସମାଲୋଚନା କରିବା ସହ ସମ୍ମିଳିତ ଉଦ୍ୟମ ଏବଂ ସାଙ୍ଗଠନିକ ଶକ୍ତି ଦ୍ୱାରା ଅଧିକାର ହାସଲ କରାଯାଇପାରିବ ବୋଲି କହିଥିଲେ। ହକ୍ ଜାହାରି କରିବା ଗଣତାନ୍ତ୍ରିକ ଅଧିକାର ବୋଲି ଅତିଥିମାନେ କହିଥିଲେ। ସମ୍ମିଳନୀରେ ବ୍ରହ୍ମାନନ୍ଦ ବନ୍‌ଛୋର, ଛବିଲାଲ ସାହୁ, ନୀଳାଧର ପାଣିଗ୍ରାହୀ, କ୍ଷୀରୋଦ୍ର ଗଡତ୍ୟା, ବିଶ୍ୱାମିତ୍ର ସାହୁ, ମଧୁସୂଦନ ତ୍ରିପାଠୀ ଏବଂ ଅଖିଳ ଭାରତୀୟ ଗ୍ରାମୀଣ ଡାକସେବକ ସଂଘ ବଲାଙ୍ଗୀର ଶାଖାର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।




ଗ୍ରାମୀଣ ଡାକସେବକ ୟୁନିୟନ୍ ବଲାଙ୍ଗୀର ଶାଖାର ଦ୍ୱିବାର୍ଷିକୀ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

## ସଂକ୍ଷେପରେ

### କଣ୍ଟାବାଞ୍ଜି ରୂପାନ୍ତରିତ ହସ୍ପିଟାଲ ଲୋକାର୍ପିତ

କଣ୍ଟାବାଞ୍ଜି, ୨୬।୨(ଗୁରୁଦୟାଲ ହଂସ) ଓଡ଼ିଶା ସରକାରଙ୍କ ଆମ ହସ୍ପିଟାଲ ଯୋଜନାରେ ହସ୍ପିଟାଲ ରୂପାନ୍ତରୀକରଣ ଯୋଜନାରେ କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଆଭାସୀ ଜରିଆରେ ଉଦ୍‌ଘାଟନ କରିଛନ୍ତି। ଏହି ଉପଲକ୍ଷେ ସ୍ଥାନୀୟ ରେଳବାଇ ଫୁଟବଲ ପଡ଼ିଆରେ ଅନୁଷ୍ଠିତ ସଭାରେ ପାଟଣାଗଡ ବିଧାୟକ ସରୋଜ ମେହେର, କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ପୂର୍ବତନ ବିଧାୟକ ଆୟୁବ ଖାଁ, ବିଜେଡି ନେତା ଅଜୟ ଦାସ, ଜିଲା ପରିଷଦ ଉପାଧ୍ୟକ୍ଷ ମିଥିଳା ମାଝି, ଜିଲା ଉନ୍ନୟନ ପରିଷଦ ଉପାଧ୍ୟକ୍ଷ ନିରୂପମା ମାଝି, କଣ୍ଟାବାଞ୍ଜି ମ୍ୟୁନିସିପାଲଟି ଅଧ୍ୟକ୍ଷ ବରିୟମ ସିଂ ସାଲୁଜା, ପର୍ଯ୍ୟବେକ୍ଷକ ରାଜୁ ଘିଭେଲା ଅତିଥି ଭାବେ ଉପସ୍ଥିତ ଥିଲେ।

# ମନମୁଣ୍ଡାକୁ ଏନ୍‌ଏସି ଦାବିରେ ୧୨ ଘଣ୍ଟିଆ ବନ୍ଦ

ମନମୁଣ୍ଡା, ୨୬।୨(ବେଣୁଧର ପ୍ରଧାନ)


ମନମୁଣ୍ଡା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବନ୍ଦ ପାଳନରେ ସାମିଲ ସଦସ୍ୟ।

ରାଜ୍ୟ ସରକାର ରାଜ୍ୟରେ ୩୫ ଗୋଟି ସ୍ଥାନକୁ ଏନଏସି ଘୋଷଣା କରିଛନ୍ତି। ବୌଦ୍ଧ ଜିଲା ମନମୁଣ୍ଡା ଏଥିରୁ ବାଦ୍ ପଡ଼ିଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି। ମନମୁଣ୍ଡାବାସୀଙ୍କ ଦୀର୍ଘ ଦିନର ଦାବିକୁ ରାଜ୍ୟ ସରକାର ଅଣଦେଖା କରିଥିବା ଅଭିଯୋଗ କରିଛନ୍ତି। ଏନେଇ ସୋମବାର ମନମୁଣ୍ଡାଠାରେ ୧୨ ଘଣ୍ଟିଆ ବନ୍ଦ ପାଳିତ ହୋଇଛି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ହୋଇଥିଲା। ମନମୁଣ୍ଡା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏହି ବନ୍ଦ ପାଳନ କରାଯାଇଥିଲା। ବନ୍ଦ ପାଳନ ସ୍ୱତଃସ୍ଫୂର୍ତ୍ତ ଭାବେ ହୋଇଥିଲା। ବନ୍ଦ ଯୋଗୁ ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥର ମନମୁଣ୍ଡାଠାରେ ଶହ ଶହ ସଂଖ୍ୟାରେ ଯାନବାହନ ଅଟକି ରହିଥିଲା। ଦୋକାନବଜାର, ସରକାରୀ, ବେସରକାରୀ କାର୍ଯ୍ୟାଳୟ, ବିଦ୍ୟାଳୟ, ମହାବିଦ୍ୟାଳୟ ବନ୍ଦ ରହିଥିଲା। ମନମୁଣ୍ଡାଠାରେ ଗତ କିଛି ଦିନ ତଳେ ଅସୁରଗଡ ମହୋତ୍ସବ ସଭାରେ କଣ୍ଟାମାଳ ବିଧାୟକ ମହୀଧର ରଣା ମନମୁଣ୍ଡାକୁ ଏନଏସି ଘୋଷଣା ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆନ୍ଦୋଳନ ସମୟରେ ଆନ୍ଦୋଳନକାରୀମାନେ ବିଧାୟକଙ୍କ ପ୍ରତିଶ୍ରୁତି କୁଆଡେ ଗଲା ବୋଲି ପ୍ରଶ୍ନ କରିବା ସହ ବିଧାୟକ ମହୀଧର ରଣାଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ମନମୁଣ୍ଡା ଏନଏସି ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି।

# ମହାଲିକପଡ଼ା ପଞ୍ଚାୟତର ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ, ଉଦ୍‌ଘାଟନ

ତଳଗାଁ, ୨୬।୨(କୁନା ବେହେରା)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ମହାଲିକପଡ଼ା ପଞ୍ଚାୟତର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସୋମବାର ଭିତ୍ତିପ୍ରସ୍ତର ସ୍ଥାପନ ସହିତ ଶୁଭ ଉଦ୍‌ଘାଟନ କରାଯାଇଛି। ଉକ୍ତ ସମସ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଓଡିଶା ସରକାରଙ୍କ ପଞ୍ଚାୟତିରାଜ, ପାନୀୟ ଜଳ, ଜଙ୍ଗଲ ପରିବେଶ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗ ଦେଇ ପଞ୍ଚାୟତ ଅନ୍ତର୍ଗତ ଘୁଙ୍ଗୁରୁ ପଡ଼ା ରାସ୍ତା ପାର୍ଶ୍ୱ ୱାଲ କାର୍ଯ୍ୟ, ନୂଆପଡ଼ା ପୋଲ, ଯାବର ଚଶା ସମାଜର ନୂତନ କୋଠ ଘରର ଭିତ୍ତିପ୍ରସ୍ତର ସ୍ଥାପନ ସହିତ ମହାଲିକ ପଡ଼ା ପଞ୍ଚାୟତ ପରିସରରେ ତିଆରି ହୋଇଥିବା ନୂତନ କଲ୍ୟାଣ ମଣ୍ଡପ ଓ ମୋ ବ୍ୟାଙ୍କ ସେବାର ଉଦ୍‌ଘାଟନ କରିଥିଲେ। ଉକ୍ତ ତିନିଗୋଟି ସ୍ଥାନରେ ୪୫ଲକ୍ଷ ଟଙ୍କା ବ୍ୟୟ ଅଟକଳର ଭିତ୍ତିପ୍ରସ୍ଥର ସ୍ଥାପନ କରାଯାଇଥିଲା ଓ ମହାଲିକପଡା ପଞ୍ଚାୟତ ପରିସରରେ ଏକ ନୂତନ କୋଠା ତିଆରି ପାଇଁ ୧୦ଲକ୍ଷ ଟଙ୍କା ଆର୍ଥିକ ରାଶି ପ୍ରଦାନ କରିବା ନେଇ ମନ୍ତ୍ରୀ ଅମାତ ପ୍ରତିଶୃତି ଦେଇଥିଲେ। ଏହା ସହିତ ୩୫ଜଣ ନୂତନ ଭତ୍ତାଧାରୀଙ୍କୁ ଭତ୍ତା ପ୍ରଦାନ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ମହାଲିକ ପଡା ସରପଞ୍ଚ ମାମୁନି ବାଘ, ସମାଜସେବୀ ସଞ୍ଜୀବ ଦେହୁରୀ, ଜ୍ୟୋତି ରଞ୍ଜନ ସାହୁ, ଯୁବ ନେତା ଅମର ପ୍ରଧାନ, ଘାସି ରଣା ଓ ବୌଦ୍ଧ ବିଜେଡି ଉପସଭାପତି ପ୍ରଦୀପ୍ତ ସାହୁ, ବରିଷ୍ଠ ବିଜେଡି କର୍ମୀ କିଶୋରି ଭୋକ୍ତା ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟଧାରାକୁ ସାଧାରଣ ଲୋକଙ୍କ ପାଖରେ କିଭଳି ସହଜରେ ପହଞ୍ଚି ପାରୁଛି ତାହା ଉପରେ ଉପସ୍ଥିତ ଥିବା ସାଧାରଣ ଜନତାଙ୍କ ପାଖରେ ମତ ପ୍ରକାଶ କରିଥିଲେ।

## ସପ୍ତାହେ ହେବ ଚାଲୁନି ଲକ୍ଷ୍ମୀ ବସ୍

ଲୋଇସିଂହା, ୨୬।୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ଲକ୍ଷ୍ମୀ ବସ୍ ସେବା ଆରମ୍ଭ ହୋଇଛି। ହେଲେ ବାଦିବାହାଲ ଦେଇ ଆସୁଥିବା ଲକ୍ଷ୍ମୀ ବସ୍ ସପ୍ତାହ ହେବ ବନ୍ଦ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବ୍ଲକରେ ୩ଟି ଲକ୍ଷ୍ମୀ ବସ୍ ଚାଲୁଛି। ଲୋଇସିଂହା-ତଲିଉଡାର ଓ ବାନିପାଲି ଦେଇ ଗୋଟିଏ, ଲୋଇସିଂହା-ଫାସଡ-କୁଶମେଲ ଓ ରେଙ୍ଗାଲି ଦେଇ ଅନ୍ୟଟି ଏବଂ ଲୋଇସିଂହା-ବୁଢୀପଦରର-ଯୋଗୀସର୍ଡା-ବାଦିବାହାଲ, ଲୋଇସିଂହା-ହୀରାପୁର ଦେଇ ଆଉ ଗୋଟିଏ ବସ୍ ଗଡୁଛି। ହେଲେ ଲୋଇସିଂହା-ବାଦିବାହାଲ, ଲୋଇସିଂହା-ହୀରାପୁର ଅଞ୍ଚଳରେ ଚାଲୁଥିବା ବସ୍ ବନ୍ଦ ରହିଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

# ପିସିସି ପାଟଣାଗଡ଼କୁ ହରାଇଲା ଟିସିସି ଟିଟିଲାଗଡ଼

ଲାଠୋର, ୨୬।୨(ଭୁବନେଶ୍ୱର ବାରିକ)

### ସୋନିଆ ମେମୋରିଆଲ କ୍ରିକେଟ

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଜୟ ମା' ବସ୍ତ୍ରେନ କ୍ରିକେଟ କ୍ଲବ ଆନୁକୂଲ୍ୟରେ ସୋମବାର ୧୪ତମ ଆନ୍ତଃଜିଲା ସୋନିଆ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୀତଳ ଅଗ୍ରୱାଲ କ୍ରୀଡା ପତାକା ଉତ୍ତୋଳନ କରିଥିଲେ। ସମ୍ମାନୀତ ଅତିଥିଭାବେ ପୂର୍ବତନ ସରପଞ୍ଚ ପ୍ରବୀଣ ଅଗ୍ରୱାଲ ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ପିସିସି ପାଟଣାଗଡ ଏବଂ ଟିସିସି ଟିଟିଲାଗଡ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ୨୦ ଓଭରରେ ଟିଟିଲାଗଡ ପ୍ରଥମେ ବ୍ୟାଟିଂ କରି ୬ ଉଇକେଟ ବିନିମୟରେ ୧୯୦ ରନ କରିଥିଲା। ଦଳ ପକ୍ଷରୁ ରିତେଶ ପାଣ୍ଡେ ୫୩ ବଲରେ ୯୪ ରନ କରିଥିଲେ। ସେ ଶେଷ ଓଭରରେ ୫ଟି ଛକା ଏବଂ ଗୋଟିଏ ଚୌକା ମାରି ଦର୍ଶକଙ୍କ ମନ ମୋହିଥିଲେ। ୧୯୦ରନକୁ ପିଛା କରି ପାଟଣାଗଡ ଦଳ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ହରାଇ ୧୫୬ ରନ କରି ପରାଜିତ ହୋଇଥିଲା। ଖେଳ ପରିଚାଳନା ଓସିଏ ସୀକୃତିପ୍ରାପ୍ତ ଚୂଡ଼ାମଣି ପାଢ଼ୀ ଏବଂ ହନୁ ଅଗ୍ରୱାଲ କରିଥିଲେ। ଥାର୍ଡ ଅମ୍ପେୟାରଭାବେ ଭରତ ଥାପା ଦାୟିତ୍ୱ ବହନ କରିଥିଲେ। ସ୍କୋରର ଅମିତ ଭଇଁସାଲ, ଧାରା ବିବରଣୀ ପ୍ରଦାନ କରିଥିଲେ ଅକ୍ରୁର ହାତୀ। ଆୟୋଜକ କ୍ରିକେଟ କ୍ଲବ ସଭାପତି ରବି ସୋନି, ସମ୍ପାଦକ ମନୁ ସିଂ, ସୁନିଲ ଘିଭେଲା, ବେନାର ତାଣ୍ଡିଙ୍କ ସହ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ।


ଦୁଇ ଦଳର ଖେଳାଳିଙ୍କ ସହ ଅତିଥିମାନେ।

## କଣ୍ଟାମାଳରେ ଲୋକାର୍ପିତ ହେଲା ଆମ ହସ୍ପିଟାଲ

ଘଣ୍ଟାପଡ଼ା, ୨୬।୨
(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ୫-ଟି ଅଧୀନ ଆମ ହସ୍ପିଟାଲରେ ସାମିଲ କରାଯାଇଛି। ଏହି କ୍ରମରେ କଣ୍ଟାମାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁଷ୍ଠିତ ଉକ୍ତ ଲୋକାର୍ପଣ କାର୍ଯ୍ୟକ୍ରମରେ କଣ୍ଟାମାଳ ବିଧାୟକ ତଥା ଜିଲା ଯୋଜନା ବୋର୍ଡର ଅଧ୍ୟକ୍ଷ ମହୀଧର ରଣା, ଜିଲା ପରିଷଦ ସଭ୍ୟା ସୁମିତ୍ରା ସାହୁ, କଣ୍ଟାମାଳ ମେଡିକାଲ ଅଫିସର ଡା. ଜଗଦୀଶ ସେଠି, ମନମୁଣ୍ଡା ମେଡିକାଲ ଅଫିସର ଡା. ମହେନ୍ଦ୍ର ସୋଏ, ସହକାରୀ ନିର୍ବାହୀ ଯନ୍ତ୍ରୀ ଦୁଷ୍ମନ୍ତ କୁମାର ସାମଲ, କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର କୁମାର ଆଚାରି, ବ୍ଲକ କନିଷ୍ଠ ଯନ୍ତ୍ରୀ ଦିବ୍ୟଲୋଚନ ନାୟକ ପ୍ରମୁଖ ଯୋଗଦେଇଥିଲେ। କଣ୍ଟାମାଳ ବ୍ଲକର ଏମବିକେ, ସିଆରପି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଅଙ୍ଗନବାଡ଼ି କର୍ମୀଙ୍କ ସମେତ କଣ୍ଟାମାଳ ଆମ ହସପିଟାଲର ସମସ୍ତ କର୍ମଚାରୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

# କୁମେଲବନ୍ଧ ଖେଳପଡ଼ିଆ ଉନ୍ନତୀକରଣ ହେବ



ଘଣ୍ଟାପଡ଼ା, ୨୬।୨ (ପ୍ରଭାତ କୁମାର ସାହୁ)

### ଏସ୍‌ଡିସି ଅଧ୍ୟକ୍ଷଙ୍କ ଭୂମିପୂଜନ

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ଆଦିବାସୀ ଅଧ୍ୟୁଷିତ ତଥା ବୌଦ୍ଧ-କନ୍ଧମାଳ ଜିଲାର ଉପାନ୍ତ ଅଞ୍ଚଳ ବରଗାଁ ପଞ୍ଚାୟତର କୁମେଲବନ୍ଧ ଗ୍ରାମ ନିକଟସ୍ଥ ଖେଳପଡ଼ିଆର ଉନ୍ନତିକରଣ ନିମନ୍ତେ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଭଗବାନ କହଁର ଓଡ଼ିଶା ସରକାରଙ୍କ ଦ୍ୱାରା ଆଦିବାସୀଙ୍କର ଉନ୍ନତି ନିମନ୍ତେ ଭୂମିପୂଜନ କରିଛନ୍ତି। ପୂର୍ବରୁ ଅଞ୍ଚଳର ଜନସାଧାରଣ କହଁରଙ୍କୁ ଆଦିବାସୀଙ୍କ ପାରମ୍ପରିକ ଅସ୍ତ୍ରଶସ୍ତ୍ର ସହ ଢ଼ୋଲ ତାସା ବାଦ୍ୟର ତାଳେ ତାଳେ ନୃତ୍ୟ ସହ ପାଛୋଟି ନେଇ ଆଦି ଶକ୍ତି ଆଦିମାତା ମା' କନ୍ଧେନବୁଢ଼ି ପୀଠରେ ପୂଜାର୍ଚ୍ଚନା ପରେ ଭୂମି ପୂଜନ ସ୍ଥଳକୁ ନେଇଥିଲେ। କହଁର ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ଯେ, ଆଦିବାସୀ ଅଧିନସ୍ଥ ଗ୍ରାମର ଉନ୍ନତିକରଣ ନିମନ୍ତେ ତାଙ୍କ ଦାୟିତ୍ୱରେ ଥିବା ବିଭାଗକୁ ଉପଯୁକ୍ତ ସ୍ଥାନରେ କାର୍ଯ୍ୟ କରିବାପାଇଁ ସଂକଳ୍ପବଦ୍ଧ। ଉକ୍ତ କାର୍ଯ୍ୟକ୍ରମରେ ଆଦିବାସୀ ସମ୍ମନୟ କମିଟିର ସଭାପତି ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ସାମନ୍ତ ମାଝୀ, ପୂର୍ବତନ ବରଗାଁ ସରପଞ୍ଚ ତଥା ବିଲବିଟର ସଭାପତି ବିବସ୍ତ କହଁର, ଉପସଭାପତି ସର୍ବେଶର ସାହୁ, ନାଗବାଚା ଗୁରୁ ଗୋବିନ୍ଦ ମଳିକ, ମିଟୁ ମଳିକ ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ରହିଥିଲେ।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଶ୍ରମିକଙ୍କୁ ମିଳିନି ପ୍ରାପ୍ୟ

ଲୋଇସିଂହା, ୨୬।୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ପଞ୍ଚାୟତ ସଦର ଗ୍ରାମର ଏମ୍‌ଜିଏନ୍‌ଆରଇଜିଏସ୍ ଶ୍ରମିକଙ୍କୁ ପ୍ରାପ୍ୟ ମିଳିନାହିଁ। କାମ କରିବାର ୩ମାସ ବିତି ଯାଇଥିଲେ ସୁଦ୍ଧା ସେମାନଙ୍କୁ ପ୍ରାପ୍ୟ ଦିଆ ଯାଇ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଯୋଗୀସର୍ଡା ଗ୍ରାମ ଖେଳ ପଡିଆ କାମ ୨୦୨୩ ଡିସେମ୍ବର ମାସରେ ଆରମ୍ଭ ହୋଇଥିଲା। ଏଥିରେ ଗ୍ରାମର ହରିଜନ ବସ୍ତିର ଜବକାର୍ଡଧାରୀ ଶ୍ରମିକ ନିୟୋଜିତ ହୋଇଥିଲେ। ବ୍ରଜ ଭଇନା, ରସିଆ ଦୀପ, ଅମର ଦୀପ, ସୁରସିଂ ଭଇନା, ପରକ୍ଷିତ ବାରିକଙ୍କ ସହ ୭୦ଜଣ ଶ୍ରମିକ ନିୟୋଜିତ ହୋଇଥିଲେ। ସେମାନେ ୧ ମାସ ଧରି ପଡିଆ କାମରେ ନିୟୋଜିତ ହୋଇଥିଲେ। କିଏ ୫୦ପିଟ ତ ଆଉ କିଏ ୬୦ ଓ ୭୦ ପିଟ ମାଟି ଉଠାଣ କରିଥିଲେ। ସପ୍ତାହକ ମଧ୍ୟରେ ପାଉଣା ପ୍ରଦାନ ନିୟମ ରହିଛି। ୩ ମାସରୁ ଅଧିକ ଦିନ ବିତି ଯାଇଥିଲେ ବି ପାଉଣା ମିଳି ନ ଥିବାରୁ ଆର୍ଥିକ ଦୁର୍ଗତିରେ ଦିନ କାଟୁଥିବା ସେମାନେ ଅଭିଯୋଗ

# ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର


ଜନଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀ ଓ ଜନ ପ୍ରତିନିଧି।

ଦେଓଗାଁ, ୨୬।୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ କ୍ଷମାନିଧି ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୁଣାଣିରେ ଅତିରିକ୍ତ ଜିଲାପାଳ ପବିତ୍ର ବେହେରା, ଡେପୁଟି କଲେକ୍ଟର ସଚ୍ଚିଦାନନ୍ଦ ମିଶ୍ର, ଆସିଷ୍ଟାଣ୍ଟ କଲେକ୍ଟର ସସ୍ମିତା ପ୍ରଧାନ, ଆରକ୍ଷୀ ଅଧୀକ୍ଷକ ରିଶିକେଶ ଖିଲାରୀ ଯୋଗଦେଇ ପଞ୍ଜୀକୃତ ୭୦ ଅଭିଯୋଗର ଶୁଣାଣି କରିଥିଲେ। ଦେଓଗାଁ ୨୬ ନଂ ଜାତୀୟ ରାଜପଥ ରାଏପାଲି ଛକରୁ ରାଏପାଲି ଗାଁକୁ ସ୍ଥାୟୀ ରାସ୍ତା ନିର୍ମାଣ ଦିଗରେ ପ୍ରଶାସନ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଥିଲେ। ନିର୍ବାଚନ ପୂର୍ବରୁ ଏ ଦିଗରେ ପଦକ୍ଷେପ ନ ନେଲେ ଭୋଟ ବର୍ଜନ କରିବୁ ବୋଲି ଧନୁର୍ଦ୍ଧର କରଣ, ଆର୍ତ୍ତ ଘିଭେଲା, ଧ୍ରୁବା ମଟାରୀ, ମାର୍କଣ୍ଡ ଘିଭେଲା, ମଙ୍ଗଳବାରୀ ଭଣ୍ଡା, ସନ୍ତୋଷିନୀ କରଣ ଲିଖିତ ଅଭିଯୋଗ କରିଥିଲେ। କୁଲିଆବାହାଲରେ ଏକ ପ୍ରକଳ୍ପ ପାଇଁ ଅନୁଦାନ ଆସିଥିଲେ ହେଁ କାମ ନ ହୋଇ ପଡି ରହିବାକୁ ନେଇ ସ୍ଥାନୀୟ ସମିତି ସଭ୍ୟ ଲକ୍ଷ୍ମଣ କୁମାର ମେହେର ଅଭିଯୋଗ କରିଥିଲେ। ସେପରି କୁହିମୁଣ୍ଡାରେ ଗଭୀର ନଳକୂପ ଖନନ କରାଯାଇଥିବାବେଳେ ବିଦ୍ୟୁତ ସଂଯୋଗ କରାଯାଉ ନ ଥିବା ନେଇ ଅଗ୍ରଣୀ ଚାଷୀ ଶମ୍ଭୁଭୂଷଣ ସାହୁ ଅଭିଯୋଗ କରିଥିଲେ।

## ବୀରମହାରାଜପୁରରେ ଆମ ହସ୍ପିଟାଲର ଲୋକାର୍ପଣ ଉତ୍ସବ

ଅମରପାଲି, ୨୬।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ଉପଖଣ୍ଡ ଡାକ୍ତରଖାନାରେ ସୋମବାର ଆମ ହସ୍ପିଟାଲ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆଭାସି ଜରିଆରେ ଲୋକାର୍ପଣ ହୋଇଯାଇଛି। ବୀରମହାରାଜପୁର ଠାରେ ବିଧାୟକ ପଦ୍ମନାଭ ବେହେରା ଉପସ୍ଥିତ ରହି ଫଳକ ଉନ୍ମୋଚନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଉପାଧ୍ୟକ୍ଷ ଝସକେତନ ବଘାର, ପୂର୍ବତନ ମନ୍ତ୍ରୀ ବିଷ୍ଣୁପ୍ରିୟା ବେହେରା, ବ୍ଲକ ଅଧ୍ୟକ୍ଷ ଶାନ୍ତି ଲୁହା, ଉଫୁଲା ସରପଞ୍ଚ ଶ୍ରୀୟା କର୍ମୀ, ଖଣ୍ଡହତା ସରପଞ୍ଚ ଜୟଶ୍ରୀ ଦେହୁରୀ, ଜଟେସିଂହା ସମିତି ସଭ୍ୟ ରଶ୍ମିତା ପାଣ୍ଡେ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜିତ କୁମାର ରଥ, ସୟମ୍ଭୁ ନାଥ ଖଣ୍ଡଗିରି, ଡାକ୍ତରଖାନା କର୍ମଚାରୀ, ଆଶା କର୍ମୀ, ଅଙ୍ଗନୱାଡି କର୍ମୀ,ଏମ ବି କେ, ସି ଆର ପି, ମିଶନ ଶକ୍ତି ମହିଳାଙ୍କ ସମେତ ସାଧାରଣ ଜନସାଧାରଣ ଉପସ୍ଥିତ ଥିଲେ। ପ୍ରାୟ ୧୬ କୋଟି ଟଙ୍କାରେ ନିର୍ମିତ ଉକ୍ତ ଡାକ୍ତରଖାନାରେ ଔଷଧ ବିତରଣ କେନ୍ଦ୍ର, ଡାକ୍ତରଙ୍କ କକ୍ଷ, ପିଇବା ପାଣି ବ୍ୟବସ୍ଥା, ପ୍ରଶାସନିକ କକ୍ଷ ପ୍ରଭୃତି ଲୋକାର୍ପଣ ହୋଇଛି। ଡାକ୍ତରଖାନାର ମୁଖ୍ୟ ପରିଚାଳକ ଡାକ୍ତର ସଞ୍ଜୟ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱୀକୃତି ପାଇଁ ଲଢ଼େଇ ଜାରି ରଖିବାକୁ ପଡ଼ିବ



କୋଶଳୀ ଦିନ ପାଳନ ଅବସରରେ ମଞ୍ଚାସୀନ ଅତିଥି।

ଟିଟିଲାଗଡ, ୨୬।୨(ଶରତ ମିଶ୍ର)

### ଟିଟିଲାଗଡ଼ରେ କୋସଲି ଦିନ ପାଳିତ

କୋସଲି ଭାଷା ସୁରକ୍ଷା ସମିତି ପକ୍ଷରୁ କୋସଲି ଭାଷା ଆନ୍ଦୋଳନର ରଥୀ ପଣ୍ଡିତ ପ୍ରୟାଗଦତ୍ତ ଯୋଷୀଙ୍କ ଜନ୍ମ ଦିନକୁ କୋସଲି ଦିନ ଭାବେ ସ୍ଥାନୀୟ ମହାବୀର ଧର୍ମଶାଳାରେ ସୋମବାର ପାଳନ କରାଯାଇଛି। ଆୟୋଜିତ ସଭାରେ ସମିତି ଅଧ୍ୟକ୍ଷ ଭିକାରୀ ଚରଣ ମିଶ୍ର ସଭାପତିତ୍ୱ କରିଥିଲେ। ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ଯୁଗଳ କିଶୋର ଷଡଙ୍ଗୀ, ଚଉଷଠି ଯୋଗିନୀ କଳା ସାହିତ୍ୟ ପରିଷଦ ସଭାପତି ଡ. ନାରାୟଣ ମିଶ୍ର, ସାହିତ୍ୟ ସଂସ୍କୃତିର ସଭାପତି ଜ୍ୟୋତି ପ୍ରକାଶ ଗଡତ୍ୟା, କୋସଲି ସାଂସ୍କୃତିକ ମହାଯୋଟର ଟିକେଲାଲ ବେହେରା, ସମିତି ସଭାପତି ଦିଲୀପ କୁମାର ପସାୟତ ମଞ୍ଚାସୀନ ଥିଲେ। କୋସଲି ଆମର ଭାଷା, ଆମର ଅସ୍ମିତା, ଆମ ଜୀବନର ସ୍ପନ୍ଦନ ଏହାର ସ୍ୱୀକୃତି ଓ ପ୍ରତିଷ୍ଠା ପାଇଁ ଆମକୁ ଲଢେଇ ଜାରି ରଖିବାକୁ ପଡିବ। ଡ: ଯୋଷୀଙ୍କ ଏହି ସ୍ୱରରେ ସ୍ୱର ମିଳାଇ ଦାବି ହାସଲ କରିବାକୁ ହେବ। କୋସଲି ଭାଷାକୁ ସାମ୍ବିଧାନିକ ସ୍ୱୀକୃତି, ଏହି ଭାଷାରେ ଅକାଡେମୀ ପ୍ରତିଷ୍ଠା, ପ୍ରାଥମିକସ୍ତରରେ ଶିକ୍ଷାଦାନ ତଥା ଏହାର ବିକାଶ ପାଇଁ ବିଶ୍ୱବିଦ୍ୟାଳୟରେ ଗବେଷଣା ବ୍ୟବସ୍ଥା ଗ୍ରହଣ କରିବା ପ୍ରଭୃତି ଉପରେ ଅତିଥିମାନେ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ରଶ୍ମି ରଞ୍ଜନ ବାଗ, ମହେନ୍ଦ୍ର ପାଣିଗ୍ରାହୀ, ନୀଳମଣି ସାହୁ, ସେବକ ଚରଣ ଦାଶ, କୁବେର ବେହେରା, ଦ୍ରୁବ ହରପାଲ ସହଯୋଗ କରିଥିଲେ।

# ଜାମୁଟକୁ ହରାଇ ଦେମୁହାନ ଚାମ୍ପିୟନ

ଘଣ୍ଟାପଡ଼ା, ୨୬।୨ (ପ୍ରଭାତ କୁମାର ସାହୁ)

### ପିଟାବାହାଲର ପ୍ରଥମ ସିଦ୍ଧେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ ଉଦଯାପିତ

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ କୁଲୁତାଯୋର ପଞ୍ଚାୟତ ପିଟାବାହାଲର ଖେଳପଡ଼ିଆରେ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ପ୍ରଥମ ସିଦ୍ଧେଶ୍ୱର କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ଜାମୁଟ ଦଳକୁ ହରାଇ ଦେମୁହାନ ଦଳ ଚାମ୍ପିୟନ ହୋଇଛି। ଟସ୍ ଜିତି ଦେମୁହାନ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୮୧ ରନ କରିବାକୁ ସମର୍ଥ ହୋଇଥିଲା। ବିଜୟ ଲକ୍ଷ୍ୟ ନେଇ ଜାମୁଟ ଦଳ ନିର୍ଦ୍ଧାରିତ ଓଭରରେ ୩ଉଇକେଟ ବିନିମୟରେ କେବଳ ୭୦ରନ କରିପାରିଥିଲା। ଫଳରେ ଜାମୁଟ ଦଳ ୧୧ ରନରେ ପରାସ୍ତ ହୋଇ ଉପବିଜେତା ହୋଇଥିଲା। ମ୍ୟାଚରେ ମୁଖ୍ୟ ଅତିଥିଭାବେ କଣ୍ଟାମାଳ ବ୍ଲକ ଉପାଧ୍ୟକ୍ଷ ମହେନ୍ଦ୍ର ରଣା ଓ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ନିଳାଚଳ ଭୋଇ, ସମାଜସେବୀ ଦୟାବନ୍ତ ଧରୁଆ, ବିବଛ ଭୋଇ, ଶମ୍ଭୁନାଥ ରଣା, ଶିବ ଭୋଇ, ଶେଷଦେବ ରଣା, ନିରଞ୍ଜନ ରଣା, ଉଦୟନାଥ ରଣା ପ୍ରମୁଖ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଚାମ୍ପିୟନ ଓ ଉପବିଜେତା(ରନସଅପ୍) ଟ୍ରଫି ପ୍ରଦାନ କରିଥିଲେ। ଉକ୍ତ ମ୍ୟାଚକୁ ଲକ୍ଷ୍ମଣ ରଣା ଓ ବନ ବିହାରୀ ଭୋଇ ପରିଚାଳନା କରିଥିଲେ ଓ କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।


ସିଦ୍ଧେଶ୍ୱର କ୍ରିକେଟ ଟୁର୍ନାମେଣ୍ଟରେ ଅତିଥିଙ୍କ ସହ ଖେଳାଳି।

# 'ହକ୍ ଜାହିର କରିବା ଗଣତାନ୍ତ୍ରିକ ଅଧିକାର'

ବଲାଙ୍ଗୀର, ୨୬।୨
(ବୀରେନ୍ଦ୍ର କୁମାର ଝାଙ୍କର)

### ଗ୍ରାମୀଣ ଡାକସେବକ ୟୁନିଅନ୍‌ର ଦ୍ୱିବାର୍ଷିକ ସମ୍ମିଳନୀ

ସର୍ବଭାରତୀୟ ଗ୍ରାମୀଣ ଡାକସେବକ ୟୁନିୟନ୍ ବଲାଙ୍ଗୀର ଶାଖାର ଦ୍ୱିବାର୍ଷିକୀ ସମ୍ମିଳନୀ ମୁଖ୍ୟ ଡାକଘର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ୟୁନିୟନର ବଲାଙ୍ଗୀର ସଭାପତି ଜୟକୃଷ୍ଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟଅତିଥିଭାବେ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ସମ୍ମାନୀତ ଅତିଥି ପଶ୍ଚିମ ଓଡ଼ିଶା ଯୁଗ୍ମ ଟ୍ରେଡ ୟୁନିୟନ୍ ସଭାପତି ତଥା କୋଶଳବାଦୀ ନେତା ପ୍ରମୋଦ କୁମାର ମିଶ୍ର ଏବଂ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପୋଷ୍ଟମାଷ୍ଟର ଦାମୋଦର ମିଶ୍ର ଯୋଗ ଦେଇଥିଲେ। ଗ୍ରାମୀଣ ଡାକସେବକଙ୍କ ବିଭିନ୍ନ ଦାବି ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ଏହି ନ୍ୟାର୍ଯ୍ୟ ଦାବିଗୁଡିକ ପୂରଣ କରିବାରେ ସରକାରଙ୍କ ଅବହେଳାକୁ ଅତିଥିମାନେ ତୀବ୍ର ସମାଲୋଚନା କରିବା ସହ ସମ୍ମିଳିତ ଉଦ୍ୟମ ଏବଂ ସାଙ୍ଗଠନିକ ଶକ୍ତି ଦ୍ୱାରା ଅଧିକାର ହାସଲ କରାଯାଇପାରିବ ବୋଲି କହିଥିଲେ। ହକ୍ ଜାହାରି କରିବା ଗଣତାନ୍ତ୍ରିକ ଅଧିକାର ବୋଲି ଅତିଥିମାନେ କହିଥିଲେ। ସମ୍ମିଳନୀରେ ବ୍ରହ୍ମାନନ୍ଦ ବନ୍‌ଛୋର, ଛବିଲାଲ ସାହୁ, ନୀଳାଧର ପାଣିଗ୍ରାହୀ, କ୍ଷୀରୋଦ୍ର ଗଡତ୍ୟା, ବିଶ୍ୱାମିତ୍ର ସାହୁ, ମଧୁସୂଦନ ତ୍ରିପାଠୀ ଏବଂ ଅଖିଳ ଭାରତୀୟ ଗ୍ରାମୀଣ ଡାକସେବକ ସଂଘ ବଲାଙ୍ଗୀର ଶାଖାର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।



ଗ୍ରାମୀଣ ଡାକସେବକ ୟୁନିୟନ୍ ବଲାଙ୍ଗୀର ଶାଖାର ଦ୍ୱିବାର୍ଷିକୀ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

## ସଂକ୍ଷେପରେ

### ସାମାଜିକ ଭବନର ଭିତ୍ତିପ୍ରସ୍ତର ସ୍ଥାପନ

**ବଡ଼ଗାଁ, ୨୬।୨(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଇତମା ଗ୍ରାମରେ ଥିବା ଉତ୍ତର ଉତ୍କଳ ତୈଳିକ ବୈଶ୍ୟ ସମାଜର କେନ୍ଦ୍ରସ୍ଥଳ ନନ୍ଦନକାନନଠାରେ ସାମାଜିକ ଭବନ ନିର୍ମାଣ ପାଇଁ ସୋମବାର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି। ତୈଳିକ ସମାଜର ବରିଷ୍ଠ କର୍ମକର୍ତ୍ତା ଭବନ ନିର୍ମାଣ ପାଇଁ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ୧ କୋଟି ଟଙ୍କା ମଞ୍ଜୁର କରିବାକୁ ଅନୁରୋଧ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୪ ଲକ୍ଷ ଟଙ୍କା ଅନୁଦାନ ରାଶି ଆସିବା ପରେ ସମାଜର ବରିଷ୍ଠ କର୍ମକର୍ତ୍ତା ଜୟକୃଷ୍ଣ ସାହୁଙ୍କ ସହିତ ନରେନ୍ଦ୍ର ବେହେରା, ମହେନ୍ଦ୍ର ବେହେରା, ଅଚ୍ୟୁତ ସାହୁ, ପୁରୁଷୋତ୍ତମ ସାହୁ, ଜିତେନ୍ଦ୍ର ବେହେରା, ଅଶୋକ ବେହେରା, ଗଜିନ୍ଦ୍ର ବେହେରା, କ୍ଷମାଶୀଳ ସାହୁ, ଗଣେଶ ବେହେରା ପ୍ରମୁଖ ଉପସ୍ଥିତିରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମାଜ କର୍ମକର୍ତ୍ତା ମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫ -ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ଭବନ ସମାଜର ବିଭିନ୍ନ କାର୍ଯ୍ୟରେ ଉପଯୋଗୀ ହୋଇପାରିବ ବୋଲି ସମାଜ କର୍ମକର୍ତ୍ତା ପ୍ରକାଶ କରିଥିଲେ।

### ଘରୁ ସୁନାଗହଣା ଚୋରି

**ବାଲିଶଙ୍କରା, ୨୬।୨(ହୃଦାନନ୍ଦ ବାରିକ):** କିଞ୍ଜିରକେଲା ଥାନା ଅନ୍ତର୍ଗତ ବ୍ରାହ୍ମଣମରା ଗ୍ରାମର ଦୀପ୍ତି ପ୍ରଧାନଙ୍କ ଘରୁ ରବିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ସୁନାଗହଣା, ଆସବାବପତ୍ର ଆଦି ଚୋରି କରି ନେଇଛନ୍ତି। ଏନେଇ ଦୀପ୍ତି ସୋମବାର ସକାଳେ କିଞ୍ଜିରକେଲା ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ଚକୁଲିଫାର୍ମ ରେଲୱେ ଅଣ୍ଡରପାସ୍ ପାଇଁ ଶିଳାନ୍ୟାସ

**ସରଣ୍ଡା, ୨୬।୨(ଯୁଧିଷ୍ଠିର ମହାପାତ୍ର):** ବରଗଡ଼ ଜିଲା ଅତାବିରା ବ୍ଲକ ଗୋଡଭଗା ପଞ୍ଚାୟତ ଅଧୀନ ଚକୁଲିଫାର୍ମ ଦେଇ ଯାଇଥିବା ପୂର୍ବତଟ ରେଳପଥରେ ଅଣ୍ଡରପାସ ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଭର୍ଚୁଆଲରେ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ସମ୍ବଲପୁର ରେଲୱେ ବିଭାଗର ସିନିୟର ଡିଭିଜନାଲ ଇଞ୍ଜିନିୟର (ସେଣ୍ଟ୍ରାଲ) ଏମ୍. ଶ୍ରୀନିବାସ ରାଓଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋଡ଼ଭଗା ସରପଞ୍ଚ ମଞ୍ଜୁଲତା ସେଟ, ଅତିରିକ୍ତ ଡିଭିଜନାଲ ଇଞ୍ଜିନିୟର ସେଣ୍ଟ୍ରାଲ ଏମ୍. କେ. ଓଝା ଓ କୋଶଳ ସ୍କୁଲର ଅଧ୍ୟକ୍ଷ ରବୀନ୍ଦ୍ର ନାଥ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ଅରୁଣ ସିହ୍ନା ମଞ୍ଚ ସଂଯୋଜନା କରିଥିଲେ। ଚକୁଲିଫାର୍ମ ଫାଟକ ନିକଟରେ ଅମୃତ ଭାରତ ଷ୍ଟେଶନ ଯୋଜନାରେ ଏହି ଅଣ୍ଡର ପାସ ନିର୍ମାଣ ହେବ। କୋଶଳ ସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ପୂର୍ବରୁ ହୋଇଥିବା ୨୦୪୭ ବିକଶିତ ଭାରତର ବିକଶିତ ରେଲୱେ ଉପରେ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହାସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ରେଲୱେ ବିଭାଗର ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ। ଅଣ୍ଡରପାସ୍ ହେବା ଦ୍ୱାରା ଅଞ୍ଚଳର ଜନସାଧାରଣଙ୍କ ସୁଗମ ଯାତାୟାତ ହୋଇପାରିବ।

# ମୋବାଇଲ ଟାୱାର ସ୍ଥାପନ ନ କଲେ ଭୋଟ ବର୍ଜନ ଚେତାବନୀ

**ବଡ଼ଗାଁ, ୨୬।୨ ( ଅଶୋକ ଷଡଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଝାଡ଼ଖଣ୍ଡ ସୀମାନ୍ତ ଅଞ୍ଚଳରେ ଥିବା ବାମଡେରା ପଞ୍ଚାୟତର ଗ୍ରାମବାସୀ ମୋବାଇଲ ଟାୱାର ନ ଥିବାରୁ ନାହିଁ ନ ଥିବା ସମସ୍ୟାରେ ପଡ଼ୁଛନ୍ତି। ଏ ନେଇ ସେମାନେ ବହୁବାର ବିଭାଗୀୟ ଅଧିକାରୀ ଓ ପ୍ରଶାସନଠାରେ ଜଣାଇ ଆସୁଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇପାରୁନାହିଁ। ଫଳରେ ପଞ୍ଚାୟତର ସମସ୍ତ ଗ୍ରାମବାସୀ ଆଗାମୀ ବିଧାନସଭା ଓ ଲୋକସଭା ନିର୍ବାଚନରେ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ସେମାନେ ସୋମବାର ସୁନ୍ଦରଗଡ ଜିଲାପାଳଙ୍କୁ ଲିଖିତଭାବେ ଜଣାଇଛନ୍ତି। ଜିଲାପାଳଙ୍କୁ ଦେଇଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ୫ହଜାର ଲୋକସଂଖ୍ୟା ବିଶିଷ୍ଟ ବାମଡେରା ପଞ୍ଚାୟତ ଝାଡ଼ଖଣ୍ଡ ରାଜ୍ୟ ସୀମାନ୍ତରେ ଅବସ୍ଥିତ। ଏହି ପଞ୍ଚାୟତର ବାମଡେରା ଗ୍ରାମରେ ସରକାରଙ୍କ ଦ୍ୱାରା ସ୍ଥାପିତ ଗୋଟିଏ ହାଇସ୍କୁଲ, ଗୋଟିଏ ପ୍ରାଥମିକ ସ୍କୁଲ, ରାଜଛପଲା ଓ ବାଦୁଲପାନି ଗ୍ରାମରେ ଗୋଟିଏ ଲେଖାଏଁ ପ୍ରାଥମିକ ସ୍କୁଲ, ବାମଡେରା ଗ୍ରାମରେ ଗୋଟିଏ ଶାଖା ଡାକଘର ଓ ବାଦୁଲପାନି ଗ୍ରାମରେ ଗୋଟିଏ ନୂତନ ଭାବେ ସ୍ଥାପିତ ଶାଖା ଡାକଘର ଅଛି। ବାମଡେରା ଗ୍ରାମରେ ଗୋଟିଏ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଓ ପଞ୍ଚାୟତ କାର୍ଯ୍ୟାଳୟ ମଧ୍ୟ ଅଛି। ବର୍ତ୍ତମାନ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ପ୍ରାୟ ସମସ୍ତ ଯୋଜନାର କାମ ଅନଲାଇନ ମାଧ୍ୟମରେ ହେଉଛି। ମୋବାଇଲ ଟାୱାର ନ ଥିବାରୁ ଲୋକେ ହଇରାଣ ହେଉଛନ୍ତି। ଲୋକେ ବାଧ୍ୟହୋଇ ୪ କିଲୋମିଟର ଦୂର ଏକମାକୁ ଆସି କାମ କରୁଛନ୍ତି। ରାତିରେ କୌଣସି ଅସୁବିଧା ହେଲେ ଜୀବନକୁ ବିପଦରେ ପକାଇ ୨କି.ମି. ଦୂରରେ ଅବସ୍ଥିତ ପାହାଡ ଉପରକୁ ଯାଇ ଫୋନ କରିଥାନ୍ତି। ପଞ୍ଚାୟତ ଦେଇ ଯାଇଥିବା ରାସ୍ତାରେ ଅପରାଧିକ ଗତିବିଧି ଦେଖାଯାଇଥାଏ। ସମସ୍ତ ଦୃଷ୍ଟିକୋଣରୁ ମୋବାଇଲ ଟାୱାର ସ୍ଥାପନ କରାଯିବା ଅତ୍ୟନ୍ତ ଜରୁରୀ ବୋଲି ଦାବିପତ୍ରରେ ଦର୍ଶାଇଛନ୍ତି। ଏହାସହିତ ଆଗାମୀ ନିର୍ବାଚନ ପୂର୍ବରୁ ବାମଡେରା ଓ ବାଦୁଲପାନି ଗ୍ରାମରେ ଟାୱାର ସ୍ଥାପନ ନ କଲେ ସମସ୍ତ ପଞ୍ଚାୟତବାସୀ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଥିବା ଉଲ୍ଲେଖ କରାଯାଇଛି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ଶ୍ୟାମସୁନ୍ଦର ଲାକ୍ରା ଓ ସମିତି ମେମ୍ବର ଆନନ୍ଦମାସୀ ହଁସଦାଙ୍କୁ ପଚାରିବାରୁ, ମୋବାଇଲ ଟାୱାର ନ ଥିବାରୁ ଲୋକେ କିପରି ହଇରାଣ ହେଉଛନ୍ତି କହିବା ସହିତ ନିର୍ବାଚନ ପୂର୍ବରୁ ଟାୱାର ସ୍ଥାପନ ନ କଲେ ପଞ୍ଚାୟତବାସୀ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# କୁତ୍ରା ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କଲେ ଅତିରିକ୍ତ ନିର୍ଦ୍ଦେଶକ



**କୁତ୍ରା, ୨୬।୨(ଦେବାଶିଷ ସାହୁ)**

ସୁନ୍ଦରଗଡ ଜିଲା କୁତ୍ରା ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ପରିଦର୍ଶନରେ ଆସିଥିବା ପୂର୍ବତନ ଜିଲା ଶିକ୍ଷା ଅଧିକାରୀ ତଥା ଗଣଶିକ୍ଷା ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ରଞ୍ଜନ କୁମାର ଗିରି ବିଦ୍ୟାଳୟର ଭିତ୍ତିଭୂମି,ପାଠପଢା ଓ ଆନୁଷଙ୍ଗିକ ସୁବିଧା ସୁଯୋଗ ତଥା ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଭାବ ବିନିମୟ କରି ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏହା ସହିତ ବିଦ୍ୟାଳୟର ସବୁଜିମା ଉଦ୍ୟାନ ବୁଲିଦେଖି ଆତ୍ମସନ୍ତୋଷ ମିଳିଥିବା ପ୍ରକାଶ କରିଥିଲେ। ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ, ଶିକ୍ଷକ ବିଭୀଷଣ ବାରିକ, ଦୀପିକା କେର୍କେଟା, ଜସ୍ମିନ ମିଞ୍ଜ, ଧୃତିସୁନ୍ଦର ସାହୁ, ଅବିନାଶ କର ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

# ପୁଷ୍ଟିଶସ୍ୟ ଟିଫିନ୍ କେନ୍ଦ୍ରର ଶୁଭାରମ୍ଭ



ଟାଙ୍ଗରପାଲି ବଜାରରେ ଜିଲା ପରିଷଦ ଅଧ୍ୟକ୍ଷା ପୃଷ୍ଟି ଶସ୍ୟ ଟିଫିନ କେନ୍ଦ୍ରର ଉଦ୍‌ଘାଟନ କରୁଛନ୍ତି।

**ସୁନ୍ଦରଗଡ, ୨୬।୨(ଜୟ ନାରାୟଣ ମେଣ୍ଢୁଲି)**

ଓଡିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ତରଫରୁ ଚାଲୁଥିବା ମିଲେଟ ମିଶନ କାର୍ଯ୍ୟକ୍ରମ ଦ୍ୱାରା ପୁଷ୍ଟିଶସ୍ୟର ବହୁଳ ବ୍ୟବହାର ତଥା ଘରେ ଘରେ ପ୍ରତ୍ୟେକ ଖାଦ୍ୟ ଥାଳିରେ ପହଞ୍ଚିବା ପାଇଁ ବ୍ୟାପକ ପ୍ରୟାସ କରାଯାଉଛି। ଏହି ପରିପ୍ରେକ୍ଷୀରେ ଓଡିଶା ମିଲେଟ ମିଶନ ଓ ମିଶନ ଶକ୍ତିର ମିଳିତ ସହଯୋଗରେ ଟାଙ୍ଗରପାଲି ବ୍ଲକ ବାଲିଜୋରି ବଜାରରେ ଧନଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଟାଙ୍ଗରପାଲି ବଜାରରେ ମା' ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ୨ଟି ପୁଷ୍ଟିଶସ୍ୟ ଟିଫିନ କେନ୍ଦ୍ର ଆରମ୍ଭ କରାଯାଇଛି। ସୁନ୍ଦରଗଡ଼ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ସୋମବାର ଏହାକୁ ଉଦ୍‌ଘାଟନ କରି ମାଣ୍ଡିଆର ପାରମ୍ପରିକ, ସାଂସ୍କୃତିକ ଓ ସ୍ୱାସ୍ଥ୍ୟଗତ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ମିଶନ ଶକ୍ତିର ଜିଲା ସଂଯୋଜକ ବସନ୍ତ ମଲ୍ଲିକ ମାଣ୍ଡିଆ ଓ ବିଭିନ୍ନ ପୁଷ୍ଟିଶସ୍ୟର ପୁନଃ ପ୍ରଚଳନ ଲାଗି ସମସ୍ତେ ମିଳିମିଶି କାମ କରିବାକୁ ଆହ୍ୱାନ ଦେଇଥିଲେ। ଆଗାମୀ ଦିନରେ କେବଳ ଜିଲା ନୁହେଁ ରାଜ୍ୟର ଗାଁ ଗାଁରେ ଘରେ ଘରେ ମାଣ୍ଡିଆ ବାସ୍ନାରେ ମହକିବା ସହ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ପ୍ରକାଶ କରିଛନ୍ତି। ୱାସନର ଜିଲା ସଂଯୋଜକ ଦିବ୍ୟ ପ୍ରକାଶ ଯୋତି କାନ୍ତ ଟିଫିନ କେନ୍ଦ୍ରର ମୁଖ୍ୟ ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ। ଉଦ୍‌ଘାଟନୀ ସଭାକୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ଅତିରିକ୍ତ ବ୍ଲକ ସଂଯୋଜକ ଅମୀୟ ରଞ୍ଜନ ଲେଙ୍କା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାଙ୍ଗରପାଲି ବ୍ଲକର ମିଶନ ଶକ୍ତି ବ୍ଲକ ସଂଯୋଜିକା ଲଳିତା ସୁକାନ୍ତି ଲାକ୍ରା, ସମନ୍ୱିତ ଶିଶୁ ବିକାଶ ଯୋଜନାର ପରିଦର୍ଶିକା ସ୍ମିତ୍ତାରାଣୀ ମହାପାତ୍ର, ଜିଲା ସଂଯୋଜକ ସୁନୀଲ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକ ସଂଯୋଜକ ଠଣସୁନ୍ଦର ଗନ୍ଧା, ଶୁଭମ ପଶାୟତ, ଆକାଶ ଚୌଧୁରୀ, ସଞ୍ଜୟ ସିଂ, ବିଶାଲ ବନଛୋର, ଅଜୟ ସୁନ୍ୟାନୀ ପ୍ରମୁଖ ପରିଚାଳନା କରିଥିଲେ। ଏହି ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାଙ୍କ ଦ୍ୱାରା ପ୍ରସ୍ତୁତ ମାଣ୍ଡିଆ ଲଡ୍ଡୁ, କେକ, ଇଡିଲି, ପକୁଡ଼ି, ଆଲୁଚପ, କାଙ୍ଗୁ ଉପମା, ସୁଆଁ ଖିରଖ, ମୋଦକ ,ସରବତ, କୋଦୋ ଖେଚୁଡ଼ି, ଠେଠେରୀ, କାଠିନିମିକି, ସେଓ ନିମିକି, ଆରିସା ପିଠା, ଠେକୁଆ ପିଠା, ଗଜା, ଦହିବରା, ଚାଉଳ ବରା ,ମାଳପୁଆ, ମିକ୍ସଚର ଆଦି ଲୋକପ୍ରିୟ ତଥା ପାରମ୍ପରିକ ଜଳଖିଆ ପ୍ରଦର୍ଶିତ କରାଯାଇ ବିକ୍ରି ଆରମ୍ଭ କରାଯାଇଥିଲା।

# ମଦ ବିକ୍ରି ଉପରେ ରୋକ୍ ଲଗାଅ

**ଥାନା, ଅବକାରୀ ଅଧିକାରୀଙ୍କୁ ଜଣାଇଲେ ମହିଳା**

**ବଡ଼ଗାଁ, ୨୬।୨ ( ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ସାଲେପାଲି ଗ୍ରାମରେ ଅବାଧ ମଦବିକ୍ରି ଯୋଗୁ ଗାଁରେ ଅଶାନ୍ତ ପରିବେଶ ସୃଷ୍ଟି ହେଉଛି। ଛୋଟ ପିଲା ମଦ କବଳରେ ପଡ଼ୁଛନ୍ତି ଏବଂ ଲୋକଙ୍କ ଆର୍ଥିକ ସ୍ଥିତି ଦୁର୍ବଳ ହେଉଛି। ଏହି ଅଭିଯୋଗ ଉଠାଇ ଗ୍ରାମର ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାମାନେ ଗତ ସପ୍ତାହରେ ବୈଠକ କରିଥିଲେ। ସେଠାରେ ମଦ ବିକ୍ରି ଯୋଗୁ ଦେଖାଦେଉଥିବା ସମସ୍ୟା ଉପରେ ଆଲୋଚନା କରିଥିଲେ। ଗ୍ରାମବାସୀଙ୍କ ସହିତ ମହିଳାମାନେ ମଦ ବିକ୍ରେତାଙ୍କ ଘରକୁ ଯାଇ ମଦ ବିକ୍ରି ବନ୍ଦ କରିବାକୁ କହିଥିଲେ। ହେଲେ ମଦ ବିକ୍ରେତାମାନେ ଗ୍ରାମବାସୀଙ୍କ କଥାକୁ ଭ୍ରୂକ୍ଷେପ ନ କରି ବିକ୍ରି ଜାରି ରଖିଛନ୍ତି। ବହୁବାର ଗ୍ରାମର ମହିଳାମାନେ ମଦ ବିକ୍ରେତାଙ୍କୁ ବିକ୍ରି ବନ୍ଦ କରିବାକୁ କହି ଆସୁଥିଲେ ମଧ୍ୟ ନ ମାନିବାରୁ ସୋମବାର ମହିଳାମାନେ ଅବକାରୀ ଅଧିକାରୀ ଓ ବଡ଼ଗାଁ ଥାନା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ଏହି ଗ୍ରାମରେ ୩ଜଣ ବ୍ୟକ୍ତି ତାଙ୍କ ଘରେ ଦେଶୀ ଓ ବିଦେଶୀ ମଦ ବିକ୍ରି କରୁଥିବା ବେଳେ ଆଖପାଖ ଗ୍ରାମରେ ମଧ୍ୟ ଅବାଧ ମଦ ବିକ୍ରି ହେଉଛି।

# ସମବାୟ ସମିତିର ନୂତନ ଅଫିସ ଗୃହ ଉଦ୍‌ଘାଟନ



**କୁତ୍ରା, ୨୬।୨(ଦେବାଶିଷ ସାହୁ)**

ସୁନ୍ଦରଗଡ଼ ଜିଲା କୁତ୍ରା ସମବାୟ ସମିତିର ନୂତନ ଅଫିସ ଗୃହ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସୁନ୍ଦରଗଡ ଡିଆର୍‌ସିଏସ ଉମାଶଙ୍କର ଦାସ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଏଆରସିଏସ ଗାବ୍ରିଏଲ ସୋରେଙ୍ଗ, ଏସ୍‌ଏଆରସିଏସ କିଡ୍ରୋ ପ୍ରଧାନ, ମଙ୍ଗଳ କୁଜୁର ସଭାପତି ସମବାୟ ସମିତି କୁତ୍ରା ଗୋବିନ୍ଦ କଲସେର,କିସମଣି ପଟେଲ ଓ ଅନ୍ୟାନ୍ୟ ଲ୍ୟାମ୍ପ ପରିଚାଳନା କମିଟିର ସଦସ୍ୟ ପ୍ରମୁଖ ଯୋଗଦେଇ ଫିତା କାଟି ନୂତନ ଗୃହ ଉଦ୍‌ଘାଟନ କରିଥିଲେ। ଏହା ସହିତ ଲ୍ୟାମ୍ପ ପରିସରରେ ଏକ ମୋ ସେବା କେନ୍ଦ୍ରର ଏକ ୟୁନିଟ ମଧ୍ୟ ଉଦ୍‌ଘାଟିତ ହୋଇଥିଲା। ଏଥିରେ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ବିଭିନ୍ନ ସୁବିଧା ହାତ ପାହାନ୍ତାରେ ପାଇପାରିବେ ବୋଲି ଅତିଥିମାନେ କହିଥିଲେ। ଲ୍ୟାମ୍ପ ପରିଚାଳନା ନିର୍ଦ୍ଦେଶକ ସତ୍ୟନାରାୟଣ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଲ୍ୟାମ୍ପର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ୨ସ୍ଥାନରେ ରେଳପଥ ଅଣ୍ଡରପାସ୍ ଉଦ୍‌ଘାଟିତ

**ରାଜଗାଙ୍ଗପୁର, ୨୬।୨ (ଅଶୋକ ପାଣି)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରର ୨ଟି ସ୍ଥାନ ସିଙ୍ଗାପଡା ଓ ମନ୍ଦିରିଆ ତିଲେଇମୁଣ୍ଡା ଅଞ୍ଚଳରେ ରେଳପଥ ଅଣ୍ଡରପାସ୍‌କୁ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନଫରେନ୍ସିଂ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ସିଙ୍ଗାପଡା ଉଦ୍‌ଘାଟନୀରେ ସ୍ଥାନୀୟ ବରିଷ୍ଠ ଭାଜପା ନେତା ନୃସିଂହ ମିଞ୍ଜ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସେହିପରି ମନ୍ଦିରିଆରେ ବରିଷ୍ଠ ଭାଜପା ନେତା ଉପେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ



ଉଦଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

ରାଜଗାଙ୍ଗପୁର ଷ୍ଟେଶନ ମ୍ୟାନେଜର ଲକ୍ଷ୍ମୀଧର ତ୍ରିପାଠୀ, ସିନିୟର ସେକ୍ସନ ଇଞ୍ଜିନିୟର ପଙ୍କଜ ଗୁପ୍ତା ପ୍ରମୁଖଙ୍କ ସହ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ରେଳପଥ ଅଣ୍ଡରପାସ୍ ନିର୍ମାଣ ପାଇଁ ଧାରଣା, ଦାବିପତ୍ର

**ରାଜଗାଙ୍ଗପୁର, ୨୬।୨(ଅଶୋକ ପାଣି)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରର ୨ଟି ସ୍ଥାନରେ ରେଳପଥ ଅଣ୍ଡରପାସ୍ ଉଦ୍‌ଘାଟିତ ହୋଇଛି। ରାଜଗାଙ୍ଗପୁରକୁ ୨ ଭାଗ କରୁଥିବା ମୁଖ୍ୟ ଫାଟକ ଏଲ୍‌ସି ୨୨୨ରେ ଅଣ୍ଡରପାସ୍ ନିର୍ମାଣ ପାଇଁ କେତେକ ସ୍ଥାୟୀ ବାସିନ୍ଦା ଫାଟକର ଅନତି ଦୂରରେ ପୂର୍ବତନ ପାରିଷଦ ରମେଶ ସୋନିଙ୍କ ନେତୃତ୍ୱରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଧାରଣା ଦେଇଥିଲେ। ପରେ ଏକ ଦାବିପତ୍ର ଡିଭିଜନାଲ ମ୍ୟାନେଜର ଚକ୍ରଧରପୁରଙ୍କୁ ଷ୍ଟେଶନ ମ୍ୟାନେଜର ଲକ୍ଷ୍ମୀଧର ତ୍ରିପାଠୀଙ୍କ ମାଧ୍ୟମରେ ଦେଇଥିଲେ। ଏହି ଧାରଣାରେ ସ୍ଥାନୀୟ ବାସିନ୍ଦା ବବନ ରବାନି, ସୁରେଶ ଗଡତିଆ, କମଲ ଅଗ୍ରୱାଲ, ଗୋବର୍ଦ୍ଧନ ତନ୍ତିଙ୍କ ସହ ଅନ୍ୟମାନେ ରହିଥିଲେ।

# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟିକା




**ସମ୍ବଲପୁର, ୨୬।୨(ବି.ଶଙ୍କର)**

ଝାରସୁଗୁଡ଼ା ପୌର ପରିଷଦର ବିଭିନ୍ନ ୱାର୍ଡରେ ବିକାଶ ମୂଳକ କାର୍ଯ୍ୟ ସକାଶେ ସୋମବାର ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟିକା ଦୀପାଳି ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରକଳ୍ପର ଶୁଭ ଦେଇଥିଲେ। ପୌରପରିଷଦର ୱାର୍ଡ ନଂ.୬, ୭, ୮ ଓ ୯ରେ ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ଝାରସୁଗୁଡା ଜିଲା ସମେତ ପୌର ପରିଷଦରେ ବିକାଶର ଧାରା ଆଗକୁ ମଧ୍ୟ ଜାରି ରହିବ ବୋଲି ବିଧାୟିକା କହିଛନ୍ତି। କାର୍ଯ୍ୟକ୍ରମରେ ପୌରଧ୍ୟକ୍ଷା ରାନି ହାତୀ, ରବି ସିଂ, ତାପସ ରାୟ ଚୌଧୁରୀ, ସନ୍ଦିପ ଅବସ୍ଥି, ରଘୁମନି ପଟେଲ, ପ୍ରତାପ ନନ୍ଦ, ପିଣ୍ଟୁ ପାଢ଼ୀ, ମଦନ ହାତୀ, ପ୍ରଶାନ୍ତ ନନ୍ଦ, ଚିରଞ୍ଜିବି ପତି ପ୍ରମୁଖ ଉପସ୍ଥିତ ଥିଲେ।

# ଭୂତତ୍ତ୍ୱ ବିଜ୍ଞାନଭିତ୍ତିକ ଜାତୀୟ ଆଲୋଚନାଚକ୍ର

**ସୁନ୍ଦରଗଡ, ୨୬।୨(ଜୟ ନାରାୟଣ ମେଣ୍ଢୁଲି)**

ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ଭୂତତ୍ତ୍ୱ ବିଜ୍ଞାନ ବିଭାଗ ଏବଂ ସରକାରୀ ମହିଳା ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ରବିବାର ଦ୍ୱି ଦିବସୀୟ ଜାତୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ବିଶେଷ ସନ୍ଦର୍ଭ ସହିତ ଭୂବିଜ୍ଞାନ ବିଜ୍ଞାନରେ ସାମ୍ପ୍ରତିକ ବିକାଶ ଶୀର୍ଷକ ଏହି ଆଲୋଚନା ଚକ୍ରରେ ଆରାହା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ.ଏସପି ସିଂ ମୁଖ୍ୟ ଅତିଥିଭାବେ ଯୋଗଦେଇ ସବୁଜ ଶକ୍ତି ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥିଭାବେ ଭାରତୀୟ ଭୂବିଜ୍ଞାନ ସର୍ବେକ୍ଷଣ ବିଭାଗର ଭୂତତ୍ତ୍ୱ ବିଜ୍ଞାନୀ, ଡ. ମନୋରଞ୍ଜନ ମହାନ୍ତ,ଡ.ଜୟନ୍ତ କୁମାର ନନ୍ଦ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ଆଶୁତୋଷ ନାଏକ. ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ସହକାରୀ ପ୍ରଫେସର ଡ. ସୁଧାର କୁମାର ଦାଶ ଏବଂ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ଭୂତତ୍ତ୍ୱ ବଜ୍ଞାନ ବିଭାଗର ମୁଖ୍ୟ ଶିବ ପ୍ରସାଦ ମହାନ୍ତି, ସୁନ୍ଦରଗଡ ସରକାରୀ ମହିଳା ମହାବିଦ୍ୟାଳୟ ଭୂତତ୍ତ୍ୱ ବିଜ୍ଞାନ ବିଭାଗର ମୁଖ୍ୟ ମନୋଜ ନାୟକ ପ୍ରମୁଖ ସଂଯୋଜକ, ସହ ସଂଯୋଜକ, ପରିଚାଳକ ଏବଂ ସହ ପରିଚାଳକଭାବେ କାର୍ଯ୍ୟ ତୁଲାଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଦେବେନ୍ଦ୍ର କୁମାର ଖଣ୍ଡା, ଡ. ପ୍ରବୀର କୁମାର ନାଏକ, ଅବସର ପ୍ରାପ୍ତ ଅଧ୍ୟକ୍ଷ ଡ. ମଦନ ମୋହନ ମହନ୍ତ,ଅଧ୍ୟକ୍ଷ ପିକା ରଶ୍ମିତା ପୃଷ୍ଟି, କାବେରୀ ସାହୁ, ଜୟନ୍ତ କୁମାର ସାହୁ ପ୍ରମୁଖ ଆଲୋଚନା ଚକ୍ରରେ ଭାଗନେଇ ଥିଲେ। ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଲଳିତ ରଞ୍ଜନ ସାହୁ ପ୍ରାରମ୍ଭରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଡ.ସୁଧାର କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦ୍ୱିତୀୟ ଦିବସରେ ଛତିଶଗଡ଼ ରବିଶଙ୍କର ଶୁକ୍ଳା ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଦୁର୍ଗା ପାଦ କ୍ୱିଓ,ସରକାରୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଇନ୍ଦିରା ଗଡନାୟକ ପ୍ରମୁଖ ଆଲୋଚକଭାବେ ଯୋଗଦେଇ ଥିଲେ। ଏହି ଆଲୋଚନା ଚକ୍ରରେ ରାଉରକେଲା ସ୍ୱୟଂଶାସିତ ମହାବିଦ୍ୟାଳୟ, ସୁନ୍ଦରଗଡ ସରକାରୀ ମହିଳା ମହାବିଦ୍ୟାଳୟ, ରେଭେନ୍ସା ବିଶ୍ୱ ବିଦ୍ୟାଳୟ, ଭେଷଜ ପଟେଲ ମହାବିଦ୍ୟାଳୟ, ତୁଡୁକାର ଅଧାପିକ ଅଧାପକ, ଛାତ୍ରୀଛାତ୍ର ଯୋଗଦେଇଥିଲେ।



ଆଲୋଚନା ଚକ୍ରରେ ଉପସ୍ଥିତ ଅତିଥି ବୃନ୍ଦ।

# ସୁଦୃଢ଼ ସମାଜ ଗଠନରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ**

**କୁତ୍ରା, ୨୬।୨(ଦେବାଶିଷ ସାହୁ)**

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଡାହିଜିରାଠାରେ ସୋମବାର ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ନିର୍ବାଚନ ଆଚରଣ ବିଧି ଲାଗୁହୋଇଯିବା ଆଶଙ୍କା କରି ମାର୍ଚ୍ଚ ୮ ତାରିଖ ପରିବର୍ତ୍ତେ ସୋମବାର ସ୍ଥାନୀୟ ଗ୍ରାମର ଅଙ୍ଗନୱାଡ଼ି ଦିଦି, ଆଶାକର୍ମୀ ଓ ଏନଜିଓ ସଂସ୍ଥା ଏସ୍‌ପେୟାର ମିଳିତ ଉଦ୍ୟୋଗରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥିଭାବେ ହକି ଇଣ୍ଡିଆ ସଭାପତି ତଥା ପଦ୍ମଶ୍ରୀ ଡ. ଦିଲୀପ ତିର୍କୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସୁଦୃଢ ସମାଜ ଗଠନ କରିବା ପାଇଁ ମହିଳାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ନିଜ ବକ୍ତବ୍ୟରେ ପଦ୍ମଶ୍ରୀ ତିର୍କୀ କହିଥିଲେ। ଆମେ କିଛି କାମଥିଲେ ବାପାଙ୍କ ପାଖକୁ ନ ଯାଇ ପ୍ରଥମେ ମା'ଙ୍କ ପାଖକୁ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

ଯାଇଥାଉ, ତେଣୁ ମା'ର ଭୂମିକା ସମସ୍ତଙ୍କ ଆଗରେ ରହିଛି ବୋଲି କହିଥିଲେ। ଏହା ସହିତ ନିଜ ଜୀବନ କାହାଣୀ କହି ଛୋଟ ସମୟରେ ଖୁସି ପାଇଁ ହକି ଖେଳୁଥିଲେ, ହେଲେ ହକି ତାଙ୍କୁ ଏତେ ଉପରକୁ ନେଇଯିବ ବୋଲି କେବେ ଭାବିନଥିଲି ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ କୁତ୍ରା ବିଡିଓ ଯୁଗଳକିଶୋର ବିଶ୍ୱାଳ, କୁତ୍ରା ସରପଞ୍ଚ ଭୁବନ କୁଜୁର, କୁତ୍ରା ଏସବିଆଇ ବିଏମ ସନାତନ ଭୋଇ, ଜେଏସଡବ୍ଲ୍ୟୁ ମ୍ୟାନେଜର ଅଲେଖ ଦଳେଇ, ଲିମାରୋଜ ଲାକଡା, ଅଙ୍ଗନୱାଡି ସୁପରଭାଇଜର ବୁଟ କଇଥ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ମହିଳାଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ନିରୁପମା ଗୁଡିଆ, କୁଆଁରି ଲୁଗୁନ, ଲିଲିବୁଡ, ଅନିତା ମିଞ୍ଜ, ଆଶା କାରମେଲା ଟପ୍ପୋ, ବେରଟିଲା ଏକ୍କା, ରୋଶାଲିଆ ମିଞ୍ଜ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ରଞ୍ଜିତ ମିଞ୍ଜ ପରିଚାଳନା କରିଥିବା ବେଳେ ବିମଳା ଲାକଡା ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ପାଇକମାଳ ନାଗରିକ କମିଟି ବୈଠକ

**ପାଇକମାଳ,୨୬।୨(ବଡ ଶତପଥୀ):** ବରଗଡ ଜିଲା ପାଇକମାଳସ୍ଥିତ ନୃସିଂହନାଥ ଧର୍ମଶାଳାଠାରେ ପାଇକମାଳ ନାଗରିକ କମିଟିର ଏକ ବୈଠକ ସଭାପତି ମନୋଜ କୁମାର ତ୍ରିବେଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପାଇକମାଳ ସିଏଚ୍‌ସିରେ ଡାକ୍ତର ଅଭାବ ଯୋଗୁ ଅଞ୍ଚଳର ରୋଗୀମାନେ ହଇରାଣ ହେଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଡାକ୍ତର ପଦବୀ ପୂରଣ ନ ହେଲେ ଜନଆନ୍ଦୋଳନ ପାଇଁ ଚେତାବନୀ ଦିଆଯାଇଥିଲା। ସେହିପରି ଛାତ୍ରୀଛାତ୍ରମାନଙ୍କ ପରୀକ୍ଷା ସମୟରେ ବିଦ୍ୟୁତ କାଟ୍ ନ କରିବା ପାଇଁ ବିଭାଗୀୟ ଏସ୍‌ଡିଓ ମନୋରଞ୍ଜନ ନାୟକଙ୍କ ନିକଟରେ ଦାବି କରାଯାଇଥିଲା। ସମ୍ପାଦକ ନୀଳମଣି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ନଗଦ ରାଶି, ବ୍ୟାଗ୍ ବଣ୍ଟନ

**ବରଗଡ଼,୨୬।୨(ପ୍ରେମାନନ୍ଦ ଖମାରୀ):** ଖାଦ୍ୟ ଯୋଗାଣ ବିଭାଗ ଆନୁକୂଲ୍ୟରେ ବରଗଡ଼ ପୌର ପରିଷଦ ଅନ୍ତର୍ଗତ ବିଭିନ୍ନ ୱାର୍ଡରେ ପ୍ରତ୍ୟେକ ରାଶନ କାର୍ଡ ହିତାଧିକାରୀଙ୍କୁ ୨ଟି ଝୋଟ ବ୍ୟାଗ୍ ଏବଂ ୧ହଜାର ଟଙ୍କା ନଗଦ ଆର୍ଥିକ ରାଶି ପ୍ରଦାନ କରାଯାଇଛି । ପୌର ପରିଷଦର ୱାର୍ଡ ନଂ- ୨, ୫, ୭, ୧୪ ଆଦିରେ ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ତାହା ପ୍ରଦାନ କରିଥିଲେ। ପୌରାଧ୍ୟକ୍ଷା କଳ୍ପନା ମାଝି, ପୌର ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ, ଟାଉନ ବିଜେଡ଼ି ସଭାପତି କିଶୋର ମିଶ୍ରଙ୍କ ସମେତ ବିଭିନ୍ନ ୱାର୍ଡର କାଉନସିଲରମାନେ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ।

### ଉନ୍ନୟନ କାର୍ଯ୍ୟର ଶିଳାନ୍ୟାସ

**ବରଗଡ଼,୨୬।୨(ପ୍ରେମାନନ୍ଦ ଖମାରୀ):** ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ- ୧ ନିଗମାନନ୍ଦ ବିହାରରେ ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମର ଶିଳାନ୍ୟାସ ସମାରୋହ ସୋମବାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ୱାର୍ଡରେ ଡ୍ରେନ ନିର୍ମାଣ, ରାସ୍ତା କଂକ୍ରିଟକରଣ ଆଦି କାର୍ଯ୍ୟ ପାଇଁ ମୁଖ୍ୟ ଅତିଥି ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଶିଳାନ୍ୟାସ କରିଥିଲେ। ପୌରାଧ୍ୟକ୍ଷା କଳ୍ପନା ମାଝି, ବିଜେଡି ନଗର ସଭାପତି କିଶୋର ମିଶ୍ର, କାଉନସିଲର ବେଦମତୀ ସେଟ, ଉଦ୍ଧବ ସେଟ୍ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ନିଗମାନନ୍ଦ ବିହାର ଉନ୍ନୟନ କମିଟି ସଭାପତି ସଦାଶିବ ସାହୁ, ସମ୍ପାଦକ ଟିକେଲାଲ ନାଏକଙ୍କ ସମେତ ପଡ଼ାବାସୀ ଉପସ୍ଥିତ ଥିଲେ। ପର୍ଯ୍ୟାୟକ୍ରମେ ଉକ୍ତ ୱାର୍ଡରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଜାରି ରହିବ ବୋଲି ବିଧାୟକ ଆଚାର୍ଯ୍ୟ କହିଥିଲେ ।

### ଡି. ବିଶ୍ୱନାଥ ଅତାବିରା, ବରଗଡ ବିଜେଡି ପର୍ଯ୍ୟବେକ୍ଷକ

**ଭୁବନେଶ୍ୱର,୨୬।୨(ଅନିଲଦାସ):** ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଜେଡିର ବରିଷ୍ଠ ନେତା ଡି. ବିଶ୍ୱନାଥଙ୍କୁ ଅତାବିରା ଏବଂ ବରଗଡ ବିଧାନସଭା ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ଏ ନେଇ ସୋମବାର ବିଜେଡି ପକ୍ଷରୁ ପ୍ରେସ ବିଜ୍ଞପ୍ତି ଜରିଆରେ ଏହି ସୂଚନା ଦିଆଯାଇଛି।

# ୩କୋଟି ୪୦ ଲକ୍ଷ ୮୪ ହଜାର ଟଙ୍କାର ଛାତ୍ରବୃତ୍ତି ପ୍ରଦାନ

**ଦେବଗଡ଼ରେ ନୂଆ - ଓ ଛାତ୍ରବୃତ୍ତି ବିତରଣ କାର୍ଯ୍ୟକ୍ରମ**

ଦେବଗଡ଼,୨୬।୨(ଶଶାଙ୍କ ଶେଖର ଝାଙ୍କର)

୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସୋମବାର ଦେବଗଡ଼ ଜିଲା ଗସ୍ତରେ ଆସି ପ୍ରଧାନପାଟ ବଡ ବଗିଚାଠାରେ ନୂଆ-ଓ ଛାତ୍ର ବୃତ୍ତି ପ୍ରଦାନ କରିଛନ୍ତି। ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀର ଛାତ୍ରୀଛାତ୍ରଙ୍କ ସହ ଭାବ ଆଦାନ ପ୍ରଦାନ ପରେ ଜିଲାର ୩ଟି ବ୍ଲକର ମୋଟ ୧୧ଟି ଡିଗ୍ରୀ ମହାବିଦ୍ୟାଳୟର ୩୫୨୪ ଛାତ୍ରୀଛାତ୍ରଙ୍କ ଉଚ୍ଚ ଶିକ୍ଷାପାଇଁ ନୂଆ-ଓ କାର୍ଯ୍ୟକ୍ରମ ଯୋଜନାରେ ୩କୋଟି ୪୦ ଲକ୍ଷ ୮୪ ହଜାର ଟଙ୍କାର ଛାତ୍ର ବୃତ୍ତି ପ୍ରଦାନ କରିଥିଲେ। ଏଥି ମଧ୍ୟରେ ୨୦୩୭ ଛାତ୍ରୀ ଥିବା ବେଳେ ୧୪୮୭ ଛାତ୍ର ଥିବା ଜଣାପଡିଛି। ଏଥି ମଧ୍ୟରୁ କଂସର ସ୍ଥିତ ଏକଲବ୍ୟ ପଞ୍ଚାୟତ ସମିତି ଡିଗ୍ରୀ କଲେଜର ୮୫ ଛାତ୍ରୀ ଓ ୮୩ ଛାତ୍ର ଥିବା ବେଳେ ବୁଢ଼ାପାଳ ସ୍ଥିତ ପଞ୍ଚାୟତ ସମିତି ଡିଗ୍ରୀ କଲେଜର ୨୪୮ ଛାତ୍ରୀ ଓ ୧୬୨ ଛାତ୍ର, ଦେବଗଡ଼ ଆଦର୍ଶ ମହାବିଦ୍ୟାଳୟର ୩୭୬ଛାତ୍ରୀ ଓ ୩୦୪ ଛାତ୍ର, କଲାସ୍ଥିତ ପଞ୍ଚାୟତ ଡିଗ୍ରୀ କଲେଜର ୨୯୧ ଛାତ୍ରୀ ଓ ୧୮୦ ଛାତ୍ର, ଦେବଗଡ଼ ଡିଗ୍ରୀ କଲେଜର ୪୫୫ଛାତ୍ର ଓ ୩୫୬ ଛାତ୍ରୀ, ପଲସମା ବିଜ୍ଞାନ ଡିଗ୍ରୀ କଲେଜର ୯୩ ଛାତ୍ର ଓ ୫୨ ଛାତ୍ରୀ, ବାରକୋଟ ପଞ୍ଚାୟତ ସ୍ନାତକ ମହାବିଦ୍ୟାଳୟର ୮୦ ଛାତ୍ର ଓ ୨୦୮ ଛାତ୍ରୀ, ସ୍ୱାମୀ ଶିବାନନ୍ଦ ସଂସ୍କୃତ କଲେଜର ୩୧ ଛାତ୍ର ଓ ୧୦୭ ଛାତ୍ରୀ, ନୂଆପଡାସ୍ଥିତ ଲଳିତ ଅନନ୍ତ ସେବାଶ୍ରମ ମହାବିଦ୍ୟାଳୟର ୫୧ ଛାତ୍ର ଓ ୩୪ ଛାତ୍ରୀ, ମହିଳା ଡିଗ୍ରୀ ମହାବିଦ୍ୟାଳୟର ୧୬୪ ଛାତ୍ରୀ, ରିଆମାଳ ଡିଗ୍ରୀ କଲେଜର ୪୮ ଛାତ୍ର ଓ ୧୧୬ ଛାତ୍ରୀ ଥିବା ଜଣାପଡିଛି । ଏହି ଛାତ୍ର ବୃତ୍ତି ରାଶି ଛାତ୍ରୀଙ୍କ ପାଇଁ ୧୦ ହଜାର ଟଙ୍କା ଓ ଛାତ୍ରଙ୍କ ପାଇଁ ୯ ହଜାର ଟଙ୍କା ଛାତ୍ରୀଛାତ୍ରଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା ହୋଇଛି । ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶାନ୍ତି ଶୃଙ୍ଖଳା ସହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ଶାନ୍ତି ଶୃଙ୍ଖଳା,ସୁରକ୍ଷା, ଟ୍ରାଫିକ ନିୟନ୍ତ୍ରଣ ପାଇଁ ଆରକ୍ଷୀ ଅଧିକ୍ଷକ ରାମ ପ୍ରସାଦ ସାହୁଙ୍କ ତତ୍ତ୍ୱାବଧାନରେ ଜଣେ ଅତିରିକ୍ତ ଏସପି,୩ ଡିଏସପି, ୬ ଇନ୍ସପେକ୍ଟରଙ୍କ ସମେତ ପୋଲିସ ବଳ ଓ ଅଧିକାରୀ ନିୟୋଜିତ ହୋଇଥିଲେ।

# ଚକୁଲିଫାର୍ମ ରେଲୱେ ଅଣ୍ଡରପାସ୍ ପାଇଁ ଶିଳାନ୍ୟାସ

ସରଣ୍ଡା,୨୬।୨(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ବ୍ଲକ ଗୋଡଭଗା ପଞ୍ଚାୟତ ଅଧୀନ ଚକୁଲିଫାର୍ମ ଦେଇ ଯାଇଥିବା ପୂର୍ବତଟ ରେଳପଥରେ ଅଣ୍ଡରପାସ ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଭର୍ଚୁଆଲରେ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ସମ୍ବଲପୁର ରେଲୱେ ବିଭାଗର ସିନିୟର ଡିଭିଜନାଲ ଇଞ୍ଜିନିୟର (ସେଣ୍ଟ୍ରାଲ) ଏମ୍. ଶ୍ରୀନିବାସ ରାଓଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋଡ଼ଭଗା ସରପଞ୍ଚ ମଞ୍ଜୁଲତା ସେଟ, ଅତିରିକ୍ତ ଡିଭିଜନାଲ ଇଞ୍ଜିନିୟର ସେଣ୍ଟ୍ରାଲ ଏମ୍. କେ. ଓଝା ଓ କୋଶଳ ସ୍କୁଲର ଅଧ୍ୟକ୍ଷ ରବୀନ୍ଦ୍ର ନାଥ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ଅରୁଣ ସିହ୍ନା ମଞ୍ଚ ସଂଯୋଜନା କରିଥିଲେ। ଚକୁଲିଫାର୍ମ ଫାଟକ ନିକଟରେ ଅମୃତ ଭାରତ ଷ୍ଟେଶନ ଯୋଜନାରେ ଏହି ଅଣ୍ଡର ପାସ ନିର୍ମାଣ ହେବ। କୋଶଳ ସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ପୂର୍ବରୁ ହୋଇଥିବା ୨୦୪୭ ବିକଶିତ ଭାରତର ବିକଶିତ ରେଲୱେ ଉପରେ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହାସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ରେଲୱେ ବିଭାଗର ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ। ଏହି ଅଣ୍ଡରପାସ୍ ହେବା ଦ୍ୱାରା ଅଞ୍ଚଳର ଜନସାଧାରଣଙ୍କ ସୁଗମ ଯାତାୟାତ ହୋଇପାରିବ। ସୂଚନାଯୋଗ୍ୟ, ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ୪୧ହଜାର କୋଟି ଟଙ୍କା ବ୍ୟୟରେ ସାରା ଦେଶରେ ୫୫୪ଟି ରେଳ ଷ୍ଟେଶନର ପୁନର୍ବିକାଶ ଏବଂ ୧୫୦୦ ରୋଡ୍ ଓଭରବ୍ରିଜ୍ ଓ ଅଣ୍ଡରପାସ୍‌ର ଶିଳାନ୍ୟାସ, ଉଦ୍‌ଘାଟନ କରିଥିଲେ ।



କୋଶଳ ସ୍କୁଲର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

# ଗଣତନ୍ତ୍ର ରକ୍ଷା ପାଇଁ ମାନବିକ ମୂଲ୍ୟବୋଧ ଆବଶ୍ୟକ




ଜାତୀୟ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ।

**ଆଇନ ମହାବିଦ୍ୟାଳୟରେ ଜାତୀୟ ଆଲୋଚନାଚକ୍ର ଉଦ୍‌ଯାପିତ**

ସମ୍ବଲପୁର,୨୬।୨(ବି.ଶଙ୍କର)

ସମ୍ବଲପୁର ଲଜପତ ରାୟ ଆଇନ ମହାବିଦ୍ୟାଳୟ ସଭାକକ୍ଷରେ ଜାତୀୟ ଆଲୋଚନାଚକ୍ର ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଜୟାନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ମାନବାଧିକାର ସୁରକ୍ଷା କରିବାକୁ ହେଲେ ଏକ ସଭ୍ୟ ସମାଜର ଆବଶ୍ୟକତା ରହିଛି। ସମସ୍ତ ଅଧିକାର ମଧ୍ୟରେ ମାନବ ଅଧିକାର ସର୍ବୋତ୍କୃଷ୍ଟ। ଏହାକୁ ଅକ୍ଷୁର୍ଣ୍ଣ ରଖିବାକୁ ହେଲେ ଆଇନ ଛାତ୍ରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସମ୍ବିଧାନର ଗଣ୍ଡି ଭିତରେ ରହି ସମାନତା ସ୍ୱାଧୀନତା ସ୍ୱତନ୍ତ୍ରତା ବଜାୟ ରଖିବା ଆଜିର ଆହ୍ୱାନ। ଭାରତୀୟ ଗଣତନ୍ତ୍ରକୁ ରକ୍ଷା କରିବାକୁ ହେଲେ ମାନବିକ ମୂଲ୍ୟବୋଧର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଦ୍ୱିତୀୟ ଅଧିବେଶନରେ ରାୟପୁର ପଣ୍ଡିତ ରବି ଶଙ୍କର ବିଶ୍ୱବିଦ୍ୟାଳୟ ଆଇନ ବିଭାଗର ପ୍ରଫେସର ଡ. ଦେବଦତ୍ତ ପୃଷ୍ଟି ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଶ୍ରୀକାନ୍ତ ମିଶ୍ର ଯୋଗ ଦେଇଥିଲେ। ତୃତୀୟ ଅଧିବେଶନରେ ପଣ୍ଡିତ ରବି ଶଙ୍କର ବିଶ୍ୱବିଦ୍ୟାଳୟ ଆଇନ ବିଭାଗର ଡ଼. ବେଣୁଧର ରାଉତିଆ ଓ ଛତିଶଗଡ଼ ସରକାରୀ ମହାବିଦ୍ୟାଳୟ ଅଧ୍ୟାପକ ଡ. ନବି ଖାନ ଯୋଗଦେଇ ଆଲୋଚନା କରିଥିଲେ। ଚତୁର୍ଥ ଅଧିବେଶନରେ ପାନେଲ ଆଲୋଚନା ହୋଇଥିଲା। ଆଲୋଚନା ଚକ୍ରରେ ମୋଟ ୨୫ଟି ନିବନ୍ଧ ଉପସ୍ଥାପନ ହୋଇଥିଲା । କାର୍ଯ୍ୟକ୍ରମରେ ଆକାଂକ୍ଷା ସାମନ୍ତ, ଅନୁଷ୍କା ପତି, ଦେବୀ ମିଶ୍ର, ଲାଲ ଗୋପାଳ ନନ୍ଦ, ଅବିନାଶ କେର୍କେଟା, ଶୁଭଶ୍ରୀ ମୁନା, ନଗମା ଫିଜା ବେଗମ ସହଯୋଗ କରିଥିଲେ। ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ. ଲକ୍ଷ୍ମୀକାନ୍ତ ଦାସ ଅତିଥି ପରିଚୟ ଓ ଅନ୍ୟତମ ସହକାରୀ ପ୍ରଫେସର ଅଙ୍କିତ ସୌରଭ ସାହୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଆଲୋଚନା ଚକ୍ରର ପ୍ରଥମ ଦିବସରେ ଓଡିଶା ହାଇକୋର୍ଟର ବିଚାରପତି ଶଶିକାନ୍ତ ମିଶ୍ର ମୁଖ୍ୟ ଅତିଥି ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ।

### ନର୍ସିଂ କଲେଜରେ ଜେନେସିସ୍--୨୦୨୪ କାର୍ଯ୍ୟକ୍ରମ

ବରଗଡ଼,୨୬।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ର ବିକାଶ ନର୍ସିଂ କଲେଜରେ କାର୍ଯ୍ୟକ୍ରମ ଜେନେସିସ୍-୨୦୨୪ ଅନୁଷ୍ଠିତ ହୋଇଯାଇଛି। ବିକାଶ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଶନ୍ସର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ, ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲର ନିର୍ଦ୍ଦେଶ ଡା. ହିମାଂଶୁ ଶେଖର ମିଶ୍ରଙ୍କ ସମେତ ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସର ସମସ୍ତ ଅଧ୍ୟକ୍ଷା, ଅଧ୍ୟକ୍ଷ, ଉପାଧ୍ୟକ୍ଷ, ବିକାଶ ନର୍ସିଂ କଲେଜର ଅଧ୍ୟକ୍ଷା ପ୍ରଫେସର ୱାଇ. ଡ଼ି ଷ୍ଟେଲା, ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲର ନର୍ସିଂ ଅଧୀକ୍ଷିକା ସୁମା ଫିଲିଫ, ଏଚ.ଆର୍ ମ୍ୟାନେଜର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ନର୍ସିଂର ଉପଯୋଗିତା, ମହତ୍ତ୍ୱକୁ ପ୍ରାଧାନ୍ୟ ଦେଇ ନୂତନ ବ୍ୟାଚ୍‌ର ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ ଦିଆଯାଇଥିଲା । ବିକାଶ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିର ଅଧ୍ୟକ୍ଷ ଇଂ. ଅଜୟ ମହାପାତ୍ର, ଉପାଧ୍ୟକ୍ଷ ଡଃ ପୂର୍ଣ୍ଣେନ୍ଦୁ ମିଶ୍ର, ବିକାଶ ସ୍କୁଲ ଅଫ ବିଜନେସ ମ୍ୟାନେଜମେଣ୍ଟର ଅଧ୍ୟକ୍ଷା ଡଃ କ୍ଷୀରୋଦ ପ୍ରଧାନ, ବିକାଶ ଲ ସ୍କୁଲର ଅଧ୍ୟକ୍ଷ ଡଃ ବିକ୍ରମ କୁମାର ଦାଶ ବିକାଶ ନର୍ସିଂ କଲେଜର ଉପାଧ୍ୟକ୍ଷା ଦୀପାଞ୍ଜଳି ପଟେଲ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

### କଟାପାଲିରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବରପାଲି,୨୬।୨(ଚିତ୍ତରଞ୍ଜନ ସାହୁ)

ବରଗଡ଼ ଜିଲା ବରପାଲି ବ୍ଲକ ଅନ୍ତର୍ଗତ କଟାପାଲିରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଡା. ବିଦ୍ୟାଧର ନାଗଙ୍କ ବାପା ସ୍ୱର୍ଗତ ସନୁ ନାଗଙ୍କୁ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ଏହି ଶିବିର ଆୟୋଜିତ ହୋଇଥିଲା। ଭୀମସାର୍, ବୁର୍ଲାର ଡା. ଜଗନ୍ନାଥ ହାତୀ, ଡା. ସୁଶ୍ରୀ ସୁମନ ନନ୍ଦ, ଡା. ଜୟଚନ୍ଦ୍ର ତାଣ୍ଡି, ଡା. ଶୁଭେନ୍ଦୁ ମେହେର ଶିବିରରେ ମଧୁମେହ, ରକ୍ତଚାପ ଆଦି ରୋଗର ଚିକିତ୍ସା କରିଥିଲେ। ଏହା ସହିତ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ବୌଦ୍ଧ ଧର୍ମର ଧୀମାନ ଧର୍ମସେନ, ଧୀମାନ ଜଗଦୀଶ ଲୁହାଙ୍କ ତତ୍ତ୍ୱାବଧାନରେ ହୋଇଥିବା ସର୍ବଧର୍ମ ଶ୍ରଦ୍ଧାଞ୍ଜଳି ସଭାରେ ଖ୍ରୀଷ୍ଟଧର୍ମର ଆନନ୍ଦ ସାହୁ, ସୁଶାନ୍ତ ସାହୁ, ଅନିତା ରେଖା, ବିନୋଦ ବାବା, ବିଧାୟକ ଦେବେଶ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ସାଧୁ ନେପାକ, ସରପଞ୍ଚ ଗଙ୍ଗାଧର ଦାଶ ପ୍ରମୁଖ ଯୋଗଦାନ କରିଥିଲେ।

# ଟ୍ରକ୍ ଧକ୍କାରେ ଯୁବକ ମୃତ

ଦେବଗଡ,୨୬।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଥାନା ବଣିଆକିଲିଣ୍ଡା ଛକରେ ଏକ ଅଜଣା ଟ୍ରକ୍ ଧକ୍କାରେ ଜଣେ ଯୁବକଙ୍କ ସୋମବାର ମୃତ୍ୟୁ ଘଟିଛି। ମୃତକ ହେଲେ ଲଇମୁରା ଥାନା ଝରାଗୋଗୁଆ ଗ୍ରାମର ଜଗବନ୍ଧୁ ମୁଣ୍ଡାଙ୍କ ପୁଅ ରଞ୍ଜିତ ମୁଣ୍ଡା (୩୫)। ଦେବଗଡ଼ ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ମିଳିଥିବା ସୂଚନା ଅନୁଯାୟୀ, ରଞ୍ଜିତ ବଣିଆକିଲିଣ୍ଡା ଛକରେ ଛିଡା ହୋଇଥିବା ବେଳେ ଏକ ଅଜଣା ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ରଞ୍ଜିତ ରାସ୍ତାରେ ଛିଟିକି ପଡିବା ସହ ତାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିଲା। ପୋଲିସ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଭାଜପାରେ ଯୋଗଦାନ ପରେ ନିହାରଙ୍କୁ ସମ୍ବର୍ଦ୍ଧନା



ନିହାର ମହାନନ୍ଦଙ୍କୁ ସ୍ୱାଗତ କରାଯାଉଛି।

ସରଣ୍ଡା,୨୬।୨(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରାର ପୂର୍ବତନ କଂଗ୍ରେସ ବିଧାୟକ ନିହାର ମହାନନ୍ଦ ଭୁବନେଶ୍ୱର ଯାଇ ଭାଜପାରେ ବିଧିବଦ୍ଧ ଭାବେ ଯୋଗ ଦେଇଛନ୍ତି। ସେ ସୋମବାର ଅତାବିରାରେ ପହଞ୍ଚିବା ପରେ ତାଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ତାଙ୍କ ସମର୍ଥକ ଏବଂ ଭାଜପା କର୍ମୀମାନେ ମଧ୍ୟାହ୍ନ ୧୨ଟାରେ ଅତାବିରାର ନିହାରଙ୍କୁ ଗୋଡଭଗା ଛକରୁ ସୁକୁଟାପାଲି ଛକ ପର୍ଯ୍ୟନ୍ତ ଏକ ବାଇକ୍ ରାଲିରେ ପାଛୋଟି ନେଇଥିଲେ। ବାଟରେ ନିହାର ଦୁର୍ଗା ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ଏହି ରାଲିରେ ଭାଜପା ନଗର ସଭାପତି ସୁରେନ୍ଦ୍ର ସ୍ୱାଇଁ, ଦଶରଥ ଭୋଇ, ଅଶ୍ୱିନୀ ତ୍ରିପାଠୀ, ପପୁନ ପଧାନ, ଜିତୁ ଭୋଇ, ପ୍ରମୋଦ ରଥ, ସୌମ୍ୟକାନ୍ତ ଦାସ, ନୀଳମାଧବ ମହାନନ୍ଦ, ସୁରେନ୍ଦ୍ର ପ୍ରଧାନ, ବିଦ୍ୟାଧର ପ୍ରଧାନ, ଶ୍ରବଣ ପରିଛା, ପ୍ରିୟଦର୍ଶିନୀ ଅର୍ଚ୍ଚନା ବାଗ, ରାଜ ଅଗ୍ରୱାଲ, କୌଶିକ ମହାକୁର, ପ୍ରହଲାଦ ଉର୍ମା ପ୍ରମୁଖ ଯୋଗ ଦେଇଥିଲେ।

# ଦେବଗଡ଼ରେ 'ଆମ ହସ୍ପିଟାଲ' ପ୍ରକଳ୍ପ ଲୋକାର୍ପିତ

ଦେବଗଡ଼, ୨୬।୨(ଶଶାଙ୍କ ଶେଖର ଝାଙ୍କର)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆମ ହସ୍ପିଟାଲ ଯୋଜନା ଅନ୍ତର୍ଗତ ଦେବଗଡ଼ ଜିଲା ଆମ ହସ୍ପିଟାଲ ରୂପାନ୍ତରିତ ସରକାରୀ ହସ୍ପିଟାଲକୁ ଆଭାସି ମାଧ୍ୟମରେ ଲୋକାର୍ପଣ କରିଛନ୍ତି। ଏ ନେଇ ଦେବଗଡ଼ ନୂତନ ବସ୍‌ଷ୍ଟାଣ୍ଡ ପରିସରରେ ଲୋକାର୍ପଣ ଉତ୍ସବ ଅୟୋଜିତ ହୋଇଥିଲା। ଏହି ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ଉନ୍ନତ ସ୍ୱଚ୍ଛ ପାଇଖାନା, ପାର୍କିଂ ବ୍ୟବସ୍ଥା, ବାଉଣ୍ଡାରୀ ୱାଲ, ପୁଷ୍ପ ବଗିଚା, ରୋଗୀଙ୍କ ପାଇଁ ଚେୟାର, ମଶା ଧୂପ, ଗରମ ଓ ଥଣ୍ଡା ଜଳର ବ୍ୟବସ୍ଥା, ଏଥିସହ ଆଟେଣ୍ଡାଣ୍ଟଙ୍କ ପାଇଁ ବିଶ୍ରାମ ଗାର, ହସ୍ପିଟାଲ ସମସ୍ତ ଅଞ୍ଚଳରେ ସାନିଟାଇଜ, ଆଇ ଭି ଆର୍ ପ୍ରଦ୍ଧତିରେ ରୋଗୀ ମାନଙ୍କର ମତାମତ, ଧାଡ଼ି ପରିଚାଳନା ବ୍ୟବସ୍ଥା, ମିଶନ ଶକ୍ତି କେଫ,ଜିଲା ମୁଖ୍ୟ ଚିକିତ୍ସାଳୟ ବିଶ୍ରାମାଗାର, ନିରାମୟ କାଉଣ୍ଟର, ହାତ ଧୋଇବା ସ୍ଥାନ, ଅନଲାଇନ ପଞ୍ଜିକରଣ, ରୋଗୀଙ୍କ ମତା ମତ ସଂଗ୍ରହ , କର୍ମଚାରୀଙ୍କ ମୁହଁ ଚିହ୍ନଟ କରି ବାୟୋ ମେଟ୍ରିକ ଉପସ୍ଥାନ ପାଇଁ ବ୍ୟବସ୍ଥା କରାଯାଇଛି। ଉତ୍ସବରେ ମୁଖ୍ୟ ମନ୍ତ୍ରୀ ଉଦବୋଧନ ଦେଇ କହିଥିଲେ, ୫-ଟି ଅନ୍ତର୍ଗତ ମୋ ହସ୍ପିଟାଲ ଯୋଜନା ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବା,ସ୍ୱାସ୍ଥ୍ୟ କ୍ଷେତ୍ରରେ ମୋ ହସ୍ପିଟାଲ ଏକ ନୂତନ ଯୁଗର ଅୟୋଜନ କରିବେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଉତ୍ସବରେ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ଜଲାପାଳ ସୋମେଶ କୁମାର ଉପାଧ୍ୟାୟ, ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରି ଦେଇ, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଜିଲାପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଜିଲା ଚିକିତ୍ସା ଅଧିକାରୀ ଡ. ବିଶ୍ୱ ମୋହନ ମିଶ୍ର, ସ୍ୱତନ୍ତ୍ର ବିକାଶ ପରିଷଦ ପଞ୍ଜିଆ ଭୋଇ ଓ ଅଧ୍ୟକ୍ଷ ବାରକୋଟ ବ୍ଲକ ପୁଷ୍ପାଞ୍ଜଳୀ ପାତ୍ର, ଅଧ୍ୟକ୍ଷ ତିଲେଇବଣୀ ବୃନ୍ଦାବତୀ ଭୋଇ, ଓ ଅଧ୍ୟକ୍ଷ ରିଆମାଳ ବ୍ଲକ ମଧୁସୂଦନ ପ୍ରଧାନ, ଜିଲାସ୍ତରୀୟ ଅଧିକାରୀ, ଏସଏଚଜି, ମିଶନ ଶକ୍ତି ସଦସ୍ୟ, ଆଶା ଓ ଅଙ୍ଗନୱାଡି କର୍ମି ଉପସ୍ଥିତ ଥିଲେ।

# ଏତଲା ବିରୋଧରେ ଏସ୍‌ପିଙ୍କୁ ଫେରାଦ

ବରଗଡ଼,୨୬।୨(ପ୍ରେମାନନ୍ଦ ଖମାରୀ )

ବିଜେଡ଼ି-ଭାଜପା ମଧ୍ୟରେ ମଧୁଚନ୍ଦ୍ରିକା ଚାଲିଥିବା ଅଭିଯୋଗ କରି ବରଗଡ଼ କଂଗ୍ରେସ ପକ୍ଷରୁ ହୋଇଥିବା ପ୍ରତିବାଦ ଏବଂ କୁଶ ପୁତ୍ତଳିକା ଦାହ ମାମଲାରେ ସ୍ଥାନୀୟ ପୋଲିସର ଏତଲାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ପୋଲିସର ଏଭଳି ଉଦ୍ଦେଶ୍ୟମୂଳକ ଏତଲା ପ୍ରତିବାଦରେ କଂଗ୍ରେସର ଏକ ପ୍ରତିନିଧି ଦଳ ଏସ୍‌ପି ପି.ଏସ ମୀନାଙ୍କୁ ଭେଟି ବିହିତ ପଦକ୍ଷେପ ନେବାକୁ ଦାବି କରଛନ୍ତି। ସୂଚନା ଅନୁଯାୟୀ, ବିଜେଡ଼ି-ଭାଜପା ମଧ୍ୟରେ ମଧୁଚନ୍ଦ୍ରିକା ଚାଲିଥିବା ଅଭିଯୋଗ କରି ଗତ ୧୭ତାରିଖରେ ବରଗଡ଼ କଂଗ୍ରେସ ପକ୍ଷରୁ ସ୍ଥାନୀୟ ଗାନ୍ଧୀ ଛକରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ ସହିତ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଏହାକୁ ନେଇ ବରଗଡ଼ ଟାଉନ ଥାନାରେ ଏକ ମାମଲା (ନଂ.୯୭/୨୦୨୪) ରୁଜୁ ହୋଇଛି। ଏହା ଜାଣିବା ପରେ ଜିଲା କଂଗ୍ରେସ ସଭାପତି ହରଦୀପ ସିଂଙ୍କ ନେତୃତ୍ୱରେ ଦଳର ୧୫ଜଣିଆ ପ୍ରତିନିଧି ଏସପି ମୀନାଙ୍କୁ ଭେଟିଥିଲେ। ଏହି ପ୍ରତିନିଧି ଦଳରେ କଂଗ୍ରେସ ନେତା ନିପନ ଦାଶ, ଯୁଗଳ ପ୍ରସାଦ ସିଂ, ସରୋଜ ଷଡ଼ଙ୍ଗୀ, ରବି ପଣ୍ଡା, ବ୍ରହ୍ମାନନ୍ଦ ମହାକୁଡ଼, ସରୋଜ ମହାପାତ୍ର, ପାଣ୍ଡବ କର୍ଣ୍ଣ, ସୁଧିର ଜେନା ପ୍ରମୁଖ ସାମିଲ ହୋଇଥିଲେ ।



କଂଗ୍ରେସ ପ୍ରତିନିଧି ଦଳ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଯାଉଛନ୍ତି ।

# ପୋଲିସ ନିଷ୍କ୍ରିୟତା ପ୍ରତିବାଦରେ ଧାରଣା

**ସମଲେଶ୍ୱରୀ ମନ୍ଦିରରୁ ଚୋରି ଘଟଣା**

ବରଗଡ଼,୨୬।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅତାବିରା ଥାନା କତାବଗା ଗ୍ରାମରେ ନବନିର୍ମିତ ସମଲେଶ୍ୱରୀ ମନ୍ଦିରରୁ ଚୋରି ଘଟଣାକୁ ଏକ ସପ୍ତାହ ବିତିଯାଇଛି। ମାତ୍ର ପୋଲିସ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ଟେର୍ ପାଇପାରିନାହିଁ। ମନ୍ଦିରରୁ ଚୋରି ହୋଇଥିବା ଦେବୀଙ୍କ ସୁନା, ରୂପା ଅଳଙ୍କାର, ଦାନବାକ୍ସ ଆଦି ଉଦ୍ଧାର କରିବା ତ ଦୂରର କଥା, ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଏଯାଏ ଗିରଫ କରି ପାରିନାହିଁ। ଗ୍ରାମର ଜଣେ ସନ୍ଦିଗ୍ଧ ଯୁବକଙ୍କୁ ପୋଲିସ ପଚରାଉଚୁରା କରୁଛି । ମାତ୍ର ଚୋରି ଘଟଣାର ପର୍ଦ୍ଦାଫାସ ହୋଇପାରି ନ ଥିବାରୁ ଏଥିରେ ପୋଲିସର ନିଷ୍କ୍ରିୟତାକୁ ନେଇ ଅଞ୍ଚଳରେ ଅସନ୍ତୋଷ ତେଜି ଉଠିଛି। ଏହି କ୍ରମରେ ସୋମବାର ଗ୍ରାମର ଶତାଧିକ ମହିଳାପୁରୁଷ ଜିଲା ପୋଲିସ ମୁଖ୍ୟାଳୟ ଆଗରେ ଧାରଣା ଦେବା ସହିତ ଏସ୍‌ପି ପି.ଏସ୍ ମୀନାଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଚୋରି ଘଟଣାର ଅଭିଯୁକ୍ତଙ୍କୁ ଗିରଫ କରିବା ଏବଂ ଦେବୀଙ୍କ ଅଳଙ୍କାର, ଦାନବାକ୍ସ ଆଦି ଉଦ୍ଧାର କରିବା ଦିଗରେ ବିହିତ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି। ସେ ଦିଗରେ ତଦନ୍ତ ଜାରି ରହିଛି ଏବଂ ଅଭିଯୁକ୍ତଙ୍କୁ ଧରିବା ପାଇଁ ସବୁପ୍ରକାର ପ୍ରୟାସ ଚାଲିଛି ବୋଲି ବିଭାଗୀୟ ପୋଲିସ ଅଧିକାରୀ ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ଉଠିଥିଲେ। ସୂଚନା ଅନୁସାରେ, କତାବଗା ଗ୍ରାମରେ ନୂତନ ସମଲେଶ୍ୱରୀ ମନ୍ଦିର ନିର୍ମାଣ ହୋଇଛି। ଏହି ମନ୍ଦିରରେ ମାଁ ସମଲେଶ୍ୱରୀ ଏବଂ ମାଁ ଚନାବେଡ଼େନ ଦେବୀ ପୂଜା ପାଉଛନ୍ତି। ଗତ ୧୪ତାରିଖରୁ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇ ୧୮ତାରିଖରେ ସରିଥିଲା। ତେବେ ପ୍ରତିଷ୍ଠା ଉତ୍ସବର ଠିକ୍ ଦିନକ ପରେ ଅର୍ଥାତ୍ ଗତ ୧୯ତାରିଖରେ ମନ୍ଦିରରୁ ଚୋରି ହୋଇଥିଲା। ଏ ନେଇ ମନ୍ଦିର କମିଟି ଗତ ୨୦ତାରିଖରେ ଏତଲା ଦେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଗତ ୨୨ତାରିଖରେ ଗ୍ରାମର ଏକ ବିଲରେ ଅଳଙ୍କାର ଡବା ପଡ଼ିଥିବା ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ଅନୁସନ୍ଧାନୀ କୁକୁର ସହିତ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା କରିଥିଲା ଏବଂ ଗ୍ରାମର ଜଣେ ସନ୍ଦିଗ୍ଧ ଯୁବକଙ୍କୁ ଥାନାକୁ ଆଣି ପଚାରାଉଚରା କରିଥିଲା। ଏହାପରେ ଚୋରି ଘଟଣାର ପର୍ଦ୍ଦାଫାସ ହେବ ବୋଲି ଗ୍ରାମବାସୀ ଆଶା ରଖିଥିଲେ। କିନ୍ତୁ ଏପର୍ଯ୍ୟନ୍ତ ପୋଲିସ ସେ ଦିଗରେ କିଛି ସଫଳତା ପାଇ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ତଦନ୍ତକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ସେମାନେ ଦାବି କରିଛନ୍ତି । ଧାରଣାରେ କତାବଗା ସମେତ ଆଖପାଖ ଗ୍ରାମର ମହିଳାପୁରୁଷ ସାମିଲ ହୋଇଥିଲେ।



ବରଗଡ଼ ଜିଲା ପୋଲିସ ମୁଖ୍ୟାଳୟ ଆଗରେ ଧାରଣା ।

## ସଂକ୍ଷେପରେ

### ଭବାନୀପାଟଣା କ୍ରିକେଟ ପ୍ରିମିୟର ଲିଗ୍: ଶକ୍ତିନଗରପଡ଼ା ଚାମ୍ପିୟନ

ଭବାନୀପାଟଣା,୨୬ା୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମରେ ଗତ ୨୦ ତାରିଖରୁ ଚାଲିଥିବା ଭବାନୀପାଟଣା କ୍ରିକେଟ୍ ପ୍ରିମିୟର ଲିଗ୍ ସୋମବାର ଅପରାହ୍ନରେ ଉଦଯାପିତ ହୋଇଯାଇଛି। ଉଦ୍‌ଯାପନୀ ତଥା ଫାଇନାଲ ମ୍ୟାଚ୍ ଭବାନୀପାଟଣା ୱାର୍ଡ ନଂ ୪ ଶକ୍ତିନଗରପଡା ଓ ୱାର୍ଡ ନଂ ୯ ମହାବୀର ପଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୱାର୍ଡ ନଂ ୪ ଶକ୍ତିନଗରପଡା ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଟିମ୍ ସାଗର ଚରଣ ଦାସଙ୍କ ପକ୍ଷରୁ ଟୁର୍ନାମେଣ୍ଟ ଆୟୋଜନ କରାଯାଇଥିଲା। ଏହି ଅବସରରେ ପଶ୍ଚିମଓଡିଶାର ସୁନାମଧନ୍ୟ ଗାୟକ ରୁକା ସୁନା ଓ ସାଥିଙ୍କ ଦ୍ୱାରା ରଙ୍ଗାରଙ୍ଗ ମେଲୋଡି କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### ଭାଜପାର ପ୍ରାଥମିକ ସଦ୍‌ସ୍ୟତା ଗ୍ରହଣ କଲେ ନର୍ଲାର ଆଇନଜୀବୀ

ରୁପ୍ରାରୋଡ୍,୨୬ା୨(ସଞ୍ଜୀବ ଦାସ)

ଭୁବନେଶ୍ୱରସ୍ଥିତ ଭାରତୀୟ ଜନତା ପାର୍ଟି ରାଜ୍ୟ କାର୍ଯ୍ୟାଳୟରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ବରିଷ୍ଠ ନେତା ଓ କର୍ମୀ ଭାଜପାରେ ଯୋଗଦେଇଛନ୍ତି। କଳାହାଣ୍ଡି ଜିଲାର ନର୍ଲା ନିର୍ବାଚନ ମଣ୍ଡଳୀରୁ ଆଇନଜୀବୀ ଦୀପକ କୁମାର ସାହୁ ଜିଲା ସଭାପତି ଆର୍ତ୍ତତ୍ରାଣ ମହାପାତ୍ରଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭାଜପାର ପ୍ରାଥମିକ ସଦସ୍ୟତା ଗ୍ରହଣ କକରିଛନ୍ତି। ସାହୁଙ୍କୁ ନର୍ଲା ଅଞ୍ଚଳର ନବ ନିର୍ମାଣ କୃଷକ ସଙ୍ଗଠନ, ବଣିକ ସଂଘ, ସେବାକାରୀ କିନ୍ନର ସଙ୍ଗଠନ, ଡ୍ରାଇଭର ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ ତାଙ୍କର ବଳିଷ୍ଠ ନେତୃତ୍ୱକୁ ସୁଦୃଢ଼ କରିବା ପାଇଁ ଶପଥ ନେଇଛନ୍ତି।

### ୩ ଠାକୁରଙ୍କ ପାଇଁ ରୌପ୍ୟ ମୁକୁଟ ପ୍ରଦାନ

ଲାଞ୍ଜିଗଡ଼,୨୬ା୨(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡଠାରେ ନବନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ରବିବାର ପୋଖରୀବନ୍ଧସ୍ଥିତ ମା' ହିରାନିଳା ଷ୍ଟୋନ କ୍ରଶର ରମେଶ ଚନ୍ଦ୍ର ସାହୁ ୩ଠାକୁରଙ୍କ ପାଇଁ ୩ଟି ରୌପ୍ୟ ମୁକୁଟ ଲାଞ୍ଜିଗଡ଼ ଶ୍ରୀ ହରିହର ସାଂସ୍କୃତିକ ସେବା ସମିତିଙ୍କୁ ପ୍ରଦାନ କରିଛନ୍ତି। ଏହି ତିନିଟି ରୌପ୍ୟ ମୁକୁଟର ମୂଲ୍ୟ ୪ ଲକ୍ଷ ୯୦ ହଜାର ୭୦୦ ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ମିଳିଛି। ଗତ ଜାନୁଆରୀ ୨୨ରେ ଅଯୋଧ୍ୟାରେ ଶ୍ରୀରାମଚନ୍ଦ୍ରଙ୍କ ଭବ୍ୟ ମନ୍ଦିର ପାଇଁ ପ୍ରାଣପ୍ରତିଷ୍ଠା ଉତ୍ସବ ଦେଶରେ ଉତ୍ସବ ବାତାବରଣ ସୃଷ୍ଟି ହୋଇଥିବାବେଳେ ପୋଖରୀବନ୍ଧଠାରେ ମା' ହୀରାନୀଳା ଷ୍ଟୋନ କ୍ରଶର ପକ୍ଷରୁ ଭାରତର ସର୍ବବୃହତ ୧୮୧ଫୁଟ ହନୁମାନ ମୂର୍ତ୍ତି ନିର୍ମାଣ କରିବା ପାଇଁ ଭୂମି ପୂଜନ କରାଯାଇଥିଲା। ଏହି କାମ ପାଇଁ ମା' ହୀରାନୀଳା ଷ୍ଟୋନ କ୍ରଶର ଅଞ୍ଚଳରେ ଚର୍ଚ୍ଚା ବିଷୟ ପାଲଟିଥିବା ବେଳେ ପୁଣି ତିନି ଠାକୁରଙ୍କ ପାଇଁ ରୌପ୍ୟ ମୁକୁଟ ଦେଇ ଅଞ୍ଚଳରେ ଚର୍ଚ୍ଚାକୁ ଆସିଛନ୍ତି।

# ମହିଳାଙ୍କୁ ଆତ୍ମନିର୍ଭର ହେବା ପାଇଁ ଆହ୍ୱାନ



ଶିଶୁ ଯତ୍ନକେନ୍ଦ୍ରରେ ଛାତ୍ରୀଙ୍କ ସହ ବାର୍ତ୍ତାଳାପ କରୁଛନ୍ତି ରାଜ୍ୟପାଳ।

**ରାଜ୍ୟପାଳଙ୍କ ଦିନିକିଆ କଳାହାଣ୍ଡି ଗସ୍ତ**

■ ଶିଶୁ ଯତ୍ନ କେନ୍ଦ୍ରରେ ଛାତ୍ରୀଛାତ୍ରଙ୍କ ସହ କଲେ ବାର୍ତ୍ତାଳାପ

ଭବାନୀପାଟଣା,୨୬ା୨(ଉତ୍ତମ କୁମାର ଦାଶ)

ରାଜ୍ୟପାଳ ରଘୁବର ଦାସ ସୋମବାର ଦିନିକିଆ କଳାହାଣ୍ଡି ଗସ୍ତ କରିଥିଲେ। ଏହି ସମୟରେ ରାଜ୍ୟପାଳ ଭବାନୀପାଟଣା ଓ କେସିଙ୍ଗା ବ୍ଲକର ୮ଟି ସ୍ଥାନ ପରିଦର୍ଶନ କରିଛନ୍ତି। ପ୍ରଥମେ ଭବାନୀପାଟଣା ସହରସ୍ଥିତ ମା' ମାଣିକେଶ୍ୱରୀଙ୍କ ମନ୍ଦିର ଯାଇ ମା'ଙ୍କ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ପରେ ନେହେରୁ ସେବା ସଂଘ ଦ୍ୱାରା ପରିଚାଳିତ ଶିଶୁଯତ୍ନ କେନ୍ଦ୍ରକୁ ଯାଇ ଛାତ୍ରୀଛାତ୍ରଙ୍କ ସହ ବାର୍ତ୍ତାଳାପ କରି ଜୀବନରେ ଖୁବ ପରିଶ୍ରମ କରିବା, ପାଠପଢିବା ଓ ନିଜର ଭବିଷ୍ୟତ ଗଢ଼ିବା ଉପଦେଶ ଦେଇଥିଲେ। ଏହାସହ ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରିଥଲେ। ଥୁଆପଦର୍ ପଞ୍ଚାୟତ ତେନ୍ତୁଳିଖୁଣ୍ଟି ଛକରେ ଅନୁଷ୍ଠିତ ପ୍ରାୟ ୨୦୦ଜଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସମାବେଶ ସଭାରେ ଯୋଗଦେଇ ମହିଳା ମା'ମାନଙ୍କୁ ନିଜ ଜୀବିକା ଖଳିଦାନା, ମସଲା ତିଆରି, ଛେଳି ପାଳନ, ଗାଁ ପୋଖରୀ ମାଛ ଚାଷ, ନର୍ସରୀ ଉପରେ ଆଲୋଚନା କରିଥିଲେ। ସ୍ଥାନୀୟ ଉତ୍ପାଦକୁ ସୁନ୍ଦର ପ୍ୟାକିଂ, ବ୍ରାଣ୍ଡିଙ୍ଗ କରିବାକୁ କହିବା ସହ ମହିଳାମାନେ ଆତ୍ମନିର୍ଭର ହେବା ସହ ନିଜ କନ୍ୟାମାନଙ୍କୁ ପାଠ ପଢ଼ାଇବା ସହ ଜୀବନରେ ଆତ୍ମ ସକ୍ଷମ କରିବାକୁ ରାଜ୍ୟପାଳ ଆହ୍ୱାନ ଦେଇଥିଲେ। ଏହାପରେ ପାଷ୍ଟିଗୁଡ଼ି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗସ୍ତ କରି ରୋଗୀମାନଙ୍କୁ ଭେଟି ଡାକ୍ତରଖାନାରେ ମିଳୁଥିବା ସୁବିଧା ଉପରେ ପଚାରିଥିଲେ। ପାଷ୍ଟିଗୁଡ଼ି ଅଙ୍ଗନୱାଡି କେନ୍ଦ୍ର ଗସ୍ତ କରି ପୋଷଣ ଯୋଜନା ସଂକ୍ରାନ୍ତରେ ଅଭିଭାବକ ଓ କର୍ମୀଙ୍କ ସହ ଆଲୋଚନା କରିଥିଲେ। ନାସିଗାଁରେ ପହଞ୍ଚି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କ ଆଲୋଚନା କରିଥିଲେ। ସେଠାରୁ କେସିଙ୍ଗା ରେଳ ଷ୍ଟେଶନ ଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଆଭାସି ମାଧ୍ୟମରେ ଦେଶରେ ଅମୃତ ଷ୍ଟେଶନ ଯୋଜନା ଅନ୍ତର୍ଗତ ରେଳ ପ୍ରକଳ୍ପ ଉନ୍ନତୀକରଣର ଶିଳାନ୍ୟାସ, ଅନେକ ରେଳ ରାସ୍ତା, ଓଭରବ୍ରିଜର ଉଦଘାଟନ ସଭାରେ ଯୋଗଦେଇଥିଲେ। ପରେ ଭବାନୀପାଟଣା ସର୍କିଟ ହାଉସ ଫେରିଆସି ବିଶ୍ରାମ ନେଇ ପୁଣି ଅପରାହ୍ନରେ ଉତ୍କେଳା ମିନି ଷ୍ଟାଡିୟମଠାରେ ସମାବେଶରେ ପ୍ରାୟ ୨୦୦ ଜଣ ଚାଷୀ ଓ ଗ୍ରାମବାସୀଙ୍କ ସହ ବିଭିନ୍ନ ଯୋଜନା ଉପରେ ବାର୍ତ୍ତାଳାପ କରିଥିଲେ। ସେଠାରୁ ଉତ୍କେଳା ଏୟାରପୋର୍ଟକୁ ଯାଇ ହେଲିକପ୍ଟର ଯୋଗେ ଭୁବନେଶ୍ୱର ଫେରି ଯାଇଥିଲେ। ରାଜ୍ୟପାଳଙ୍କ ଗସ୍ତ ସମୟରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ଏସ୍‌ପି ଅଭିଲାଷ ଜି., ରାଜ୍ୟପାଳଙ୍କ ଗସ୍ତରେ ଆସିଥିବା ବ୍ୟକ୍ତିଗତ ସହାୟକ ହିମାଂଶୁ ପଟ୍ଟନାୟକ, ଏଡିସି ଲେଫ୍ଟନାଣ୍ଟ କମାଣ୍ଡର ହିମାଂଶୁ ସିଂ, ଓଏସଡି ଅଞ୍ଜନ ସରକାର, ପିଆରଓ, ମିଡିଆ ପରାମର୍ଶଦାତା, ସୋସିଆଲ ମିଡ଼ିଆ ସହାୟକଙ୍କ ସହ ଜିଲସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ରତ୍ନ ସିଂହାସନରେ ବିଜେକଲେ ଚତୁର୍ଦ୍ଧାମୂର୍ତ୍ତି



**ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ସମ୍ପନ୍ନ**

ଲାଞ୍ଜିଗଡ଼,୨୬ା୨(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡଠାରେ ନବନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ସୋମବାର ସମ୍ପନ୍ନ ହୋଇଯାଇଛି। ଏହି ଉପଲକ୍ଷେ ସୂର୍ଯ୍ୟପୂଜା, ମଣ୍ଡାଦି ଦେବତା ପୂଜା, ନୀଳଚକ୍ର ସ୍ଥାପନ ସହିତ ରତ୍ନ ସିଂହାସନରେ ଚତୁର୍ଦ୍ଧା ମୂର୍ତ୍ତି ସ୍ଥାପନ କରାଇଯାଇଛି। ଲାଞ୍ଜିଗଡ଼ ଶ୍ରୀ ହରିହର ସାଂସ୍କୃତିକ ସେବା ସମିତି, ବେଦାନ୍ତ ଏବଂ ଲାଞ୍ଜିଗଡ ଅଞ୍ଚଳବାସୀଙ୍କ ସହଯୋଗରେ କର୍ତ୍ତା ଭାବେ ଲାଞ୍ଜିଗଡ ରାଜା ସୁରେନ୍ଦ୍ର ପ୍ରତାପ ସିଂଦେଓ ଓ ଗୌରୀସ୍ୱପ୍ନ ସିଂଦେଓ, ବେଦାନ୍ତ ଡେପୁଟି ସିଇଓ ଗୋବିନ୍ଦ ଗୋପାଲ ପାଲ ଓ ଶୁଭେସ୍ମା ପାଲ, ଚନ୍ଦ୍ରଧଜ ପେଶନିଆ ଓ ଶାନ୍ତିଲତା ପେଶନିଆ, ଶରତଚନ୍ଦ୍ର ସିଂ ଓ ସବିତା ସିଂ, ସୁବାସ ଚନ୍ଦ୍ର ଅଗ୍ରୱାଲ ଓ ପିଙ୍କିବାଇ ଅଗ୍ରୱାଲ ଏବଂ ଶ୍ରୀକାନ୍ତ ବହିଦାର ଓ ସୁସ୍ମିତା ବହିଦାର କାର୍ଯ୍ୟ ସମ୍ପାଦନ କରିଛନ୍ତି। ମୁଖ୍ୟ ପୁରୋହିତ ଭାବେ ଅନନ୍ତ ଚରଣ ରଥ କାର୍ଯ୍ୟକ୍ରମ କରୁଥିବା ବେଳେ ପୂଜକ ଭାବେ ବିଶନାଥ ମିଶ୍ର, ପ୍ରକାଶ ରଥ, ଜଗନ୍ନାଥ ମହାପାତ୍ର, ସୁନୀଲ କୁମାର ମିଶ୍ର, ସନ୍ତୋଷ ମହାପାତ୍ର, ଜ୍ଞାନ ରଞ୍ଜନ ରଥ, ବିରଞ୍ଚି ନାରାୟଣ ରଥ, ସନ୍ତୋଷ ପାଣିଗ୍ରାହୀ, ସନ୍ତୋଷ ସାମନ୍ତରାୟ, ଲକ୍ଷ୍ମୀକାନ୍ତ ପାଣିଗ୍ରାହୀ, ବଦ୍ରି ନାରାୟଣ ମିଶ୍ର, ନିକୁଞ୍ଜ ଶତପଥୀ, ଦାମୋଦର ରଥ, ଦୁର୍ଗା ପ୍ରସାଦ ରଥ, ସୁଦାମ ରଥ ପ୍ରମୁଖ ପୂଜା କାର୍ଯ୍ୟ କରିଥିବାବେଳେ ଦୀନବନ୍ଧୁ ବାରିକ, ମନୁ ବାରିକ କାର୍ଯ୍ୟରେ ସହଯୋଗ କରିଥିଲେ। ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀ, କଳାହାଣ୍ଡି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଶିବାଜୀ ମାଝି, ପୂର୍ବତନ ଏମ୍‌ପି ଅର୍କକେଶରୀ ଦେଓ, ମାଳବିକା ଦେଓ, ବେଦାନ୍ତ ସିଇଓ ପ୍ରଣବ ଭାଟାଚାର୍ଯ୍ୟ, ବେଦାନ୍ତ ଆସୋସିଏଟ ଉପସଭାପତି ବିଭୁଦେନ୍ଦୁ ପଣ୍ଡା, ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ବିଡିଓ ଶଶାଙ୍କ ପାତ୍ର, ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାଏକ, ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡା, ଲାଞ୍ଜିଗଡ ଜୋନ-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ଥୁଆମୂଳ ରାମପୁର ବ୍ଲକ ଅଧ୍ୟକ୍ଷ ଦୟାନିଧି ମାଝି, ବିଧାୟକ ପ୍ରତିନିଧି ପ୍ରଦୀପ କୁମାର ଘଡେଇ, ବ୍ଲକ ବିଜେଡି ସଭାପତି ହିମାଦ୍ରୀ ପେସନିଆ, ପୁରୀ ମୁକ୍ତିମଣ୍ଡପ ସଭାପତି ବିଶ୍ୱନାଥ ମିଶ୍ରଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ। ଲାଞ୍ଜିଗଡ଼ ଶ୍ରୀ ହରିହର ସାଂସ୍କୃତିକ ସେବା ସମିତି ସଭାପତି ରାଜେନ୍ଦ୍ର ପ୍ରତାପ ସିଂଦେଓ, ସମ୍ପାଦକ କାମରାଜ ଦଳବେହେରା, ଲାଞ୍ଜିଗଡ ଆଞ୍ଚଳିକ ବିକାଶ ପରିଷଦ ସଭାପତି ଶ୍ରୀଧର ପେସନିଆଙ୍କ ସମେତ ସମସ୍ତ କର୍ମକର୍ତ୍ତା, ଲାଞ୍ଜିଗଡ଼ ଯୁବଗୋଷ୍ଠୀ, ଲାଞ୍ଜିଗଡ ମହିଳା ମଣ୍ଡଳୀ ପ୍ରମୁଖ ସହଯୋଗ କରିଥିଲେ। ୫ ଦିନ ବ୍ୟାପି ଚାଲିଥିବା ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଉପଲକ୍ଷେ ଯଜ୍ଞ, ପ୍ରବଚନ ଓ ଷୋଳପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।

## ଧରମବନ୍ଧାଠାରେ ମନ୍ତ୍ରୀଙ୍କ ଜନସମ୍ପର୍କ ସଭା




କାର୍ଯ୍ୟକ୍ରମରେ ମଞ୍ଚସୀନ ଅତିଥି ବୃନ୍ଦ।

ନୂଆପଡ଼ା,୨୬ା୨(ମକାରୁ ବେମାଲ)

ନୂଆପଡା ସଦର ବ୍ଲକ ଧରମବନ୍ଧା ପଞ୍ଚାୟତ କାର୍ଯ୍ୟାଳୟଠାରେ ସୋମବାର ଜନସମ୍ପର୍କ ସଭା ଅନୁଷ୍ଠିତ ହୋଇଯାଇଛି। ଜନସମ୍ପର୍କ ସଭାରେ ଧରମବନ୍ଧା, ଚୁଲାଭାଟ, ଭରୁଆମୁଣ୍ଡା ପଞ୍ଚାୟତର ଶତାଧିକ ସ୍ୱୟଂ ସହାୟକ ମହିଳା ଗୋଷ୍ଠି ଓ ଅଞ୍ଚଳର ଜନସାଧାରଣ ଉପସ୍ଥିତ ଥିଲେ। ସଭାରେ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଭଗତରାମ ମାଝି, ସଦର ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଉପାଧ୍ୟକ୍ଷ ଦିଲୀପ ନିର୍ମଳକର, ଜିଲା ପରିଷଦ ସଦସ୍ୟା ଉମା ଠାକୁର, ଚୁଲାଭାଟ ସରପଞ୍ଚ ଚମ୍ପାବାଇ ଠାକୁର, ସମିତି ସଭ୍ୟା ଉର୍ବଷି ସାହୁ, ଧରମବନ୍ଧା ସରପଞ୍ଚ ଭୁନେଶ୍ୱରୀ ଦଣ୍ଡସେନା, ସମିତି ସଭ୍ୟା ନଳିନୀ ମାଝି, ଭରୁଆମୁଣ୍ଡା ସରପଞ୍ଚ ପାର୍ବତୀ ଧରୁଆ, ସମିତି ସଭ୍ୟ ଭଜମନ ଧରୁଆ, ଚୁରନସିଂ ମାଝି, ଜାଗୃତି ସାହୁ, ନୂତନ ନାଏକ, ନୀଳକମଳ ଚନ୍ଦ୍ରକାର, କେଶରିଲାଲ ଜୈନ, ରମାକାନ୍ତ ଠାକୁର, ଚନ୍ଦ୍ରକାନ୍ତ ଠାକୁର, କମଳ ଠାକୁର, ଧନିରାମ ସାହୁ, ଜୟ ଢୋଲକିଆ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ମନ୍ତ୍ରୀ ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରି ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ।

## ଭାଜପାରେ ମିଶିଲେ ଯୁବନେତା ଚାଞ୍ଚେର ମାଝି, ସମର୍ଥକ

ଲାଞ୍ଜିଗଡ଼,୨୬ା୨
(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ନିର୍ବାଚନ ମଣ୍ଡଳୀର ୩୦ରୁ ଉର୍ଦ୍ଧ୍ୱ କଂଗ୍ରେସ କର୍ମୀ ଭାଜପାରେ ଯୋଗଦେଇଛନ୍ତି। ଲାଞ୍ଜିଗଡ ନିର୍ବାଚନ ମଣ୍ଡଳୀ ଆଦିବାସୀ ବର୍ଗଙ୍କ ପାଇଁ ସଂରକ୍ଷିତ ଥିବାବେଳେ ଏଠାରେ କଂଗ୍ରେସର ଦାବିଦାର ଯୁବନେତା ଚାଞ୍ଚେର ମାଝିଙ୍କ ବଦଳରେ ପୂର୍ବତନ ବିଧାୟକ ବଳଭଦ୍ର ମାଝିଙ୍କୁ ଦଳୀୟ ପ୍ରାର୍ଥୀ ଭାବେ ଉପସ୍ଥାପିତ କରାଯିବା ପରେ ଚାଞ୍ଚେର ତାଙ୍କର ଶତାଧିକ ସମର୍ଥକଙ୍କ ସହିତ ଦଳ ଛାଡିଥିଲେ। ରବିବାର ସେ ଭୁବନେଶ୍ୱରସ୍ଥିତ ରାଜ୍ୟ ଭାଜପା କାର୍ଯ୍ୟାଳୟରେ ବିଧିବଦ୍ଧ ଭାବେ ଯୋଗଦେଇଛନ୍ତି। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଓ ଅନ୍ୟ ନେତୃବୃନ୍ଦଙ୍କ ଉପସ୍ଥିତିରେ ସେ ଦଳରେ ସାମିଲ ହୋଇଥିବାବେଳେ ତାଙ୍କୁ ସ୍ୱାଗତ କରାଯାଇଛି। ଏହି ଅବସରରେ ଯୁବନେତା ରାଜେନ୍ଦ୍ର ମାଳି, ହରିହର କୁମାର, ବିନୋଦ ଗଉଡ଼ଙ୍କ, ରବୀନ୍ଦ୍ର ପ୍ରଧାନୀ, ପୀତାମ୍ବର ପଟେଲ, ହାଡିବନ୍ଧୁ ନାଏକ, ଯଶୋବନ୍ତ ବେହେରା ସମେତ ୩୦ରୁ ଅଧିକ କଂଗ୍ରେସ ଛାଡ଼ିଥିବା କର୍ମୀ ଭାଜପାରେ ଯୋଗଦେଇଛନ୍ତି। ଚାଞ୍ଚେର ଦଳରେ ଯୋଗଦେବା ପରେ ଲାଞ୍ଜିଗଡ ନିର୍ବାଚନ ମଣ୍ଡଳୀରେ ଭାଜପା ତୃଣମୂଳସ୍ତରରୁ ଆହୁରି ମଜଭୁତ ହେବ ବୋଲି ରାଜ୍ୟ ନେତୃବୃନ୍ଦ ମତ ଦେଇଛନ୍ତି। ତାଙ୍କୁ ଏଥର ଦଳର ବିଧାୟକ ପ୍ରାର୍ଥୀ ଭାବେ ମୈଦାନକୁ ଓହ୍ଲାଇପାରେ ବୋଲି ଚର୍ଚ୍ଚା ହେଉଛି।

## ମା' ଭଗବତୀ ମହିଳା ଆଶ୍ରମର ବାର୍ଷିକ ଉତ୍ସବ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ସିନାପାଲି,୨୬ା୨(ମନଫୁଲ ମେହେର)

ନୂଆପଡ଼ା ଜିଲା ସିନାପାଲି ବ୍ଲକ ହାତୀବନ୍ଧାସ୍ଥିତ ମା' ଭଗବତୀ ମହିଳା ସ୍ୱାବଲମ୍ବନ ଆଶ୍ରମର ଚତୁର୍ଥ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଆଶ୍ରମ ପରିସରରେ ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହେବା ସହ ଦୀକ୍ଷା ସଂସ୍କାର, କୁଣ୍ଡାବେରା, ମୁଣ୍ଡନ, ଅନ୍ନପ୍ରାସନ, ବିଦ୍ୟାରମ୍ଭ, ପୁଂସବନ ଆଦି ସଂସ୍କାର କାର୍ଯ୍ୟ କରାଯାଇଥିଲ। ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ଆଶା ଜୈନ ଓ ସିନାପାଲି ସମିତିସଭ୍ୟ ମନିଷ ପଟେଲ ଉପସ୍ଥିତ ଥିବା ବେଳେ ଅଞ୍ଚଳରୁ ଶହଶହ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଶ୍ରମ ପ୍ରତିଷ୍ଠାତା ଗାୟତ୍ରୀ ସାହୁ, ଜୟନ୍ତୀ ମେହେର, ମମତା ମେହେର, ଖିରମତି ମେହେର ଉପସ୍ଥିତ ଥିଲେ। ଯଜ୍ଞର ବ୍ୟାସ ମଞ୍ଚ ଦାୟିତ୍ୱରେ ଅର୍ଜୁନ ବାଗ, କେଶବ ମେହେର, ଜନ୍ମେଜୟ ମେହେର, ମନୋଜ ଭୋଇ, ମୀନକେତନ ଧୀବର, ରାଘବ ମେହେର ରହିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଲୋଚନ ମେହେର, ସୁବାସ ଅଗ୍ରୱାଲ, ଭବାନୀ ଶଙ୍କର କଟା, ବୃନ୍ଦାବନ କାଣ୍ଡ, ଧବଳେଶ୍ୱର ମେହେର, ସୁରେଶର ମେହେର, ଚନ୍ଦ୍ର ଧୀବର, ସୀମାଞ୍ଚଳ ଭାଟି, ଅଶୋକ ନାଗ, ନୃପରଜ ପ୍ରଧାନୀ, ଲକ୍ଷ୍ମୀଧର ମେହେର, ସୁବାସ ମେହେର, ଗୁଣନିଧି ବେହେରା, ଶୈଳେଶ ଅଗ୍ରୱାଲ, ମୀନତି ମେହେର, ଉର୍ମିଳା ମେହେର, ସଜମନି ମେହେର, ଦିନେଶ ମେହେର, ହିରାଲାଲ ଅଗ୍ରୱାଲ, ମାଧୁରୀ ମାଝି, ଧନୀ ରାମ ଭାଟି, ସାଧୁରାମ ବଗର୍ତ୍ତୀ, ସରୋଜ ସିଂ ନିନା, ତିଳୋତ୍ତମା ମେହେର, ସିନାପାଲି ମହିଳା ମଣ୍ଡଳ, ଗୋଲାମୁଣ୍ଡା ମହିଳା ମଣ୍ଡଳ, ଡୁର୍କେଲ ମହିଳା ମଣ୍ଡଳ ସଦସ୍ୟା ସହଯୋଗ କରିଥିଲେ।

## ରାଜ୍ୟପାଳଙ୍କୁ ଦାବିପତ୍ର ଦେଲେ ଆଶାୟୀ ପରୀକ୍ଷାର୍ଥୀ

**ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା କେନ୍ଦ୍ର ଦାବି**

ଭବାନୀପାଟଣା,୨୬ା୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାରେ ଓଡିଶା ପ୍ରଶାସନିକ ସେବାର ପରୀକ୍ଷା କେନ୍ଦ୍ର କରିବା ଦାବିରେ ଆଶାୟୀ ପରୀକ୍ଷାର୍ଥୀମାନେ ସୋମବାର ରାଜ୍ୟପାଳଙ୍କ କଳାହାଣ୍ଡି ଗସ୍ତ ସମୟରେ ତାଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବ୍ରହ୍ମର୍ଷି ନାଏକ ଯାଦବଙ୍କ ନେତୃତ୍ୱରେ ଜ୍ୟୋତି ପ୍ରକାଶ ନାୟକ, ଲୋକେଶ ହଂସ, ଥୀର ବାଗ, ହେମରାଜ ଛତ୍ରିଆ, ସୁଧାଂଶୁ ସାହୁ, ହିତେଶ ବେହେରା, ଭାଗବତ ମାଝିଙ୍କ ସମେତ ଅନେକ ପରୀକ୍ଷାର୍ଥୀଙ୍କ ସ୍ୱାକ୍ଷର ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ଅବିଭକ୍ତ କେବିକେ ଜିଲାରେ ଗୋଟିଏ ମଧ୍ୟ ପରୀକ୍ଷା କେନ୍ଦ୍ର ନ ଥିବାରୁ ଏହି ଅଞ୍ଚଳର ପରୀକ୍ଷାର୍ଥିମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭବାନୀପାଟଣାଠାରୁ ସମ୍ବଲପୁରର ଦୂରତା ୨୫୦ କି.ମି ଓ ବ୍ରହ୍ମପୁର ପାଖାପାଖି ୨୯୦ କିଲୋମିଟର। ଯେହେତୁ ଭବାନୀପାଟଣା ଅବିଭକ୍ତ କେବିକେ ଅଞ୍ଚଳର କେନ୍ଦ୍ରସ୍ଥଳରେ ଅବସ୍ଥିତ। ଏଠାରେ ସରକାରୀ ଓ ବେସରକାରୀ ବଡ଼ବଡ଼ ଶିକ୍ଷାନୁଷ୍ଠାନ ବହୁତ ସଂଖ୍ୟାରେ ରହିଛି। ଏଣୁ ଏହା ଉପରୋକ୍ତ ପରୀକ୍ଷା ଆୟୋଜନ କରିବା ପାଇଁ ଏକ ପ୍ରକୃଷ୍ଟ ସ୍ଥାନ। ଏଠାରେ ପରୀକ୍ଷା କେନ୍ଦ୍ର ହେଲେ ସ୍ଥାନୀୟ ପରୀକ୍ଷାର୍ଥୀଙ୍କ ସଂଖ୍ୟା ବୃଦ୍ଧି ପାଇବା ସହିତ ନିକଟସ୍ଥ ଜିଲା ନୂଆପଡ଼ା, ନବରଙ୍ଗପୁର, କୋରାପୁଟ, ରାୟଗଡ଼ା, ମାଲକାନଗିରି, କନ୍ଧମାଳର କିଛି ଅଞ୍ଚଳ ଓ ବଲାଙ୍ଗୀରର ଟିଟିଲାଗଡ଼ ସବଡିଭିଜନ ପରୀକ୍ଷାର୍ଥୀମାନଙ୍କ ପାଇଁ ପରୀକ୍ଷା କେନ୍ଦ୍ର ନିକଟ ହେବ। ଏହା ଦ୍ୱାରା ଏହି ଅଞ୍ଚଳର ଭିନ୍ନକ୍ଷମ, ମହିଳା ଏବଂ ଗରିବ ଶ୍ରେଣୀର ପରୀକ୍ଷାର୍ଥୀମାନେ ବିଶେଷ ଭାବେ ଉପକୃତ ହୋଇପାରିବେ। ପୁନଶ୍ଚ ଏହିଠାରେ ପ୍ରତିଯୋଗୀତାମୂଳକ ପରିବେଶ ସୃଷ୍ଟି ହେବ। ଏହି ଅଞ୍ଚଳରୁ ଅଧିକରୁ ଅଧିକ ସଂଖ୍ୟକ ପରୀକ୍ଷାର୍ଥୀମାନେ ସଫଳ ହୋଇପାରିବେ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

## ୧ରୁ ପ୍ରଥମ ଫ୍ଲଡ୍ ଲାଇଟ କେପିଏଲ୍ କ୍ରିକେଟ ଟୁର୍ନାମେଣ୍ଟ

ନୂଆପଡ଼ା,୨୬ା୨(ମକାରୁ ବେମାଲ)

ନୂଆପଡା ଜିଲା ଖରିଆର ରୋଡ ଗାଡେନ ଇନଠାରେ ପ୍ରଥମ କେପିଏଲ ଫ୍ଲଡ ଲାଇଟ କ୍ରିକେଟ ଟୁର୍ନାମେଣ୍ଟ ହେବ। ପ୍ରଥମ ଫ୍ଲଡ ଲାଇଟ ଖରିଆର ରୋଡ ପ୍ରିମିୟର ଲିଗ (କେପିଏଲ) ମ୍ୟାଚ ମାର୍ଚ୍ଚ ୧ରୁ ଆରମ୍ଭ ହୋଇ ୬ରେ ଉଦଯାପିତ ହେବ ବୋଲି ସୋମବାର ଏକ ଖବରଦାତା ସମ୍ମିଳନୀରେ ୱାରିୟର କ୍ରିକେଟ କ୍ଲବ ସଭାପତି ହାର୍ଦ୍ଦିକ ଢୋଲକିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ଡବ୍ଲୁସିସି ସଭାପତି ନିଖିଲେଶ ଲଖମନିଆ ସୂଚନା ଦେଇଛନ୍ତି। ଖରିଆର ରୋଡ ଟାଉନରୁ ମୋଟ ୧୦ଟି ଦଳ ଭାଗ ନେବା କାର୍ଯ୍ୟକ୍ରମ ରହିଛି। ଏହି କେପିଏଲ ଫ୍ଲଡ ଲାଇଟ ମ୍ୟାଚ ପ୍ରଥମ ଥର ୱାରିୟର କ୍ରିକେଟ କ୍ଲବ ପକ୍ଷରୁ ଆୟୋଜନ କରାଯାଉଛି। ଆଗାମୀ ବର୍ଷରେ ବଡଧରଣର କରାଯିବ ବୋଲି କହିଥିଲେ। ୧୦ଟି କ୍ରିକେଟ ଦଳର ନାମ କରଣ କରାଯାଇଛି। ମୁମ୍ବାଇ ଇଣ୍ଡିଆନ, ଗୁଜୁ ଟାଇଟନ, ଚେନ୍ନାଇ ହିରୋସ, ରୋୟଲ ଏସେସ ବାଙ୍ଗାଲୋର, ଦିଲ୍ଲୀ ଡେଭିଲସ, ଲଖନୌ ଟାଇଗରସ, ହାଇଦ୍ରାବାଦ ବ୍ଲାଷ୍ଟରସ, ରାଜସ୍ଥାନ ଇଗଲ, ରାଇଜିଂ ପୁନେ ପାୱାର ଓ କୋଲକୋତା ଫାଇଟର ନାମରେ ମ୍ୟାଚ ଖେଳିବେ। କେପିଏଲ ଫ୍ଲଡ ଲାଇଟ ମ୍ୟାଚରେ ମନ୍ତ୍ରୀ, ଏମଏଲଏ, ଏମପି ଓ ବ୍ୟକ୍ତିବିଶେଷ ଅତିଥି ଭାବେ ଯୋଗଦେବେ। ରାମ ସୋନି, ପ୍ରେମ ସାହୁ, ଧନିରାମ ସାହୁ, କହ୍ନେୟା ଲଖମନିଆ, କିଶୋର ଡୁରକିଆ, କିଷାନ ଗୋୟଲ, ମନୋଜ ସକଲେଚା, ହେମନ୍ତ ଗୁପ୍ତା, ଫରେହନ ଆଶରଫି, ଅମନ ଖାନ, ଆଦିତ୍ୟ ବରାଡିଆ, ରବି ବାଗ, ମୁକେଶ ଜୈନ, ମୁକେଶ ଭାଷାନି ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

## କମ୍ପାନୀଗୁମା ଗାଁରେ ଏବେଠୁ ପାଣି ସମସ୍ୟା

ଖଡ଼ିଆଳ,୨୬ା୨
(ସୁଜିତ୍ କୁମାର ପ୍ରଧାନ)



ପାଣି ପାଇଁ ନଳକୂପରେ ମହିଳାମାନେ ଅପେକ୍ଷା କରିଛନ୍ତି।

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ରାଣୀମୁଣ୍ଡା ଗ୍ରାମପଞ୍ଚାୟତ କମ୍ପାନୀ ଗୁମା ଗ୍ରାମରେ ପାଣି ସମସ୍ୟା ଉତ୍କଟ ହୋଇଛି। ପାଣି ପାଇଁ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଗ୍ରାମକୁ ୫ ବର୍ଷ ତଳେ ପାଇପ ଯୋଗେ ଜଳ ଯୋଗାଣ ପାଇଁ ରାଣୀମୁଣ୍ଡା ଗ୍ରାମର ଡ୍ୟାମ ପାଖରେ ଗଭୀର ନଳକୂପ ଖୋଲାଯାଇଥିଲା। କମ୍ପାନୀଗୁମାରେ ଟାଙ୍କି ନିର୍ମାଣ କରାଯାଇଥିଲା। ପ୍ରଥମ କିଛି ଦିନ ଅଳ୍ପ ପାଣି ଆସୁଥିବା ବେଳେ ପରେ ଆଉ ଆସିଲା ନାହିଁ। ଏହି ଗ୍ରାମ ଉଚ୍ଚରେ ଥିବାରୁ ପାଣି ଆସୁ ନ ଥିବା ସନ୍ଦେହ କରାଯାଉଛି। ଗ୍ରାମରେ ଶହେରୁ ଉର୍ଦ୍ଧ୍ୱ ପରିବାର ଓ ପାଖାପାଖି ୪ ଶହ ଲୋକ ରହନ୍ତି। ଗ୍ରାମରେ ୬ଟି ପଡ଼ାଥିବା ବେଳେ ସବୁପଡାରେ ପାଣି ସମସ୍ୟା ରହିଛି। ବିଶେଷ କରି ବସ୍ତିପଡ଼ାରେ ୫୦ ପରିବାର ଥିବା ବେଳେ ଦୁଇଟି ନଳକୂପ ଅଛି। ତହିଁରୁ ଗୋଟିଏ ନଳକୂପରୁ ଖରାପ ପାଣି ବାହାରୁ ଥିବାବେଳେ ଅନ୍ୟ ଗୋଟିଏ ଉପରେ ପଡ଼ାବାସୀ ନିର୍ଭର କରନ୍ତି। ଏକ ନଳକୂପରେ ଭିଡ଼ ଜମୁଥିବା ବେଳେ ପାଣି ମଧ୍ୟ କମ ବାହାରିଥାଏ। ମହିଳାମାନେ ରାତି ଅଧରୁ ପାଣି ପାଇଁ ଜଗି ରହୁନ୍ତି। ପ୍ରଶାସନକୁ ବାରମ୍ବାର ଜଣାଇଲେ ମଧ କେହି ଶୁଣୁ ନ ଥିବା ଲୋକେ କହୁଛନ୍ତି। ପାଣି ସମସ୍ୟା ସମାଧାନ ନ ହେଲେ ଆସନ୍ତା ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ଧମକ ଦେଇଛନ୍ତି ଗ୍ରାମବାସୀ। ଏବେଠୁ ଯଦି ପାଣି ସମସ୍ୟା ଦେଖାଦେଲାଣି ତାହାହେଲେ ଆଗକୁ ପରିସ୍ଥିତି ଆହୁରି ଅଧିକ ଜଟିଳ ହେବ। ଏ ନେଇ ବିଡିଓ ବୀରସେନ ବେହେରାଙ୍କୁ ପଚାରିବାରୁ ଦିନକ ମଧ୍ୟରେ ସମସ୍ୟା ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ଉଦାସୀନତା ଯୋଗୁ ସରକାରଙ୍କ କୋଟିକୋଟି ଟଙ୍କାର ଜଳ ଯୋଗାଣ ବ୍ୟବସ୍ଥା ଫେଲ ମାରିଛି। ବିଡିଓଙ୍କ ଅବଗତ ପରେ କମ୍ପାନୀ ଗୁମାଗାଁବାସୀଙ୍କ ଜଳ ସଙ୍କଟ କେବେ ଦୂର ହେଉଛି ତାହା ଦେଖିବାକୁ ବାକି ରହିଲା।

## ସଂକ୍ଷେପରେ

### ପାଇକମାଲ ନାଗରିକ କମିଟି ବୈଠକ

ପାଇକମାଲ,୨୬।୨(ବଡ ଶତପଥୀ): ବରଗଡ ଜିଲା ପାଇକମାଲସ୍ଥିତ ନୃସିଂହନାଥ ଧର୍ମଶାଳାଠାରେ ପାଇକମାଲ ନାଗରିକ କମିଟିର ଏକ ବୈଠକ ସଭାପତି ମନୋଜ କୁମାର ତ୍ରିବେଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପାଇକମାଲ ସିଏଚ୍‌ସିରେ ଡାକ୍ତର ଅଭାବ ଯୋଗୁ ଅଞ୍ଚଳର ରୋଗୀମାନେ ହଇରାଣ ହେଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଡାକ୍ତର ପଦବୀ ପୂରଣ ନ ହେଲେ ଜନଆନ୍ଦୋଳନ ପାଇଁ ଚେତାବନୀ ଦିଆଯାଇଥିଲା। ସେହିପରି ଛାତ୍ରୀଛାତ୍ରମାନଙ୍କ ପରୀକ୍ଷା ସମୟରେ ବିଦ୍ୟୁତ କାଟ୍ ନ କରିବା ପାଇଁ ବିଭାଗୀୟ ଏସ୍‌ଡିଓ ମନୋରଞ୍ଜନ ନାୟକଙ୍କ ନିକଟରେ ଦାବି କରାଯାଇଥିଲା। ସମ୍ପାଦକ ନୀଳମଣି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ନଗଦ ରାଶି, ବ୍ୟାଗ୍ ବଣ୍ଟନ

ବରଗଡ଼,୨୬।୨(ପ୍ରେମାନନ୍ଦ ଖମାରୀ): ଖାଦ୍ୟ ଯୋଗାଣ ବିଭାଗ ଆନୁକୂଲ୍ୟରେ ବରଗଡ଼ ପୌର ପରିଷଦ ଅନ୍ତର୍ଗତ ବିଭିନ୍ନ ୱାର୍ଡରେ ପ୍ରତ୍ୟେକ ରାଶନ କାର୍ଡ ହିତାଧିକାରୀଙ୍କୁ ୨ଟି ଝୋଟ ବ୍ୟାଗ୍ ଏବଂ ୧ହଜାର ଟଙ୍କା ନଗଦ ଆର୍ଥିକ ରାଶି ପ୍ରଦାନ କରାଯାଇଛି । ପୌର ପରିଷଦର ୱାର୍ଡ ନଂ- ୨, ୫, ୭, ୧୪ ଆଦିରେ ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ତାହା ପ୍ରଦାନ କରିଥିଲେ। ପୌରାଧ୍ୟକ୍ଷା କଳ୍ପନା ମାଝି, ପୌର ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ, ଟାଉନ ବିଜେଡ଼ି ସଭାପତି କିଶୋର ମିଶ୍ରଙ୍କ ସମେତ ବିଭିନ୍ନ ୱାର୍ଡର କାଉନସିଲରମାନେ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ।

### ଉନ୍ନୟନ କାର୍ଯ୍ୟର ଶିଳାନ୍ୟାସ

ବରଗଡ଼,୨୬।୨(ପ୍ରେମାନନ୍ଦ ଖମାରୀ): ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ- ୧ ନିଗମାନନ୍ଦ ବିହାରରେ ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମର ଶିଳାନ୍ୟାସ ସମାରୋହ ସୋମବାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ୱାର୍ଡରେ ଡ୍ରେନ ନିର୍ମାଣ, ରାସ୍ତା କଂକ୍ରିଟକରଣ ଆଦି କାର୍ଯ୍ୟ ପାଇଁ ମୁଖ୍ୟ ଅତିଥି ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଶିଳାନ୍ୟାସ କରିଥିଲେ। ପୌରାଧ୍ୟକ୍ଷା କଳ୍ପନା ମାଝି, ବିଜେଡି ନଗର ସଭାପତି କିଶୋର ମିଶ୍ର, କାଉନସିଲର ବେଦମତୀ ସେଟ, ଉଦ୍ଧବ ସେଟ୍ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ନିଗମାନନ୍ଦ ବିହାର ଉନ୍ନୟନ କମିଟି ସଭାପତି ସଦାଶିବ ସାହୁ, ସମ୍ପାଦକ ଟିକେଲାଲ ନାଏକଙ୍କ ସମେତ ପଡ଼ାବାସୀ ଉପସ୍ଥିତ ଥିଲେ। ପର୍ଯ୍ୟାୟକ୍ରମେ ଉକ୍ତ ୱାର୍ଡରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଜାରି ରହିବ ବୋଲି ବିଧାୟକ ଆଚାର୍ଯ୍ୟ କହିଥିଲେ ।

### ଡି. ବିଶ୍ୱନାଥ ଅତାବିରା, ବରଗଡ ବିଜେଡି ପର୍ଯ୍ୟବେକ୍ଷକ

ଭୁବନେଶ୍ୱର,୨୬।୨(ଅନିଲଦାସ): ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଜେଡିର ବରିଷ୍ଠ ନେତା ଡି. ବିଶ୍ୱନାଥଙ୍କୁ ଅତାବିରା ଏବଂ ବରଗଡ ବିଧାନସଭା ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ଏ ନେଇ ସୋମବାର ବିଜେଡି ପକ୍ଷରୁ ପ୍ରେସ ବିଜ୍ଞପ୍ତି ଜରିଆରେ ଏହି ସୂଚନା ଦିଆଯାଇଛି।


ବରଗଡ଼ ସହରରେ ଚାଷୀଙ୍କ ଟ୍ରାକ୍ଟର ଶୋଭାଯାତ୍ରା ।


ଭଟଲି ଛକରେ ପୋଲିସ ଚାଷୀଙ୍କୁ ଅଟକାଉଛି ।

# ଟ୍ରାକ୍ଟର ଶୋଭାଯାତ୍ରାରେ ଚାଷୀ

ବରଗଡ଼,୨୬।୨(ପ୍ରେମାନନ୍ଦ ଖମାରୀ)

କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)କୁ ଆଇନଗତ ମାନ୍ୟତା ଦାବି ନେଇ ସଂଯୁକ୍ତ କିଷାନ ମୋର୍ଚ୍ଚାର ଆନ୍ଦୋଳନ ଜାରି ରହିଛି । ଏହି କ୍ରମରେ ସଂଯୁକ୍ତ କିଷାନ ମୋର୍ଚ୍ଚାର ଆହ୍ୱାନକ୍ରମେ ସୋମବାର ବରଗଡ଼ର ଜୟ କିଷାନ ଆନ୍ଦୋଳନ ତରଫରୁ ଏକ ଟ୍ରାକ୍ଟର ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଜିଲାର ବିଭିନ୍ନ ଗ୍ରାମରୁ ଶତାଧିକ ଚାଷୀ ପ୍ରତିନିଧି ଏଥିରେ ସାମିଲ ହୋଇଥିଲେ। ଟ୍ରାକ୍ଟର ସହିତ ସେମାନେ ବୀରଛକରେ ସମବେତ ହୋଇଥିଲେ। ସେଠାରୁ ସେମାନେ ଟ୍ରାକ୍ଟର ଶୋଭାଯାତ୍ରା ଭଟଲି ଛକ, ଗାନ୍ଧୀ ଛକ ଦେଇ ସହର ପରିକ୍ରମା କରିଥିଲା। ଭଟଲି ଛକରେ ପୋଲିସ ଟ୍ରାକ୍ଟର ଶୋଭାଯାତ୍ରାକୁ ଅଟକାଇଥିଲା। ମାତ୍ର ଚାଷୀ ପ୍ରତିନିଧିମାନେ ଶୋଭାଯାତ୍ରା ଜାରି ରହିବ ବୋଲି ଅଡ଼ି ବସିଥିଲେ। ପୋଲିସ ଯଦି ଗିରଫ

**ଏମ୍‌ଏସ୍‌ପିକୁ ଆଇନଗତ ମାନ୍ୟତା ଦାବି**

କରିବାକୁ ଚାହୁଁଛି, ଗିରଫ କରୁ, କିନ୍ତୁ ହକ୍ ପାଇଁ ଲଢ଼େଇ ବନ୍ଦ ହେବ ନାହିଁ ସେମାନେ କହିଥିଲେ। ଏହାପରେ ଚାଷୀମାନଙ୍କ ଆଗରେ ପୋଲିସ ମୁଣ୍ଡ ନୁଆଇଁଥିଲା ଏବଂ ଟ୍ରାକ୍ଟର ଶୋଭାଯାତ୍ରା ସମତା ଭବନକୁ ଆସି ସମାପନ ହୋଇଥିଲା।

ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତିର ଆବାହକ ଲିଙ୍ଗରାଜ କହିଥିଲେ, ୨୦୨୦ ନଭେମ୍ବର ୨୬ତାରିଖରେ ତତ୍କାଳୀନ ୩ନୂଆ କୃଷି ଆଇନ ପ୍ରତ୍ୟାହର ଏବଂ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)କୁ ଆଇନଗତ ମାନ୍ୟତା ଦାବିରେ ଚାଷୀ ଆନ୍ଦୋଳନ ତେଜି ଉଠିଥିଲା। ଦିଲ୍ଲୀ ସୀମାରେ ଆରମ୍ଭ ହୋଇ ଦୀର୍ଘ ୧୩ମାସ ଧରି ଏହି ଆନ୍ଦୋଳନ ଜାରି ରହିଥିଲା। ସେତେବେଳେ କେନ୍ଦ୍ରର ମୋଦି ସରକାର ଆନ୍ଦୋଳନ ପ୍ରତ୍ୟାହାର କରାଇବାକୁ ଯାଇ ଉକ୍ତ ୨ଦାବିକୁ ନେଇ ଏକ କୃଷକ କମିଟି ଗଠନ କରି ଏହାକୁ କାର୍ଯ୍ୟକାରୀ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଆଜକୁ ୨୬ମାସ ବିତିଯାଇଥିଲେ ସୁଦ୍ଧା ମୋଦି ସରକାର ଏମ୍‌ଏସ୍‌ପିକୁ ଆଇନଗତ ମାନ୍ୟତା ଦେଇପାରିନାହିଁ। ଫଳରେ ପୁଣିଥରେ ପଞ୍ଜାବ, ହରିଆନାର ଚାଷୀମାନେ ସିଂଘୁ ବର୍ଡରରେ ଡେରା ପକାଇଛନ୍ତି। ଏଭଳି ସ୍ଥିତିରେ ମୋଦି ସରକାର ଚାଷୀଙ୍କ ଦାବି ତଥା ନିଜର ପୂର୍ବ ପ୍ରତିଶ୍ରୁତିକୁ କାର୍ଯ୍ୟକାରୀ କରିବା ବଦଳରେ ଆନ୍ଦୋଳନକୁ ଦମନ କରିବା ପାଇଁ ସବୁ ପ୍ରକାର ଉଦ୍ୟମ ଜାରି ରଖିଛି। ଚାଷୀମାନଙ୍କୁ ଅଟକାଇବା ପାଇଁ ଲୁହବୁହା ଗ୍ୟାସ ଛାଡ଼ିବା, ରାସ୍ତାରେ ଲୁହାକଣ୍ଟା ଲଗାଇବା ସହିତ ଗୁଳି ଚଳାଇବା ପାଇଁ ପଛଘୁଞ୍ଚା ଦେଉନାହିଁ । ସେ ଆହୁରି କହିଥିଲେ, ଭାରତ ସରକାର ବିଶ୍ୱ ବାଣିଜ୍ୟ ସଙ୍ଗଠନ(ଡବ୍ଲ୍ୟୁଟିଓ) ଚାପରେ ଦେଶର ଅନ୍ନଦାତାମାନଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରୁଛନ୍ତି। ଏହାକୁ ବରଦାସ୍ତ କରାଯିବନାହିଁ। ସଂଯୁକ୍ତ କିଷାନ ମୋର୍ଚ୍ଚାର ଆନ୍ଦୋଳନ ଆରମ୍ଭରୁ ଜୟ କିଷାନ ଆନ୍ଦୋଳନ ସାମିଲ ହୋଇଆସିଛି ଏବଂ ଆଗକୁ ମଧ୍ୟ କିଷାନ ମୋର୍ଚ୍ଚାର ପ୍ରତ୍ୟେକ ଡାକରାକୁ ବରଗଡ଼ରେ କାର୍ଯ୍ୟକାରୀ କରାଯିବ ବୋଲି ସେ ସୂଚନା ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜୟ କିଷାନ ଆନ୍ଦୋଳନ ସଭାପତି ସୁଶିଲ କୁମାର ସାହୁ, ସାଧାରଣ ସମ୍ପାଦକ ହର ବଣିଆଁ, ଚାଷୀନେତା ଶିବ ପ୍ରସାଦ ପ୍ରଧାନ, ଅରୁଣ କୁମାର ସାହୁ, ଭଞ୍ଜନ ବାରିକ, ଅରୁଣ ପ୍ରଧାନ, ବାଲକିଶୋର ଛତର, ଜିତୁ ବେହେରା, କପିଳାସ ଭୋଇ, ଅକ୍ଷୟ ପ୍ରଧାନ, ସରୋଜ ପ୍ରଧାନ, କିଶୋର ସାହୁ, ଲକ୍ଷ୍ମଣ ସୁନା, ସିଲିଂ ସାହୁ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ଚକୁଲିଫାର୍ମ ରେଲୱେ ଅଣ୍ଡରପାସ୍ ପାଇଁ ଶିଳାନ୍ୟାସ

ସରଣ୍ଡା,୨୬।୨(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ବ୍ଲକ ଗୋଡଭଗା ପଞ୍ଚାୟତ ଅଧୀନ ଚକୁଲିଫାର୍ମ ଦେଇ ଯାଇଥିବା ପୂର୍ବତଟ ରେଳପଥରେ ଅଣ୍ଡରପାସ ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଭର୍ଚୁଆଲରେ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ସମ୍ବଲପୁର ରେଲୱେ ବିଭାଗର ସିନିୟର ଡିଭିଜନାଲ ଇଞ୍ଜିନିୟର (ସେଣ୍ଟ୍ରାଲ) ଏମ୍. ଶ୍ରୀନିବାସ ରାଓଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋଡ଼ଭଗା ସରପଞ୍ଚ ମଞ୍ଜୁଲତା ସେଟ, ଅତିରିକ୍ତ ଡିଭିଜନାଲ ଇଞ୍ଜିନିୟର ସେଣ୍ଟ୍ରାଲ ଏମ୍. କେ. ଓଝା ଓ କୋଶଳ ସ୍କୁଲର ଅଧ୍ୟକ୍ଷ ରବୀନ୍ଦ୍ର ନାଥ ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ଅରୁଣ ସିହ୍ନା ମଞ୍ଚ ସଂଯୋଜନା କରିଥିଲେ। ଚକୁଲିଫାର୍ମ ଫାଟକ ନିକଟରେ ଅମୃତ ଭାରତ ଷ୍ଟେଶନ ଯୋଜନାରେ ଏହି ଅଣ୍ଡର ପାସ ନିର୍ମାଣ ହେବ। କୋଶଳ ସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ପୂର୍ବରୁ ହୋଇଥିବା ୨୦୪୭ ବିକଶିତ ଭାରତର ବିକଶିତ ରେଲୱେ ଉପରେ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହାସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ରେଲୱେ ବିଭାଗର ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ। ଏହି ଅଣ୍ଡରପାସ୍ ହେବା ଦ୍ୱାରା ଅଞ୍ଚଳର ଜନସାଧାରଣଙ୍କ ସୁଗମ ଯାତାୟାତ ହୋଇପାରିବ। ସୂଚନାଯୋଗ୍ୟ, ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ୪୧ହଜାର କୋଟି ଟଙ୍କା ବ୍ୟୟରେ ସାରା ଦେଶରେ ୫୫୪ଟି ରେଳ ଷ୍ଟେଶନର ପୁନର୍ବିକାଶ ଏବଂ ୧୫୦୦ ରୋଡ୍ ଓଭରବ୍ରିଜ୍ ଓ ଅଣ୍ଡରପାସ୍‌ର ଶିଳାନ୍ୟାସ, ଉଦ୍‌ଘାଟନ କରିଥିଲେ ।


କୋଶଳ ସ୍କୁଲର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

## ଭାଜପାରେ ଯୋଗଦାନ ପରେ ନୀହାରଙ୍କୁ ସମ୍ବର୍ଦ୍ଧନା

ସରଣ୍ଡା,୨୬।୨(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରାର ପୂର୍ବତନ କଂଗ୍ରେସ ବିଧାୟକ ନିହାର ମହାନନ୍ଦ ଭୁବନେଶ୍ୱର ଯାଇ ଭାଜପାରେ ବିଧିବଦ୍ଧ ଭାବେ ଯୋଗ ଦେଇଛନ୍ତି। ସେ ସୋମବାର ଅତାବିରାରେ ପହଞ୍ଚିବା ପରେ ତାଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ତାଙ୍କ ସମର୍ଥକ ଏବଂ ଭାଜପା କର୍ମୀମାନେ ମଧ୍ୟାହ୍ନ ୧୨ଟାରେ ଅତାବିରାର ନିହାରଙ୍କୁ ଗୋଡଭଗା ଛକରୁ ସୁକୁଟାପାଲି ଛକ ପର୍ଯ୍ୟନ୍ତ ଏକ ବାଇକ୍ ରାଲିରେ ପାଛୋଟି ନେଇଥିଲେ। ବାଟରେ ନିହାର ଦୁର୍ଗା ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ଏହି ରାଲିରେ ଭାଜପା ନଗର ସଭାପତି ସୁରେନ୍ଦ୍ର ସ୍ୱାଇଁ, ଦଶରଥ ଭୋଇ, ଅଶ୍ୱିନୀ ତ୍ରିପାଠୀ, ପପୁନ ପଧାନ, ଜିତୁ ଭୋଇ, ପ୍ରମୋଦ ରଥ, ସୌମ୍ୟକାନ୍ତ ଦାସ, ନୀଳମାଧବ ମହାନନ୍ଦ, ସୁରେନ୍ଦ୍ର ପ୍ରଧାନ, ବିଦ୍ୟାଧର ପ୍ରଧାନ, ଶ୍ରବଣ ପରିଛା, ପ୍ରିୟଦର୍ଶିନୀ ଅର୍ଚ୍ଚନା ବାଗ, ରାଜ ଅଗ୍ରୱାଲ, କୌଶିକ ମହାକୁର, ପ୍ରହଲାଦ ଉର୍ମା ପ୍ରମୁଖ ଯୋଗ ଦେଇଥିଲେ।


ନୀହାର ମହାନନ୍ଦଙ୍କୁ ସ୍ୱାଗତ କରାଯାଉଛି।


କଳାକାରମାନେ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନ କରୁଛନ୍ତି ।

## ପଥପ୍ରାନ୍ତ ନାଟକରେ ଜଙ୍ଗଲ ସୁରକ୍ଷା

ଭେଡେନ,୨୬।୨( ସୁଦନ ମହାକୁର)

ବରଗଡ଼ ଜିଲା ବନ ବିଭାଗ ପକ୍ଷରୁ ଭେଡେନ ବ୍ଲକର ବିଭିନ୍ନ ଗ୍ରାମରେ ଜଙ୍ଗଲ ସୁରକ୍ଷା ପାଇଁ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ନାଟକରେ ବିଶେଷ କରି ବନାଗ୍ନି, ବନ୍ୟପ୍ରାଣୀଙ୍କ ସୁରକ୍ଷା, ଜଙ୍ଗଲ ନଷ୍ଟ ଉପରେ କାହାଣୀ ପରିବେଷିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଫରେଷ୍ଟର ଲୋକେଶ୍ୱର ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ଲକର ସହରାପାଲି, ବହଳପାଲି, ଦେକୁଲବା, ବରମକେଲା, ବଡପିପିଲି ପାଲି ଓ ପପଙ୍ଗା ଗ୍ରାମରେ ନାଟକ ପରିବେଷଣ କରାଯାଇଥିଲା। ଏହି ନାଟକକୁ ବୀର ରଞ୍ଜନ ଖମାରୀ ରଚନା କରିଥିବା ବେଳେ ଗୁଣନିଧି ନେଗିଙ୍କ ନିର୍ଦ୍ଦେଶନାରେ ସିଲେଟ କଳା ପରିଷଦର କଳାକାରମାନେ ଏହାକୁ ପରିବେଷଣ କରିଥିଲେ।

## କଟାପାଲିରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବରପାଲି,୨୬।୨(ଚିତ୍ତରଞ୍ଜନ ସାହୁ)

ବରପାଲି ବ୍ଲକ କଟାପାଲିରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଡା. ବିଦ୍ୟାଧର ନାଗଙ୍କ ବାପା ସ୍ୱର୍ଗତ ସନୁ ନାଗଙ୍କୁ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ଏହି ଶିବିର ହୋଇଥିଲା। କଟାପାଲି କେୟାର କ୍ଲବ ଆନୁକୂଲ୍ୟରେ ହୋଇଥିବା ଏହି ଶିବିରରେ ବରପାଲି, ଆଗଲପୁର, ନୂଆପଡ଼ା ଆଦି ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ କର୍ମଚାରୀମାନେ ଯୋଗଦାନ ସହିତ ଶିବିର ପରିଚାଳନା କରିଥିଲେ। ଭୀମସାର୍, ବୁର୍ଲାର ଡା. ଜଗନ୍ନାଥ ହାତୀ, ଡା. ସୁଶ୍ରୀ ସୁମନ ନନ୍ଦ, ଡା. ଜୟଚନ୍ଦ୍ର ତାଣ୍ଡି, ଡା. ଶୁଭେନ୍ଦୁ ମେହେର ଶିବିରରେ ମଧୁମେହ, ରକ୍ତଚାପ ଆଦି ରୋଗର ଚିକିତ୍ସା କରିଥିଲେ। ବୌଦ୍ଧ ଧର୍ମର ଧୀମାନ ଧର୍ମସେନ, ଧୀମାନ ଜଗଦୀଶ ଲୁହାଙ୍କ ତତ୍ତ୍ୱାବଧାନରେ ହୋଇଥିବା ସର୍ବଧର୍ମ ଶ୍ରଦ୍ଧାଞ୍ଜଳି ସଭାରେ ଆନନ୍ଦ ସାହୁ, ସୁଶାନ୍ତ ସାହୁ, ବିନୋଦ ବାବା, ବିଧାୟକ ଦେବେଶ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ସାଧୁ ନେପାକ, ସରପଞ୍ଚ ଗଙ୍ଗାଧର ଦାଶ ପ୍ରମୁଖ ଯୋଗଦାନ କରିଥିଲେ।



ଜେନେସିସ୍-୨୦୨୪କୁ ଉଦ୍‌ଘାଟନ କରାଯାଉଛି ।

## ନର୍ସିଂ କଲେଜରେ ଜେନେସିସ୍-୨୦୨୪ କାର୍ଯ୍ୟକ୍ରମ

ବରଗଡ଼,୨୬।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ର ବିକାଶ ନର୍ସିଂ କଲେଜରେ କାର୍ଯ୍ୟକ୍ରମ ଜେନେସିସ୍-୨୦୨୪ ଅନୁଷ୍ଠିତ ହୋଇଯାଇଛି। ବିକାଶ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଶନ୍ସର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ, ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲର ନିର୍ଦ୍ଦେଶ ଡା. ହିମାଂଶୁ ଶେଖର ମିଶ୍ରଙ୍କ ସମେତ ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସର ସମସ୍ତ ଅଧ୍ୟକ୍ଷା, ଅଧ୍ୟକ୍ଷ, ଉପାଧ୍ୟକ୍ଷ, ବିକାଶ ନର୍ସିଂ କଲେଜର ଅଧ୍ୟକ୍ଷା ପ୍ରଫେସର ୱାଇ. ଡ଼ି ଷ୍ଟେଲା, ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲର ନର୍ସିଂ ଅଧୀକ୍ଷିକା ସୁମା ଫିଲିଫ, ଏଚ.ଆର୍ ମ୍ୟାନେଜର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ନର୍ସିଂର ଉପଯୋଗିତା, ମହତ୍ତ୍ୱକୁ ପ୍ରାଧାନ୍ୟ ଦେଇ ନୂତନ ବ୍ୟାଚ୍‌ର ଛାତ୍ରୀଛାତ୍ରଙ୍କୁ ପ୍ରୋତ୍ସାହନ ଏବଂ ମାର୍ଗଦର୍ଶନ ଦିଆଯାଇଥିଲା । ବିକାଶ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିର ଅଧ୍ୟକ୍ଷ ଇଂ. ଅଜୟ ମହାପାତ୍ର, ଉପାଧ୍ୟକ୍ଷ ଡଃ ପୂର୍ଣ୍ଣେନ୍ଦୁ ମିଶ୍ର, ବିକାଶ ସ୍କୁଲ ଅଫ ବିଜନେସ ମ୍ୟାନେଜମେଣ୍ଟର ଅଧ୍ୟକ୍ଷା ଡଃ କ୍ଷୀରୋଦ ପ୍ରଧାନ, ବିକାଶ ଲ ସ୍କୁଲର ଅଧ୍ୟକ୍ଷ ଡଃ ବିକ୍ରମ କୁମାର ଦାଶ, ବିକାଶ ଡିଗ୍ରୀ କଲେଜର ଅଧ୍ୟକ୍ଷ ପ୍ରଫେସର ସତ୍ୟବ୍ରତ ମିଶ୍ର, ଉପାଧ୍ୟକ୍ଷ ଆରଏସଭି କ୍ରୀଷ୍ଣା, ବିକାଶ ନର୍ସିଂ କଲେଜର ଉପାଧ୍ୟକ୍ଷା ଦୀପାଞ୍ଜଳି ପଟେଲ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା ।

## ଏତଲା ବିରୋଧରେ ଏସ୍‌ପିଙ୍କୁ ଫେରାଦ

ବରଗଡ଼,୨୬।୨(ପ୍ରେମାନନ୍ଦ ଖମାରୀ )

ବିଜେଡ଼ି-ଭାଜପା ମଧ୍ୟରେ ମଧୁଚନ୍ଦ୍ରିକା ଚାଲିଥିବା ଅଭିଯୋଗ କରି ବରଗଡ଼ କଂଗ୍ରେସ ପକ୍ଷରୁ ହୋଇଥିବା ପ୍ରତିବାଦ ଏବଂ କୁଶ ପୁତ୍ତଳିକା ଦାହ ମାମଲାରେ ସ୍ଥାନୀୟ ପୋଲିସର ଏତଲାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ପୋଲିସର ଏଭଳି ଉଦ୍ଦେଶ୍ୟମୂଳକ ଏତଲା ପ୍ରତିବାଦରେ କଂଗ୍ରେସର ଏକ ପ୍ରତିନିଧି ଦଳ ଏସ୍‌ପି ପି.ଏସ ମୀନାଙ୍କୁ ଭେଟି ବିହିତ ପଦକ୍ଷେପ ନେବାକୁ ଦାବି କରଛନ୍ତି। ସୂଚନା ଅନୁଯାୟୀ, ବିଜେଡ଼ି-ଭାଜପା ମଧ୍ୟରେ ମଧୁଚନ୍ଦ୍ରିକା ଚାଲିଥିବା ଅଭିଯୋଗ କରି ଗତ ୧୭ତାରିଖରେ ବରଗଡ଼ କଂଗ୍ରେସ ପକ୍ଷରୁ ସ୍ଥାନୀୟ ଗାନ୍ଧୀ ଛକରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ ସହିତ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଏହାକୁ ନେଇ ବରଗଡ଼ ଟାଉନ ଥାନାରେ ଏକ ମାମଲା (ନଂ.୯୭/୨୦୨୪) ରୁଜୁ ହୋଇଛି। ଏହା ଜାଣିବା ପରେ ଜିଲା କଂଗ୍ରେସ ସଭାପତି ହରଦୀପ ସିଂଙ୍କ ନେତୃତ୍ୱରେ ଦଳର ୧୫ଜଣିଆ ପ୍ରତିନିଧି ଏସ୍‌ପି ମୀନାଙ୍କୁ ଭେଟିଥିଲେ। ଏହି ପ୍ରତିନିଧି ଦଳରେ କଂଗ୍ରେସ ନେତା ନିପନ ଦାଶ, ଯୁଗଳ ପ୍ରସାଦ ସିଂ, ସରୋଜ ଷଡ଼ଙ୍ଗୀ, ରବି ପଣ୍ଡା, ବ୍ରହ୍ମାନନ୍ଦ ମହାକୁଡ଼, ସରୋଜ ମହାପାତ୍ର, ପାଣ୍ଡବ କର୍ଣ୍ଣ, ସୁଧିର ଜେନା ପ୍ରମୁଖ ସାମିଲ ହୋଇଥିଲେ ।



କଂଗ୍ରେସ ପ୍ରତିନିଧି ଦଳ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଯାଉଛନ୍ତି ।

## ପୋଲିସ ନିଷ୍କ୍ରିୟତା ପ୍ରତିବାଦରେ ଧାରଣା

**ସମଲେଶ୍ୱରୀ ମନ୍ଦିରରୁ ଚୋରି ଘଟଣା**

ବରଗଡ଼,୨୬।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅତାବିରା ଥାନା କତାବଗା ଗ୍ରାମରେ ନବନିର୍ମିତ ସମଲେଶ୍ୱରୀ ମନ୍ଦିରରୁ ଚୋରି ଘଟଣାକୁ ଏକ ସପ୍ତାହ ବିତିଯାଇଛି। ମାତ୍ର ପୋଲିସ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ଟେର୍ ପାଇପାରିନାହିଁ। ମନ୍ଦିରରୁ ଚୋରି ହୋଇଥିବା ଦେବୀଙ୍କ ସୁନା, ରୂପା ଅଳଙ୍କାର, ଦାନବାକ୍ସ ଆଦି ଉଦ୍ଧାର କରିବା ତ ଦୂରର କଥା, ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଏଯାଏ ଗିରଫ କରି ପାରିନାହିଁ। ଗ୍ରାମର ଜଣେ ସନ୍ଦିଗ୍ଧ ଯୁବକଙ୍କୁ ପୋଲିସ ପଚରାଉଚୁରା କରୁଛି । ମାତ୍ର ଚୋରି ଘଟଣାର ପର୍ଦ୍ଦାଫାସ ହୋଇପାରି ନ ଥିବାରୁ ଏଥିରେ ପୋଲିସର ନିଷ୍କ୍ରିୟତାକୁ ନେଇ ଅଞ୍ଚଳରେ ଅସନ୍ତୋଷ ତେଜି ଉଠିଛି। ଏହି କ୍ରମରେ ସୋମବାର ଗ୍ରାମର ଶତାଧିକ ମହିଳାପୁରୁଷ ଜିଲା ପୋଲିସ ମୁଖ୍ୟାଳୟ ଆଗରେ ଧାରଣା ଦେବା ସହିତ ଏସ୍‌ପି ପି.ଏସ୍ ମୀନାଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଚୋରି ଘଟଣାର ଅଭିଯୁକ୍ତଙ୍କୁ ଗିରଫ କରିବା ଏବଂ ଦେବୀଙ୍କ ଅଳଙ୍କାର, ଦାନବାକ୍ସ ଆଦି ଉଦ୍ଧାର କରିବା ଦିଗରେ ବିହିତ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି। ସେ ଦିଗରେ ତଦନ୍ତ ଜାରି ରହିଛି ଏବଂ ଅଭିଯୁକ୍ତଙ୍କୁ ଧରିବା ପାଇଁ ସବୁପ୍ରକାର ପ୍ରୟାସ ଚାଲିଛି ବୋଲି ବିଭାଗୀୟ ପୋଲିସ ଅଧିକାରୀ ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ଉଠିଥିଲେ।

ସୂଚନା ଅନୁସାରେ, କତାବଗା ଗ୍ରାମରେ ନୂତନ ସମଲେଶ୍ୱରୀ ମନ୍ଦିର ନିର୍ମାଣ ହୋଇଛି। ଏହି ମନ୍ଦିରରେ ମାଁ ସମଲେଶ୍ୱରୀ ଏବଂ ମାଁ ଚନାବେଢ଼େନ ଦେବୀ ପୂଜା ପାଉଛନ୍ତି। ଗତ ୧୪ତାରିଖରୁ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇ ୧୮ତାରିଖରେ ସରିଥିଲା। ତେବେ ପ୍ରତିଷ୍ଠା ଉତ୍ସବର ଠିକ୍ ଦିନକ ପରେ ଅର୍ଥାତ୍ ଗତ ୧୯ତାରିଖରେ ମନ୍ଦିରରୁ ଚୋରି ହୋଇଥିଲା। ଏ ନେଇ ମନ୍ଦିର କମିଟି ଗତ ୨୦ତାରିଖରେ ଏତଲା ଦେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଗତ ୨୨ତାରିଖରେ ଗ୍ରାମର ଏକ ବିଲରେ ଅଳଙ୍କାର ଡବା ପଡ଼ିଥିବା ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ଅନୁସନ୍ଧାନୀ କୁକୁର ସହିତ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା କରିଥିଲା ଏବଂ ଗ୍ରାମର ଜଣେ ସନ୍ଦିଗ୍ଧ ଯୁବକଙ୍କୁ ଥାନାକୁ ଆଣି ପଚାରାଉଚରା କରିଥିଲା। ଏହାପରେ ଚୋରି ଘଟଣାର ପର୍ଦ୍ଦାଫାସ ହେବ ବୋଲି ଗ୍ରାମବାସୀ ଆଶା ରଖିଥିଲେ। କିନ୍ତୁ ଏପର୍ଯ୍ୟନ୍ତ ପୋଲିସ ସେ ଦିଗରେ କିଛି ସଫଳତା ପାଇ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ତଦନ୍ତକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ସେମାନେ ଦାବି କରିଛନ୍ତି । ଧାରଣାରେ କତାବଗା ସମେତ ଆଖପାଖ ଗ୍ରାମର ମହିଳାପୁରୁଷ ସାମିଲ ହୋଇଥିଲେ।


ବରଗଡ଼ ଜିଲା ପୋଲିସ ମୁଖ୍ୟାଳୟ ଆଗରେ ଧାରଣା ।

## ସଂକ୍ଷେପରେ

### ଆଶ୍ରୟ କେନ୍ଦ୍ରରୁ ୩ ଅନ୍ତେବାସୀ ଫେରାର

**ରାଉରକେଲା,୨୬।୨(ସଙ୍ଗୀତା ଜେନା):** ରାଉରକେଲା ଜେଲ୍ ରୋଡ୍‌ସ୍ଥିତ ସୁରକ୍ଷିତ ଆଶ୍ରୟ କେନ୍ଦ୍ରରୁ ସୋମବାର ଭୋର୍‌ରୁ ୩ ଜଣ ଅନ୍ତେବାସୀ ନାବାଳକ ଫେରାର ହୋଇଯାଇଛନ୍ତି। ଏ ନେଇ କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଉମେଶ ସାବତ ରଘୁନାଥପାଲି ଥାନାରେ ଏତଲା ଦେଇଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି। ସୁପରିଣ୍ଟେଣ୍ଡେଣ୍ଟ ସାବତ ସୂଚନା ଦେଇ କହିଛନ୍ତି, ସୋମବାର ସକାଳେ ଅନ୍ତେବାସୀଙ୍କ ଉପସ୍ଥାନ କରାଯାଉଥିବା ବେଳେ ଉକ୍ତ ୩ ଜଣଙ୍କ ଅନୁପସ୍ଥିତି ସମ୍ପର୍କରେ ଜଣାପଡ଼ିଥିଲା। ସେମାନଙ୍କୁ ଖୋଜାଖୋଜି କରି ନ ମିଳିବାରୁ ସ୍ଥାନୀୟ ଥାନାରେ ଏତଲା ସହ ଜୁଭେନାଇଲ୍ କୋର୍ଟ, ସିଡବ୍ଲୁସିକୁ ଅବଗତ କରାଯାଇଥିଲା। ସେମାନଙ୍କୁ ତୁରନ୍ତ ଧରାଯାଇ କେନ୍ଦ୍ରକୁ ଅଣାଯିବ। ନାବାଳକ ମାମଲା ଥିବାରୁ ସବୁ ତଥ୍ୟ ପ୍ରଦାନ କରାଯାଇ ପାରିବନାହିଁ ବୋଲି ସାବତ କହିଥିଲେ।

### ମାର୍ଚ୍ଚ ୧୦ରେ ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ବାର୍ଷିକୋତ୍ସବ

**ରାଉରକେଲା,୨୬।୨(ସଙ୍ଗୀତା ଜେନା):** ଜଗଦା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ବାର୍ଷିକ ଉତ୍ସବ ମାର୍ଚ୍ଚ ୧୦ ତାରିଖରେ ବାଟ ମା' ମଙ୍ଗଳା ମନ୍ଦିରଠାରେ ଅନୁଷ୍ଠିତ ହେବ। ଏ ନେଇ ସୋମବାର ସକାଳେ ଏକ ପ୍ରସ୍ତୁତି ବୈଠକ ବାଟ ମା' ମଙ୍ଗଳା ମନ୍ଦିର ଶକ୍ତିପୀଠ ପରିସରରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଅଞ୍ଚଳର ଶଯ୍ୟାଶାୟୀ ବରିଷ୍ଠ ନାଗରିକଙ୍କୁ ତାଙ୍କ ବାସଭବନରେ ସମ୍ବର୍ଦ୍ଧିତ କରିବା ସହ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଅନୁଷ୍ଠାନର ଉପଦେଷ୍ଟା ସଞ୍ଜୀବ ମହାନ୍ତି, ମଧୁସୂଦନ ମହାପାତ୍ର, ପ୍ରଭାତ ମହାନ୍ତି, ଲକ୍ଷ୍ମୀଧର ନାୟକ, ଡି. ଏନ୍. ପୃଷ୍ଟି ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

### ସାମାଜିକ କର୍ମୀଙ୍କ ସ୍ମୃତିଚାରଣ ସଭା

**ରାଉରକେଲା,୨୬।୨(ବିପ୍ଳବ ରଞ୍ଜନ ଦାଶ):** ରାଉରକେଲା ସହରର ସାମାଜିକ କର୍ମୀ ରାଜୀବ କୁମାର କରଣଙ୍କ ଦ୍ୱାଦଶ ସ୍ମୃତିଚାରଣ ସଭା ସେକ୍ଟର-୨ ସ୍ଥିତ ସିଟୁ ଟିକେଟ କେନ୍ଦ୍ରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସିଆଇଟିୟୁର ବରିଷ୍ଠ କର୍ମକର୍ତ୍ତା ମୀନକେତନ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଧାୟକ ସୁବ୍ରତ ତରାଇ, ବିମାନ ମାଇତି, ବସନ୍ତ ନାୟକ, ରାଜକିଶୋର ପ୍ରଧାନ, ସୁରେନ୍ଦ୍ର ବରାଳ, ଓସ୍କାର କୁଜୁର, ଗଗନ ଶତପଥୀ, ମଳୟ କୁମାର ଦାସ, ଟୁନା ମହାପାତ୍ର, ମନୋଜ ପଟ୍ଟନାୟକ, ଉମେଶ ଶରଣ, ଅଜୟ ଦାସ, ସୁଶାନ୍ତ ପଣ୍ଡା, ଦୀପକ ଦାସ ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ।

# ଗୃହ ଶ୍ରମିକଙ୍କ ବିକାଶରେ ଅବହେଳା

**ରାଉରକେଲା,୨୬।୨(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସହରରେ ଗୃହ ଶ୍ରମିକଙ୍କ ବିକାଶରେ ଅବହେଳା ପ୍ରଦର୍ଶନ କରାଯାଉଛି। ଫଳରେ ସେମାନେ ବର୍ଷ ବର୍ଷ ଧରି ଅବହେଳିତ ହେବା ସହ ସରକାରୀ ଯୋଜନାରୁ ବଞ୍ଚିତ ରହୁଛନ୍ତି। ଗୃହ ଶ୍ରମିକଙ୍କୁ ସେମାନଙ୍କ ହକ୍ ନ ମିଳିଲେ ଆସନ୍ତା ନିର୍ବାଚନରେ ଭୋଟ୍ ବର୍ଜନ କରାଯିବ ବୋଲି ନିଖିଳ ଓଡିଶା ଗୃହ ଶ୍ରମିକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ସୂଚନା ଅନୁସାରେ, ରାଉରକେଲା ସହରାଞ୍ଚଳ ଏବଂ ଶିଳ୍ପାଞ୍ଚଳରେ ୨୦ହଜାରରୁ ଊର୍ଦ୍ଧ୍ୱ ଗୃହ ଶ୍ରମିକ ରହୁଛନ୍ତି। ଏହି ଶ୍ରମିକ ବର୍ଗ ସହରାଞ୍ଚଳ ଏବଂ ଶିଳ୍ପାଞ୍ଚଳରେ ଥିବା ଗୃହ ମାଲିକଙ୍କ ସମସ୍ତ ପ୍ରକାର ଘରୋଇ କାମଧନ୍ଦା ଯଥା ରୋଷେଇରୁ ଆରମ୍ଭ କରି ବାସନକୁସନ, ଲୁଗାପଟା, ଘର ଓଳା ଆଦି ସବୁକାମ ତୁଲାଇ ଆସୁଛନ୍ତି। ମାତ୍ର ଏହି ବର୍ଗକୁ ସହରର ବିଭିନ୍ନ ସ୍ଥାନରେ ପାରିଶ୍ରମିକ ମୁତାବକ ହକ୍ ମିଳୁନି। ସେମାନଙ୍କୁ ଶ୍ରମିକ ପ୍ରମାଣପତ୍ର ମିଳି ନ ଥିବା ନିଖିଳ ଓଡିଶା ଗୃହ ଶ୍ରମିକ ସଂଘର ସଭାନେତ୍ରୀ ଚନ୍ଦ୍ରା ରାଓ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ନିଖିଳ ଓଡିଶା ଗୃହ ଶ୍ରମିକ ସଂଘରେ ସହରର ୫ହଜାର ୮ଶହ ଗୃହ ଶ୍ରମିକ ଥିବା ବେଳେ ୪ଶହ ଶ୍ରମିକଙ୍କୁ ଶ୍ରମିକ ପ୍ରମାଣ ମିଳିଛି। ଏପର୍ଯ୍ୟନ୍ତ ମାତ୍ର ୫ପ୍ରତିଶତ ଗୃହ ଶ୍ରମିକ ଶ୍ରମ ପ୍ରମାଣପତ୍ର ପାଇଥିବା ହିନ୍ଦ୍ ମଜ୍‌ଦୁର ସଭା ରାଜ୍ୟ ସମ୍ପାଦକ ଦିଗମ୍ବର ମହାନ୍ତି କହିଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାର ଗୃହ ଶ୍ରମିକଙ୍କ ବିକାଶ ପାଇଁ ଅନେକ ସରକାରୀ ଯୋଜନା ତିଆରି କରୁଛନ୍ତି। କେନ୍ଦ୍ର ସରକାର ଗୃହ ଶ୍ରମିକଙ୍କ ସପକ୍ଷରେ ଅନେକ ଶ୍ରମ ବିଲ୍ କରିଛନ୍ତି। ମାତ୍ର ୨୦୦୮ରେ ଅଣସଙ୍ଗଠିତ ଶ୍ରମିକ ବିଲ୍ ପାସ୍ ହୋଇଥିଲେ ମଧ୍ୟ ପ୍ରଶାସନିକ ଅବହେଳାରୁ ଗୃହ ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ କେନ୍ଦ୍ର ସରକାରଙ୍କ ସହରାଞ୍ଚଳ ବାସଗୃହ ଯୋଜନା ଏବଂ ସର୍ବନିମ୍ନ ମଜୁରୀ ସମୟ ସାରଣୀ ଏଯାଏ ଧାର୍ଯ୍ୟ ହୋଇପାରିନି। ଫଳରେ ସହରର ଗୃହ ଶ୍ରମିକ ଗୃହ ମାଲିକଙ୍କ ଘରେ ଦିନତମାମ କାମ କଲେ ମଧ୍ୟ ସେମାନଙ୍କୁ ଉଚିତ ପାରିଶ୍ରମିକ ମିଳୁନାହିଁ। ସେମାନେ ଗୃହ ମାଲିକଙ୍କ ନିର୍ଦ୍ଧାରିତ ମଜୁରୀରେ କାମ କରିବାକୁ ବାଧ୍ୟ ହେଉଛନ୍ତି। ଏଣୁ ପ୍ରଶାସନ ପକ୍ଷରୁ ସହରରେ ଗୃହଶ୍ରମିକ ସଚେତନତା ଶିବିର ଓ ଗୃହ ଶ୍ରମିକମାନଙ୍କ ନ୍ୟାର୍ଯ୍ୟ ହକ୍ ପ୍ରଦାନ ପାଇଁ ନିଃଶୁଳ୍କ କ୍ୟାମ୍ପ କରିବା ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି। ସେହିପରି ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ଗୃହ ଶ୍ରମକଙ୍କୁ ପ୍ରମାଣ ପତ୍ର ଓ ସର୍ବନିମ୍ନ ମଜୁରୀ ଦେୟ ସାରଣୀ ନିର୍ଦ୍ଧାରଣ କରା ନ ଗଲେ ନିଖିଳ ଓଡିଶା ଗୃହ ଶ୍ରମିକ ସଂଘ ଭୋଟବର୍ଜନ କରିବ ବୋଲି ଚେତାବନୀ ଦେଇଛି।

ଏ ସମ୍ପର୍କରେ ରାଉରକେଲା ଶ୍ରମ ଅଧିକାରୀ ଦିବ୍ୟଜ୍ୟୋତି ନାୟକଙ୍କୁ ପଚାରିବାରୁ ସେ କହିଲେ, ଗୃହଭିତ୍ତିକ ସଚେତନତା ଶିବିର ଏବଂ ଶ୍ରମିକ ମାନ୍ୟତା ପ୍ରଦାନ କ୍ୟାମ୍ପ ପାଇଁ ସରକାରଙ୍କୁ ଜଣାଇବୁ। ଅନୁମୋଦନ ମିଳିଲେ ଶିବିର ହେବ। ଆଗକୁ ସମସ୍ତ ଗୃହ ଶ୍ରମିକ କିପରି ଶ୍ରମ ପ୍ରମାଣପତ୍ର ପାଇବେ ତାହା ସୁନିଶ୍ଚିତ କରାଯିବ ବୋଲି ନାୟକ କହିଥିଲେ।



ସମାରୋହରେ ମଞ୍ଚାସୀନ ଅତିଥିଗଣ।

# ସୁନ୍ଦରଗଡ଼ ବିକାଶରେ ମୁଖ୍ୟମନ୍ତ୍ରୀଙ୍କ ଅବଦାନ ଅତୁଳନୀୟ

**ରାଉରକେଲା,୨୬।୨(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ଉଦିତନଗରସ୍ଥିତ ମିନି ଷ୍ଟାଡିୟମରେ ସୁନ୍ଦରଗଡ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ବ୍ଲକସ୍ତରୀୟ ଜନଜାତି କଳାସଂସ୍କୃତି ଓ ସଭ୍ୟତା ଉତ୍‌ଥାନ ପାଇଁ ସୋମବାର ନୃତ୍ୟ ଆଭୂଷଣ, ବାଦ୍ୟଯନ୍ତ୍ର, କ୍ରୀଡ଼ା ସାମଗ୍ରୀ ବଣ୍ଟନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟଅତିଥି, ଏସ୍‌ଡିସି ଅଧ୍ୟକ୍ଷ ବିଜୟ ଟପ୍ପୋ, ହକି ଇଣ୍ଡିଆ ଅଧ୍ୟକ୍ଷ ପଦ୍ମଶ୍ରୀ ଦିଲୀପ ତିର୍କୀ, ରଘୁନାଥପାଲ୍ଲୀ ବିଧାୟକ ସୁବ୍ରତ ତରାଇ,ଏସ୍‌ଡିସି ଭାଇସ ଚେୟାରମ୍ୟାନ ସୁଶୀଳା ଟପ୍ପୋ, ପୂର୍ବତନ ବିଧାୟକ ବିର୍ସା ହାଲୁ ମୁଣ୍ଡାରୀ, ଜିଲା ପରିଷଦ ସଭ୍ୟ ବିର୍ସା ଦସମିନ ମିଞ୍ଜ, ସମିତି ସଭ୍ୟା ପ୍ରଥମା ମାତ୍ର, ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ସମ୍ବଲପୁର ଜୋନ କାର୍ଯ୍ୟକାରିଣୀ ଅଧ୍ୟକ୍ଷ ସନ୍ଧ୍ୟାରାଣୀ ଲାକ୍ରା, କୁଆଁରମୁଣ୍ଡା ବ୍ଲକ ଅଧ୍ୟକ୍ଷ ଜ୍ୟୋତି ହାଁସଦା, ସରପଞ୍ଚ ରାଜେଶ ହାଁସଦା, ପୂର୍ବତନ ଜିଲା ଅଧ୍ୟକ୍ଷା ହେମା ଏକ୍କା, ବେଦ୍ଧି ତିର୍କା, ମହେଶ ନାଗ ଓ ବିଜେଡି ନଗର ସଭାପତି ଗଗନ ପଣ୍ଡା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ନାୟକ କହିଥିଲେ, ସୁନ୍ଦରଗଡ ହେଉଛି ଆଦିବାସୀ ଅଧ୍ୟୁଷିତ ଜିଲା। ଏହି ମାଟିର ଗର୍ବ ଓ ଗୌରବ ହେଉଛନ୍ତି ବିର୍ସା ମୁଣ୍ଡା ଓ ନିର୍ମଳ ମୁଣ୍ଡା। ୍ନ୍ଦରଗଡ ଜିଲା କେବଳ ରାଜ୍ୟରେ ନୁହେଁ ସାରା ବିଶ୍ୱବିଦିତ। ଏଣୁ ଏ ମାଟିରେ ରହୁଥିବା ଜନଜାତି ଆଦିବାସୀଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବଦା ପ୍ରତିବଦ୍ଧତା ସହ କାର୍ଯ୍ୟ ତୁଲାଇ ଆସୁଛନ୍ତି। ହକିର ଗଡ଼ ସୁନ୍ଦରଗଡ଼ର ସର୍ବାଙ୍ଗୀନ ବିକାଶରେ ମୁଖ୍ୟମନ୍ତ୍ରୀଙ୍କ ଅବଦାନ ଅତୁଳନୀୟ ବୋଲି ମନ୍ତ୍ରୀ ନାୟକ କହିଥିଲେ। ଏହି ଅବସରରେ ରାଉରକେଲା, ରଘୁନାଥପାଲ୍ଲୀ, ବଣେଇ ନିର୍ବାଚନମଣ୍ଡଳୀ ଅଞ୍ଚଳର ଲୋକମାନଙ୍କୁ ଯନ୍ତ୍ରପାତି, କ୍ରୀଡ଼ା ସାମଗ୍ରୀ ବଣ୍ଟନ କରାଯାଇଥିଲା।

## ଗ୍ରାମୀଣ ଲୋକଙ୍କୁ ଛତୁଚାଷ ତାଲିମ ପ୍ରଦାନ

**ରାଉରକେଲା,୨୬।୨(ବିପ୍ଳବ ରଞ୍ଜନ ଦାଶ)**

ଆରଏସ୍‌ପିର କର୍ପୋରେଟ ସାମାଜିକ ଦାୟିତ୍ୱ ବିଭାଗର ପାର୍ଶ୍ୱାଞ୍ଚଳ ଲୋକଙ୍କ ଆର୍ଥିକ ସଶକ୍ତୀକରଣ ପ୍ରୟାସ ସ୍ୱରୂପ ଛତୁଚାଷ ତାଲିମ ପ୍ରଦାନ କରିଆସୁଛି। ଏହି କ୍ରମରେ ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନରେ ନୂଆଗାଁ ଜହରଟୋଲିର ୨୦ଜଣ ଏସ୍‌ଏଚ୍‌ଜି ମହିଳାଙ୍କୁ ଡିଙ୍ଗରି ଛତୁଚାଷ ତାଲିମ ଦିଆଯାଇଥିଲା। ତାଲିମ ଶେଷ ହେବା ପରେ ପ୍ରତ୍ୟେକ ହିତାଧିକାରୀଙ୍କୁ ନିଜ ସ୍ଥାନରେ ଚାଷ କରିବା ଓ ଅନ୍ୟମାନଙ୍କୁ ଉତ୍ସାହିତ କରିବା ପାଇଁ ଛତୁ ମଞ୍ଜି ପ୍ରଦାନ କରାଯାଇଥିଲା। ସିଏସ୍‌ଆର ବିଭାଗ ମାଷ୍ଟର ଟ୍ରେନର ଟିଷ୍ଟସ ଭେଙ୍ଗରା, ବି. ଏକ୍କା ଏବଂ ଦଳପୋଷ ଇସ୍ପାତ ଗାଁର ସୁମନ ସ୍ୱୟଂ ସହାୟକ ଗୋଷ୍ଠୀର ମାଷ୍ଟର ଟ୍ରେନର ସୁଶ୍ରୀ କମଳା ଟପ୍ପୋ ଛତୁଚାଷ ତାଲିମ ସହିତ ପ୍ରଶିକ୍ଷଣ ଦେଇଥିଲେ। ଉଦ୍‌ଯାପନୀ ସମାରୋହରେ କାର୍ମିକ ବିଭାଗର ଜିଏମ୍ ଡକ୍ଟର ପି. କେ. ସାହୁ ଅଧ୍ୟକ୍ଷତା କରି ଅଂଶଗ୍ରହଣକାରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସିଏସ୍‌ଆର ବିଭାଗର ଜିଏମ୍ ମୁନମୁନ ମିତ୍ର ସ୍ୱାଗତ ଭାଷଣ, ଏଜିଏମ ଟି. ବି. ଟପ୍ପୋ ଧନ୍ୟବାଦ ଅର୍ପଣ କରିଥିଲେ। ସିନିୟର ଫିଲ୍ଡ ଆସିଷ୍ଟାଣ୍ଟ ବି. ଏକ୍କା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ମାନବ ଶୃଙ୍ଖଳରେ ସଡ଼କ ସୁରକ୍ଷା ବାର୍ତ୍ତା



ସଡ଼କ ସୁରକ୍ଷା ଅଭିଯାନରେ ଆର୍‌ଏସ୍‌ପି ପକ୍ଷରୁ ମାନବ ଶୃଙ୍ଖଳ କରାଯାଇଛି।

**ରାଉରକେଲା,୨୬।୨(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପିର କେନ୍ଦ୍ରୀକୃତ ମେକାନିକାଲ ରକ୍ଷଣାବେକ୍ଷଣ ଅଞ୍ଚଳ ଅନ୍ତର୍ଗତ ବିଭାଗ ପକ୍ଷରୁ ସଡକ ସୁରକ୍ଷା ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନରେ ବିଭାଗୀୟ ଅଧିକାରୀ, କର୍ମଚାରୀ ଏବଂ ଠିକା ଶ୍ରମିକମାନଙ୍କ ସହିତ ୪ଶହରୁ ଊର୍ଦ୍ଧ୍ୱ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ। ଏହି ଅଭିଯାନ ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ସହଭାଗିତାରେ ହୋଇଥିଲା। ଏ ନେଇ ପ୍ରଶାସନିକ ଭବନ ମୁଖ୍ୟ ଫାଟକରୁ ଇଡି ୱାର୍କ ଛକ ପର୍ଯ୍ୟନ୍ତ ମାନବଶୃଙ୍ଖଳ କରାଯାଇଥିଲା। ମେକାନିକାଲ ବିଭାଗର ସିଜିଏମ୍ ଆର୍. ଏନ୍. ରାଜେନ୍ଦ୍ରନ ଅଭିଯାନର ନେତୃତ୍ୱ ନେଇଥିଲେ। ଏହି ଅବସରରେ ଡିଜାଇନ ଓ ଶପ୍ସ ବିଭାଗର ସିଜିଏମ୍ ରବି ରଞ୍ଜନ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସୁରକ୍ଷିତ ଗାଡି ଚାଳନା ନେଇ ଯାନବାହନ ଗତିସୀମା, ରେଡ୍ ଲାଇଟ ଉଲ୍ଲଂଘନ ରୋକିବା, ଓଭରଟେକ୍ ନ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଉକ୍ତ ଅଭିଯାନରେ ଅଂଶଗ୍ରହଣକାରୀମାନେ ସଡ଼କ ସୁରକ୍ଷା ଉପରେ ବାର୍ତ୍ତା ଦେଇଥିଲେ। ଏଫ୍‌ଏମ୍‌ଏମ୍ ବିଭାଗ ଏଜିଏମ୍ ସୁନୀଲ କୁମାର, ଆର୍‌ଏସ୍‌ଏମ୍ ବିଭାଗ ଏଜିଏମ୍ ଆଲୋକ ରଞ୍ଜନ ପଣ୍ଡା, ବିଭାଗୀୟ ସୁରକ୍ଷା ଅଧିକାରୀ ଏବଂ ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଡେପୁଟି ମ୍ୟାନେଜର ସ୍ମୃତି ରଞ୍ଜନ ସାହୁ ଏବଂ ଆସିଷ୍ଟାଣ୍ଟ ମ୍ୟାନେଜର ରଶ୍ମୀ ରଞ୍ଜନ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ପାନପୋଷ ଷ୍ଟେଶନ ପୁନର୍ବିକାଶ କାର୍ଯ୍ୟର ଶିଳାନ୍ୟାସ



ଶିଳାନ୍ୟାସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ରାଉରକେଲା,୨୬।୨(ସଙ୍ଗୀତା ଜେନା)**

ପ୍ରଧାନମନ୍ତ୍ରୀ ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ସାରା ଦେଶରେ ୫୫୪ ରେଲୱେ ଷ୍ଟେଶନର ପୁନର୍ବିକାଶ କରାଯାଉଛି। ଏହି କ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ମଧ୍ୟାହ୍ନରେ ଆଭାସୀ ମାଧ୍ୟମରେ ପାନପୋଷ ଷ୍ଟେଶନ ପୁନର୍ବିକାଶ କାର୍ଯ୍ୟର ଶିଳାନ୍ୟାସ କରିଛନ୍ତି। ଏଥିରେ ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତ ବିକାଶରେ ରେଳବାଇର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି ବୋଲି କହିଥିଲେ। ଭାଜପା ରାଜ୍ୟ ପ୍ରବକ୍ତା ଧୀରେନ ସେନାପତି ଅନ୍ୟତମ ଅତିଥି ଭାବେ ଯୋଗଦେଇ ଷ୍ଟେଶନ ନବୀକରଣ ଦ୍ୱାରା ପାନପୋଷ ବସ୍ତି, ଝାଡ଼ତରଙ୍ଗ, ଦାଣ୍ଡିଆପାଲୀ ସମେତ ୮/୧୦ଟି ଜନଗହଳିପୂର୍ଣ୍ଣ ଅଞ୍ଚଳର ଲୋକେ ଉପକୃତ ହେବେ ବୋଲି କହିଥିଲେ। ବରିଷ୍ଠ ନେତା ନିହାର ରାୟ, ସଭାନେତ୍ରୀ ଲତିକା ପଟ୍ଟନାୟକ, ରାଉରକେଲା ଚାମ୍ବର ଅଫ୍ କମର୍ସର ପ୍ରାକ୍ତନ ସଭାପତି ରାମଅବତାର ଅଗ୍ରୱାଲ, ରମେଶ ଅଗ୍ରୱାଲ, ଅମୃତ ଷ୍ଟେଶନ ଯୋଜନାର ଆୟୋଜକ ତଥା ସିନିୟର ଡିଏମ୍‌ଇ ପଞ୍ଚାନନ ବେହେରା, ଚାମ୍ବର ଅଫ୍ କମର୍ସର ସଭାପତି ସୁନୀଲ କୟାଲ ପ୍ରମୁଖ ମଞ୍ଚାସୀନ ଥିଲେ। ବନ୍ଧମୁଣ୍ଡା ଏଆର୍‌ଏମ୍ ହର୍ଷିତ ଓରାମ, ରାଉରକେଲା ଏଡ଼ିଏସ୍‌ଟି ସଞ୍ଜିତ କୁମାର, ଏଡ଼ିଇଇ ଅଶୋକ କୁମାର, ସିସିଆଇ ଟି. କେ. ମଣ୍ଡଳ, କିଷାନ ଜମାଡିହୀ, ପାନପୋଷ ଷ୍ଟେଶନ ମ୍ୟାନେଜର ବିଭାସ ଭୂୟାଁ, ଛେଣ୍ଡ ଭାଜପା ମଣ୍ଡଳର ରୋଷନ ସାହୁ, ଅନୀତା ପାତ୍ର, ରମାକାନ୍ତ ପାଣ୍ଡେ, ସନ୍ତୋଷ କୁମାର, ପ୍ରଶାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପାନପୋଷ ଭାଜପାର ପ୍ରବାଳ ବାରିକ, ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁସ୍ମିତା ସାହୁ, ତାପସ ପରିଡ଼ା, ଆଶିଷ ଦାସଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ରାଉରକେଲା ଷ୍ଟେଶନ ସିନିୟର ଟେକନିସିଆନ ରତନ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଆଇଜିଏଚ୍ ଡାକ୍ତର, କର୍ମଚାରୀ ପୁରସ୍କୃତ

**ରାଉରକେଲା,୨୬।୨(ବିପ୍ଳବ ରଞ୍ଜନ ଦାଶ)**

ଆରଏସ୍‌ପି ଅଧୀନ ଆଇଜିଏଚ୍ ହସ୍ପିଟାଲର ଡାକ୍ତର, ଅଧିକାରୀ ଓ କର୍ମଚାରୀଙ୍କ ସମେତ ୨୧ଜଣଙ୍କୁ ସାବାସ ଯୋଜନା ଅଧୀନରେ ପୁରସ୍କୃତ କରାଯାଇଛି। ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ବି. କେ. ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଏମ୍‌ଓ ଡାକ୍ତର ଏନ୍. ପି. ସାହୁ, ଡାକ୍ତର ଏଲ. କେ. ବିଶ୍ୱାଳ,


ପୁରସ୍କୃତ ଆଇଜିଏଚ୍ ଡାକ୍ତର ଏବଂ କର୍ମଚାରୀ।

ଡାକ୍ତର ଜେ. କେ. ଆଚାର୍ଯ୍ୟ ଏବଂ ଡାକ୍ତର ପି. କେ. ମହାପାତ୍ର ଉପସ୍ଥିତ ରହି ଡାକ୍ତର ଏବଂ କର୍ମଚାରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ବିଜେତାମାନଙ୍କ ମଧ୍ୟରେ ଆଇଜିଏଚ୍ ଡାକ୍ତର, ନର୍ସିଂ ସିଷ୍ଟର, ଅଧିକାରୀ ଏବଂ ଅନ୍ୟ ପାରା ମେଡିକାଲ ଷ୍ଟାଫ ସାମିଲ ହୋଇଥିଲେ। କାର୍ମିକ ବିଭାଗର ଜିଏମ୍ ଜି. ଆର. ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଡେପୁଟି ମ୍ୟାନେଜର ଏସ୍. ସି. ପରିଛା ଧନ୍ୟବାଦ ଅର୍ପଣ କରିଥିଲେ।

# ଫୁଟବଲ ଟୁର୍ଣ୍ଣାମେଣ୍ଟ: ୟୁନାଇଟେଡ୍ କ୍ଲବ ଚାମ୍ପିୟନ

**ରାଉରକେଲା,୨୬।୨(ଦିନେଶ ମିଶ୍ର)**

ରାଉରକେଲା ସେକ୍ଟର-୬ ସ୍ଥିତ ଗ୍ରାସ୍ ଫିଲ୍ଡରେ ଫ୍ରେଣ୍ଡ୍ସ କ୍ଲବ ପକ୍ଷରୁ ଆୟୋଜିତ ଦ୍ୱିତୀୟ ଲାଜରୁସ୍ ଲାକ୍ରା ମେମୋରିଆଲ ନକ୍‌ଆଉଟ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। କ୍ଲବ ସଭାପତି ପୁରୁଷୋତ୍ତମ ତନ୍ତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଏମ୍‌ପି ଜୁଏଲ ଓରାମ ମୁଖ୍ୟ ଅତିଥି, ସାମାଜିକ କର୍ମୀ ରୋହିତ ତନ୍ତୀ, ଅମିତାଭ ସାମଲ, ପ୍ରଶାନ୍ତ ସେଠୀ, ବିମଲ ବିଶି, ରାଜକିଶୋର ଭଞ୍ଜ, ସୂର୍ଯ୍ୟକାନ୍ତ ମହାନ୍ତି, ଏସ୍. ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ସୁନ୍ଦରଗଡ ଜିଲାର ବିଭିନ୍ନ ବ୍ଲକରୁ ୨୦ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ୟୁନାଇଟେଡ ସ୍ପୋର୍ଟସ ଜଲଦା ଓ ଲେସଟ୍ରାଲ ଏଫ୍‌ସି ମଧ୍ୟରେ ଖେଳାଯାଇଥିଲା। ଏଥିରେ ୟୁନାଇଟେଡ କ୍ଲବ ୨-୦ ଗୋଲରେ ଲେସଟ୍ରାଲ ଏଫ୍‌ସିକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ସେହିପରି ଅଣ୍ଡର-୧୪ରେ ଗର୍ଜନ ଏଫ୍‌ସି ଓ ସେକ୍ଟର-୬ ଦଳ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ସେକ୍ଟର- ୬ ଦଳ ୩-୧ ଗୋଲରେ ଗର୍ଜନ ଏଫ୍‌ସିକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଭେଟେରାନରେ ପ୍ରଧାନପାଲି ଦଳ ଏସ୍‌ସି ଏସ୍‌ଟି ଫୁଟବଲ କ୍ଲବକୁ ୧-୦ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଚାମ୍ପିୟନ ଦଳକୁ ୧୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ ଦଳକୁ ୭ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା।। ପ୍ରଫୁଲ୍ଲ ଜେନା, ନାଗେଶ୍ୱର ସୁନିଆନି, ପ୍ରଶାନ୍ତ ପାଲ ଓ ରାଜେଶ ଛତରିଆ ରେଫରି ଭାବେ ଖେଳ ପରିଚାଳନା କରିଥିଲେ। ଫ୍ରେଣ୍ଡସ କ୍ଲବ ଉପଦେଷ୍ଟା ବାଳକୃଷ୍ଣ ଜେନା, ରାଜେଶ ପ୍ରସାଦ, ବିଜୟୀ ତନ୍ତୀ, ସୁନିଲ ମିଞ୍ଜ, ଅନୀଲ ମିଞ୍ଜ, ଅର୍ଜୁନ ଦାସ, ଜେ. ବି. କିଣ୍ଡୋ, ଶିବ ଗୋଛାୟତ, ରଜତ ମୁଖୀ, ଗୋବିନ୍ଦ ବେହେରା, ମଧୁ ନାୟକ, ଦୀପକ ସିଂ, ଫିରୋଜ କିସ୍‌ପଟ୍ଟା, ଶକ୍ତି ଲୋହାର, ସନ୍ତୋଷ ମୁଖୀ, ମହେଶ୍ୱର ସୁନାନି ପ୍ରମୁଖ ସହଯୋଗ କରିଥିଲେ।



ଅତିଥିମାନଙ୍କ ଗହଣରେ ଉପସ୍ଥିତ ଖେଳାଳି।

# ମହିଳା କ୍ରିକେଟ୍: ରାଉରକେଲା ଚାମ୍ପିୟନ

**ରାଉରକେଲା,୨୬।୨(ସଙ୍ଗୀତା ଜେନା)**

ରାଉରକେଲା ପୂର୍ବତନ ମହିଳା କ୍ରିକେଟ ଆସୋସିଏଶନ ପକ୍ଷରୁ ଆନ୍ତଃ ଜିଲାସ୍ତରୀୟ ଦ୍ୱିଦିବସୀୟ ମହିଳା କ୍ରିକେଟ ଟି-୨୦ ଟୁର୍ଣ୍ଣାମେଣ୍ଟ ସେକ୍ଟର-୬ ଇସ୍ପାତ ଷ୍ଟାଡ଼ିୟମରେ ସୋମବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚରେ ରାଉରକେଲା ବିଜୟୀ ହୋଇଥିବା ବେଳେ କଟକ ଦଳ ଉପବିଜେତା ହୋଇଛି। ପ୍ରଥମେ କଟକ ଦଳ ଟସ୍ ଜିତି ବ୍ୟାଟିଂ କରିଥିଲା। କଟକ ଦଳର ସାଇକୃପା ୩୬ ବଲ୍‌ରେ ୪୦ ରନ୍ ସଂଗ୍ରହ କରିଥିବା ବେଳେ ଅଲିଶା ବିଶ୍ୱାଳ ୨୮ ବଲରେ ୨୯ ରନ୍ କରିଥିଲେ। କଟକ ଦଳ ୭ ଉଇକେଟ ହରାଇ ୧୨୬ ରନ୍ କରିଥିଲା। ଜବାବରେ ରାଉରକେଲା ମହିଳା ଦଳର ଅଞ୍ଜଳି ସିଂହ ୪୯ ବଲ୍‌ରେ ୬୮ରନ୍ କରିଥିଲେ। ଡିଜେ ରେଡ୍ଡି ୧୬ ବଲ୍‌ରେ ୧୫ ରନ୍ କରିଥିଲେ। ରାଉରକେଲା ଦଳ ୩ ଉଇକେଟ ହରାଇ ଆବଶ୍ୟକ ରନ୍ କରି ବିଜୟୀ ହୋଇଥିଲା। ଅଞ୍ଜଳି ସିଂହ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଟୁର୍ଣ୍ଣାମେଣ୍ଟରେ ୩ୟ ଓ ୪ର୍ଥ ସ୍ଥାନ ପାଇଁ ବଲାଙ୍ଗୀର ଓ କିଟ୍ ଭୁବନେଶ୍ୱର ମଧ୍ୟରେ ସୋମବାର ସକାଳେ ପ୍ରଥମ ମ୍ୟାଚ


ସେକ୍ଟର-୬ ଇସ୍ପାତ ଷ୍ଟାଡ଼ିୟମରେ ମୁଖ୍ୟଅତିଥି ଓ ଖେଳାଳି।

ଅନୁଷ୍ଠିତ ହୋଇଥିଲା। କିଟ୍ ଭୁବନେଶ୍ୱର ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। କିଟ୍‌ର କୁନି ବଦ୍ରା ୫୨ବଲ୍‌ରେ ୬୪ ରନ୍ ସଂଗ୍ରହ କରିଥିଲେ। ଦଳ ୫ଉଇକେଟ୍ ବିନିମୟରେ ୧୪୬ ରନ୍ କରିଥିଲା। ଜବାବରେ ବଲାଙ୍ଗୀର ମହିଳା ଦଳ ୭ଉଇକେଟରେ ୮୩ ରନ୍ କରି ପରାଜିତ ହୋଇଥିଲା। ଏଥିରେ କୁନି ବଦ୍ରା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ରିମ୍ସ ଅଧ୍ୟକ୍ଷା ନଳିନୀପ୍ରଭା ପଟ୍ଟନାୟକ ମୁଖ୍ୟଅତିଥି, ଗୃହସ୍ଥୀ ଉଦ୍ୟୋଗର ସିଇଓ ଅମିତ ଅଗ୍ରୱାଲ, ପ୍ରଦୀପ ଦାସ, ପ୍ରଦୀପ ପଟ୍ଟନାୟକ, କମଲ ଅଗ୍ରୱାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଜେତା ଦଳକୁ ଟ୍ରଫି ସହ ୧୦ ହଜାର ଓ ଉପବିଜେତା ଦଳକୁ ଟ୍ରଫି ସହ ୫ ହଜାର ଟଙ୍କା ରାଶି ପ୍ରଦାନ କରାଯାଇଥିଲା। ଆସୋସିଏଶନର ସସ୍ମିତା ପଟ୍ଟନାୟକ ଓ ସୁଜାତା ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା।

## ସଂକ୍ଷେପରେ

### ଟ୍ରାକ୍ଟର ଚକାରେ ଚାପିହୋଇ ଯୁବକଙ୍କ ମୃତ୍ୟୁ

କୁଚିଣ୍ଡା,୨୬।୨(ବିରଞ୍ଚି ଦର୍କା)

କୁଚିଣ୍ଡା ଥାନା ବକ୍ସମା ପଞ୍ଚାୟତର ଭେଲୁଆଁପାଲ ନଦୀ ବାଲିଘାଟରୁ ବାଲି ଉଠାଉଥିବା ସମୟରେ ସୋମବାର ସକାଳେ ଟ୍ରାକ୍ଟର ଚକ ତଳେ ଚାପି ହୋଇ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଠାକୁରନିକ୍ତିମାଲ ଗ୍ରାମର ଅନିଲ ନାଗ(୨୮)। କୁଚିଣ୍ଡା ପୋଲିସ ମୃତଦେହ ଜବତ କରି ଥାନାରେ ଏକ ମାମଲା ରୁଜୁ କରିଛି। ଏଥିସହ କୁଚିଣ୍ଡା ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ହୋଇଥିବା ବେଳେ ପୋଲିସ ଟ୍ରାକ୍ଟରକୁ ଜବତ କରି ତଦନ୍ତ ଚଳାଇଛି। ପ୍ରକାଶଥାଉ କି, ବାଲିଘାଟରୁ ବାଲି ଉଠାଉଥିବା ଟ୍ରାକ୍ଟର ବ୍ୟାକ କରୁଥିବା ସମୟରେ ପଛ ଚକ ତଳେ ଯୁବକ ଜଣକ ଚାପି ହୋଇଯାଇଥିଲେ।

### ୨ ଟ୍ରକ୍ ଧକ୍କା: ଦୁଇ ଚାଳକ ଗୁରୁତର

ଜମନକିରା,୨୬।୨ (ରବୀନ୍ଦ୍ର ପ୍ରସାଦ ଦାନି):

୫୩ନଂ. ରାଜପଥର ଜମନକିରା ଥାନା ଗୌଡ଼ପାଲି ଫାଣ୍ଡି ଅନ୍ତର୍ଗତ ବଡରମା ଘାଟି ନିକଟରେ ସୋମବାର ଦୁଇ ଟ୍ରକ୍ ଧକ୍କା ହେବା ଫଳରେ ଉଭୟ ଗାଡ଼ିର ଚାଳକ ଗୁରୁତର ହୋଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଅପରାହ୍ନ ସାଢ଼େ ୫ଟା ସମୟରେ ଏକ ଲୁହା ବୋଝେଇ ଟ୍ରକ୍ (ଓଡ଼ି୦୫ଏଫ-୮୫୮୧) ସମ୍ବଲପୁର ଅଭିମୁଖେ ଯାଉଥିବା ବେଳେ ବିପରୀତ ପଟୁ ଆସୁଥିବା ଭଲ୍‌ବୋ ଟ୍ରକ୍ (ଏଚ୍‌ଆର୍‌୫୫ଏନ୍-୦୯୭୧) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଜଣେ ଚାଳକ କ୍ୟାବିନରେ ଚାପି ହୋଇ ରହିଯାଇଥିଲେ। ପୋଲିସ ପହଞ୍ଚି କ୍ୟାବିନକୁ କାଟି ତାଙ୍କୁ ବାହାର କରିଥିଲେ। ଅନ୍ୟ ଗାଡ଼ିର ଚାଳକ ମଧ୍ୟ ଗୁରୁତର ଥିବାରୁ ଉଭୟଙ୍କୁ ବୁର୍ଲା ଡ଼ାକ୍ତରଖାନା ପଠାଯାଇଛି। ହେଲପରଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସା କରାଯାଉଥିବା ଥାନା ଅଧିକାରୀ ପଦ୍ମାଳୟା ସାହୁ ପ୍ରକାଶ କରିଛନ୍ତି। ଏ ନେଇ ଜମନକିରା ଥାନାରେ ଦୁର୍ଘଟଣା ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

### ସଇଡ଼ା ପ୍ରିମିୟର ଲିଗ୍ କ୍ରିକେଟ୍ ଉଦ୍‌ଯାପିତ

କୁଚିଣ୍ଡା,୨୬।୨(ବିରଞ୍ଚି ଦର୍କା)

କୁଚିଣ୍ଡା ଏନ୍‌ଏସି ସଇଡ଼ା ଖେଳପଡିଆରେ ଚାଲିଥିବା ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି।ଏଥିରେ ଅଇତାପାଲି ଚାମ୍ପିୟନ ଓ ଲଇଡା ରନର୍ସଅପ ହୋଇଛି। ଫାଇନାଲ ମ୍ୟାଚରେ ଅଇତାପାଲି ଦଳ ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୮୦ ରନ କରିଥିଲା। ୮୧ ରନର ବିଜୟ ଲକ୍ଷ୍ୟନେଇ ଲଇଡା ଦଳ ୭୨ ରନ କରିବାକୁ ସକ୍ଷମ ହେଇଥିଲା। କୁଚିଣ୍ଡା ଏନ୍‌ଏସି ଅଧ୍ୟକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ପୁରସ୍କୃତ କରିଥଲେ। ଏହି କାର୍ଯ୍ୟକ୍ରମରେ ବିଜେଡି ଟାଉନ ସଭାପତି ନବୀନ ହୋତା, କାଉନସିଲର ରାଜେଶ ସାହୁ, କ୍ଷୀରୋଦ ତିଲ, କଷ୍ଟୁ ପୃଷେଠ, ଶିବ ସାହୁ, ଝଗଡୁ ପୃଷେଠ ପ୍ରମୁଖ ଉପସ୍ଥିତ ଥିଲେ।

### ନଗରସ୍ତରୀୟ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ

ସମ୍ବଲପୁର,୨୬।୨
(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ତପସ୍ୱିନୀ ହଲଠାରେ ନଗରସ୍ତରୀୟ ମହିଳା ଆରୋଗ୍ୟ ସମିତି ସମ୍ମଳନୀ-ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ଓ ନଗର ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଆୟୋଜିତ ସଭାରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅଶୋକ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ମହାନଗର ନିଗମର ସ୍ୱାସ୍ଥ୍ୟ ଅଧିକାରୀ ଡା. ମହେନ୍ଦ୍ର ନନ୍ଦ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରଦୀପ କୁମାର ହୋତା ଓ କୁଷ୍ଠରୋଗ ନିୟନ୍ତ୍ରଣ ଅଧିକାରୀ ଡା. ପ୍ରମୋଦ କୁମାର ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସହରକୁ ସୁସ୍ଥ ରଖିବା ନେଇ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେ ବିଭିନ୍ନ ମହିଳା ଆରୋଗ୍ୟ ସମିତି ପକ୍ଷରୁ ସଚେତନାତ୍ମକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ପଲ୍ଲବୀ ରାୟ ସଂଯୋଜନା କରିଥିଲେ। ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ନୂଆ-ଓ ଛାତ୍ରବୃତ୍ତି ବଣ୍ଟନ କଲେ ୫-ଟି ଅଧ୍ୟକ୍ଷ

ସମ୍ବଲପୁର,୨୬।୨(ପ୍ରମୋଦ ବହିଦାର):



- ଜିଲାର ୧୩,୪୨୩ ଛାତ୍ରୀଛାତ୍ରଙ୍କୁ ୧୩.୫ କୋଟି ପ୍ରଦାନ
- ମାର୍ଚ୍ଚ ୫ରେ ଶୁଭାରମ୍ଭ ହେବ ଛାତ୍ରୀଛାତ୍ରଙ୍କ ମ୍ୟାଜିକ୍ କାର୍ଡ

ସମ୍ବଲପୁରରେ ଓଡ଼ିଶା ସରକାରଙ୍କ ନୂଆ-ଓ ଛାତ୍ରବୃତ୍ତି ବଣ୍ଟନ କାର୍ଯ୍ୟକ୍ରମ ସୋମବାର ଶୁଭାରମ୍ଭ ହୋଇଛି। ସ୍ଥାନୀୟ ମନ୍ଦଲିଆ ପଡ଼ିଆରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ନୂଆ-ଓ ଛାତ୍ରବୃତ୍ତି ବଣ୍ଟନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସି ମାଧ୍ୟମରେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ସମୃଦ୍ଧି କାମନା କରିଥିଲେ। ଉଚ୍ଚ ଶିକ୍ଷାରେ କୌଣସି ଛାତ୍ରୀଛାତ୍ରଙ୍କ ପାଇଁ ଅର୍ଥ ଯେପରି ପ୍ରତିବନ୍ଧକ ନ ହୁଏ ସେହି ଲକ୍ଷ୍ୟରେ ଏହି ଛାତ୍ରବୃତ୍ତିର ଆରମ୍ଭ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ୫-ଟି ଅଧ୍ୟକ୍ଷ ପାଣ୍ଡିଆନ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କରି ଏହି ରାଶିକୁ ପାଠପଢ଼ା ବା କ୍ରୀଡ଼ା ଆଦି କ୍ଷେତ୍ରରେ ଖର୍ଚ୍ଚ କରିବାକୁ ପରାମର୍ଶ ଦେଇଥିଲେ। ଏହାବ୍ୟତୀତ ଯଦି ଛାତ୍ରୀଛାତ୍ର ୧ମାସ ବା ୩ ମାସ ଅଥବା ବର୍ଷକିଆ ବୃତ୍ତି ପାଇବେ ସେ ସମ୍ପର୍କରେ ତାଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ସୂଚିତ କରିବାକୁ କହିଛନ୍ତି। ସେ ଆହୁରି କହିଥିଲେ, ଛାତ୍ରୀଛାତ୍ରଙ୍କ ପାଠପଢ଼ାକୁ ଗୁରୁତ୍ୱ ଦେଇ ସେମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଆସନ୍ତା ମାର୍ଚ୍ଚ ୫ରେ ମ୍ୟାଜିକ୍ କାର୍ଡରେ ଶୁଭାରମ୍ଭ କରିବେ। ଏହି କାର୍ଡ ଉଭୟ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ। ଏଥିରେ ସେମାନେ ୱାଇଫାଇ ଆକ୍ସେସ୍, ପୁସ୍ତକ କ୍ରୟରେ ରିହାତି, ବସ୍ ଓ ଟ୍ରେନ୍ ଯାତ୍ରାରେ ରିହାତି, ଅନ୍‌ଲାଇନ କ୍ଲାସ୍, ଅନ୍‌ଲାଇନ କ୍ୟାରିୟର କାଉନସେଲିଂ, ଫୋନ୍ ରିଚାର୍ଜ କରିବା ଭଳି ସୁବିଧା ପାଇବେ। ଏହି ମ୍ୟାଜିକ୍ କାର୍ଡ ଆଧାରକାର୍ଡ ସଦୃଶ। ଯଦି କୌଣସି ଛାତ୍ରୀ ବା ଛାତ୍ର ଭଲ ପ୍ରଦର୍ଶନ କରିବେ ତା'ହେଲେ ସେମାନଙ୍କ କାର୍ଡକୁ ସିଲ୍‌ଭର କାର୍ଡରେ ଅପ୍‌ଗ୍ରେଡ୍ କରାଯିବ ଓ ପର୍ଯ୍ୟାୟକ୍ରମେ ଏହାକୁ ଗୋଲ୍ଡେନ୍ ଓ ପ୍ଲାଟିନମ୍ କାର୍ଡକୁ ଅପ୍‌ଗ୍ରେଡ୍ କରାଯିବ। ଏହା ମାଧ୍ୟମରେ ଛାତ୍ରୀଛାତ୍ର ସେମାନଙ୍କ ଅଧ୍ୟୟନ ଖର୍ଚ୍ଚକୁ ପରିଚାଳନା କରିପାରିବେ ବୋଲି ସେ ସୂଚନା ଦେଇଥିଲେ।

ଟିକସ ଦେଉ ନ ଥିବା ବେତନଧାରୀ ବେସରକାରୀ କର୍ମଚାରୀ ଭାବେ ଜୀବିକା ନିର୍ବାହ କରୁଥିବା ମାତାପିତାଙ୍କ ସନ୍ତାନମାନଙ୍କୁ ଏହି ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା। ଏଥିରେ ଛାତ୍ରୀମାନଙ୍କୁ ୧୦ ହଜାର ଓ ଛାତ୍ରମାନଙ୍କୁ ୯ଟଙ୍କା ଲେଖାଏ ବୃତ୍ତି ପ୍ରଦାନ କରାଯାଇଛି। ଜିଲାର ୨୧ ଶିକ୍ଷାନୁଷ୍ଠାନର ୧୩,୪୨୩ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କୁ ମୋଟ ୧୩କୋଟି ୫୦ ଲକ୍ଷ ଟଙ୍କାର ନୂଆ-ଓ ଛାତ୍ରବୃତ୍ତି ବଣ୍ଟନ କରାଯାଇଛି। ସେଥିମଧ୍ୟରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ୨୩୬୪ ଜଣଙ୍କୁ ୨ କୋଟି ୩୫ ଲକ୍ଷ, ସରକାରୀ ମହିଳା କଲେଜ ସମ୍ବଲପୁରର ୧୬୫୭ ଛାତ୍ରୀଙ୍କୁ ୧କୋଟି ୭୧ ଲକ୍ଷ, ଏନ୍‌ଏସ୍‌ସିବି କଲେଜ ସମ୍ବଲପୁରର ୧୦୧୭ ଜଣଙ୍କୁ ୧ କୋଟି ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର ମୋଟ ୮୭୫ ଜଣଙ୍କୁ ୮୭ ଲକ୍ଷ ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ଏହି ରାଶି ଅନ୍‌ଲାଇନ ମାଧ୍ୟମରେ ସମସ୍ତ ଛାତ୍ରୀଛାତ୍ରଙ୍କ ବ୍ୟାଙ୍କ ଜମାଖାତାରେ ଜମା କରାଯାଇଛି। କାର୍ଯ୍ୟକ୍ରମରେ ଜିଲାର ୧୭ ଶିକ୍ଷାନୁଷ୍ଠାନର ୫ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## କରୁଣାକର ସୂପକାର ସ୍ମାରକୀ ବକ୍ତୃତା

ସମ୍ବଲପୁର,୨୬।୨(ବି.ଶଙ୍କର)

ସେତୁ ଅନୁଷ୍ଠାନ ପକ୍ଷରୁ ଇଞ୍ଜିନିୟର କରୁଣାକର ସୂପକାର ତୃତୀୟ ସ୍ମାରକୀ ବକ୍ତୃତା ପାନ୍ଥନିବାସଠାରେ ଆୟୋଜିତ ହୋଇଯାଇଛି । ସେତୁ ସଭାପତି ଡ. ମୀନକେତନ ପାଠୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା । ଶିକ୍ଷାବିତ୍ ପ୍ରଫେସର କିଶୋର ଚନ୍ଦ୍ର ସାମଲ ଯୋଗଦେଇ ଓଡ଼ିଶାରେ ବିକାଶର ସ୍ଥିତି, ଗତି ଓ ଭବିଷ୍ୟତ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସେ କହିଥିଲେ, କମ୍ପ୍ୟୁଟର ଭିତ୍ତିକ ବା ଡିଜିଟାଲ ଶିଳ୍ପରେ ପ୍ରଦୂଷଣର ଆଶଙ୍କା କମ୍ ଥାଏ। କିନ୍ତୁ କର୍ମ ସୁଯୋଗ ସୃଷ୍ଟି କରିବାର ଆଶା ଅଧିକ ରହିଛି। ଆଞ୍ଚଳିକ ବୈଷମ୍ୟ ଦୂର କରିବାକୁ ହେଲେ ଆମକୁ ସ୍ୱର ଉତ୍ତୋଳନ କରିବାକୁ ହେବ । ଏହାସହ ବନ୍ଦ ହୋଇଯାଇଥିବା ଶିଳ୍ପାନୁଷ୍ଠାନକୁ ପୁଣିଥରେ ପୁନରୁଦ୍ଧାର କରାଗଲେ ପୁନଃନିଯୁକ୍ତି ଏବଂ ଅର୍ଥନୀତିରେ ସୁଧାର ଆସିବ ବୋଲି ସେ ପ୍ରସ୍ତାବ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ସୁକାନ୍ତ କୁମାର କର ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକାରିଣୀ ସଭ୍ୟ ଡ. କାମଦେବ ସାହୁ ସ୍ମାରକୀ ବକ୍ତବ୍ୟ ସମ୍ପର୍କରେ ସୂଚନା ଓ ବରିଷ୍ଠ ସଭ୍ୟ ଡ. ସିଦ୍ଧାର୍ଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କୋଷାଧ୍ୟକ୍ଷ ରବିନାରାୟଣ ପ୍ରଧାନ, ବରିଷ୍ଠ ସଭ୍ୟ ବିଦ୍ୟାର୍ଣ୍ଣ ପଣ୍ଡା, ସଭ୍ୟା ପଦ୍ମାଳୟା ପଣ୍ଡା ସହଯୋଗ କରିଥିଲେ।

## ୨୮ରେ ଗାଁସାଥୀଙ୍କ ସମାବେଶ



ଖବରଦାତା ସମ୍ମିଳନୀରେ ମଞ୍ଚାସୀନ କର୍ମକର୍ତ୍ତା।

ସମ୍ବଲପୁର,୨୬।୨(ପ୍ରମୋଦ ବହିଦାର):

ଓଡ଼ିଶା ଗାଁସାଥୀ(ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆସନ୍ତା ୨୮ରେ ସମ୍ବଲପୁରରେ ଏକ ବିଶାଳ ସମାବେଶ ଆୟୋଜିତ ହେବ। ଏହାସହ ଗାଁସାଥୀଙ୍କୁ ପ୍ରୋତ୍ସାହନ ରାଶି ବାବଦକୁ ମାସିକ ୧୦ ହଜାର ଟଙ୍କ ପ୍ରଦାନ ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ସ୍ଥାନୀୟ ପର୍ଶୁରାମ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ କମିଟି ସଭାପତି ଲକ୍ଷ୍ମୀଧର ବିଶ୍ୱାଳ ସୂଚନା ଦେଇ କହିଛନ୍ତି, ଏହି ଦାବି ନେଇ କମିଟି ପକ୍ଷରୁ ୨୦୨୧ରେ ଆନ୍ଦୋଳନ କରାଯାଇଥିଲା। ଏହି ସମୟରେ ତତ୍କାଳୀନ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ପ୍ରତାପ ଜେନାଙ୍କ ସମେତ ପ୍ରମୁଖ ଶାସନ ସଚିବ ଅଶୋକ ମିନା ମିଳିତ ଭାବେ ଗାଁସାଥୀଙ୍କ ପାରିଶ୍ରମିକ ୮ ହଜାର ଟଙ୍କା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇନାହିଁ। ଏହାର ପ୍ରତିବାଦରେ ପଶ୍ଚିମ ଓଡ଼ିଶାର ୧୦ଟି ଜିଲାରୁ ୨ ହଜାରରୁ ଊର୍ଦ୍ଧ୍ୱ ଗାଁସାଥୀ ସଦସ୍ୟଙ୍କୁ ନେଇ ଏକ ସମାବେଶ ଆୟୋଜନ କରାଯିବ। ପରେ ଆର୍‌ଡିସିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ଖବରଦାତା ସମ୍ମିଳନୀରେ ସଂଘର ସଙ୍ଗଠକ ବିବେକାନନ୍ଦ ଠାକୁର, ସାଧାରଣ ସମ୍ପାଦକ ମଙ୍ଗଲୁ ରଣା, ଜନ୍ମ ଓରାମ, ଦେବେନ୍ଦ୍ର ଓରାମ ପ୍ରମୁଖ ଉପସ୍ଥିତ ଥିଲେ।

## ଔଷଧୀୟ ବୃକ୍ଷ ଚାଷୀଙ୍କୁ ପ୍ରୋତ୍ସାହନ ପାଇଁ ପଦକ୍ଷେପ

### ବୈଜ୍ଞାନିକ ତଥା ଔଦ୍ୟୋଗିକ ଅନୁସନ୍ଧାନ ପରିଷଦର କର୍ମଶାଳା

ସମ୍ବଲପୁର,୨୬।୨(ଭବାନୀ ଶଙ୍କର ଭୋଇ)




ପରମାଣପୁରଠାରେ ଅନୁଷ୍ଠିତ କର୍ମଶାଳା।

ଭାରତ ସରକାରଙ୍କ ବୈଜ୍ଞାନିକ ତଥା ଔଦ୍ୟୋଗିକ ଅନୁସନ୍ଧାନ ପରିଷଦ ପକ୍ଷରୁ ସୋମବାର ମାନେଶ୍ୱର ବ୍ଲକ ପରମାଣପୁରଠାରେ ଔଷଧୀୟ ବୃକ୍ଷ ଓ ସୁଗନ୍ଧିତ ଫୁଲଚାଷୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଚାଷୀମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ପରିଷଦ ପକ୍ଷରୁ ତାଲିମ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଚାଷୀମାନଙ୍କ ଆର୍ଥିକ ବିକାଶ ପାଇଁ ଜାତୀୟ ଓ ଅନ୍ତର୍ଜାତୀୟ ବଜାରରେ ଚାହିଦା ରହିଥିବା ସୁଗନ୍ଧିତ ଫୁଲ ଓ ଔଷଧୀୟ ବୃକ୍ଷ ଆଦି ଚାଷ କରିବାକୁ ପରାମର୍ଶ ଦିଆଯାଇଥିଲା। ଏହାଦ୍ୱାରା ପାରମ୍ପରିକ ଚାଷଠାରୁ ଢେର ଅଧିକ ରୋଜଗାର ହୋଇପାରିବ ବୋଲି ଗବେଷକମାନେ ମତ ଦେଇଥିଲେ। ଓଡ଼ିଶାର ଅନେକ କୃଷକ କମ୍ପାନୀ ଏଭଳି ଚାଷକରି ଆମେରିକାକୁ ରପ୍ତାନି କରୁଥିବା ବୈଜ୍ଞାନିକମାନେ ସୂଚନା ଦେଇଥିଲେ। ଜାତୀୟ ଉଦ୍ଭିଦ ଗବେଷଣା ପ୍ରତିଷ୍ଠାନ ନିର୍ଦ୍ଦେଶକ ଡ. ଅଜିତ କୁମାର ଶାଶାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଲକ୍ଷ୍ନୌସ୍ଥିତ ବୈଜ୍ଞାନିକ ତଥା ଔଦ୍ୟୋଗିକ ଅନୁସନ୍ଧାନ ପରିଷଦର କୃଷି ବୈଜ୍ଞାନିକ ପ୍ରଶାନ୍ତ ରାଉତ, ଡ. ଚନ୍ଦ୍ରଶେଖର ମହାନ୍ତି ପ୍ରମୁଖ ଯୋଗଦେଇ କୃଷକମାନଙ୍କୁ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିକାଶ ଫାଉଣ୍ଡେଶନ ଅଧ୍ୟକ୍ଷା ମୃଦଳା ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କୃଷିକୁ ଷ୍ଟାର୍ଟଅପ୍‌ରେ ସାମିଲ କରିବା ଦିଗରେ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। କୃଷି ଗବେଷକ ଅଭିଲାଷ ପ୍ରଧାନ, ସବୁଜ ସନାତନପାଲି କୃଷକ କମ୍ପାନୀର ନିର୍ଦ୍ଦେଶକ ମନବୋଧ ବାରିକ ପ୍ରମୁଖ ସାମିଲ ରହି ସ୍ଥାନୀୟ ଅଞ୍ଚଳରେ ସୁଗନ୍ଧିତ ଫୁଲ ଓ ଔଷଧୀୟ ବୃକ୍ଷ ଚାଷ ପାଇଁ ରହିଥିବା ଭିତ୍ତିଭୂମି ଏବଂ ବଜାର ବ୍ୟବସ୍ଥା ଉପରେ ମତାମତ ଦେଇଥିଲେ। ସମ୍ବଲପୁର ଅଞ୍ଚଳରେ ରଜନୀଗନ୍ଧା, ଗୋଲାପ ଓ ଗେଣ୍ଡୁଫୁଲ ଚାଷରେ ଅନେକ ଚାଷୀ ନିୟୋଜିତ ରହିଥିବା ବେଳେ ଆଗାମୀ ଦିନରେ ସୁଗନ୍ଧିତ ଫୁଲ ସହ ଲେମନ ଗ୍ରାସ୍, ସାଇଟ୍ରୋନେଲା, ତୁଳସୀ, ମେଣ୍ଠା ଆଦି ଔଷଧୀୟ ଚାଷ କରିବାକୁ ପରାମର୍ଶ ଦିଆଯାଇଥିଲା। କର୍ମଶାଳାରେ ସମ୍ବଲପୁର, ଝାରସୁଗୁଡା ସମେତ ପଶ୍ଚିମ ଓଡ଼ିଶାର ଅଗ୍ରଣୀ ଚାଷୀମାନେ ସାମିଲ ହୋଇଥିଲେ। ଶେଷରେ ବୈଜ୍ଞାନିକ ତଥା ଔଦ୍ୟୋଗିକ ଅନୁସନ୍ଧାନ ପରିଷଦ ପକ୍ଷରୁ ଚାଷୀମାନଙ୍କୁ ବିଭିନ୍ନ ସୁଗନ୍ଧିତ ଓ ଔଷଧୀୟ ଚାରା ବଣ୍ଟନ କରାଯାଇଥିଲା।

## ମୃଦୁଳା ଠାକୁରଙ୍କ ଜଗନ୍ନାଥ ମନ୍ଦିର ପରିଦର୍ଶନ

ସମ୍ବଲପୁର,୨୬।୨(ବି.ଶଙ୍କର)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହଧର୍ମିଣୀ ତଥା ଭାଜପା ନେତ୍ରୀ ମୃଦୁଳା ଠାକୁର ସୋମବର ସମ୍ବଲପୁର ମୁଦିପଡାସ୍ଥିତ ଜଗନ୍ନାଥ ମନ୍ଦିର ପରିଦର୍ଶନ କରଛନ୍ତି। ଏଥିସହ ବିଶ୍ୱ କଲ୍ୟାଣ ସକାଶେ ମଙ୍ଗଳ ମନାସୀ ଜଗନ୍ନାଥଙ୍କୁ ପୂଜାର୍ଚ୍ଚନା କରିଥିଲେ। ସେ ମନ୍ଦିରରେ ପହଞ୍ଚିବା ପରେ ତାଙ୍କୁ ମହିଳାମାନେ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରିଥିଲେ। ପରେ ସେ ସକାଳ ଆଳତିରେ ସାମିଲ ହୋଇଥିଲେ। ଏହି ଅବସରରେ ସେ ମନ୍ଦିର ନିର୍ମାଣ ସମ୍ପର୍କରେ ପଚାରି ବୁଝିବା ସହିତ ମନ୍ଦିର ପରିସର ପରିଷ୍କାର ପରିଚ୍ଛନ୍ନତା ବିଷୟରେ ଆଲୋଚନା କରିଥିଲେ । ବଜରଙ୍ଗ ଦଳ ପଶ୍ଚିମ ଓଡିଶା ପ୍ରାନ୍ତ ସଂଯୋଜକ ସୁଧୀର ରଞ୍ଜନ ବହିଦାର, ମନ୍ଦିର ପୂଜକ ବ୍ୟୋମକେଶ ପଣ୍ଡା ଉପସ୍ଥିତ ଥିଲେ।

## ଏନ୍‌ଏଲ୍‌ସି ବିରୋଧରେ ବିସ୍ଥାପିତଙ୍କ ଆନ୍ଦୋଳନ



ରେଙ୍ଗାଲି,୨୬।୨(ଦେବବ୍ରତ ପଣ୍ଡା)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ତଲାବିରା ୨ ଓ ୩ନଂ. କୋଇଲା ଖଣି ଖନନ କାର୍ଯ୍ୟ କରୁଥିବା ଏନ୍‌ଏଲ୍‌ସି କମ୍ପାନୀ ବିରୋଧରେ ସୋମବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି ବିସ୍ଥାପିତ ଗ୍ରାମବାସୀ। ପ୍ରତିଶ୍ରୁତି ଦେଇ କମ୍ପାନୀ ପାଳନ କରୁ ନ ଥିବା ଅଭିଯୋଗ କରି ଗ୍ରାମବାସୀ ୯ ଦଫା ଦାବି ନେଇ କମ୍ପାନୀ ମୁଖ୍ୟ ଫାଟକ ବନ୍ଦକରି ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସନ୍ଧ୍ୟାରେ କମ୍ପାନୀ କର୍ତ୍ତୃପକ୍ଷ ଓ ଗ୍ରାମବାସୀଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କମ୍ପାନୀ ଆସନ୍ତା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା କିଛି ଦାବି ପୂରଣ କରିବ ଓ ଅନ୍ୟ ଦାବିଗୁଡ଼ିକ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ପରେ ପର୍ଯ୍ୟାୟକ୍ରମେ ପୂରଣ କରିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏହି ବୈଠକରେ ଏନ୍‌ଏଲ୍‌ସି ମହାପ୍ରବନ୍ଧକ ଚିରକୁ ଦୟାନନ୍ଦ, ଡିଜିଏମ୍ ଏଚ୍.ଆର. ସୁବ୍ରତ ବିଶ୍ୱାଳ, ଖିଣ୍ଡା ସରପଞ୍ଚ ସନ୍ଧ୍ୟାରାଣୀ ପ୍ରଧାନ, ବୀର ସୁରେନ୍ଦ୍ର ସାଏ ଶ୍ରମିକ ସଂଘର କାର୍ଯ୍ୟକାରୀ ସଭାପତି ବାବୁଲୁ ରାଉତ, କୃପା ବୁଧିଆ. ରୁଦ୍ର ପଧାନ, ପାର୍ବତୀ ପୁରୋହିତ, ନବୀନ ରାଉତ. ହିମାଂଶୁ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ସରପଞ୍ଚ ପ୍ରଧାନ ଓ ଶ୍ରମିକ ସଂଘ ସଭପତି ରାଉତଙ୍କ ନେତୃତ୍ୱରେ ଶତାଧିକ ବିସ୍ଥାପିତ ସାମିଲ ହୋଇଥିଲେ।

## ଏନ୍‌ଏସି ଦାବି ନେଇ ୨୮ରେ ବାମରା ବନ୍ଦ : ଭୋଟ ବର୍ଜନ ଚେତାବନୀ

କୁଚିଣ୍ଡା,୨୬।୨(ବିରଞ୍ଚି ଦର୍କା)- ରାଜ୍ୟ ସରକାର ଓଡ଼ିଶାରେ ମୋଟ ୩୫ଟି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା କରିଛନ୍ତି। ହେଲେ ପୂର୍ବ ଦାବି ଅନୁଯାୟୀ ସମ୍ବଲପୁର ଜିଲାର ବାମରା ଏଥିରୁ ବାଦ୍ ପଡିଛି। ଏଥିସହ ରେଳ ସମସ୍ୟା ନେଇ ଦୀର୍ଘ ଦିନରୁ ରହିଥିବା ଦାବି ଉପରେ ମଧ୍ୟ ପଦକ୍ଷେପ ନିଆଯାଉ ନାହିଁ। ଏହାର ପ୍ରତିବାଦରେ ଆସନ୍ତା ୨୮ରେ ବାମରାରେ ୧୨ଘଣ୍ଟିଆ ବନ୍ଦ ପାଳନ ସହ ଆଗାମୀ ନିର୍ବାଚନରେ ଅଞ୍ଚଳବାସୀଙ୍କ ପକ୍ଷରୁ ଭୋଟ ବର୍ଜନ ଚେତାବନୀ ଦିଆଯାଇଛି। ରବିବାର ନାଗରିକ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ବାମରା ନାଗରିକ କମିଟି ସଭାପତି ଦୁର୍ଗାପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ପୂର୍ତ୍ତବିଭାଗ ବଙ୍ଗଳାରେ ଅନୁଷ୍ଠିତ ବୈଠକରେ ହୋଇଥିବା ଆଲୋଚନା ମୁତାବକ ଆସନ୍ତା୨୮ ତାରିଖ ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବାମରା ବନ୍ଦ କରାଯିବ। ଦୀର୍ଘ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ସରକାରଙ୍କଠାରେ ବାମରାକୁ ଏନ୍‌ଏସି କରାଯିବାକୁ ପ୍ରସ୍ତାବ ଦିଆଯାଇଆସୁଛି। ଆବଶ୍ୟକ ହେଉଥିବା ସମସ୍ତ ମାନଦଣ୍ଡ ପୂରଣ ହେଉଥିଲେ ସୁଦ୍ଧା ରାଜ୍ୟ ସରକାର ବାମରାକୁ ଉପେକ୍ଷା କରିଥିବାରୁ ବୈଠକରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହାଛଡା ପ୍ରସ୍ତାବିତ ବାରକୋଟ-ଦେବଗଡ ନୂତନ ରେଳ ଲାଇନକୁ କୁଚିଣ୍ଡା-କେଶାଇବାହାଲ ବାମରା ରେଳ ଲାଇନ ସହ ସଂଯୋଗ କରିବା, ପୂର୍ବରୁ ବାମରାରେ ଉଚ୍ଛେଦ ହୋଇଥିବା ଟ୍ରେନ ରହଣିକୁ ପୁନଃ କାର୍ଯ୍ୟକ୍ଷମ କରିବା, ବାମରା ଷ୍ଟେଶନର ଉଭୟ ପାର୍ଶ୍ୱରେ ଅଣ୍ଡର ପାସ ନିର୍ମାଣ ଆଦି ଦାବି ଉପରେ ବୈଠକରେ ଆଲୋଚନା ହୋଇଛି। ଉକ୍ତ ଦିନ ସ୍କୁଲ, କଲେଜ, ସରକାରୀ ବେସରକାରୀ ଅଫିସ, ବ୍ୟାଙ୍କ, ପୋଷ୍ଟ ଅଫିସ, ଦୋକାନ ବଜାର, ଯାନ ବାହନ ଚଳାଚଳ ବନ୍ଦ କରାଯିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ନାଗରିକ କମିଟି ଉପସଭାପତି ମନମୋହନ ସାହୁ, ସମ୍ପାଦକ ଜ୍ୟୋତି କୁମାର ଲାଠ, କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ଶତପଥି, ବ୍ୟବସାୟୀ ସଂଘ ସଭାପତି ମନୋଜ ଚୌଧୁରୀ, ପ୍ରମୋଦ ପାଲ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ କୁମାର ମିଶ୍ର, ବିଜେଡି ବ୍ଲକ ସଭାପତି ଅରବିନ୍ଦ ସାହୁ, ସନ୍ଦୀପ ଖଣ୍ଡେଲୱାଲ, ଖବରଦାତା ମନୋଜ ରାଜ ଓ ସନ୍ତୋଷ ଶୁକ୍ଲା, ସୁଶିଳ ପ୍ରସାଦ, ରମେଶ ଶର୍ମାଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ସାମିଲ ହୋଇଥିଲେ।

### ସର୍ବନିମ୍ନ ସହାୟକ ମୂଲ୍ୟକୁ ଆଇନଗତ ମାନ୍ୟତା ଦାବି

## ଚାଷୀ ସଙ୍ଗଠନର ଟ୍ରାକ୍ଟର ଶୋଭାଯାତ୍ରା

ସମ୍ବଲପୁର,୨୬।୨
(ଭବାନୀ ଶଙ୍କର ଭୋଇ)

କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)କୁ ଆଇନଗତ ମାନ୍ୟତା ଦାବି ନେଇ ସଂଯୁକ୍ତ କିଷାନ ମୋର୍ଚ୍ଚାର ଆନ୍ଦୋଳନ ଜାରି ରହିଛି। ସଂଯୁକ୍ତ କିଷାନ ମୋର୍ଚ୍ଚାର ଆହ୍ୱାନକ୍ରମେ ସୋମବାର ସମ୍ବଲପୁରର କୃଷକ ସଙ୍ଗଠନ ଟ୍ରାକ୍ଟର ଶୋଭାଯାତ୍ରା କରିଛି। ସଙ୍ଗଠନ କର୍ମକର୍ତ୍ତାଙ୍କ ଅଭିଯୋଗକ୍ରମେ, ମୋର୍ଚ୍ଚା ପକ୍ଷରୁ ଦିଲ୍ଲୀରେ ଆନ୍ଦୋଳନ ଜାରି ରହିଛି। କେନ୍ଦ୍ର ସରକାର ଚାଷୀମାନଙ୍କୁ ଦିଲ୍ଲୀ ଭିତରକୁ ପ୍ରବେଶ କରିବାକୁ ଦେଉ ନ ଥିବା ବେଳେ ଆନ୍ଦୋଳନରତ କୃଷକଙ୍କ ଉପରେ ହିଂସାତ୍ମକ ଆଚରଣ କରୁଛି। ଏହାର ପ୍ରତିବାଦରେ ଦେଶବ୍ୟାପୀ ଟ୍ରାକ୍ଟର ଶୋଭାଯାତ୍ରା କରିବାକୁ ଆହ୍ୱାନ ଦିଆଯାଇଥିଲା। କିଷାନ ମୋର୍ଚ୍ଚାର ଆନ୍ଦୋଳନକୁ ସମର୍ଥନ କରି ସମ୍ବଲପୁରରେ ଚାଷୀ ସଂଗଠନ ପକ୍ଷରୁ ବରେଇପାଲିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ଟ୍ରାକ୍ଟର ଶୋଭାଯାତ୍ରା ବରେଇପାଲି ଆର୍‌ଏମ୍‌ସିଠାରୁ ବାହାରି ରେମେଡ ଦେଇ ଅଇଁଠାପାଲି ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ବହୁସଂଖ୍ୟାରେ ଚାଷୀ ନିଜ ଟ୍ରାକ୍ଟର ସହ ସାମିଲ ହୋଇଥିଲେ। କେନ୍ଦ୍ର ସରକାର ନିର୍ବାଚନ ସମୟରେ ଶସ୍ୟ ଉତ୍ପାଦନ ଖର୍ଚ୍ଚର ଦେଢ଼ଗୁଣ ଲାଭ ଚାଷୀଙ୍କୁ ଦେବାପାଇଁ ଘୋଷଣା କରିଥିବା ବେଳେ ବିଗତ ଦଶବର୍ଷ ମଧ୍ୟରେ ସରକାର ନିଜ ପ୍ରତିଶ୍ରୁତି ରକ୍ଷା କରିବାରେ ବିଫଳ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଟ୍ରାକ୍ଟର ଶୋଭାଯାତ୍ରାରେ ପଶ୍ଚିମ ଓଡିଶା କୃଷକ ସମନ୍ୱୟ ସମିତିର ଆବାହକ ଅଶୋକ ପ୍ରଧାନ, ପ୍ରବକ୍ତା ସରୋଜ, ଜିଲା କୃଷକ ସୁରକ୍ଷା ସମିତିର ସଭାପତି ଉମେଶ ମିଶ୍ର, ସାଧାରଣ ସମ୍ପାଦକ ଦେବେନ୍ଦ୍ର ପ୍ରଧାନ, ଏମ୍ ଗୋବିନ୍ଦୁ ପ୍ରମୁଖ ସାମିଲ ରହିଥିଲେ।

# ପଶ୍ଚିମ ଓଡ଼ିଶାର ଅନନ୍ୟ କଳା ସମ୍ପ୍ରର୍ଦ୍ଧା

ସମ୍ବଲପୁର,୨୬।୨(ବି.ଶଙ୍କର)

ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବରେ ପଶ୍ଚିମ ଓଡ଼ିଶାର ବିଦଗ୍ଧ ଲୋକକଳା ସମ୍ପ୍ରର୍ଦ୍ଧା ସମ୍ପ୍ରତି ଲୁପ୍ତହେବାକୁ ବସିଛି। ଏହାକୁ ବଞ୍ଚାଇ ରଖିବା ପାଇଁ ସବୁ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ। ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ଅମୃତ ବିହାରଠାରେ ଆୟୋଜିତ ରାଜ୍ୟସ୍ତରୀୟ ସମ୍ପ୍ରର୍ଦ୍ଧା କଳାକାର ସମ୍ମିଳନୀରେ ବକ୍ତାମାନେ ଏହି ମତପ୍ରକାଶ କରିଛନ୍ତି। ଆୟୋଜକ ସ୍ୱୀକାର ଅନୁଷ୍ଠାନ ସମ୍ପାଦକ ହେମନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସମ୍ମିଳନୀ ହୋଇଥିଲା। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ।

ବିଶିଷ୍ଟ ସଂସ୍କୃତି ଗବେଷକ ପ୍ରାଧ୍ୟାପକ ଡ. ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମ୍ପ୍ରର୍ଦ୍ଧାକୁ ପଶ୍ଚିମ ଓଡ଼ିଶାର ଏକ ଅନନ୍ୟ କଳା ଭାବେ ଅଭିହିତ କରି କଳାକାରମାନଙ୍କୁ ବୈଷ୍ଣବୀୟ ଗୁଣ ଧାରଣ କରିବାକୁ ଅନୁରୋଧ କରିଥିଲେ। ମାନବୀୟ ସମ୍ବେଦନା ଜାଗରଣ କରିବା ପାଇଁ ଏହି କଳା ଏକ ବିଶେଷ ଭୂମିକା ଗ୍ରହଣ କରିପାରିବ। ସମ୍ପ୍ରର୍ଦ୍ଧାର ଗୀତ, ବାଦ୍ୟ, ନୃତ୍ୟ ଓ ଲାସ୍ୟରେ ଥିବା ତାଳ, ଛନ୍ଦ, ଲୟ କିପରି ଯୁବସମାଜରେ ପହଞ୍ଚିପାରିବ ସେ ଦିଗରେ ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ । ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର, ପ୍ରଫେସର କାମଦେବ ସାହୁ ଓ ସାମାଜିକ କର୍ମୀ ଶଶିଭୂଷଣ ତ୍ରିପାଠୀ ଆଲୋଚନାରେ ଭାଗ ନେଇ ସମ୍ପ୍ରର୍ଦ୍ଧାର ପ୍ରାଚୀନ ପରମ୍ପରାକୁ ଅକ୍ଷୁଣ୍ଣ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ସମ୍ପ୍ରର୍ଦ୍ଧା କଳାକାର ବିଶ୍ୱାମିତ୍ର ରଣା, ସନ୍ତୋଷ ଭୋଇ, ଭୀଷ୍ମଦେବ ପ୍ରଧାନ, ବିଭୀଷଣ ପ୍ରଧାନ, ମେଘନାଦ ସାହୁ, ଗୁଣନିଧି ମେହେର, ମାଧବ ପ୍ରଧାନ, ସୁଦର୍ଶନ ସା, ଗଜାନନ ଭୋଇ ପ୍ରମୁଖ କଳାକାରମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନାକରି ତାହାର ସମାଧାନ ଦିଗରେ ସରକାରୀ ପୃଷ୍ଠପୋଷାକତା ଲୋଡ଼ିଥିଲେ। ସମ୍ମିଳନୀରେ ସମ୍ବଲପୁର ଜିଲାର ଚକୁଳି, ଝାରସୁଗୁଡ଼ା ଜିଲାର ବଡ଼ଧରା, ଟେଙ୍ଗନାମାଲ, ବରିଝା, ଦୟାଡେରା ଓ ଛତିଶଗଡ଼ର ଟିନମିନି ଓ କନ୍ଦାଗଡ଼ ଦଳ ସମ୍ପ୍ରର୍ଦ୍ଧା ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସୁବୋଧ ରାଉତ, ଗଣେଶ ନାହାକ, ନିରାକାର ସେନାପତି, ମାନିନୀ ସେନାପତି, ସୁଷମା ଜେନା ଓ ମମତା ସାହୁ ପ୍ରମୁଖ ସହଯୋଗ କରିଥିଲେ।

**ଜିଏମ୍‌ୟୁରେ ରାଜ୍ୟସ୍ତରୀୟ ସମ୍ପ୍ରର୍ଦ୍ଧା କଳାକାର ସମ୍ମିଳନୀ**



ସମ୍ପ୍ରର୍ଦ୍ଧା ସମ୍ମିଳନୀକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ମାଟ୍ରିକ ପରୀକ୍ଷା

# କପି ଯୋଗାଇ ପରୀକ୍ଷା ନିରୀକ୍ଷକ ନିଲମ୍ବିତ

■ ୨ ଶିକ୍ଷକଙ୍କୁ କାର୍ଯ୍ୟରୁ ଅବ୍ୟାହତି

■ ଶିକ୍ଷକ ଡାକିଛନ୍ତି ୫୦ ମାର୍କ ଉତ୍ତର

ଭୋଗରାଇ,୨୬।୨(ପ୍ରଦୀପ ଦାସ)

ମାଟ୍ରିକ ପରୀକ୍ଷାରେ ପରୀକ୍ଷାର୍ଥୀଙ୍କୁ କପି ଯୋଗାଇବା ଓ ଅସାଧୁ ଉପାୟ ଅବଲମ୍ବନ କରିଥିବା ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ହରିଦାସପୁର ନରେନ୍ଦ୍ର ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷାକେନ୍ଦ୍ରର ନିରୀକ୍ଷକ ମନୋଜ କୁମାର ସାହୁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଜିଲା ଶିକ୍ଷାଧିକାରୀ ପ୍ରତିଭା ମଞ୍ଜରୀ ଦାସ ଓ ବୋର୍ଡ କର୍ତ୍ତୃପକ୍ଷ ତାଙ୍କୁ ନିଲମ୍ବିତ କରିଛନ୍ତି। ଉକ୍ତ ବିଦ୍ୟାଳୟର ୨ଜଣ ଧନ୍ଦାମୂଳକ ଶିକ୍ଷକ ଜ୍ୟୋତିରଞ୍ଜନ ମହାନ୍ତି ଓ ସତ୍ୟରଞ୍ଜନ ପ୍ରଧାନଙ୍କୁ ପରୀକ୍ଷାକେନ୍ଦ୍ରରୁ ଅବ୍ୟାହତି ଦିଆଯାଇଥିବା ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀ କମଳଲୋଚନ ବିଶ୍ୱାଳ ସୂଚନା ଦେଇଛନ୍ତି। ଏଥିସହିତ ପରୀକ୍ଷାକୁ ସ୍ୱଚ୍ଛ ଓ ଶୃଙ୍ଖଳିତ ରଖିବା ନିମନ୍ତେ ଏହି ପରୀକ୍ଷା କେନ୍ଦ୍ର ପରିସରରେ ଥିବା ଛାତ୍ରାବାସରେ ରହୁଥିବା ଏହି ୩ଜଣ ଶିକ୍ଷକଙ୍କୁ ସେଠାରୁ ବାହାର କରିଦିଆଯାଇଛି।

ସୂଚନାନୁଯାୟୀ, ଉକ୍ତ ପରୀକ୍ଷା କେନ୍ଦ୍ରରେ ପରୀକ୍ଷାର୍ଥୀମାନଙ୍କୁ ସ୍କୁଲ ଶିକ୍ଷକମାନେ କପି ଯୋଗାଇବା ଅଭିଯୋଗ ହେଉଥିଲା। ଛାତ୍ରାବାସରେ ରହୁଥିବା ଏହି ୩ ଶିକ୍ଷକ ତାଙ୍କ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଉଥିବା ଅନ୍ୟ ହାଇସ୍କୁଲର ଶିକ୍ଷକ ଓ ଅଭିଭାବକମାନଙ୍କଠାରୁ ଅର୍ଥ, ଖାଦ୍ୟ ଓ ପାନୀୟ ଗ୍ରହଣ କରୁଥିବାବେଳେ ଗ୍ରାମବାସୀ ଶୁକ୍ରବାର ରାତିରୁ ପରୀକ୍ଷା କେନ୍ଦ୍ରରେ ତାଲା ପକାଇଦେଇଥିଲେ। ଶନିବାର ସକାଳ ସାଢେ ସାତଟା ପର୍ଯ୍ୟନ୍ତ ଅସାଧୁ ଶିକ୍ଷକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରି ଲୋକେ ନାରାବାଜି ପ୍ରଦର୍ଶନ କରିଥିଲେ। ଏହି ଘଟଣା ଗଣମାଧ୍ୟମରେ ପ୍ରଚାରିତ ହେବା ପରେ ରବିବାର ରାତିରେ ଜିଲା ବିଜ୍ଞାନ ପରିଦର୍ଶକ, ପରୀକ୍ଷା ଦାୟିତ୍ୱରେ ଥିବା ହରେନ୍ଦ୍ର ମହାନ୍ତ ଏବଂ ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀ କମଳଲୋଚନ ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଜିଲା ଶିକ୍ଷାଧିକାରୀଙ୍କୁ ରିପୋର୍ଟ ଦେଇଥିଲେ। ରିପୋର୍ଟକୁ ଭିତ୍ତି କରି ବୋର୍ଡ କର୍ତ୍ତୃପକ୍ଷ ଓ ଜିଲା ଶିକ୍ଷାଧିକାରୀ ୩ ଅସାଧୁ ଶିକ୍ଷକଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଅପରପକ୍ଷରେ ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଏଆଇ ସର୍ଭେଲାନ୍ସ ସିସି କ୍ୟାମେରା ଲାଗି ନ ଥିବା ଏବଂ ପରୀକ୍ଷା କେନ୍ଦ୍ରରେ ନିରୀକ୍ଷକମାନେ ୫୦ମାର୍କ ସଂକ୍ଷିପ୍ତ ପ୍ରଶ୍ନର ଉତ୍ତର ପରୀକ୍ଷାର୍ଥୀମାନଙ୍କୁ ଡାକି ଦେଉଥିବା ଅଭିଯୋଗ ହୋଇଛି।

## ନିଲମ୍ବନ ପରେ ପିଅନଙ୍କୁ ଉଠାଇ ନେଲା ପୋଲିସ

ଭଦ୍ରକ,୨୬।୨
(ସନାତନ ରାଉତ)

ମାଟ୍ରିକ ପରୀକ୍ଷାର ତୃତୀୟ ଦିନ ସୋମବାର ଥିଲା ଗଣିତ ପରୀକ୍ଷା। କେତେଜଣ ନିର୍ଦ୍ଦିଷ୍ଟ ପରୀକ୍ଷାର୍ଥୀଙ୍କୁ ପିଅନ କପି ଯୋଗାଉଥିଲେ। ଅନ୍ୟ ପରୀକ୍ଷାର୍ଥୀମାନେ ଏହାକୁ ବିରୋଧ କରି ଅସନ୍ତୋଷ ପ୍ରକାଶ କରିଥିଲେ। ଅଭିଯୋଗ କରିଥିବା ପିଲାମାନଙ୍କୁ ସ୍କୁଲ କର୍ତ୍ତୃପକ୍ଷ ତାଗିଦା କରିବା ସହ ଘଟଣା ବାହାରେ ପ୍ରକାଶ ନ କରିବା ପାଇଁ ଚାପ ପକାଇଥିଲେ। ଏପରିକି ଘଟଣାକୁ ଚପାଇଦେବା ପାଇଁ ପରୀକ୍ଷାର୍ଥୀମାନଙ୍କୁ ପରୀକ୍ଷା ସରିବା ପରେ ମଧ୍ୟ ବାହାରକୁ ଛାଡ଼ି ନ ଥିଲେ। ଫାଟକରୁ ତାଲା ଖୋଲି ନ ଥିଲେ। ଭଦ୍ରକ ଜିଲା ଗ୍ରାମାଞ୍ଚଳ ଥାନା ଅଧୀନ ଭଦ୍ରକାଳୀ ହାଇସ୍କୁଲରେ ଏଭଳି ଘଟଣା ଘଟିଥିବା ବେଳେ ଏହାକୁ ନେଇ ଫାଟକ ବାହାରେ ଅଭିଭାବକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ଘଟଣାରେ ପିଅନ ଚିତ୍ତରଞ୍ଜନ ବେହେରାଙ୍କୁ ନିଲମ୍ବନ କରାଯାଇଥିବା ଜିଲା ଶିକ୍ଷାଧିକାରୀ ଅକ୍ରୁର ବାରିକ୍ କହିଛନ୍ତି।



ପରୀକ୍ଷା କେନ୍ଦ୍ର ଫାଟକ ସମ୍ମୁଖରେ ଅଭିଭାବକମାନେ।

ଉକ୍ତ ପରୀକ୍ଷା କେନ୍ଦ୍ରରେ ମୋଟ ୨୫୦ରୁ ଊର୍ଦ୍ଧ୍ୱ ପିଲା ପରୀକ୍ଷା ଦେଉଥିବା ବେଳେ ପ୍ରତ୍ୟେକ ପରୀକ୍ଷା ସିଟିଂରେ ପିଅନ କେତେଜଣ ନିର୍ଦ୍ଦିଷ୍ଟ ପରୀକ୍ଷାର୍ଥୀଙ୍କୁ ରୀତିମତ କପି ଯୋଗାଇ ଆସୁଥିବା ସେମାନେ ଅଭିଯୋଗ କରିଛନ୍ତି। ଭଦ୍ରକ ବ୍ଲକ ଶିକ୍ଷା ଅଧିକାରୀ ଚକ୍ରଧର ମଲ୍ଲିକ ପହଞ୍ଚି ତଦନ୍ତ କରିବା ସହ କପି ଜବତ କରିଛନ୍ତି। ତେବେ ଜବତ ହୋଇଥିବା କପି ପ୍ରଶ୍ନପତ୍ର ସାଙ୍ଗରେ ସମ୍ପୂର୍ଣ୍ଣ ମେଳ ଖାଉଥିବା ପରୀକ୍ଷାର୍ଥୀମାନେ ଅଭିଯୋଗ କରିଥିଲେ। ଗ୍ରାମାଞ୍ଚଳ ପୋଲିସ ପହଞ୍ଚି ଉକ୍ତ ପିଅନ ବେହେରାଙ୍କୁ ଥାନାକୁ ଉଠାଇ ନେଇ ପଚରାଉଚରା କରିଥିଲା। ଏଠାରେ ପ୍ରଶ୍ନ ଉଠୁଛି, ସକାଳ ୮ଟା ୧୫ ପରେ ପରୀକ୍ଷା କେନ୍ଦ୍ରର ଫାଟକରେ ତାଲା ପକାଯାଉଥିବା ବେଳେ କେନ୍ଦ୍ର ଭିତରେ ପିଅନ ଜଣକ ଉତ୍ତର କପି କେମିତି ପାଉଛନ୍ତି। କିଏ ତାଙ୍କୁ ପରୀକ୍ଷାରେ ପଡ଼ିଥିବା ପ୍ରଶ୍ନର ଠିକ୍ ଉତ୍ତର ଯୋଗାଉଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ କହିଛନ୍ତି, ଉକ୍ତ ପରୀକ୍ଷା କେନ୍ଦ୍ର ପ୍ରଧାନଶିକ୍ଷୟିତ୍ରୀଙ୍କ ରିପୋର୍ଟ ଅନୁଯାୟୀ ପିଅନ ଜଣେ ପରୀକ୍ଷାର୍ଥୀଙ୍କ ଉପରକୁ କାଗଜ ଫିଙ୍ଗିବାରୁ କପି ହୋଇଥିବା ଅଭିଯୋଗ ଆଣି ଅନ୍ୟ କେତେଜଣ ପରୀକ୍ଷାର୍ଥୀ ବିରୋଧ କରି ପରୀକ୍ଷା ମଝିରୁ ଉଠି ଆସିଥିଲେ। ପରେ ସେମାନଙ୍କୁ ବୁଝାଶୁଝା କରିବା ସହ ପୋଲିସ ପହଞ୍ଚିବା ପରେ ସେମାନେ ପୁଣି ପରୀକ୍ଷା ଦେଇଥିଲେ। ଏହି ରିପୋର୍ଟ ଓ ବିଇଓଙ୍କ ତଦନ୍ତ ଆଧାରରେ ପିଅନଙ୍କୁ ନିଲମ୍ବନ କରାଯାଇଛି।

## କଂଗ୍ରେସ ନେତା ମନୋଜ ଜେନା ହତ୍ୟା ମାମଲା, ୮ ନିର୍ଦ୍ଦୋଷ

ବ୍ରହ୍ମପୁର,୨୬।୨
(ସୁବାସ ଚନ୍ଦ୍ର ପାଢ଼ୀ)

୨୦୧୯ ସାଧାରଣ ନିର୍ବାଚନରେ ଗଞ୍ଜାମ ଜିଲା ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ହୋଇଥିବା ମନୋଜ ଜେନାଙ୍କୁ ଭୋଟ ପୂର୍ବରୁ ହତ୍ୟା କରାଯାଇଥିଲା। ୫ ବର୍ଷ ପରେ ଏହି ମାମଲାର ରାୟ ପ୍ରକାଶ ପାଇଛି।

ବ୍ରହ୍ମପୁର ଅତିରିକ୍ତ ଜିଲା ଜଜ(ଏଡିଜେ) ୧ -ଡ. ଇନ୍ଦୁ ଶର୍ମା ମାମଲାର ବିଚାରକରି ୮ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଭଗବାନ ସାହୁ ଓରଫ ଭାଲୁ, ସୁନୀଲ କୁମାର ନାୟକ ଓରଫ ସୁଲତାନ, ଆନନ୍ଦ ସ୍ୱାଇଁ, କାର୍ତ୍ତିକ ନାହାକ, ଶିବରାମ ବେହେରା, ହୃଷୀକେଶ ପାତ୍ର, ଗଣେଶ ନାୟକ ଓରଫ ବୁଲୁ ଓ ଶଙ୍କର ରାଉତ।

୨୦୧୯ ମେ ୨୧ତାରିଖ ସନ୍ଧ୍ୟାରେ ମନୋଜ ତାଙ୍କର ୩ ସହଯୋଗୀ ବଳରାମ ମହାନ୍ତି, ସୁଶାନ୍ତ ସ୍ୱାଇଁ ଓ ଅନୀଲ ସ୍ୱାଇଁଙ୍କ ସହିତ କାର୍‌ରେ ଭୁବନେଶ୍ୱରରୁ ଆସିକା ଫେରୁଥିଲେ। ବ୍ରହ୍ମପୁର ଲାଞ୍ଜିପଲ୍ଲୀ ନିକଟ ଜାତୀୟ ରାଜପଥରେ ପରିସ୍ରା କରିବାକୁ ସେମାନେ କାର୍‌ରୁ ଓହ୍ଲାଇଥିଲେ। ଏହି ସମୟରେ ୨ଟି ବାଇକରେ ପିଛାକରି ଆସୁଥିବା ୪ ଦୁର୍ବୃତ୍ତ ମନୋଜଙ୍କୁ ଆଖିବୁଜା ଗୁଳିମାଡ଼ କରିଥିଲେ। ୨ଟି ଗୁଳି ମନୋଜଙ୍କ ଦେହରେ ବାଜିବାରୁ ସେ ପଡ଼ିଯାଇଥିଲେ। ପରେ ତାଙ୍କ ବେକକୁ ଅଭିଯୁକ୍ତମାନେ ଛୁରିରେ କାଟି ଦେଇଥିଲେ। ସହଯୋଗୀ ଅନୀଲ ପ୍ରତିବାଦ କରିବାରୁ ତାଙ୍କୁ ବି ଆକ୍ରମଣ କରାଯାଇଥିଲା। ଅଭିଯୁକ୍ତମାନେ ଫେରାର୍ ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ମନୋଜଙ୍କୁ ପ୍ରଥମେ ବ୍ରହ୍ମପୁର ଓ ପରେ ଭୁବନେଶରର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ସମୟରେ ହତ୍ୟା ଷଡ଼ଯନ୍ତ୍ର ଅଭିଯୋଗରେ ପୋଲିସ ଭଗବାନ ସାହୁ ଓରଫ ଭାଲୁଙ୍କ ସମେତ ୮ଜଣଙ୍କୁ ମାମଲା ନଂ.୧୦୧/୧୯ରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅଭିଯୁକ୍ତମାନେ ପର୍ଯ୍ୟାୟକ୍ରମେ ହାଇକୋର୍ଟରୁ ଜାମିନ ପାଇ ଜେଲରୁ ମୁକୁଳିଥିଲେ। ସୁଲତାନଙ୍କୁ ପୋଲିସ ଏନ୍‌ଏସଏ ବଳରେ ଗିରଫ କରାଯାଇଛି। ସେ ବର୍ତ୍ତମାନ ଆସିକା ସବ୍‌ଜେଲରେ ଥିବା ବେଳେ ଅନ୍ୟ ଅଭିଯୁକ୍ତମାନେ ବାହାରେ ଅଛନ୍ତି। ମୁଦାଲାଙ୍କ ପକ୍ଷରୁ କୈଳାସ ପଣ୍ଡା ଓ କୃଷ୍ଣ ପଟ୍ଟନାୟକ ମକଦ୍ଦମା ପରିଚାଳନା କରିଥିଲେ।

## ନବୋଦୟ ବିଦ୍ୟାଳୟରେ ଛାତ୍ରୀଙ୍କୁ ରାଗିଂ

ସୋର, ୨୬।୨(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ବାଗୁଡ଼ିସ୍ଥିତ ଜବାହରଲାଲ ନବୋଦୟ ବିଦ୍ୟାଳୟରେ ଜଣେ ଛାତ୍ରୀଙ୍କୁ ଅନ୍ୟ ଛାତ୍ରୀମାନେ ରାଗିଂ କରିବା ସହ ମାଡ଼ ମାରିବାରୁ ଛାତ୍ରୀଜଣଙ୍କ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏ ନେଇ ସୋମବାର ଛାତ୍ରୀଙ୍କ ବାପା ସୋର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ସମ୍ପୃକ୍ତ ଛାତ୍ରୀ ବାଗୁଡ଼ିସ୍ଥିତ ନବୋଦୟ ବିଦ୍ୟାଳୟରେ ଏକାଦଶ ଶ୍ରେଣୀରେ ପଢ଼ନ୍ତି। ରବିବାର ସନ୍ଧ୍ୟାରେ କୌଣସି କାରଣରୁ ତାଙ୍କୁ ୩ ଛାତ୍ରୀ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ମାଡ଼ ମାରିଥିଲେ। ଫଳରେ ସେ ଅଚେତ ଅବସ୍ଥାରେ ଉକ୍ତ ସ୍ଥାନରେ ପଡିଥିବା ଦେଖି ଅନ୍ୟ ଛାତ୍ରଛାତ୍ରୀମାନେ ବିଦ୍ୟାଳୟର ନର୍ସଙ୍କୁ ଜଣାଇବା ସହିତ ସୋର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଏ ବାବଦରେ ଛାତ୍ରୀଙ୍କ ପରିବାର ଲୋକେ ନବୋଦୟ ବିଦ୍ୟାଳୟ ପ୍ରିନ୍ସିପାଲଙ୍କୁ ଜଣାଇଥିଲେ ସୁଦ୍ଧା ସେମାନଙ୍କ କଥା ଶୁଣା ନ ଯିବାରୁ ସୋର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।



ଓଡ଼ିଶା ପୋଲିସ ସେବାରେ ସାମିଲ ହୋଇଥିବା ନୂତନ ଯାନଗୁଡ଼ିକୁ ଜନସାଧାରଣଙ୍କୁ ଉପଯୁକ୍ତ ସେବା ପ୍ରଦାନ କରିବା ଉଦ୍ଦେଶ୍ୟରେ ସୋମବାର କଟକ ଓଏମ୍‌ପିସ୍ଥିତ ଷଷ୍ଠ ବାଟାଲିୟନ ପରିସରରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡ଼ଙ୍ଗୀ ଲୋକାର୍ପଣ କରୁଛନ୍ତି।

## ଘରେ ପଶି ଯୁବକଙ୍କୁ ହତ୍ୟା

ପୋଲସରା,୨୬।୨
(ସୁବ୍ରତ ବେହେରା)

ଗଞ୍ଜାମ ଜିଲା ପୋଲସରା ଥାନା ଅଧୀନ ବଜାରସାହି ଛକ ନିକଟ ଏକ ଘରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ରବିବାର ରାତିରେ ଦୁଇ ମହଲା ବିଶିଷ୍ଟ କୋଠାର ଉପର ଘରେ ରହୁଥିବା ସୁରଟ ଉଦାନ ଅଞ୍ଚଳର ହେମନ୍ତ କନକସିଂ(ଟିନିଆ)ଙ୍କୁ କେହି ହତ୍ୟା କରିଛନ୍ତି। ପୋଲିସ ସୋମବାର ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ମୃତଦେହ ଜବତ କରିଛି। ସାଙ୍ଗ ମେଳରେ ମଦ୍ୟପାନ ପରେ କୌଣସି କଥାକୁ ନେଇ ହେମନ୍ତଙ୍କୁ ଛୁରିରେ ହତ୍ୟା କରାଯାଇଛି ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି। ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଛି। ତେବେ କିଏ ତାଙ୍କୁ ହତ୍ୟା କରିଛି ତାହାର କାରଣ ଜଣାପଡି ନାହିଁ।



ହେମନ୍ତ କନକସିଂ

ହେମନ୍ତ ବହୁ ବର୍ଷ ହେବ ସୁରଟରୁ ଆସି ପୋଲସରା ବଜାର ସାହି ଛକ ନିକଟରେ ରହୁଥିଲେ। ତେଣୁ ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି । ଏ ନେଇ ନଂ.୧୪୫/୨୪ରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ କୌଶିକ ମାଝି କହିଛନ୍ତି।

ୟୁକୋ ବ୍ୟାଙ୍କ
ଆଞ୍ଚଳିକ କାର୍ଯ୍ୟାଳୟ: ବାଲେଶ୍ୱର
ଓଟି ରୋଡ୍, ପୋଲିସ୍ ଲାଇନ୍ ଛକ ନିକଟ, ବାଲେଶ୍ୱର, ଓଡ଼ିଶା-୭୫୬୦୦୧

ଦଖଲ ଉଚ୍ଛେଦ ଏବଂ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ସ୍ଥଗିତ

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ସମ୍ପୃକ୍ତ ପକ୍ଷଙ୍କୁ ଜଣାଇ ଦିଆଯାଉଛିକି ଆମ୍ଭର ବୋରିକିନା ଶାଖାର **ଋଣଗ୍ରହୀତା: କବିନ୍ଦ୍ର ସାହୁଙ୍କୁ** ଜାରି କରାଯାଇଥିବା ତା.୨୦.୦୭.୨୦୨୩ରିଖ ସମ୍ପତ୍ତି ଦଖଲ ନୋଟିସ୍ ଉଚ୍ଛେଦ କରାଗଲା ଏବଂ ତା.୧୭.୦୨.୨୦୨୪ରିଖ ଏବଂ ତା.୨୦.୧୧.୨୦୨୩ରିଖରେ ପ୍ରକାଶିତ ଉକ୍ତ ଋଣଗ୍ରହୀତାଙ୍କ ବିକ୍ରୟ ବିଜ୍ଞପ୍ତି ମଧ୍ୟ ଉଚ୍ଛେଦ କରାଗଲା ଏବଂ ତତ୍‌ସହିତ ତା.୧୧.୦୩.୨୦୨୪ରିଖରେ ଥିବା ତାଙ୍କ ସମ୍ପତ୍ତି ନିଲାମକୁ ବ୍ୟାଙ୍କ ଦ୍ୱାରା ସ୍ଥଗିତ କରାଗଲା।

ତାରିଖ: ୨୬.୦୨.୨୦୨୪, ସ୍ଥାନ: ବାଲେଶ୍ୱର
କ୍ଷମତାପ୍ରାପ୍ତ ଅଧିକାରୀ

## ୨୧ ଅମୃତ ଷ୍ଟେଶନ, ୫୨ ଓଭରବ୍ରିଜ୍ ଓ ଅଣ୍ଡରପାସ୍‌ର ଶିଳାନ୍ୟାସ

ଭୁବନେଶ୍ୱର,୨୬।୨
(ଅନୁରାଧା ମହାରଣା)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଦେଶର ୫୫୩ଟି ଅମୃତ ରେଳ ଷ୍ଟେଶନ, ୧୫୦୦ଟି ରୋଡ୍ ଓଭରବ୍ରିଜ୍ ଓ ଅଣ୍ଡରପାସ୍‌ର ଶିଳାନ୍ୟାସ କରିଛନ୍ତି। ଏଥିମଧ୍ୟରେ ଓଡ଼ିଶାର ୨୧ଟି ରେଳ ଷ୍ଟେଶନ ଏବଂ ୫୨ଟି ଓଭରବ୍ରିଜ୍ ଓ ଅଣ୍ଡରପାସ୍ ରହିଛି। ଷ୍ଟେଶନ ପୁନର୍ବିକାଶ ପାଇଁ ୮୫୬.୪୩ କୋଟିରୁ ଅଧିକ ଟଙ୍କା ବ୍ୟୟ ମଞ୍ଜୁର ହୋଇଛି। ଏହି ଷ୍ଟେଶନଗୁଡ଼ିକ ହେଲା ବିମଳାଗଡ଼, ଜରୋଳି, ରାଇରଙ୍ଗପୁର, ପାନପୋଷ, ବାଲେଶ୍ୱର, ବେତନଟୀ, ସମ୍ବଲପୁର ସିଟି, ଝାରସୁଗୁଡ଼ା ରୋଡ୍, ଟିଟିଲାଗଡ଼, କେସିଙ୍ଗା, ରାୟଗଡ଼ା, ପାରଳାଖେମୁଣ୍ଡି, କୋରାପୁଟ, ଜୟପୁର, ତାଳଚେର, ରଘୁନାଥପୁର, ପାରାଦୀପ, କେନ୍ଦୁଝରଗଡ଼, ଭଦ୍ରକ, ବେଲପାହାଡ଼ ଓ ବ୍ରଜରାଜନଗର। ଏସବୁ ଷ୍ଟେଶନ ସହରର ଉଭୟ ପାର୍ଶ୍ୱକୁ ଏକତ୍ର କରି 'ସିଟି ସେଣ୍ଟର୍ସ' ଭାବରେ କାର୍ଯ୍ୟ କରିବ। ଛାତ ପ୍ଲାଜା, ସୁନ୍ଦର ଲ୍ୟାଣ୍ଡସ୍କେପ୍, ଇଣ୍ଟର ମୋଡାଲ କନେକ୍ଟିଭିଟି, ଉନ୍ନତ ଆଧୁନିକ ଫାସେଡ, ପିଲାଙ୍କ ପାଇଁ ଖେଳ କ୍ଷେତ୍ର, କିଓସ୍କ, ଫୁଡ୍‌କୋର୍ଟ ଆଦିର ଆଧୁନିକ ଯାତ୍ରୀ ସୁବିଧା ରହିବ। ଏହି ଷ୍ଟେଶନଗୁଡ଼ିକର ଡିଜାଇନ ସ୍ଥାନୀୟ ସଂସ୍କୃତି, ଐତିହ୍ୟ ଏବଂ ସ୍ଥାପତ୍ୟ ଦ୍ୱାରା ଅନୁପ୍ରାଣିତ ହେବ। ସେହିପରି ଶିଳାନ୍ୟାସ ହୋଇଥିବା ୫୨ ରୋଡ୍ ଓଭର ବ୍ରିଜ୍ ଓ ଅଣ୍ଡରପାସ ପାଇଁ ପ୍ରାୟ ୧୪୧୯.୭୮ କୋଟି ଟଙ୍କା ବ୍ୟୟ ମଞ୍ଜୁର ହୋଇଛି। ରାଜ୍ୟର ପ୍ରାୟ ୪୦ଟି ସ୍ଥାନରେ ଏହି ଶିଳାନ୍ୟାସ କାର୍ଯ୍ୟକ୍ରମ ଆୟୋଜନ ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ମୋଦି ଏବଂ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଭର୍ଚୁଆଲରେ ଯୋଗଦେଇ ଓଡ଼ିଶାବାସୀଙ୍କ ସମେତ ଦେଶବାସୀଙ୍କୁ ସମ୍ବୋଧିତ କରିଥିଲେ। ଏଥିସହ କେସିଙ୍ଗାରେ ଆୟୋଜିତ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଓଡ଼ିଶାର ରାଜ୍ୟପାଳ ରଘୁବର ଦାସ, ତାଳଚେରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ, ଦକ୍ଷତା ବିକାଶ ଏବଂ ଉଦ୍ୟୋଗୀ ଧର୍ମେନ୍ଦ୍ର ପ୍ରଧାନ, ଭୁବନେଶ୍ୱରରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ବିଧାୟକ ସୁଶାନ୍ତ ରାଉତ ଓ ଅନ୍ୟମାନେ ଯୋଗଦେଇଥିଲେ। ସେହିପରି ବିଭିନ୍ନ ସ୍ଥାନରେ ଆୟୋଜିତ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ହଳଧର ନାଗ ଏବଂ ଜିତେନ୍ଦ୍ର ହରିପାଲଙ୍କ ଭଳି ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ରେଳପଥ ପରିସୀମା ମଧ୍ୟରେ ବିଭିନ୍ନ ସହରରେ ଥିବା ବିଦ୍ୟାଳୟଗୁଡିକରେ '୨୦୪୭: ବିକଶିତ ଭାରତର ବିକଶିତ ରେଳ' ପ୍ରସଙ୍ଗକୁ ନେଇ ସ୍କୁଲ ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରବନ୍ଧ, ଚିତ୍ରାଙ୍କନ ଓ ବିତର୍କ ପ୍ରତିଯୋଗିତାରେ ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ୭୮ଟି ସ୍କୁଲର ପ୍ରାୟ ୧୧ହଜାର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ସ୍ଥାନରେ ପୁରସ୍କୃତ କରାଯାଇଥିଲା।




■ ୨୧ ରେଳ ଷ୍ଟେଶନ ପାଇଁ ୮୫୬ କୋଟି

■ ୫୨ ରୋଡ୍ ଓଭର ବ୍ରିଜ, ଅଣ୍ଡର ପାସକୁ ୧୪୧୯ କୋଟି

THE ASKA CO-OPERATIVE SUGAR INDUSTRIES LTD.
P.O.: Nuagam (Aska) - 761111, Dist.: Ganjam, State: Odisha
Email id: askasugar@yahoo.co.in
GSTIN: 21AAAAT5989LIZO

CORRIGENDUM TENDER NOTICE

L. No. (Pur)1935/1936/1937 Dt.: .02.2024

The Aska Co-operative Sugar Industries Ltd., Aska Corrigendum to Quotation Call Notice No. 1881 Dt.15.02.2024, No. 1879 Dt.15.02.2024 and No. 1878 Dt.15.02.2024. Please visit our website: **www.askasugar.com**.

Sd./- Managing Director

PANCHAYAT SAMITI, SUBDEGA
(Panchayatiraj & Drinking Water Deptt., Govt. of Odisha)
e-mail id: ori-subdega@nic.in, PIN - 770014
No. 523 Date: 21.02.2024

TENDER CALL NOTICE

Sealed tenders are invited from the interested bidder for the Civil works (12 Nos.) under BDO, Subdega of Sundargarh District. The details of works, eligibility, estimated cost and cost of tender paper has been uploaded in the district website **www.sundargarh.nic.in**. The bidder should be C & B class contractor. They have to submit the bid document to the undersigned in the address of Office of the B.D.O., Subdega, At/P.O.: Subdega, PIN - 770014, Dist.: Sundargarh (Odisha) through Registered Post/Speed Post only on or before 29.02.2024, 5.30 P.M. The sale of tender paper will be available from dated 21.02.2024 to dated 29.02.2024 in the district website **www.sundargarh.nic.in**. The authority reserves the right to cancel or reject the entire process without assigning any reason thereof. The tender will be opened on dated 01.03.2024 at 11.00 A.M. in the office of the undersigned in the presence of the bidders or his/her representatives.

Sd./- Block Development Officer, Subdega

# ପ୍ରାର୍ଥୀ ବଦଳାଇ ବିଜେଡି ଜିତୁଛି

ଆନନ୍ଦପୁର,୨୬।୨
(ସୁଶାନ୍ତ କୁମାର ସାହୁ)

**ଆନନ୍ଦପୁର ବିଧାନସଭା କ୍ଷେତ୍ର**



କେନ୍ଦୁଝର ଜିଲା ଆନନ୍ଦପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରମୁଖ ରାଜନୈତିକ ଦଳ ମଧ୍ୟରେ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ବିଗତ ତିନୋଟି ନିର୍ବାଚନକୁ ଦେଖିଲେ ବିଜେଡି ଏଠାରେ ପ୍ରତିଥର ପ୍ରାର୍ଥୀ ବଦଳାଉଥିବାବେଳେ ଭାଜପା ଓ କଂଗ୍ରେସ ସେମାନଙ୍କ ପ୍ରାର୍ଥିତ୍ୱକୁ ପ୍ରାୟ ସ୍ଥିର ରଖିଛନ୍ତି। ବିଜେଡିର ପ୍ରାର୍ଥୀ ପରିବର୍ତ୍ତନ ପରୀକ୍ଷଣ ସଫଳ ହେଉଥିବା ବେଳେ କଂଗ୍ରେସ ଓ ଭାଜପା ବିକଳ୍ପ ପ୍ରାର୍ଥୀ ଅଭାବରୁ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡୁଥିବା ଆଲୋଚନା ହେଉଛି।

୨୦୦୯ରେ ବିଜେଡିରୁ ଭାଗୀରଥି ସେଠୀ ୫୪ ହଜାର ୨୬୬ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବାବେଳେ କଂଗ୍ରେସର ଜୟଦେବ ଜେନା ୪୮ହଜାର ୯୬୦ ଖଣ୍ଡ ଭୋଟ ପାଇ ଦ୍ୱିତୀୟରେ ରହିଥିଲେ। ଭାଜପାରୁ ଆରତି ସିଂହ ୧୦ହଜାର ୬୪୪ ଖଣ୍ଡ ଭୋଟ ପାଇ ତୃତୀୟରେ ଥିଲେ। ୨୦୧୪ରେ ବିଜେଡିରୁ ମାୟାଧର ଜେନା ୮୨ ହଜାର ୫୨୦ ଖଣ୍ଡ ଭୋଟ ପାଇ ଜୟଯୁକ୍ତ ହୋଇଥିବା ବେଳେ କଂଗ୍ରେସରୁ ଜୟଦେବ ୬୦ହଜାର ୨୯୬ ଭୋଟ ପାଇ ୨ୟ ଏବଂ ଭାଜପାରୁ ଆଲୋକ ସେଠୀ ୧୨ହଜାର ୬୬୪ ଭୋଟ ପାଇ ୩ୟରେ ଥିଲେ। ୨୦୦୯ରେ ଭାଜପାରୁ ନିର୍ବାଚନ ଲଢ଼ିଥିବା ଆରତି ବିଜେଡିମୁହାଁ ହେବାରୁ ଆଲୋକଙ୍କୁ ଭାଜପା ୨୦୧୪ରେ ବିଧାୟକ ପ୍ରାର୍ଥୀ ଭାବେ ମଇଦାନକୁ ଛାଡ଼ିଥିଲା। ସେହିଭଳି ୨୦୧୯ରେ ବିଜେଡିରୁ ଭାଗୀରଥି ନିର୍ବାଚନ ଲଢ଼ି ୮୯ହଜାର ୮୫୦ ଭୋଟ ପାଇ ବିଧାୟକ ହୋଇଥିଲେ। କଂଗ୍ରେସରୁ ଜୟଦେବ ୪୫ହଜାର ୬୫୭ ଭୋଟ ପାଇ ଦ୍ୱିତୀୟ ଏବଂ ଭାଜପାରୁ ଆଲୋକ ୩୧ ହଜାର ୫୫୪ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ଦେଖିବାକୁ ଗଲେ ୨୦୦୯ରୁ ଭାଜପାର ଭୋଟ ହାର କଂଗ୍ରେସ ତୁଳନାରେ ଅପେକ୍ଷାକୃତ ବୃଦ୍ଧି ପାଇଆସିଛି। ୨୦୨୪ ନିର୍ବାଚନକୁ ଦେଖିଲେ ଭାଜପାରୁ ଆଲୋକ ପୁନର୍ବାର ଟିକେଟ ପାଇବାର ସମ୍ଭାବନା ରହିଥିବା ଆଲୋଚନା ହେଉଛି। କାରଣ ଭାଜପାର ସେଭଳି ଆଖିଦୃଶିଆ ବିକଳ୍ପ ନ ଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ତେବେ ବିଜେଡିରେ ନବାଗତ ଆଶାୟୀଙ୍କ ସଂଖ୍ୟା ବଢୁଥିବାରୁ ବରିଷ୍ଠମାନେ ନାନା ଆଶଙ୍କା ଭିତରେ ରହିଛନ୍ତି। ପୁଣି ଶୁଣିବାକୁ ମିଳୁଛି, ବିଜେଡି ଟିକେଟ ନ ପାଇଲେ ସେହି ବ୍ୟକ୍ତିଙ୍କୁ ଭାଜପା ଟାର୍ଗେଟ କରିପାରେ। ଅନ୍ୟପକ୍ଷରେ ୨୦୨୪ରେ ଭେଟେରାନ ଜୟଦେବ ପୁନର୍ବାର କଂଗ୍ରେସ ଟିକେଟରେ ନିର୍ବାଚନକୁ ଓହ୍ଲାଇପାରନ୍ତି କିମ୍ବା ଆବଶ୍ୟକ ପଡ଼ିଲେ ତାଙ୍କ ପୁଅ ମନୋଜଙ୍କୁ ମଇଦାନକୁ ଛାଡ଼ିପାରନ୍ତି ବୋଲି ଚର୍ଚ୍ଚା ହେଉଛି।

# ପ୍ରଶାନ୍ତ ଜଗଦ୍ଦେବ ପଦ୍ମ ଧରିବା ନେଇ ଚର୍ଚ୍ଚା

ଖୋର୍ଦ୍ଧା,୨୬।୨(ପ୍ରଭାତ ପାଣିଗ୍ରାହୀ)



ସବୁ କଳ୍ପନାଜଳ୍ପନାର ଅନ୍ତ ଘଟିବାକୁ ଯାଉଛି। ଖୁବ୍‌ଶୀଘ୍ର ଖୋର୍ଦ୍ଧା ଜିଲା ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଦଳୀୟ ସମର୍ଥକଙ୍କ ସହ ଭାରତୀୟ ଜନତା ପାର୍ଟି(ଭାଜପା)ରେ ଯୋଗଦେବେ ବୋଲି ସୂଚନା ମିଳିଛି। ଏନେଇ ରାଜ୍ୟ ଭାଜପାରେ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିବା ଜଣାପଡିଛି। ଅନ୍ୟପଟେ ପ୍ରଶାନ୍ତଙ୍କୁ ଦଳରେ ସାମିଲ କରାଯିବା ନିଷ୍ପତ୍ତି ଯୋଗୁ ସ୍ଥାନୀୟ ଅଞ୍ଚଳର ଭାଜପା କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ଦିଲ୍ଲୀ ହାଇକମାଣ୍ଡଙ୍କ ନିଷ୍ପତ୍ତି ଆଗରେ କେହି ମୁହଁ ଖୋଲିବାକୁ ନାରାଜ।

ପ୍ରକାଶ ଯେ, ପ୍ରଶାନ୍ତ ଛାତ୍ରନେତାରୁ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଜିଲା ପରିଷଦରେ ବିଜୟୀ ହୋଇ ଜିଲା ପରିଷଦ ଚେୟାରମ୍ୟାନ ହୋଇଥିଲେ। ପରେ ବିଜେଡି ଜିଲା ସଭାପତି, ଏପରି କି ୨୦୧୪ ନିର୍ବାଚନରେ ବେଗୁନିଆ ନିର୍ବାଚନମଣ୍ଡଳୀରୁ ବିଜେଡିରୁ ବିଧାୟକ ହୋଇଥିଲେ। ୨୦୧୯ରେ ଚିଲିକା ନିର୍ବାଚନମଣ୍ଡଳୀରୁ ନିର୍ବାଚନ ଲଢ଼ି ବିଧାୟକ ରହିଛନ୍ତି। ବାଲୁଗାଁ ଏନ୍ଏସିରେ ଭତ୍ତା ବାଣ୍ଟିବାକୁ ଯିବା ବେଳେ ଭାଜପା ମଣ୍ଡଳ ସଭାପତିଙ୍କୁ ଆକ୍ରମଣ ଘଟଣାରେ ଚର୍ଚ୍ଚାକୁ ଆସିଥିବା ବେଳେ ବାଣପୁର ବ୍ଲକ ପଞ୍ଚାୟତ ସମିତି ଅଧ୍ୟକ୍ଷ ନିର୍ବାଚନ ବେଳେ ବିଧାୟକ ପ୍ରଶାନ୍ତ ଲୋକଙ୍କ ଉପରକୁ ଗାଡ଼ି ମଡାଇ ଗିରଫ ପରେ ବିଜେଡିରୁ ନିଲମ୍ବିତ ହୋଇଥିଲେ। ସୁପ୍ରିମକୋର୍ଟଙ୍କ ଅନ୍ତରୀଣ ଜାମିନରେ ଥିବା ପ୍ରଶାନ୍ତ ଗତ କିଛି ମାସ ତଳେ ବାଣପୁର-ବାଲୁଗାଁଠାରେ ଏକ ବିଶାଳ ସମାବେଶ ଯୋଜନା କରିଥିଲେ। ଏକପ୍ରକାର ଶକ୍ତି ପ୍ରଦର୍ଶନ ଦେଖାଇ ପୁଣି ଥରେ ଦଳକୁ ଫେରିବା ପାଇଁ ଚେଷ୍ଟା ସତ୍ତ୍ୱେ ଏହା ସଫଳ ହୋଇ ନ ଥିଲା। ଏପରିକି କୁଆଡେ ଦଳ ପକ୍ଷରୁ ତାଙ୍କୁ କିଛିଦିନ ନୀରବ ରହିବା ଏବଂ ଦଳ ବିରୋଧୀ କାର୍ଯ୍ୟ ନ କରିବାକୁ କୁହାଯାଇଥିଲା। ଠିକ୍ ସମୟରେ ତାଙ୍କ ଉପରୁ ନିଲମ୍ବନ ଆଦେଶ ହଟାଯିବା ସହ ସେ ଚାହୁଁଥିବା ଆସନରୁ ଟିକଟ ଦିଆଯିବ ବୋଲି ସଙ୍କେତ ସତ୍ତ୍ୱେ ଦଳ ତାଙ୍କୁ ପରବର୍ତ୍ତୀ ସମୟରେ କୌଣସି ଗୁରୁତ୍ୱ ଦେଇ ନ ଥିବା କୁହାଯାଉଛି। ତେବେ ପ୍ରଶାନ୍ତ କୁଆଡେ ଭାଜପାର ଜଣେ ଟାଣୁଆ ନେତ୍ରୀଙ୍କ ସଂସ୍ପର୍ଶରେ ଆସି ଦିଲ୍ଲୀ ଯାଇ କଥାବର୍ତ୍ତା କରିଛନ୍ତି। ବେଗୁନିଆ, ଖୋର୍ଦ୍ଧା ଏବଂ ଚିଲିକା ନିର୍ବାଚନମଣ୍ଡଳୀରେ ତାଙ୍କର ବହୁ ସମର୍ଥକ ରହିଥିବା କୁହାଯାଇଛି। ପ୍ରଶାନ୍ତଙ୍କ ଲୋକପ୍ରିୟତା, ସାଙ୍ଗଠନିକ ଦକ୍ଷତା, ରାଜନୈତିକ ରଣକୌଶଳ ଭାଜପା ପାଇଁ ବରଦାନ ହେବ ବୋଲି ଆଲୋଚନା ହେଉଛି। ପ୍ରଶାନ୍ତ ଭାଜପାରେ ମିଶିବା ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ଖୋର୍ଦ୍ଧାରୁ ଆଶାୟୀ ରହିଥିବା ନେତାଙ୍କ ମଧ୍ୟରେ ଛନକା ପଶିଛି।

# ପାଣିକୁ ନେଇ ରାଗିଲେ ଟୁଡୁ, କହିଲେ ରାଜ୍ୟ ସରକାରଙ୍କୁ କୁହ

ବାରିପଦା,୨୬।୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

**ଅଭିଯୋଗପତ୍ର ଚିରି ଫିଙ୍ଗିଦେଲେ ମହିଳା**

ପାଣି ସମସ୍ୟା ନେଇ ଭେଟିବାକୁ ଆସିଥିବା ମହିଳାମାନଙ୍କ ଉପରେ ରାଗିଗଲେ କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ। ବାରିପଦା ପୌର ପରିଷଦ ୧୪ନଂ. ୱାର୍ଡର ଉକ୍ତ ମହିଳାମାନଙ୍କୁ ପାଣି ନୁହେଁ ବିଷ ପିଇବ ବୋଲି କହିବା ସହ ଅଭିଯୋଗ ନ ଶୁଣି ରାଜ୍ୟ ସରକାର ଓ ମ୍ୟୁନିସିପାଲିଟିକୁ କଡ଼ା ସମାଲୋଚନା କରି ଚାଲିଯାଇଥିଲେ। କେନ୍ଦ୍ରମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟରେ ଅସନ୍ତୋଷ ପ୍ରକାଶ କରି ଅଭିଯୋଗ କରିବାକୁ ଆସିଥିବା ମହିଳାମାନେ ଆଣିଥିବା ଅଭିଯୋଗ ପତ୍ରକୁ ସେଇଠାରେ ଚିରି ଫିଙ୍ଗିଦେଇଥିଲେ। ଆଗାମୀ ନିର୍ବାଚନ ସମୟରେ ଏହାର ଉଚିତ ଜବାବ ଦିଆଯିବ ବୋଲି ମହିଳାମାନେ କହିଥିଲେ। ବାରିପଦା ତୁଳସୀଚୌରାସ୍ଥିତ ରେଲୱେ ଫାଟକରେ ଆୟୋଜିତ ଅମୃତ ଷ୍ଟେଶନ ଯୋଜନା କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବା କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ପିଇବା ପାଣି ସମସ୍ୟାକୁ ନେଇ ମହିଳାମାନେ ଅଭିଯୋଗ କରିଥିଲେ। ସେମାନେ ପିଉଥିବା ଦୂଷିତ ଜଳକୁ ବୋତଲରେ ଧରି ଦେଖାଇବାରୁ କେନ୍ଦ୍ରମନ୍ତ୍ରୀ ଏଭଳି ପ୍ରତିକ୍ରିୟା ପ୍ରକାଶ କରିଥିଲେ।

ସୂଚନା ଅନୁଯାୟୀ, ବାରିପଦା ପୌର ପରିଷଦ ୧୪ନଂ. ୱାର୍ଡବାସୀ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି । ବାରମ୍ବାର ଅଭିଯୋଗ କରିବା ପରେ ମଧ କୌଣସି ସୁଫଳ ମିଳିପାରୁନାହିଁ। ଏନେଇ ସ୍ଥାନୀୟ ଅଞ୍ଚଳର ମହିଳାମାନେ କେନ୍ଦ୍ରମନ୍ତ୍ରୀଙ୍କୁ ବୋତଲରେ ଆଣିଥିବା ପାଣି ଦେଖାଇଥିଲେ। କେନ୍ଦ୍ର ମନ୍ତ୍ରୀ ପାଣି ସମସ୍ୟାର ସମାଧାନ କଥା କହିବା ବଦଳରେ ରାଗିଯାଇଥିଲେ। ରାଜ୍ୟ ସରକାର ଓ ପୌର ପରିଷଦ ଉପରେ ଦୋଷ ଲଦିଥିଲେ। ପ୍ରଧାନମନ୍ତ୍ରୀ ଅମୃତ ଭାରତ ଯୋଜନାରେ କୋଟି କୋଟି ଟଙ୍କା ପ୍ରଦାନ କରୁଛନ୍ତି, ମାତ୍ର ସେ ଟଙ୍କା ଯାଉଛି କୁଆଡ଼େ ଏବଂ ରାଜ୍ୟ ସରକାର ପାଣି ବଦଳରେ ବିଷ ପିଇବାକୁ ଦେବେ ବୋଲି କହିଥିଲେ। କେନ୍ଦ୍ରମନ୍ତ୍ରୀଙ୍କ ଏଭଳି କଟାକ୍ଷ ଉକ୍ତିକୁ ନେଇ ଭାଗ୍ୟଶ୍ରୀ ବେହେରା ନାମ୍ନୀ ଜଣେ ମହିଳା ଅଭିଯୋଗପତ୍ରକୁ ସେଇଠାରେ ଚିରି ଫିଙ୍ଗିଦେଇଥିବା ଦେଖିବାକୁ ମିଳିଥିଲା। ମହିଳାମାନେ ବୋତଲରେ ଦୂଷିତ ପାଣି ଆଣି କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କୁ ଦେଖାଉଛନ୍ତି।



ସ୍ଥାନୀୟ ମହିଳା ଦୂଷିତ ପାନୀୟ ଜଳ ନେଇ ଅଭିଯୋଗ କରିବା ପରେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

# ମୁକ୍ତିକାନ୍ତ-ଅଭିମନ୍ୟୁ କଥା କଟାକଟି

**ଭଦ୍ରକ ରେଲଷ୍ଟେଶନ ଉନ୍ନତୀକରଣ ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ**

ଭଦ୍ରକ,୨୬।୨(ସନାତନ ରାଉତ)



ମଞ୍ଚରେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଓ ଭାଜପା ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀଙ୍କ ମଧ୍ୟରେ କଥା କଟାକଟି ଚାଲିଛି।

ଅମୃତ ଭାରତ ଷ୍ଟେଶନ ଯୋଜନାରେ ରେଳ ଷ୍ଟେଶନଗୁଡ଼ିକର ପୁନର୍ବିକାଶ ପାଇଁ ସୋମବାର ଭର୍ଚୁଆଲରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଅବସରରେ ଭଦ୍ରକ ରେଲଷ୍ଟେଶନରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କୁ ହଟହଟା ହେବାକୁ ପଡ଼ିଛି। କାର୍ଯ୍ୟକ୍ରମ ଆରମ୍ଭରୁ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ ଓ ପୂର୍ବତନ ବିଧାୟକ ମଣ୍ଡଳ ମଞ୍ଚରେ ବସିଥିଲେ। କିଛି ସମୟ ପରେ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ମଞ୍ଚ ଉପରକୁ ଯାଇଥିଲେ। ମୁକ୍ତିକାନ୍ତ ମଞ୍ଚ ଉପରେ ବସିଥିବା ବେଳେ କେତେଜଣ ଲୋକ ତାଙ୍କୁ ବିରୋଧ କରିଥିଲେ। ଏପରିକି ଭାଜପା ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ ଓ ମୁକ୍ତିକାନ୍ତଙ୍କ ମଧ୍ୟରେ ମଞ୍ଚ ଉପରେ କଥା କଟାକଟି ହୋଇଥିଲା। ଅଭିମନ୍ୟୁ ତାଙ୍କୁ ବିରୋଧ କରିବା ସହ ଏହା ପାରିବାରିକ ନୁହେଁ ସରକାରୀ କାର୍ଯ୍ୟକ୍ରମ, ପ୍ରୋଟୋକଲ ଅନୁସାରେ କେବଳ ଅତିଥିମାନେ ହିଁ ମଞ୍ଚରେ ରହିପାରିବେ ବୋଲି ରେଳ କର୍ତ୍ତୃପକ୍ଷଙ୍କୁ ପ୍ରଶ୍ନ କରିଥିଲେ। ଶେଷରେ ମୁକ୍ତିକାନ୍ତ ମଞ୍ଚରୁ ଓହ୍ଲାଇବାକୁ ବାଧ ହୋଇଥିଲେ।

ଏହାକୁ ନେଇ ବିଜେଡି ଓ ଭାଜପା ମଧ୍ୟରେ କଥା କଟାକଟି ହେବା ସହ କିଛି ସମୟ ଧରି ଜୟ ଶ୍ରୀରାମ ଓ ଜୟ ଜଗନ୍ନାଥ ନାରାବାଜି ଚାଲିଥିଲା। ପରେ ରେଳ କର୍ତ୍ତୃପକ୍ଷଙ୍କ ଦ୍ୱାରା କାର୍ଯ୍ୟକ୍ରମ ଆଗକୁ ବଢ଼ିଥିଲା। ଷ୍ଟେଶନର ଉନ୍ନତୀକରଣ ପାଇଁ ରେଳମନ୍ତ୍ରୀଙ୍କୁ ଏକାଧିକବାର ଦାବି ଜଣାଇବା ପରେ ଆଜି ତାହା ସଫଳ ହୋଇଛି ବୋଲି ଏମ୍‌ପି କହିଥିବା ବେଳେ ମଞ୍ଚାସୀନ ଅତିଥିମାନେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ।

# ନୂଆ ଏନ୍ଏସି ଘୋଷଣା କେବଳ ନିର୍ବାଚନୀ ଧୂଆଁବାଣ: ଭାଜପା

ଭୁବନେଶ୍ୱର,୨୬।୨(ସୁନିତ୍ ମିଶ୍ର)

ରାଜ୍ୟ ସରକାରଙ୍କ ନୂଆ ଏନ୍ଏସି ଘୋଷଣା କେବଳ ଏକ ନିର୍ବାଚନୀ ଧୂଆଁବାଣ। ଏହାର କୌଣସି ସାମ୍ବିଧାନିକ ବୈଧାନତା ନାହିଁ। ନୂଆ ଏନ୍ଏସି ଘୋଷଣା କରିବା ପାଇଁ ହେଲେ ସେହି ପ୍ରସ୍ତାବକୁ କ୍ୟାବିନେଟ୍‌ରେ ପାରିତ କରିବାକୁ ପଡ଼େ। କ୍ୟାବିନେଟ୍ ପ୍ରସ୍ତାବକୁ ବିଧାନସଭାରେ ଅନୁମୋଦନ କରିବାକୁ ପଡ଼େ। ଏହାକୁ ରାଜ୍ୟପାଳ ଅନୁମୋଦନ କରିବା ପରେ ଯାଇ କୌଣସି ନୂଆ ଏନ୍ଏସି ବା ନୂଆ ପୌର ପରିଷଦ ଗଠନ କରାଯାଇଥାଏ। ରାଜ୍ୟ ସରକାର ଘୋଷଣା କରିଥିବା ୩୫ଟି ନୂଆ ଏନ୍ଏସିକୁ ନେଇ କ୍ୟାବିନେଟରେ କୌଣସି ପ୍ରସ୍ତାବ ପାରିତ ହୋଇନାହିଁ। ତେଣୁ ସରକାର କେଉଁଭଳି ହଠାତ୍ ରାତିଅଧିଆ ବିନା କ୍ୟାବିନେଟ୍ ଏବଂ ବିଧାନସଭାର ଅନୁମୋଦନରେ ଏହି ଘୋଷଣା କଲେ ବୋଲି ଭାଜପା ରାଜ୍ୟ ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟ ପ୍ରଶ୍ନ କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୀତାମ୍ବର କହିଛନ୍ତି, ରାଜ୍ୟରେ ଲୁଟେରା ସରକାର ଚାଲିଛି। ୨୪ ବର୍ଷ ଶାସନରେ ରାଜ୍ୟକୁ ଲୁଣ୍ଠନ କରିବା ପରେ ନିର୍ବାଚନକୁ ୨ ମାସ ଥିବାବେଳେ ତାଙ୍କର ବିକାଶ କଥା ମନେପଡ଼େ। ଗଣତାନ୍ତ୍ରିକ ପ୍ରକ୍ରିୟାରେ ନ୍ୟାୟ ପ୍ରଦାନ କରିବା ସରକାରଙ୍କ ଉଦ୍ଦେଶ୍ୟ ନୁହେଁ। ସରକାର ଆଇନଗତ ଅଧିକାରକୁ ଭ୍ରୂକୁଞ୍ଚିତ କରି ନିର୍ବାଚନୀ ଧୂଆଁବାଣ ଛାଡ଼ିଛନ୍ତି। ଏନେଇ ନିର୍ବାଚନ କମିଶନକୁ ଭାଜପା ଅବଗତ କରିବ। ନିର୍ବାଚନ ସମୟରେ ଲୋକମାନଙ୍କୁ ଭ୍ରମ ସୃଷ୍ଟିକାରୀ ଏବଂ ନୂଆ ଯୋଜନାର ଆଳ ଦେଖାଇବା ବିଜେଡିର ପୁରୁଣା ରୋଗ। ବିଜେଡି ସରକାରଙ୍କ ହୀନ ଉଦ୍ୟମକୁ ଭାଜପା ଦୃଢ଼ସ୍ୱରରେ ନିନ୍ଦା କରୁଛି। ରାଜ୍ୟ ସରକାର ୩୫ଟି ଏନ୍ଏସି ଗଠନ କଲେନାହିଁ ବରଂ ନୂଆ ମକଦ୍ଦମା ତିଆରି କରିଦେଲେ। ପଦ୍ମପୁର ଜିଲା ଘୋଷଣାକୁ ବିଜେଡି ସରକାର ଯେଉଁଭଳି ପ୍ରାୟୋଜିତ ଢଙ୍ଗରେ ହାଇକୋର୍ଟରେ ନିଜର ଦଳୀୟ ଓକିଲଙ୍କୁ ଲଗାଇ ରୋକ୍ ଲଗାଇବାର ଷଡ଼ଯନ୍ତ୍ର କରାଇଥିଲେ ସେହିଭଳି ଏହି ନୂଆ ଏନ୍ଏସି ଗଠନ ଘୋଷଣାକୁ କରାଇବେ ବୋଲି ପୀତାମ୍ବର କହିଛନ୍ତି।

# ରାଜ୍ୟବ୍ୟାପୀ ଗ୍ରାମ ପରିକ୍ରମା ଚାଲ ଅଭିଯାନ କରିବ ଭାଜପା

ଭୁବନେଶ୍ୱର,୨୬।୨(ସୁନିତ୍ ମିଶ୍ର)

ରାଜ୍ୟର ସବୁ ପଞ୍ଚାୟତରେ ଗ୍ରାମ ପରିକ୍ରମା ଚାଲ ଅଭିଯାନ କାର୍ଯ୍ୟକ୍ରମ ସଫଳ କରିବାକୁ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ସଭାପତିତ୍ୱରେ ସୋମବାର ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ରାଜ୍ୟ ସାଧାରଣ ସମ୍ପାଦକ(ସଙ୍ଗଠନ) ମାନସ ମହାନ୍ତି ଉପସ୍ଥିତ ରହି ରାଜ୍ୟରେ ଗ୍ରାମ ପରିକ୍ରମା ଚାଲ ଅଭିଯାନ କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ଚାଷୀଙ୍କ ଆୟକୁ ୨ଗୁଣା କରିବା ପାଇଁ କେନ୍ଦ୍ର ସରକାରଙ୍କ କୃଷକ କଲ୍ୟାଣକାରୀ ଯୋଜନା ବିଷୟରେ କୃଷକ ପଞ୍ଚାୟତ କରି ଲୋକଙ୍କୁ ଅବଗତ କରାଇବାକୁ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବ୍ୟାପକ ଭାବେ କରିବାକୁ କୁହାଯାଇଛି। ବୈଠକରେ ମନମୋହନ କହିଛନ୍ତି, ଭାରତବର୍ଷର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚାଷୀଙ୍କ ଆୟକୁ ୨ ଗୁଣା କରିବା ପାଇଁ କୃଷକ କଲ୍ୟାଣକାରୀ ଯୋଜନା ଆଣିଛନ୍ତି। ଏହାଦ୍ୱାରା ଦେଶର ସମସ୍ତ ରାଜ୍ୟର ଚାଷୀମାନେ ଉପକୃତ ହେଉଥିବାବେଳେ ଓଡ଼ିଶାର କୃଷକମାନେ ଏଥିରୁ ବଞ୍ଚିତ ହେଉଛନ୍ତି। ଓଡ଼ିଶା ସରକାର କୃଷି ଯନ୍ତ୍ରପାତି କିଣାରେ ବ୍ୟାପକ ଦୁର୍ନୀତି, ଧାନମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା, ଧାନକିଣାରେ ୫ରୁ ୧୦ କେଜି କଟ୍‌ନି ଛଟ୍‌ନି କରିବା, ଶୀତଳଭଣ୍ଡାର କରିବାରେ ବିଫଳ, ଚାଷଜମିକୁ ଜଳସେଚନ କରିବାରେ ବିଫଳତା, କୃଷିଋଣ କାରବାରରେ ବ୍ୟାପକ ଜାଲିଆତି, ଚାଷୀ ଆତ୍ମହତ୍ୟା ବିଷୟରେ ଭାଜପା କୃଷକ ମୋର୍ଚ୍ଚା ଓଡ଼ିଶାର ୧୦ ହଜାର ଗ୍ରାମକୁ ଯାଇ କୃଷକ ପଞ୍ଚାୟତ କରିବା ସହିତ ଘର ଘର ସମ୍ପର୍କ କାର୍ଯ୍ୟକ୍ରମ ବ୍ୟାପକଭାବେ ଜନମତ ଜାଗ୍ରତ କରିବ। ଓଡ଼ିଶାରେ ଆଗାମୀ ନିର୍ବାଚନରେ ଭାଜପା ସରକାରକୁ ଆସିଲେ ଧାନ କୁଇଣ୍ଟାଲ ପ୍ରତି ୩୧ ଶହ ଟଙ୍କାରେ ଚାଷୀଙ୍କଠାରୁ କିଣିବ। କୃଷି ପାଇଁ ବ୍ୟବହୃତ ବିଦ୍ୟୁତ୍‌କୁ ମାଗଣାରେ ଚାଷୀଙ୍କୁ ପ୍ରଦାନ କରାଯିବ ବୋଲି ମନମୋହନ କହିଛନ୍ତି।

# ସପ୍ତଗିରି କହିଲେ ପ୍ରାର୍ଥୀ ହେବେ, ଭାଇ ଲଢ଼ିବେନି

ରାୟଗଡ଼ା,୨୬।୨(ଆଶିଷ ରଞ୍ଜନ ପଣ୍ଡା)




ଖବରଦାତା ସମ୍ମିଳନୀରେ ଏମ୍‌ପିଙ୍କ ସହ ଅନ୍ୟ କଂଗ୍ରେସ ନେତା।

ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ତ୍ରୁଟି ଯୋଗୁ ଝୋଡ଼ିଆ ସମ୍ପ୍ରଦାୟ ଆଦିବାସୀ ମାନ୍ୟତାରୁ ବଞ୍ଚିତ ହେଲେ। ସୌରା ଲିପି ଓ ଭାଷାକୁ ଅଷ୍ଟମ ଅନୁଚ୍ଛେଦରେ ସାମିଲ କରାଗଲା ନାହିଁ। ଏହାର ପୁନର୍ବିଚାର ଦାବିରେ ମାର୍ଚ୍ଚ ପହିଲାରୁ ଦସ୍ତଖତ ଅଭିଯାନ କରିବ କଂଗ୍ରେସ । ସୋମବାର ସ୍ଥାନୀୟ କଂଗ୍ରେସ ଭବନଠାରେ ଏକ ଖବରଦାତା ସମ୍ମିଳନୀରେ ଏହା କହିଛନ୍ତି କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା। ଦସ୍ତଖତ ଅଭିଯାନ କରାଯିବା ପରେ ତାହାକୁ ନେଇ ଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ହସ୍ତାନ୍ତର କରିବା ସହ ଏହାର ସମାଧାନ ପାଇଁ ଅନୁରୋଧ କରିବେ ବୋଲି ସେ କହିଛନ୍ତି। ସପ୍ତଗିରି ପୁଣି କହିଛନ୍ତି ଯେ, ୧୯୯୭ ପର୍ଯ୍ୟନ୍ତ ଝୋଡ଼ିଆ ସମ୍ପ୍ରଦାୟ ଆଦିବାସୀ ମାନ୍ୟତା ପାଉଥିଲେ। ହେଲେ ସରକାରଙ୍କ ଶିଳ୍ପନୀତି ସେମାନଙ୍କ ପାଇଁ ମାନ୍ୟତା ବନ୍ଦ କରିଦେଲା। ଫଳରେ ରାୟଗଡ଼ା ଓ କୋରାପୁଟ ଜିଲାର ୧ ଲକ୍ଷ ଝୋଡ଼ିଆ ସମ୍ପ୍ରଦାୟ ଲୋକ ହନ୍ତସନ୍ତ ହେଉଛନ୍ତି। ସେହିଭଳି ସୌରା ଭାଷା ଓ ଲିପି ପାଇଁ ଆମେ ଗର୍ବିତ। କିନ୍ତୁ ଏ ପର୍ଯ୍ୟନ୍ତ ତାହା ଅଷ୍ଟମ ଅନୁଚ୍ଛେଦରେ ସାମିଲ ହୋଇନାହିଁ। ଏହାକୁ ନେଇ ସେ ବାରମ୍ବାର ସଂସଦରେ ପ୍ରଶ୍ନ କରିଛନ୍ତି। ତେବେ ଏ ନେଇ ସରକାର କୌଣସି ନିଷ୍ପତ୍ତି ନେଇନାହାନ୍ତି । ଏହାର ପ୍ରତିବାଦରେ ଏହି ଦସ୍ତଖତ ଅଭିଯାନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି ଓ ଏଥିରେ ବହୁ ସଂଖ୍ୟାରେ ଲୋକେ ସାମିଲ ହେବେ ବୋଲି ସେ କହିଛନ୍ତି।

ଅପରପକ୍ଷରେ ପଦ୍ମପୁରକୁ ଏନ୍ଏସି ମାନ୍ୟତା ଦିଆ ନ ଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ୨୦୨୦ରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଯେଉଁ ୯ ଦଫା ସମ୍ବଳିତ ଦାବିପତ୍ର ଦେଇଥିଲେ, ସେଥିରେ ଏହା ରହିଥିଲା। କିନ୍ତୁ ଘୋଷଣା ବେଳେ ପଦ୍ମପୁରକୁ ଅଣଦେଖା କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ପରିବାରରୁ କେବଳ ସେ ନିଜେ ନିର୍ବାଚନ ଲଢ଼ିବେ ଏବଂ କୋରାପୁଟ ସଂସଦୀୟ କ୍ଷେତ୍ରରୁ ହିଁ ଲଢ଼ିବେ ବୋଲି କହିଛନ୍ତି। ହେଲେ ତାଙ୍କ ଭାଇ ସୀମାଞ୍ଚଳ ଉଲାକା ରାୟଗଡ଼ା ବିଧାନସଭା ଆସନ ପାଇଁ ଆବେଦନ କରିଛନ୍ତି, କିନ୍ତୁ ସେ ଲଢ଼ିବାର ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ନିର୍ବାଚନ ଲଢ଼ିବାକୁ ଅନେକ ଆଶାୟୀ ରହିଛନ୍ତି, ତେବେ ହାଇକମାଣ୍ଡ ଯାହା ନିଷ୍ପତ୍ତି ନେବେ ବୋଲି ସପ୍ତଗିରି କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ପିସିସି ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ପଣ୍ଡା, ବରିଷ୍ଠ ନେତା ଶଙ୍କର୍ଷଣ ମଙ୍ଗରାଜ, ଆପଲାସ୍ୱାମୀ କାଡ୍ରାକା, ସୁନୀଲ ପଣ୍ଡା, ଚିନ୍ନାରୀ କ୍ରିଷ୍ଣା, ମହିଳା କଂଗ୍ରେସ ସଭାନେତ୍ରୀ ଅମ୍ବିକା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପାଲେଷ୍ଟିନୀୟ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା


ମହମ୍ମଦ ଶତାୟେହ

**ଜେରୁଜେଲମ୍,୨୬।୨:** ପାଲେଷ୍ଟିନୀୟ ପ୍ରଧାନମନ୍ତ୍ରୀ ମହମ୍ମଦ ଶତାୟେହଙ୍କ ସରକାର ସୋମବାର ଇସ୍ତଫା ଦେଇଛନ୍ତି। ଫଳରେ ସେଠାରେ ଆମେରିକା ସମର୍ଥିତ ସଂସ୍କାର ପାଇଁ ବାଟ ଫିଟିପାରିବ ବୋଲି କୁହାଯାଉଛି। ତେବେ ପ୍ରଧାନମନ୍ତ୍ରୀ ଓ ତାଙ୍କ ସରକାରର ଇସ୍ତଫାକୁ ଗ୍ରହଣ କରାଯିବ କି ନାହିଁ ରାଷ୍ଟ୍ରପତି ମହମୁଦ୍ ଆବ୍ବାସ ସେ ନେଇ ନିଷ୍ପତ୍ତି ନେଇନାହାନ୍ତି। ଗାଜା ଷ୍ଟ୍ରିପ୍‌ରେ ଯୁଦ୍ଧ, ଗଣହତ୍ୟା ଏବଂ କ୍ଷୁଧା ଏବଂ ୱେଷ୍ଟ ବ୍ୟାଙ୍କ ଏବଂ ଜେରୁଜେଲମ୍ ମଧ୍ୟରେ ଉତ୍ତେଜନା ଅଭୂତପୂର୍ବ ଭାବେ ବଢ଼ିଥିବାରୁ ପ୍ରଧାନମନ୍ତ୍ରୀ ମହମ୍ମଦ ଇସ୍ତଫା ଦେବା ପାଇଁ ନିଷ୍ପତ୍ତି ନେଇଥିବା କହିଛନ୍ତି। ଯୁଦ୍ଧ ଶେଷ ହେବା ପରେ ଗାଜାକୁ ଶାସନ କରିବା ନିମନ୍ତେ ପାଲେଷ୍ଟିନୀୟ ପ୍ରଶାସନରେ ସଂସ୍କାର ଚାହୁଁଛି ଆମେରିକା।

### ଅନଶନ ଭାଙ୍ଗିଲେ ମରାଠା ସଂରକ୍ଷଣ ଆନ୍ଦୋଳନ ନେତା


ମନୋଜ ଜରାଙ୍ଗେ ପାଟିଲ୍

**ମୁମ୍ବାଇ, ୨୬।୨:** ମରାଠା ସଂରକ୍ଷଣ ପ୍ରସଙ୍ଗରେ ରାଜ୍ୟର ଏକନାଥ ଶିନ୍ଦେ ସରକାରଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ମରାଠା ସମୁଦାୟର ଲୋକଙ୍କୁ ଓବିସି ବର୍ଗରେ ସାମିଲ କରିବା ଦାବି ନେଇ ମରାଠା ସଂରକ୍ଷଣ ଆନ୍ଦୋଳନ ନେତା ମନୋଜ ଜରାଙ୍ଗେ ପାଟିଲ୍ ଜଲ୍‌ନା ଜିଲାର ଅନ୍ତରୱାଲି ସର୍‌ଟୀ ଗ୍ରାମରେ ୧୭ ଦିନ ଧରି ଅନଶନରେ ବସିଥିଲେ। ପୂର୍ବରୁ ଅନଶନରୁ ଓହରିବାକୁ ତାଙ୍କୁ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ପକ୍ଷରୁ ଚେତାବନୀ ଦିଆଯାଇଥିଲା। ତେବେ ଅନଶନରୁ ଓହରିବା ପରେ ସେ ରାଜ୍ୟ ସରକାରଙ୍କ ବିରୋଧରେ ବିଷୋଦ୍‌ଗାର କରିଥିଲେ। ସେହିପରି କୁନ୍‌ବୀ ଜାତି ପ୍ରମାଣପତ୍ର ଥିବା ପରିବାରର ବିସ୍ଥାପିତ ସଦସ୍ୟମାନଙ୍କୁ ରାଜ୍ୟ ସରକାର ସମ୍ପୃକ୍ତ ପ୍ରମାଣ ପତ୍ର ଯୋଗାଇବା ପର୍ଯ୍ୟନ୍ତ ତାଙ୍କର ଆନ୍ଦୋଳନ ଜାରି ରହିବ ବୋଲି ମନୋଜ କହିଛନ୍ତି। ସୂଚନାଯୋଗ୍ୟ, ଗତ ସପ୍ତାହରେ ଉଭୟ ମହାରାଷ୍ଟ୍ର ବିଧାନସଭା ଓ ବିଧାନ ପରିଷଦରେ ଶିକ୍ଷା ଏବଂ ସରକାରୀ ଚାକିରିରେ ମରାଠା ସମୁଦାୟକୁ ୧୦ ପ୍ରତିଶତ ସଂରକ୍ଷଣ ପ୍ରଦାନ କରାଯିବା ନେଇ ବିଲ୍ ସର୍ବସମ୍ମତିକ୍ରମେ ପାସ୍ ହୋଇଥିଲା।

## ଡବ୍ଲ୍ୟୁଟିଓ ଚୁକ୍ତିକୁ ବିରୋଧ

# ୩ ରାଜ୍ୟରେ କୃଷକଙ୍କ ଟ୍ରାକ୍ଟର ରାଲି

**ଚଣ୍ଡିଗଡ଼/ଲକ୍ଷ୍ନୌ,୨୬।୨(ପି.ଟି.)**

ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲ୍ୟୁଟିଓ)ର ଚୁକ୍ତିନାମାକୁ ବିରୋଧ କରି ପଞ୍ଜାବ, ହରିୟାଣା ଓ ପଶ୍ଚିମ ଉତ୍ତରପ୍ରଦେଶର ବିଭିନ୍ନ ସ୍ଥାନରେ ଚାଷୀମାନେ ସୋମବାର ଟ୍ରାକ୍ଟର ରାଲି କରିଥିଲେ। ଡବ୍ଲ୍ୟୁଟିଓ ଚୁକ୍ତିରୁ କୃଷି ସେକ୍ଟରକୁ ବାଦ୍ ଦେବା ପାଇଁ ସେମାନେ ଦାବି କରିଛନ୍ତି। ଏହି ରାଲି ଯୋଗୁ ଉତ୍ତରପ୍ରଦେଶର ବିଭିନ୍ନ ସ୍ଥାନରେ ଗାଡ଼ିମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)ରେ ଡବ୍ଲ୍ୟୁଟିଓର ସର୍ବୋଚ୍ଚ ନୀତି ନିର୍ଦ୍ଧାରଣକାରୀ ସଂସ୍ଥାର ୧୩ତମ ମନ୍ତ୍ରୀସ୍ତରୀୟ ସମ୍ମିଳନୀ ଚାଲିଥିବାବେଳେ ଆନ୍ଦୋଳନକାରୀ କୃଷକମାନେ ଏହାର ପ୍ରତୀକ ସ୍ୱରୂପ କୁଶପୁତ୍ତଳିକା ଦାହ କରିଥିଲେ।

ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍)ର ଆହ୍ୱାନକ୍ରମେ ବିକ୍ଷୋଭକାରୀମାନେ ପଞ୍ଜାବ ଓ ହରିୟାଣାର ବିଭିନ୍ନ ସ୍ଥାନରେ ଜାତୀୟ ରାଜପଥରେ ଟ୍ରାକ୍ଟର ରଖି ରାଲି କରିଥିଲେ। ପଞ୍ଜାବ-ହରିୟାଣା ସୀମାର ଶମ୍ଭୁ ଏବଂ ଖନୌରୀ ପଏଣ୍ଟରେ ଡବ୍ଲ୍ୟୁଟିଓର କୁଶପୁତ୍ତଳିକା ଦାହ କରାଯାଇଥିଲା। କୃଷକ ନେତାମାନଙ୍କ ଅଭିଯୋଗ ହେଲା କୃଷି ସବ୍‌ସିଡି ବନ୍ଦ


ଡବ୍ଲ୍ୟୁଟିଓ ଚୁକ୍ତିନାମାକୁ ବିରୋଧ କରି ଅମୃତସରରେ କୃଷକମାନେ ଟ୍ରାକ୍ଟର ରାଲି କରୁଛନ୍ତି।

### ଚୁକ୍ତିରୁ କୃଷି ସେକ୍ଟରକୁ ବାଦ୍ ଦେବାକୁ ଦାବି

କରିବା ଡବ୍ଲ୍ୟୁଟିଓର ଲକ୍ଷ୍ୟ। ଏହାର ଚୁକ୍ତିନାମାକୁ ଭାରତ ଅନୁପାଳନ କଲେ ଆତ୍ମଘାତୀ ହେବ ବୋଲି କୃଷକ ନେତାମାନେ କହିଛନ୍ତି। କେନ୍ଦ୍ର ସରକାର ଚାଷୀମାନଙ୍କ ନ୍ୟାଯ୍ୟ ଦାବିକୁ ଅଣଦେଖା କରୁଥିବା ବିକେୟୁର ରାଷ୍ଟ୍ରୀୟ ମୁଖପାତ୍ର ରାକେଶ ଟିକାଏତ୍ କହିଛନ୍ତି। ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଉପରେ ଆଇନଗତ ଗ୍ୟାରେଣ୍ଟି ଏବଂ ଅନ୍ୟାନ୍ୟ ଦାବି ନେଇ ଦିଲ୍ଲୀ ଚଲୋ ଅଭିଯାନରେ ବାହାରିଥିବା ଚାଷୀମାନଙ୍କୁ ପଞ୍ଜାବ-ହରିୟାଣା ସୀମାରେ ଅଟକା ଯାଇଥିଲା। ଚାଷୀମାନଙ୍କ ପ୍ରତି ଅତ୍ୟାଚାରକୁ ଟିକାଏତ୍ ନିନ୍ଦା କରିଛନ୍ତି। ଡବ୍ଲ୍ୟୁଟିଓ ନୀତି କୃଷକ ବିରୋଧୀ କହି ଦୋଆବ କିଷାନ କମିଟି ରାଜ୍ୟ ସଭାପତି ଜଙ୍ଗବୀର ସିଂ ଚୌହାନ ଏହାକୁ ସମାଲୋଚନା କରିଛନ୍ତି।

## ୩ ଆପରାଧିକ ଆଇନକୁ ଚ୍ୟାଲେଞ୍ଜ ଆବେଦନ ଖାରଜ

**ନୂଆଦିଲ୍ଲୀ,୨୬।୨(ପି.ଟି.)**

୩ ନୂଆ ଆପରାଧିକ ଆଇନ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ ଜୁଲାଇ ୧ରୁ ଦେଶରେ କାର୍ଯ୍ୟକାରୀ ହେବାକୁ ଯାଉଛି। ଏହାକୁ ଚ୍ୟାଲେଞ୍ଜ କରି ଦାଏର ହୋଇଥିବା ଜନସ୍ୱାର୍ଥ ମାମଲା (ପିଆଇଏଲ୍)କୁ ସୁପ୍ରିମକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ଚେନ୍ନାଇର ଟି. ଶିବଗ୍ନାନାସମ୍ବାନ୍ଦନ ଦାଏର କରିଥିବା ଜନସ୍ୱାର୍ଥ ମାମଲାକୁ ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ଜେ.ବି. ପର୍‌ଡିୱାଲା ଏବଂ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ ଖାରଜ କରିଦେଇଥିଲେ। ନୂଆ ଆପରାଧିକ ଆଇନକୁ ଚ୍ୟାଲେଞ୍ଜ କରିବାକୁ ତୁମେ କିଏ ବୋଲି ସିଜେଆଇ ପ୍ରଶ୍ନ କରିବା ସହ ଏହା ବିରୋଧରେ ଅପିଲ କରିବା ଅଧିକାର ତୁମର ନାହିଁ ବୋଲି କହିଥିଲେ। ପିଆଇଏଲ୍‌ରେ ସ୍ୱରାଷ୍ଟ୍ର ଏବଂ ଆଇନ ଓ ନ୍ୟାୟ ମନ୍ତ୍ରଣାଳୟକୁ ପକ୍ଷଭୁକ୍ତ କରାଯାଇଥିଲା।

## ଅଗ୍ନିପଥ ଯୋଜନା ରଦ୍ଦ ଲାଗି କଂଗ୍ରେସର ପ୍ରତିଶ୍ରୁତି

**ବିଦର,୨୬।୨**

ଆଗାମୀ ଲୋକ ସଭା ନିର୍ବାଚନରେ କଂଗ୍ରେସ ବିଜୟୀ ହୋଇ କ୍ଷମତାକୁ ଆସିଲେ ବିବାଦୀୟ ଅଗ୍ନିପଥ ସାମରିକ ନିଯୁକ୍ତି ଯୋଜନାକୁ ରଦ୍ଦ କରିବ ବୋଲି ପ୍ରତିଶ୍ରୁତି ଦେଇଛି। ନିୟମିତ ନିଯୁକ୍ତି ପ୍ରକ୍ରିୟାକୁ ବନ୍ଦ କରିଦିଆଯିବା ଫଳରେ ପାଖାପାଖି ୨ ଲକ୍ଷ ଯୁବତୀଯୁବକ ଘୋର ଅନ୍ୟାୟର ଶିକାର ହୋଇଛନ୍ତି। ସେମାନଙ୍କୁ ସହାୟତା କରିବା ଲାଗି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ନିବେଦନ କରିଛନ୍ତି। ୧୭ରୁ ୨୧ ବର୍ଷ ବୟସର ଯୁବକମାନଙ୍କୁ ୪ ବର୍ଷ ପାଇଁ ସେନାରେ ନିଯୁକ୍ତି ଦେବା ନିମନ୍ତେ ସରକାର ୨୦୨୨ ଜୁନ୍‌ରେ ଅଗ୍ନିପଥ ଯୋଜନା ଆଣିଥିଲେ। ସେନାର ୩ ବାହିନୀରେ


ମଲ୍ଲିକାର୍ଜୁନ ଖାର୍ଗେ

ଭର୍ତ୍ତି ହେବା ପାଇଁ ୨୦୧୯ରୁ ୨୦୨୨ ମଧ୍ୟରେ ପାଖାପାଖି ୨ ଲକ୍ଷ ଯୁବତୀ ଯୁବକ ଜୋର୍‌ଦାର ପ୍ରସ୍ତୁତି କରିଥିଲେ। ସେମାନେ ଲିଖିତ, ଶାରୀରିକ ଓ ମାନସିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା

### ୨ ଲକ୍ଷ ଆଶାୟୀଙ୍କ ପ୍ରତି ଅନ୍ୟାୟ ହୋଇଛି

ପାଇଁ କଠିନ ପରିଶ୍ରମ କରିଥିଲେ। ଜଏନିଂ ଲେଟରକୁ ସେମାନେ ଅପେକ୍ଷା କରିଥିବାବେଳେ ସରକାର ଅସ୍ଥାୟୀ ନିଯୁକ୍ତି ଯୋଜନା ଆଣିଲେ ବୋଲି ଖାର୍ଗେ ରାଷ୍ଟ୍ରପତିଙ୍କୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି। ୫୦ ଲକ୍ଷ ଆବେଦନକାରୀ ପ୍ରାୟ ୧୨୫ କୋଟି ଟଙ୍କାର ପରୀକ୍ଷା ଫି ଜମା କରିଥିବାବେଳେ ସରକାର ତାହା ଫେରାଇ ନାହାନ୍ତି। ଖର୍ଚ୍ଚକାଟ ପାଇଁ ସରକାର ଅଗ୍ନିପଥ ଯୋଜନା ଆଣି ସେନାକୁ ଦୁର୍ବଳ କରିଛନ୍ତି ବୋଲି ଅନ୍ୟତମ କଂଗ୍ରେସ ନେତା ସଚିନ ପାଇଲଟ୍ ସମାଲୋଚନା କରିଛନ୍ତି।

## ଉପସାଗରୀୟ ଦେଶରେ ‘ଆର୍ଟିକିଲ ୩୭୦’ ନିଷେଧ

**ନୂଆଦିଲ୍ଲୀ, ୨୬।୨**

ୟାମି ଗୌତମଙ୍କ ଅଭିନୀତ ‘ଆର୍ଟିକିଲ ୩୭୦’ ଫିଲ୍ମକୁ ବିଭିନ୍ନ ଉପସାଗରୀୟ ଦେଶ ପକ୍ଷରୁ ନିଷେଧ କରାଯାଇଛି। ଜମ୍ମୁ କଶ୍ମୀରରୁ ‘ଧାରା ୩୭୦’ ଉଚ୍ଛେଦର କାହାଣୀ ଦେଖାଇଥିବା ଏହି ଚଳଚ୍ଚିତ୍ରକୁ ଇରାକ, କୁଏତ୍, ଓମାନ୍, କାତାର୍, ଦୋହା, ସଂଯୁକ୍ତ ଆରବ ଏମିରଟ୍ସ(ୟୁଏଇ) ଆଦି ଦେଶ ପକ୍ଷରୁ ନିଷେଧ କରାଯାଇଛି। ବିଭିନ୍ନ ବଲିଉଡ୍ ଫିଲ୍ମକୁ ନେଇ ଉପସାଗରୀୟ ଦେଶ ଗୁଡ଼ିକରେ କ୍ରେଜ୍ ରହିଆସୁଥିବା ବେଳେ ଏହି ନିଷେଧାଦେଶ ଫିଲ୍ମ ନିର୍ମାତାଙ୍କ ପାଇଁ ଝଟ୍‌କା ସଦୃଶ ହୋଇଛି। ସେହିପରି ବଲିଉଡ୍ ଚଳଚ୍ଚିତ୍ରଗୁଡ଼ିକର ଅଧିକାଂଶ ସୁଟିଂ ଏହି ଦେଶଗୁଡ଼ିକରେ ହେଉଥିବାବେଳେ, ନିଷେଧାଦେଶକୁ ନେଇ ଇଣ୍ଡଷ୍ଟ୍ରିର ଅନେକ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି।

## ଆଇଏନ୍‌ଏଲ୍‌ଡି ନେତା ରାଠି ହତ୍ୟାର ସିବିଆଇ ତଦନ୍ତ ହେବ

**ବାହାଦୁରଗଡ଼,୨୬।୨**




ଇଣ୍ଡିଆନ୍ ନ୍ୟାଶନାଲ ଲୋକ ଦଳ (ଆଇଏନ୍‌ଏଲ୍‌ଡି)ର ହରିୟାଣା ସଭାପତି ନାଫେ ସିଂ ରାଠି ହତ୍ୟାକାଣ୍ଡର ତଦନ୍ତ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦ୍ୱାରା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ପୋଲିସ ସିବିଆଇକୁ ମାମଲା ହସ୍ତାନ୍ତର କରିଥିବା ଝାଜର ଡେପୁଟି କମିଶନର ଶକ୍ତି ସିଂ ଏବଂ ଏସ୍‌ପି ଅର୍ପିତ ଜୈନ ଘୋଷଣା କରିଛନ୍ତି। ହରିୟାଣାର ଝାଜ୍ଜର ଜିଲା ଅନ୍ତର୍ଗତ ବାହାଦୁରଗଡ଼ରେ ରବିବାର ରାଠି ନିଜ ଏସ୍‌ୟୁଭିରେ ଯାଉଥିବାବେଳେ ଅଜଣା ଆତତାୟୀମାନେ ତାଙ୍କୁ ଗୁଳିକରି ହତ୍ୟା କରିଥିଲେ। ପୋଲିସ ଏପର୍ଯ୍ୟନ୍ତ କାହାକୁ ଗିରଫ କରି ନ ଥିବାବେଳେ କେତେଜଣଙ୍କୁ ଥାନାକୁ ଡାକି ପଚରାଉଚରା କରୁଛି। ଚିହ୍ନଟ ଅଭିଯୁକ୍ତଙ୍କୁ ଟ୍ରାକ୍ କରାଯାଉଛି। ପୋଲିସର ୫ଟି ଟିମ୍ ତନାଘନା ଚଳାଇଥିବା ଶକ୍ତି ସିଂ କହିଛନ୍ତି। ଗୁଳିକାଣ୍ଡ ସ୍ଥଳରୁ ବିଭିନ୍ନ ପ୍ରକାର କ୍ୟାଟ୍ରିଜ୍ ଜବତ ହୋଇଛି। ତେଣୁ ଆକ୍ରମଣକାରୀ ରାଠିଙ୍କୁ ହତ୍ୟା କରିବା ପାଇଁ ଭିନ୍ନ ଭିନ୍ନ ଅସ୍ତ୍ର ବ୍ୟବହାର କରିଥିବା ପୋଲିସ କହିଛି। ହରିୟାଣା ପୋଲିସ ସୋମବାର ଦିଲ୍ଲୀର ତିହାର ଜେଲରେ ପହଞ୍ଚି ହତ୍ୟାକାଣ୍ଡ ସମ୍ପର୍କରେ କେତେଜଣ ଗ୍ୟାଙ୍ଗଷ୍ଟରଙ୍କୁ ପଚରାଉଚରା କରିଛି।

## ଅଭିଯୁକ୍ତ ଶାଜହାନଙ୍କ ଗିରଫଦାରି ଉପରେ ରୋକ ଲାଗିନାହିଁ: ହାଇକୋର୍ଟ

### ସନ୍ଦେଶଖାଲି ମାମଲା

**କୋଲକାତା,୨୬।୨**

ପଶ୍ଚିମବଙ୍ଗ ସନ୍ଦେଶଖାଲିରେ ଆଦିବାସୀ ମହିଳାଙ୍କୁ ଯୌନ ନିର୍ଯାତନା ଓ ସେମାନଙ୍କ ସମ୍ପତ୍ତି ଛଡ଼ାଇନେବା ମାମଲାର ମୁଖ୍ୟ ଅଭିଯୁକ୍ତ ତୃଣମୂଳ କଂଗ୍ରେସ ନେତା ଶେଖ୍ ଶାଜହାନଙ୍କ ଗିରଫ ଉପରେ ସ୍ଥଗିତାଦେଶ ଲଗାଯାଇ ନ ଥିବା କାଲ୍‌କାଟା ହାଇକୋର୍ଟ ସୋମବାର ସ୍ପଷ୍ଟ କରିଦେଇଛନ୍ତି। ହାଇକୋର୍ଟ ନିଜଆଡୁ ଏହି ମାମଲାକୁ ଶୁଣାଣି ପାଇଁ ଗ୍ରହଣ କରିଥିବାବେଳେ ଶାଜହାନ୍, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, ସିବିଆଇ ଏବଂ ରାଜ୍ୟ ଗୃହ ସଚିବଙ୍କୁ ପକ୍ଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶାହଜାନଙ୍କୁ ମାମଲାରେ ପକ୍ଷଭୁକ୍ତ କରାଯାଇଥିବା ନେଇ ଖବରକାଗଜରେ ବିଜ୍ଞପ୍ତି ପ୍ରକାଶ କରିବାକୁ ମୁଖ୍ୟ ବିଚାରପତି ଟି.ଏସ୍. ଶିବଗ୍ନାନମଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ହାଇକୋର୍ଟ ରେଜିଷ୍ଟ୍ରିକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୪ରେ ହେବ। ଜାନୁଆରୀ ୫ରେ ଇଡି ଅଧିକାରୀମାନଙ୍କ ଉପରେ ଆକ୍ରମଣ ପରଠାରୁ ଶାହଜାନ ଫେରାର ଅଛନ୍ତି। ଅନ୍ୟପକ୍ଷରେ ତାଙ୍କୁ ସପ୍ତାହକ ମଧ୍ୟରେ ଗିରଫ କରାଯିବ ବୋଲି ବରିଷ୍ଠ ଟିଏମ୍‌ସି ନେତା କୁନାଲ ଘୋଷ କହିଛନ୍ତି। ମାମଲା କୋର୍ଟରେ ବିଚାରାଧୀନ ଥିବାବେଳେ ବିରୋଧୀ ଏହାକୁ ସୁଯୋଗ ଭାବେ ନେଇ ରାଜନୀତି କରୁଥିବା ସେ କହିଛନ୍ତି। ଗିରଫଦାରି ଉପରେ ସ୍ଥଗିତାଦେଶ ଲାଗି ନ ଥିବା ହାଇକୋର୍ଟ ସ୍ପଷ୍ଟ କରିଦେଇଥିବାରୁ ଶାଜହାନଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନକୁ ଅନୁମତି ମିଳିଯାଇଥିବା ଘୋଷ ଏକ୍ସ’ରେ ପୋଷ୍ଟ କରିଛନ୍ତି।

## ଶଟ୍‌ଡାଉନ୍‌କୁ ନେଇ ଆମେରିକା କଂଗ୍ରେସରେ ଝଡ଼

**ୱାଶିଂଟନ,୨୬।୨**

ନିର୍ବାଚନୀ ବର୍ଷରେ ଆମେରିକା ସରକାର ଆଉ ୫ ଦିନ ପରେ ଆଂଶିକ ଶଟ୍‌ଡାଉନ୍‌ର ସମ୍ମୁଖୀନ ହେବାକୁ ଯାଉଛନ୍ତି। ଏଥିରୁ ବର୍ତ୍ତିବା ଲାଗି ଆଇନ ପ୍ରଣେତାମାନେ ଉଦ୍ୟମ ଚଳାଇଥିବାବେଳେ ଏହାକୁ ନେଇ ସୋମବାର ଆମେରିକା କଂଗ୍ରେସରେ ଝଡ଼ ସୃଷ୍ଟି ହୋଇଛି। ୟୁକ୍ରେନ୍, ଇସ୍ରାଏଲ୍ ଏବଂ ତାଇୱାନକୁ ସହାୟତା ଯୋଗାଇବା ଆମେରିକା ପାଇଁ ଜରୁରୀ ହୋଇଥିବାବେଳେ ରିପବ୍ଲିକାନ୍ ପାର୍ଟି ନିୟନ୍ତ୍ରଣରେ ଥିବା ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ରେ ସରକାର ଅଡୁଆରେ ପଡ଼ିଛନ୍ତି। ଅକ୍ଟୋବର ୧ରୁ ଆରମ୍ଭ ହୋଇଥିବା ଆର୍ଥିକ ବର୍ଷ ପାଇଁ ୧.୫୯ ଟ୍ରିଲିୟନ ଡଲାରର ଇଚ୍ଛାଧୀନ ବ୍ୟୟ ପାଇଁ ରିପବ୍ଲିକାନ୍ ହାଉସ୍ ସ୍ପିକର ମାଇକ୍ ଜନସନ ଏବଂ ଡେମୋକ୍ରାଟିକ ସିନେଟର ସଂଖ୍ୟାଗରିଷ୍ଠ ନେତା ଚୁକ୍ ସୁମେର



ସହମତ ହୋଇଥିଲେ। ଇତିମଧ୍ୟରେ ଦୁଇମାସ ବିତିଯାଇଥିଲେ ମଧ୍ୟ କଂଗ୍ରେସ ସବିଶେଷ ବିଧେୟକକୁ ନେଇ ନିଷ୍କର୍ଷରେ ପହଞ୍ଚିବାରେ ବିଫଳ ହୋଇଥିବାରୁ ତାହା କାର୍ଯ୍ୟକାରୀ ହୋଇପାରି ନାହିଁ। କଂଗ୍ରେସରେ ଅଚଳାବସ୍ଥା ଲାଗିରହିଲେ ସରକାରଙ୍କୁ ଅଧିକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି କୁହାଯାଉଛି।

ଅଚଳାବସ୍ଥା ଯୋଗୁ ରିପବ୍ଲିକାନ ଏବଂ ଡେମୋକ୍ରାଟ୍‌ମାନଙ୍କ ମଧ୍ୟରେ ବିବାଦ ବଢୁଥିବାବେଳେ ରିପବ୍ଲିକାନ୍ ଙ୍କ ମଧ୍ୟରେ କଠୋରପନ୍ଥୀମାନେ ଏବେ ନିଜସ୍ୱ ବିରୋଧୀ ଦଳ ଗଠନ କରିଛନ୍ତି। ୯୫ ବିଲିୟନ ଡଲାର ବିଦେଶ ସହାୟତା ବିଲ୍

### ଗୃହୀତ ହୋଇପାରୁନି ଖର୍ଚ୍ଚ ବିଲ୍

ସିନେଟରେ ଗୃହୀତ ହୋଇଥିବାବେଳେ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ରେ ଅଟକି ରହିଛି। ଏହା ଉପରେ ରକ୍ଷଣଶୀଳ ଖ୍ରୀଷ୍ଟିଆନ ସଦସ୍ୟମାନଙ୍କୁ ଭୋଟ ଅନୁମତି ଦିଆଗଲେ ସ୍ପିକର ପଦରୁ ଜନ୍‌ସନଙ୍କୁ ବହିଷ୍କାର କରିବା ନିମନ୍ତେ କଠୋରପନ୍ଥୀ ରିପବ୍ଲିକାନ୍ ସଦସ୍ୟମାନେ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ବାଇଡେନ୍‌ଙ୍କ ସମର୍ଥନରେ ବିଲ୍‌ଗୁଡ଼ିକୁ ଜନ୍‌ସନ ଅଟକାଉଥିବାରୁ ହ୍ୱାଇଟ୍‌ହାଉସ୍ ତାଙ୍କୁ ବ୍ୟକ୍ତିଗତ ଭାବେ ସମାଲୋଚନା କରିଛି। ସିନେଟ୍‌ର ସଂଖ୍ୟାଗରିଷ୍ଠ ନେତା ସୁମେର, ଜନସନ ଓ ଅନ୍ୟ କଂଗ୍ରେସ ନେତାମାନଙ୍କୁ ମଙ୍ଗଳବାର ଭେଟିବା ନିମନ୍ତେ ବାଇଡେନ୍ ଯୋଜନା କରିଛନ୍ତି।

## ଫୁର୍‌ସତ୍

# ଭବିଷ୍ୟତ ନିର୍ମାଣରେ ଏନ୍‌ଜିଓର ଭୂମିକା ଗୁରୁତ୍ୱପୂର୍ଣ୍ଣ

ପ୍ରତିବର୍ଷ ଫେବୃଆରୀ ୨୭ ତାରିଖକୁ ସମଗ୍ର ବିଶ୍ୱରେ ‘ସ୍ୱେଚ୍ଛାସେବୀ ସଙ୍ଗଠନ’ ବା ନନ୍-ଗଭର୍ନମେଣ୍ଟାଲ ଅର୍ଗାନାଇଜେଶନ (ଏନଜିଓ) ଦିବସ ଭାବରେ ପାଳନ କରାଯାଇଆସୁଅଛି। ଚଳିତ ବର୍ଷ ଏହି ଦିବସ ଲାଗି ଥିମ୍ ରହିଛି ‘ଏକ ଦୀର୍ଘକାଳୀନ ଭବିଷ୍ୟତ ନିର୍ମାଣ : ଉନ୍ନତିମୂଳକ କାର୍ଯ୍ୟରେ ଏନ୍‌ଜିଓଗୁଡ଼ିକର ଭୂମିକା’। ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ପଞ୍ଜୀକୃତ ଏସବୁ ସଙ୍ଗଠନ ବିକାଶମୂଳକ କାର୍ଯ୍ୟକ୍ରମର ପ୍ରଚାର ପ୍ରସାର କରିଥାଆନ୍ତି। ଏମାନେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରି ଜନସାଧାରଣମାନଙ୍କୁ ବିଭିନ୍ନ ବିଷୟରେ ସୂଚନା ଦେଇଥାଆନ୍ତି। ବର୍ତ୍ତମାନ ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟ, ମହିଳାମାନଙ୍କର ବିକାଶ, ପରିବେଶ ସୁରକ୍ଷା, ପ୍ରାଣୀ ସୁରକ୍ଷା, ଜାତୀୟ ସଂହତି, ସ୍ୱଚ୍ଛତା, ଶିଶୁ ସୁରକ୍ଷା, ଶିକ୍ଷା ଏବଂ ଲୋକକଳାର ବିକାଶ ଆଦି ଲୋକାଭିମୁଖୀ କାର୍ଯ୍ୟରେ ଏଭଳି ସଙ୍ଗଠନର ସହଭାଗିତା



ରହିଥାଏ। ତେଣୁ ଏପରି ସଙ୍ଗଠନ କିପରି ଅଧିକ ସଂଖ୍ୟାରେ ସୃଷ୍ଟି କରାଯାଇପାରିବ ଏବଂ ସେମାନେ ନିଜକୁ ଜନସେବାରେ ନିୟୋଜିତ କରିପାରିବେ ସେନେଇ ସଚେତନତା ସୃଷ୍ଟି ଏହି ଦିବସର ପ୍ରମୁଖ ଲକ୍ଷ୍ୟ। ପ୍ରଥମେ ୨୦୧୦ରେ ବାଲ୍‌ଟିକ୍ ସି’ ଏନ୍‌ଜିଓ ଫୋରମରେ ଉକ୍ତ ଦିବସ ପାଳନ ନେଇ ଏକ ପ୍ରସ୍ତାବ ଆଗତ ହୋଇଥିଲା। ଉକ୍ତ ଫୋରମର ସଦସ୍ୟ ରାଷ୍ଟ୍ରଗୁଡ଼ିକ ହେଲେ ବେଲାରୁଷ,

### ଆଜି ବିଶ୍ୱ ଏନ୍‌ଜିଓ ଦିବସ

ଡେନମାର୍କ, ଇଷ୍ଟୋନିଆ, ଫିନ୍‌ଲ୍ୟାଣ୍ଡ, ଜର୍ମାନୀ, ଆଇସଲ୍ୟାଣ୍ଡ, ଲାଟ୍‌ଭିଆ, ଲିଥୁଆନିଆ, ପୋଲାଣ୍ଡ, ରୁଷିଆ, ନରୱେ ଏବଂ ସ୍ୱିଡେନ। ତା’ପରେ ଏହାକୁ ଭଲ ଭାବରେ ତର୍ଜମା କରାଯାଇ ୨୦୧୨ରେ ବିଧିବଦ୍ଧ ନିଷ୍ପତ୍ତି ନିଆଯାଇଥିଲା। ପ୍ରତିବର୍ଷ ଫେବୃଆରୀ ୨୭କୁ ‘ବିଶ୍ୱ ଏନ୍‌ଜିଓ ଦିବସ’ ଭାବରେ ପାଳନ ଲାଗି ସଦସ୍ୟମାନେ ସହମତି ପ୍ରକାଶ କରିଥିଲେ। ଏହି ଦିବସର ପ୍ରଥମ ବିଶ୍ୱସ୍ତରୀୟ ଉଦଘାଟନୀ କାର୍ଯ୍ୟକ୍ରମ ୨୭ ଫେବୃଆରୀ ୨୦୧୪ରେ ଫିନଲ୍ୟାଣ୍ଡର ହେଲ୍‌ସିଙ୍କିଠାରେ ଫିନଲ୍ୟାଣ୍ଡର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ହୋଇଥିଲା। ସେହି ବର୍ଷଠାରୁ ସମଗ୍ର ବିଶ୍ୱରେ ଉକ୍ତ ଦିବସ ପାଳିତ ହୋଇ ଆସୁଅଛି।

# ପିତାଙ୍କ ଉପଦେଶ ମାନି ସଫଳତା ପାଇଛନ୍ତି ଆୟୁଷ୍ମାନ୍

**ମୁମ୍ବାଇ**

ବଲିଉଡ୍ ଅଭିନେତା ଆୟୁଷ୍ମାନ୍ ଖୁରାନା ନିକଟରେ ଏକ ସାକ୍ଷାତ୍‌କାରରେ ନିଜ ଫିଲ୍ମ କ୍ୟାରିୟରକୁ ନେଇ ବିସ୍ତୃତ ମତ ରଖିଥିଲେ। ପିତାଙ୍କ ପରାମର୍ଶ ମାନି ବଲିଉଡ୍‌ରେ ସଫଳତା ପାଇପାରିଥିବା ସେ ଏହି ଅବସରରେ କହିଛନ୍ତି। ଜଣେ ରେଡିଓ ଉପସ୍ଥାପକ ଭାବେ କ୍ୟାରିୟର ଆରମ୍ଭ କରି ପରେ ଆୟୁଷ୍ମାନ୍ ବିଭିନ୍ନ ଟେଲିଭିଜନ ପ୍ରୋଗ୍ରାମରେ ଆଙ୍କର ଭାବେ କାର୍ଯ୍ୟ କରିଥିଲେ। ସେ ତାଙ୍କର ଇଣ୍ଟରଭ୍ୟୁ ଦେବା ଠାରୁ ନେବା ପର୍ଯ୍ୟନ୍ତ ନିଜର ଯାତ୍ରାକୁ ଏହି ସାକ୍ଷାତ୍‌କାରରେ ଉଲ୍ଲେଖ କରିଥିଲେ। ସୁପରଷ୍ଟାର୍ ହେବା ପାଇଁ ପ୍ରଥମେ ଜଣେ ଅଭିନେତାଙ୍କୁ ସୁପର ସ୍କ୍ରିପ୍ଟ ବାଛିବାକୁ ପଡ଼ିବ ବୋଲି ପିତା ତାଙ୍କୁ ପରାମର୍ଶ ଦେଇଥିବା ଆୟୁଷ୍ମାନ୍ ଏହି ସାକ୍ଷାତ୍‌କାରରେ ପ୍ରକାଶ କରିଛନ୍ତି। ଭଲ ସ୍କ୍ରିପ୍ଟ ବାଛିଲେ ହିଁ ସମ୍ପୃକ୍ତ ଚଳଚ୍ଚିତ୍ରକୁ ଭାରତୀୟ ଦର୍ଶକ ବଡ଼ ପରଦାରେ ଦେଖିବାକୁ ଆଗ୍ରହ ପ୍ରକାଶ କରିବେ ବୋଲି ପିତାଙ୍କ ପରାମର୍ଶକୁ ସେ ସର୍ବଦା କାର୍ଯ୍ୟକାରୀ କରିଥିବା କହିଛନ୍ତି। ଏହି ପରାମର୍ଶକୁ ମାନି ସେ ସବୁବେଳେ ଭଲ ସ୍କ୍ରିପ୍ଟ ଥିବା ଫିଲ୍ମକୁ ବାଛି ଅଭିନୟ କରିଥିବା କହିଛନ୍ତି। ଯେଉଁ ସ୍କ୍ରିପ୍ଟଗୁଡ଼ିକ ହୃଦୟସ୍ପର୍ଶୀ ହେବା ସହ ସତ୍ୟ ଘଟଣା ଉପରେ ଆଧାରିତ ହୋଇଥିବ ଏବଂ ଯଦ୍ୱାରା ସମାଜରେ ସକାରାତ୍ମକ ପରିବର୍ତ୍ତନ ଆସିବାର ସମ୍ଭାବନା ଥିବ, ସେଭଳି ଚଳଚ୍ଚିତ୍ରକୁ ସେ ସାଇନ୍ କରୁଥିବା ଆୟୁଷ୍ମାନ କହିଛନ୍ତି। ପିତାଙ୍କ ଏହି ଉପଦେଶ ମାନି ବଲିଉଡ୍ ଇଣ୍ଡଷ୍ଟ୍ରିରେ ସେ ସଫଳତା ପାଇପାରିଥିବା ଆୟୁଷ୍ମାନ୍ କହିଛନ୍ତି। ୨୦୧୨ରେ ରୋମାଣ୍ଟିକ କମେଡି ଚଳଚ୍ଚିତ୍ର ‘ଭିକି ଡୋନର’ରୁ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ ଆୟୁଷ୍ମାନ। ପରେ ସେ ‘ମେରି ପ୍ୟାରି ବିନ୍ଦୁ’, ‘ଶୁଭ ମଙ୍ଗଲ ସାବଧାନ’, ‘ବଧାଇ ହୋ’, ‘ଆର୍ଟିକିଲ ୧୫’, ‘ଅନ୍ଧାଧୁନ’, ‘ଦମ୍ ଲଗାକେ ହାଁଇସା’, ‘ବାଲା’, ‘ଆନ୍ ଆକ୍ସନ୍ ହିରୋ’ ଆଦି ଅନେକ ଚଳଚ୍ଚିତ୍ରରେ ନିଜର ଦମ୍‌ଦାର ଅଭିନୟ ମାଧ୍ୟମରେ ଦର୍ଶକଙ୍କ ପ୍ରଶଂସା ସାଉଁଟି ପାରିଛନ୍ତି।







**ବାରବାଟୀ ଷ୍ଟାଡିୟମର ନବୀକରଣ**

# ଆଜି ଭିତ୍ତିପ୍ରସ୍ତର ସ୍ଥାପନ କରିବେ ମୁଖ୍ୟମନ୍ତ୍ରୀ

**କଟକ, ୨୬।୨ (ଶିଳ୍ପା ପ୍ରିୟଦର୍ଶିନୀ)**

ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରବାଟୀ ଷ୍ଟାଡିୟମ ନବୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଏହି ଅବସରରେ ଓଡ଼ିଶା କ୍ରିକେଟ ଆସୋସିଏଶନ ଓ ଓଡ଼ିଶା ଅଲମ୍ପିକ ଆସୋସିଏଶନର ମିଳିତ ଉଦ୍ୟମରେ ବାରବାଟୀ ଷ୍ଟାଡୟମ ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୋମବାର ଓସିଏ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ଏହାର ସମ୍ପାଦକ ସଞ୍ଜୟ ବେହେରା। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଭିତ୍ତିପ୍ରସ୍ତର ସ୍ଥାପନ ସମେତ ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ରାଜ୍ୟର ୩୦ ଜିଲାରେ ୪୧ଟି କ୍ରିକେଟ ଏକାଡେମୀ ମଧ୍ୟ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଉକ୍ତ କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା ଯୋଗଦେବେ ଏବଂ ବାରବାଟୀ ଷ୍ଟାଡିୟମରେ କ୍ରୀଡା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଆଇପିଏଲ ଚେୟାରମ୍ୟାନ ଅରୁଣ ସିଂ ଧୂମାଲ, ଓସିଏ ସଭାପତି ପ୍ରଣବ ପ୍ରକାଶ ଦାସ, ହାଇକୋର୍ଟ ଆଡ୍‌ଭୋକେଟ ଜେନେରାଲ ଅଶୋକ ପରିଜା, ଓସିଏ ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା, ଭାରତୀୟ ଦଳର ପୂର୍ବତନ ଖେଳାଳି ଇରଫାନ ପଠାନ, ପ୍ରଜ୍ଞାନ ଓଝା, ଦେବାଶିଷ ମହାନ୍ତି, ସଞ୍ଜୟ ରାଉଳ ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ଯୋଗଦେବେ। ଏହାସହ କ୍ରୀଡ଼ାକ୍ଷେତ୍ରକୁ ଅତୁଳନୀୟ ଅବଦାନ ପାଇଁ ଆଶୀର୍ବାଦ ବେହେରା, ଶ୍ରଦ୍ଧାନନ୍ଦ ଦାସ, ଅଧିପ ଦାସଙ୍କୁ ସମ୍ବର୍ଦ୍ଧିତ କରାଯିବ। ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ବଲିଉଡ୍ ଗାୟିକା ନେହା କକ୍କର ଓ ଗ୍ରୁପଙ୍କ ସମେତ ଓଲିଉଡ଼ କଣ୍ଠଶିଳ୍ପୀ ସ୍ୱୟମ ପାଢ଼ୀ, ଦୀପ୍ତିରେଖା ପାଢ଼ୀ ଓ ପ୍ରଜ୍ଞା ସଂଗୀତ ପରିବେଷଣ କରିବେ ବୋଲି ସୂଚନା ଦେଇଛନ୍ତି ଓସିଏ ସମ୍ପାଦକ। ଅନ୍ୟମାନଙ୍କ ମଧ୍ୟରେ ଓସିଏ ଉପସଭାପତି ପଙ୍କଜ ଲୋଚନ ମହାନ୍ତି, ଓଡିଶା ଅଲିମ୍ପିକ ଆସୋସିଏଶନ (ଓଓଏ) ଯୁଗ୍ମ ସମ୍ପାଦକ ଅଭିଜିତ ପାଲ, ପ୍ରଭାତ କୁମାର ଭୋଳ ଓ ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।




ବାରବାଟୀ ଷ୍ଟାଡିୟମର ନବୀକରଣ ସମ୍ପର୍କରେ ସୂଚନା ଦେବାପାଇଁ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଓସିଏ ଏବଂ ଓଓଏ କର୍ମକର୍ତ୍ତା।


**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ADMISSION OPEN**

**B.Ed, M.Ed, B.P.Ed.**

Equivalent of Utkal University
Lowest Fees
**Odisha School of Professional Studies**
Address:
Plot No.N2/57, 2nd Floor, Near N2 Park, IRC Village, Nayapalli, Bhubaneswar- 751015
CONTACT NO.
**7008096933**
**9692828174**


ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ମାରିଜେନ କାପ୍‌ଙ୍କ ପ୍ରଭାବୀ ବୋଲିଂ

**ବେଙ୍ଗାଲୁରୁ, ୨୬।୨**

ଭେଟେରାନ ପେସର ମାରିଜେନ୍ କାପ୍‌ଙ୍କ ଚମତ୍କାର ବୋଲିଂ ଯୋଗୁ ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ ସୋମବାର ଖେଳାଯାଇଥିବା ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲୁପିଏଲ୍)ର ଏକ ମ୍ୟାଚରେ ୟୁପି ୱାରିଅର୍ଜ ଇନିଂସକୁ ୧୧୯/୯ରେ ସୀମିତ କରିଦେଇଛି ଦିଲ୍ଲୀ କ୍ୟାପିଟାଲ୍ସ। ଅଧିନାୟିକା ମେଗ୍ ଲାନିଙ୍ଗଙ୍କ ପ୍ରଥମେ ବୋଲିଂ ନିଷ୍ପତ୍ତିକୁ ଯଥାର୍ଥ ପ୍ରମାଣିତ କରିଥିଲେ। କାପ୍। ସେ ତାଙ୍କ ୪ ଓଭର ବୋଲିଂରେ ୧ ମେଡେନ ସହ ମାତ୍ର ୫ ରନ ବିନିମୟରେ ୩ ଉଇକେଟ ଅକ୍ତିଆର କରିଥିଲେ। ସେ ବିପକ୍ଷ ଦଳର ପ୍ରଥମ ୩ ଉଇକେଟ ନେଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ତାଙ୍କ ବୋଲିଂର ଶିକାର ହୋଇଥିଲେ ଦୁଇ ଓପନର ଏଲିସା ହିଲି (୧୩) ଓ ବ୍ରିନ୍ଦା ଦିନେଶ (୦) ଏବଂ ଟାଲିଆ ମ୍ୟାକ୍‌ଗ୍ରା (୧)। ଦଳର ନିୟମିତ ଉଇକେଟ ପତନ ଘଟିବାରୁ ବଡ଼ ପାର୍ଟନରଶିପ୍ ସମ୍ଭବ ହୋଇ ପାରି ନ ଥିଲା। ଟପ୍ ସ୍କୋରର ଶ୍ୱେତା ସେରାୱତ ୪୨ ବଲ୍‌ରୁ ୪୫ ରନ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ୟୁପି ୱାରିଅର୍ଜ: ୨୦ ଓଭରରେ ୧୧୯/୯ (ଶ୍ୱେତା ସେରାୱତ-୪୫, ଗ୍ରେସ୍ ହାରିସ-୧୭; ରାଧା ଯାଦବ-୪/୨୦, ମାରିଜେନ୍ କାପ୍-୩/୫)।

# Classified Everyday 0674-2580101, 2549949



**REAL ESTATE**

**SALE**

**Flat for sale 2BHK, 3 BHK near Grand Bazar, Phulnakhara, close to NH-16. 7846819129.** D-75914

House for sale at Bhubaneswar Jayadeb Bihar Behind HDFC Bank, near Petrol Pump Bishnupriya Apartment, 2 Bed Rooms, Dining & Drawing Room, Kitchen, 2 Bath Rooms, 1 Balcony. SBA 910sqft. Carpet Area 750sqft. on top Floor, Parking out side Apartment Wall. Contact: 9937094663. D-2591

ସ୍ଥିତିବାନ୍ ଗୃହୋପଯୋଗୀ ପ୍ଲଟ୍ NH-16ରେ ପିତାପଲ୍ଲୀରେ ୬୦ଫୁଟ୍, ୩୦ଫୁଟ୍ ରାସ୍ତା ଥାଇ ସଙ୍ଗେସଙ୍ଗେ ହସ୍ତାନ୍ତର ସହ ସୁଲଭ ମୂଲ୍ୟରେ ଉପଲବ୍ଧ। 8867080780. D-75908

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ପିଚୁ ରାସ୍ତାକୁ ଲାଗି ଘରବାଡ଼ି ପାଚେରି ପ୍ଲଟ୍ ପଟ୍ଟାରୁ ବିକ୍ରି ହେବ। **9827119799.** D-2605

**Plot sale Bhubaneswar, Sundarpada Road**ରେ ଦଧିବାମନପୁର ମୌଜା **yellowzone** ଘରବାରି **30’ road, pole** ଥାଇ **sqft.-1200/-** ମିଳୁଛି। **Biswajit-7008184348.** D-71069

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft., 3,60,000/- ଛତାବର Bypass sqft.-500/-. 9776974912. D-75919



**CONSTRUCTION**

**Quality construction for your home with premium material, BDA approval, Vastu Complaints, (Architectural plan free) OD Group-Er. Bijaya Kumar. 9438330195.** D-75913

**Construct your dream home @899/-, 1399/- includes Architecture structure with 3 years FMC. We provide plan approval, boring & interior work- SNV Engineering - 9439295469.** D-75917




Refreshments body massage therapy with experience therapists, Ashirvad Panchakarma SPA, Keshari Mall, Bhubaneswar-8926173473. D-67129

**Relax, Refresh your body, Mind at Saikrupa Spa with best therapies. 8984068077.** D-2600

Kerala body massage best therapist @ 699/- Bhubaneswar. 9337672475. Ganeshspa.in. D-2612

**Ashirvaad Salon and SPA get good massage for your health tha best therapy. 7077181074.** D-75711

**GENERAL**

**PURCHASE**

ରେଲୱେ ସାଇଟ୍‌ରେ ମାଟିର ଆବଶ୍ୟକ। ପୁନ୍ନାମାଗେଟ୍-୨୦୦ ଟ୍ରିପ୍ (ହାଇୱା), ଚୂଡ଼ଙ୍ଗଗଡ଼ ବାରଙ୍ଗ-୪୦୦ଟ୍ରିପ୍ (ହାଇୱା)। ଫୋନ୍ ନଂ.-୯୧୭୮୯୨୪୬୯୮. ଧ-୨୫୪୬

**LOST**

I, Chema Dehury, S/o- Late Dangi Dehury, At- Biswanathpur, P.O.- Kapilash, P.S.- Gondia, Dist.- Dhenkanal inform that the original Sale Deed of Mouza Biswanathpur, Khata No.- 21 has been eaten by White Ants while it was kept in a wooden almirah in my house. At present I want a duplicate copy/certified copy of the same document. D-2632

**AFFIDAVIT**

My name is Jamil Ahemmad, S/o Mohammad Salim, At- Khaza Street, Berhampur, District- Ganjam, declare by this affidavit No.218 dt 17.12.2023 and 10 rupees stamp paper No 61AA 879652 my name is written by mistake as Moulabi Jamil in my passport. Hence I want to get my name corrected in the passport as per my Aadhaar card No. xxxx xxxx 1628 for all future purpose. D-2630

**LEGAL NOTICE**

ମାନ୍ୟବର ସଭ୍ୟ, ରାଜସ୍ୱ ପର୍ଷଦ, ଓଡ଼ିଶା, କଟକ ମହୋଦୟଙ୍କ ଇଜିଲାସ (କ୍ୟାମ୍ପ ଅଫିସ୍ ଭୁବନେଶ୍ୱର)
ଓ.ଏସ୍.ଏସ୍.କେସ୍ ନଂ.-୯୨/୨୦୧୯
ବିରଞ୍ଚି ନାରାୟଣ ମହାନ୍ତି ......ବାଦୀ
ବନାମ
ରାଜ୍ୟ ସରକାର ଏବଂ ଅନ୍ୟମାନେ .....ପ୍ରତିବାଦୀ
(ଦେୱାନୀ କାର୍ଯ୍ୟବିଧି ଆଇନର ଧାରା-୫, ଉପଧାରା-୨୦(କ) ଅନୁସାରେ)

(କ) ମଧୁ ବେହେରା, ବୟସ ବ୯୨ର୍ଷ (ପ୍ରତିବାଦୀ ନଂ.-୬), (ଖ) ରାଧୁ ବେହେରା, ବୟସ ବ୮୩ର୍ଷ (ପ୍ରତିବାଦୀ ନଂ.-୭), (ଉଭୟଙ୍କର ପିତା: ⁄ଭୋବନୀ ବେହେରା), (ଗ) ବାଉରୀ ବେୱା, ବୟସ ବ୯୨ର୍ଷ (ପ୍ରତିବାଦୀ ନଂ.-୮), ସ୍ୱାମୀ- ⁄ଗୋଲକ ବେହେରା, ପିତା- ⁄ଦୀନବନ୍ଧୁ ବେହେରା ଏବଂ ଉଜ୍ଜ୍ୱଳ ବେୱା ସମସ୍ତଙ୍କ ସା- ପଥରଗାଡ଼ିଆ, ପୋ.ଅ.- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା।

ଏ ତ ଦ୍ୱା ର। ଉପରୋକ୍ତ ପ୍ରତିବାଦୀମାନଙ୍କର ଉତ୍ତରାଧିକାରୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବାଦୀ ନିମ୍ନ ତଫସିଲ ସମ୍ପତ୍ତି ପକ୍ଷେ ସର୍ଭେ ସେଟେଲମେଣ୍ଟ ଆଇନ, ୧୯୫୮ର ଧାରା ୧୫(ଖ) ଅନୁଯାୟୀ ଉକ୍ତ ମୋକଦ୍ଦମାଟି ଦାଏର କରିଅଛନ୍ତି। ଉକ୍ତ ମୋକଦ୍ଦମାର ନୋଟିସ ଉପରୋକ୍ତ ପ୍ରତିବାଦୀମାନଙ୍କୁ ଉପରୋକ୍ତ ଠିକଣାରେ ପଠାଯାଇଥିବାରେ ସେମାନେ ମୃତ ଯୋଗୁ ନୋଟିସଗୁଡ଼ିକ ଫେରସ୍ତ ହୋଇଅଛି।

ଏଣୁ ଉକ୍ତ ବିଜ୍ଞାପନ ମାଧ୍ୟମରେ ଉପରୋକ୍ତ ପ୍ରତିବାଦୀମାନଙ୍କର ଉତ୍ତରାଧିକାରୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ସେମାନେ ବ୍ୟକ୍ତିଗତ ଭାବେ କିମ୍ବା ସେମାନଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉକ୍ତ ଅଦାଲତରେ ତା୨୮।୦୩।୨୦୨୪ରିଖ ୧୧:୩୦ ଘଟିକାରେ ଉପସ୍ଥିତ ରହି ମୋକଦ୍ଦମାର ତଦବିର କରିବେ। ଅନ୍ୟଥା ଆଇନ ଅନୁଯାୟୀ ମୋକଦ୍ଦମାର ବିଚାର କରାଯିବ।

**ତଫସିଲ ସମ୍ପତ୍ତିର ବିବରଣୀ**

୧୯୬୨ ମସିହା ସେଟେଲମେଣ୍ଟ ଅନୁଯାୟୀ ଜିଲ୍ଲା- ପୁରୀ (ବର୍ତ୍ତମାନ ଖୋର୍ଦ୍ଧା), ମୌଜା- ପଥରଗାଡ଼ିଆ, ଖାତା ନଂ୨୪୭ମ୍ବର, ପ୍ଲଟ୍ ନଂ୧୩୮୭ମ୍ବର ରକବା ଏ୦.୧୬୨ଡି. ସ୍ଥଧଏ୦.୦୩୬ଡି ଯାହାକି ହାଲ୍ ଅନୁଯାୟୀ ଖାତା ନଂ୧୩୪୨, ପ୍ଲଟ୍ ନଂ୬୦୨୩ ରକବା ଏ୦.୧୬୦ଡି. ସ୍ଥ ଏ୦.୦୩୬ଡି. ଅଟେ। ତା.

ସ୍ୱା./-ସଭ୍ୟ, ରାଜସ୍ୱ ପର୍ଷଦ, ଓଡ଼ିଶା କଟକ ମହୋଦୟଙ୍କ ଇଜିଲାସ (କ୍ୟାମ୍ପ ଅଫିସ୍ ଭୁବନେଶ୍ୱର) ଧ-୨୬୨୯

<u>NOTICE UNDER ORDER. V, RULE 20 C.P.C.</u>

IN THE COURT OF SENIOR CIVIL JUDGE, SAMBALPUR

Civil Suit No.- 236 of 2016
Smt. Janaka @ Purnabashi @ Gurubari Padhan ......Plaintiff
Versus.
Mst. Jasoda Padhan and others .....Defendants

9. Pitabas Padhan, aged about 50 years, S/o- Haricharan Padhan, Occupation- Cultivation, Resident of Bhatra, P.O./P.S.- Dhanupali, Tahasil, Munsif/ Dist.- Sambalpur.

Whereas the Plaintiff has filed the above suit against you and summons through Court and by Registered Post have been issued against you but you have avoided to receive the same. Hence this Court thinks it proper to serve the notice under Order V Rule 20 A C.P.C. by publishing in a daily newspapers.

Take notice that the case is fixed on 15.04.2024 at 7.00 A.M. for appearance and filing Written Statement. If you fail to appear in Court on the said date personally or through your Advocate, the case will be decided in your absence.

Given under my hand and seal of this Court, this 22nd day of February of 2024.
Sd./- Senior Civil Judge
Sambalpur
D-2631

# ମନେ ପଡ଼ନ୍ତି

**ଦଶାହ ଉପଲକ୍ଷେ**



**⁄ କଳ୍ପନା ପଣ୍ଡା**
ସ୍ୱାମୀ ନିକୁଞ୍ଜ କିଶୋର ପଣ୍ଡା
ଆନିହାଉସ ଛକ, ମହତାବ ରୋଡ୍, କପିଳ ପ୍ରସାଦ, ଭୁବନେଶ୍ୱର
ଆବିର୍ଭାବ: ୨୦.୧୧.୧୯୪୮
ତିରୋଧାନ: ୧୮.୦୨.୨୦୨୪
ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପାର୍ଥନା କରୁଅଛୁ।
:: ଶୋକସନ୍ତପ୍ତ ::
ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ବନ୍ଧୁବାନ୍ଧବ।
ଧ-୭୪୭୧୮

**Shradha Barsiki**



Balunkeswar Khadenga, Dist. Judge
Date of Birth: 27.02.1946
Date of Death: 27.02.2009
“NANA”
You never told us how to live without you.
15 painful years and counting much loved father and the ultimate husband.
Wife, Children & Well Wishers
6, Jagmohan Nagar, BBSR
ଧ-୨୬୩୩

**ଦଶାହ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**⁄ରଜନୀ ସ୍ୱାଇଁ**
ସ୍ୱାମୀ ⁄ଚିନ୍ତାମଣି ସ୍ୱାଇଁ
ଅରୁଣୋଦୟ ନଗର, କଟକ

ଆମ୍ଭ ସମସ୍ତଙ୍କୁ ଶୋକ ସାଗରରେ ଭସାଇ ଦେଇ ଆପଣ ନିଜ ଶେଷ ନିଶ୍ୱାସ ସାନ ଝିଅ ରଞ୍ଜୁ ଓ ଜ୍ୱାଇଁ ବିଷ୍ଣୁଙ୍କ ବାସଭବନରେ ତା ୧୮/୦୨/୨୦୨୪ ରିଖ ସକାଳ ୯.୪୦ ମିନିଟ୍ ସମୟରେ ଇହଲିଲା ସମ୍ବରଣ କଲେ।

ଜଣେ ସ୍ନେହୀ, ସଚ୍ଚୋଟ, ପରୋପକାରୀ ତଥା ଧର୍ମପରାୟଣ ମଣିଷ ଭାବେ ଆପଣ ଏକ ବିରଳ ଉଦାହରଣ।

ଆପଣଙ୍କ ସ୍ମୃତି, ବିଚାରଧାରା, ଜୀବନଚର୍ଯ୍ୟା ଓ କର୍ତ୍ତବ୍ୟବୋଧକୁ ଅନୁସରଣ କରି ଆପଣଙ୍କୁ ସଦା ସର୍ବଦା ମନେ ରଖିଥିବୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମିତ୍ତ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମ୍ଭର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଓ ପ୍ରାର୍ଥନା।

ଶୋକସନ୍ତପ୍ତ
ପରିବାର ବର୍ଗ
ଧ-୨୬୨୭

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପୁଅ ହୋଇ ବାପ ପାଖ ନ ମାଡ଼େ,**
**ପାଠ ଛାଡ଼ି ଗୁଣି ଗାରେଡ଼ି ପଢ଼େ,**
**ଗୁରୁଜନଙ୍କୁ ଯେ ଦେଖାଏ ଠେଙ୍ଗା,**
**ବୋଲେ ଦନାଇ ଏ କୁଳବାଲୁଙ୍ଗା।**

ଯେଉଁ ପୁତ୍ରର ପିତା ବା ଗୁରୁଜନଙ୍କ ପ୍ରତି ଭୟ ଓ ଭକ୍ତିଭାବ ନ ଥାଏ କିମ୍ବା ସେମାନଙ୍କ ପ୍ରତି କ୍ରୂର ଆଚରଣ ପ୍ରଦର୍ଶନ କରିଥାଏ, ସେଭଳି ପୁତ୍ର କୁଳବାଲୁଙ୍ଗା ହୋଇଥାଆନ୍ତି। ପୁତ୍ରର ପରିସୀମା ଟପି ଅଭଦ୍ର ଆଚରଣ ବା ବ୍ୟବହାର ଦେଖାଇବା କୁଳବାଲୁଙ୍ଗାର ସ୍ୱରୂପ ହୋଇଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ପାଣି ପିଇବ ଛାଣି,**
**ପଇସା ନେବ ଗଣି।**

ପାଣିକୁ ଛାଣି ପିଇବା ସ୍ୱାସ୍ଥ୍ୟ ପକ୍ଷେ ହିତକର ହୋଇଥାଏ। ସେହିପରି ଟଙ୍କା ପଇସା କାରବାରରେ କାହାକୁ ବିଶ୍ୱାସ କରିବା ଉଚିତ ହୋଇ ନ ଥାଏ। ଟଙ୍କା ପଇସା ଗଣିକରି ନେଲେ ମନରୁ ସବୁ ସନ୍ଦେହ ଦୂର ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍ପି)କୁ ଆଇନଗତ ମାନ୍ୟତା ଦାବି ନେଇ ସୋମବାର ସମ୍ବଲପୁରଠାରେ କୃଷକ ସଙ୍ଗଠନ ପକ୍ଷରୁ ଅନୁଷ୍ଠିତ ଟ୍ରାକ୍ଟର ରାଲି।

## ଆଇଇଡି ବୋମା ବିସ୍ଫୋରଣରେ ଯବାନ ଶହୀଦ

ମାଲକାନଗିରି,୨୬।୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡରେ ବିଜାପୁର ଜିଲା ବେଚପାଲ ନାଳ ନିକଟରେ ସେମବାର ଆଇଇଡି ବୋମା ବିସ୍ଫୋରଣ ହେବାରୁ ସିଏଏଫର ଜଣେ ଯବାନ ଏଥିରେ ଶହୀଦ ହୋଇଛନ୍ତି। ମୃତ ଯାବାନ ହେଲେ ରାମ ଆଶିଷ ଯାଦବ। ସୂଚନା ଅନୁଯାୟୀ, ଜିଲା ସୀମାନ୍ତ ବେଚପାଲ ନାଳ ନିକଟରେ ସିଏଏଫର ଯବାନମାନେ ସର୍ଚ୍ଚ ଅପରେଶନ କରୁଥିବା ବେଳେ ମାଓବାଦୀଙ୍କ ଦ୍ୱାରା ଲଗାଯାଇଥିବା ଗୋଟିଏ ଆଇଇଡି ବୋମା ବିସ୍ଫୋରଣ ହୋଇଥିଲା। ଯେଉଁଥିରେ ଯବାନ ରାମ ଆଶିଷଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଘଟଣା ପରେ ସର୍ଚ୍ଚ ଅପରେଶନକୁ ଜୋରଦାର କରାଯାଇଥିବା ଏସ୍ପି ଜିତେନ୍ଦ୍ର ଯାଦବ କହିଛନ୍ତି।

# ନୂଆ-ଓ ଛାତ୍ରବୃତ୍ତି ବିତରଣର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୬।୨(ଅନିଲ ଦାସ)

- ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପହଞ୍ଚାଇଲେ ଉଚ୍ଚଶିକ୍ଷାରେ ଗଭୀର ପ୍ରଭାବ ପକାଇବା ସହ ସ୍ୱପ୍ନପୂରଣରେ ସହାୟକ ହେବ: ୫-ଟି ଅଧ୍ୟକ୍ଷ
- ସମ୍ବଲପୁର, ଅନୁଗୋଳ, ଦେବଗଡ଼ରେ ସାମିଲ ହେଲେ ପାଣ୍ଡିଆନ
- ୩ ଜିଲାର ୨୮,୧୧୨ ଛାତ୍ରୀଛାତ୍ରଙ୍କୁ ମିଳିଲା ୨୮ କୋଟି ବୃତ୍ତିରାଶି



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ନୂଆ-ଓ ଛାତ୍ରବୃତ୍ତି ବିତରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସୋମବାର ସମ୍ବଲପୁର, ଅନୁଗୋଳ ଏବଂ ଦେବଗଡ଼ ପରିଦର୍ଶନ କରି ସେହି ସବୁ ଜିଲାରେ ଅନୁଷ୍ଠିତ ନୂଆ-ଛାତ୍ରବୃତ୍ତି ବିତରଣ କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଅନୁଦାନ ପତ୍ର ବଣ୍ଟନ କରିଛନ୍ତି। ଉକ୍ତ ୩ଟି ଜିଲାର ୨୮,୧୧୨ ଛାତ୍ରୀଛାତ୍ରଙ୍କୁ ୨୮ କୋଟି ଟଙ୍କାର ଛାତ୍ରବୃତ୍ତି ରାଶି ପ୍ରଦାନ କରାଯାଇଛି।

ଏଥିସହିତ ପାଣ୍ଡିଆନ ଉକ୍ତ ଜିଲାଗୁଡ଼ିକର ୫୭ କଲେଜର ଛାତ୍ରୀଛାତ୍ରଙ୍କ ସହିତ ଭାବବିନିମୟ କରିବା ସହ ନୂଆ -ଓ କାର୍ଯ୍ୟକ୍ରମରେ ସମସ୍ତ ଯୋଗ୍ୟ ବିବେଚିତ ବିଶ୍ୱବିଦ୍ୟାଳୟ ଓ କଲେଜ ଗୁଡ଼ିକର ପିଜି ଏବଂ ଗ୍ରାଜୁଏଟ ଛାତ୍ରୀମାନେ କିପରି ଉପକୃତ ହେବେ ସେ ବିଷୟରେ ସୂଚନା ଦେଇଥିଲେ। ସେ କହିଛନ୍ତି ଯେ, ୫-ଟି ବ୍ୟବସ୍ଥାରେ ଆରମ୍ଭ କରାଯାଇଥିବା ଏହି ଯୋଜନା ଉଚ୍ଚଶିକ୍ଷାର ବିକାଶ କରିବା ସହ ଯୁବଗୋଷ୍ଠୀଙ୍କୁ ନିଜର ସ୍ୱପ୍ନ ପୂରଣ କରିବା ଦିଗରେ ସହାୟତା କରିବ। ଉଚ୍ଚଶିକ୍ଷା ପାଇଁ ଏହି ଛାତ୍ରବୃତ୍ତି ବାବଦରେ ସାଧାରଣ ବର୍ଗ ଏବଂ ଓବିସି ଛାତ୍ରୀଛାତ୍ରଙ୍କୁ ଯଥାକ୍ରମେ ୧୦ ହଜାର ଓ ୯ ହଜାର ଟଙ୍କା ଛାତ୍ରବୃତ୍ତି ମିଳିବାକୁ ଥିବାବେଳେ ଏସ୍ସି/ଏସ୍ଟି ଏବଂ ନିର୍ମାଣ ଶ୍ରମିକ ଛାତ୍ରୀ ଓ ଛାତ୍ରଙ୍କୁ ଯଥାକ୍ରମେ ୧୧ ହଜାର ଓ ୧୦ ହଜାର ଟଙ୍କା ପ୍ରଦାନ କରାଯିବ। ସମ୍ବଲପୁର ଜିଲାର ୨୧ କଲେଜରୁ ୧୩,୪୨୩, ଅନୁଗୋଳ ଜିଲାର ୨୫ କଲେଜରୁ ୧୧,୨୬୫ ଏବଂ ଦେବଗଡ଼ ଜିଲାର ୧୧ କଲେଜରୁ ୩୪୨୪ ଜଣଙ୍କୁ ନୂଆ-ଓ ଛାତ୍ରବୃତ୍ତି ପ୍ରଦାନ କରାଯିବ। ଏହି ଅର୍ଥ ସିଧାସଳଖ ଛାତ୍ରୀଛାତ୍ରଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯିବ। ଏଥିସହିତ ୩ ଜିଲାର ୨୮,୧୧୨ ଛାତ୍ରୀଛାତ୍ରଙ୍କ ନୂଆ- ଓ ଛାତ୍ରବୃତ୍ତି ପାଇଁ ୨୮ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏଥିସହିତ ସେ ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାର୍ତ୍ତା ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଏହି ଅବସରରେ ମୁଖ୍ୟମନ୍ତ୍ରୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହି ପଦକ୍ଷେପ ନୂଆ ଓଡ଼ିଶା ସ୍ୱପ୍ନ ପୂରଣ ଦିଗରେ ସାହାଯ୍ୟ କରିବ ବୋଲି କହିଛନ୍ତି।

୨୦୨୩-୨୪ ହେବ ଯୁବ ଦଶନ୍ଧିର ବର୍ଷ। ରାଜ୍ୟରେ କଲେଜ ରୂପାନ୍ତରୀକରଣ କାର୍ଯ୍ୟ ଚାଲୁ ରହିଛି। ଗତ ବର୍ଷ ନୂଆ-ଓ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏହା ବେଶ୍ ଫଳପ୍ରଦ ହୋଇଛି। ଏହା ପରବର୍ତ୍ତୀ ପଦକ୍ଷେପ ଭାବେ ନୂଆ-ଓ ଛାତ୍ରବୃତ୍ତି କାର୍ଯ୍ୟକାରୀ କରାଯାଇଛି। ନବୀନ ଓଡ଼ିଶା ମ୍ୟାଜିକ କାର୍ଡ ଯୁବବର୍ଗଙ୍କ ପାଇଁ ରାଜ୍ୟ ସରକାର ସବୁଠାରୁ ବଡ ପଦକ୍ଷେପ ନେବାକୁ ଯାଉଛନ୍ତି। ଯେଉଁଥିରେ ଛାତ୍ରୀଛାତ୍ରମାନଙ୍କର ଶିକ୍ଷାଗତ, ବ୍ୟକ୍ତିତ୍ୱ, ଦକ୍ଷତା ଓ ନିଯୁକ୍ତି କ୍ଷେତ୍ରର ବିକାଶ ଆଦି ବ୍ୟବସ୍ଥା ରହିଛି। ଏହା ଯୁବତୀ ଯୁବକଙ୍କୁ ନିଜର ସ୍ୱପ୍ନକୁ ସାକାର କରିବା ଦିଗରେ ସହାୟକ ହେବ ବୋଲି ପାଣ୍ଡିଆନ କହିଛନ୍ତି। ଏଥିସହିତ ନବୀନ ଓଡ଼ିଶା ସ୍ମାର୍ଟକାର୍ଡ ହେଉଛି ସମ୍ପୂର୍ଣ୍ଣ ବୈଷୟିକ ଓ ବୈପ୍ଳବିକ ଚିନ୍ତାଧାରା ଉପରେ ପର୍ଯ୍ୟବସିତ। ଆସନ୍ତା ମାର୍ଚ୍ଚ ୫ ତାରିଖରେ ସ୍ମାର୍ଟ କାର୍ଡ ପାଇଁ ଅନ୍ଲାଇନ ପୋର୍ଟାଲ ଜରିଆରେ ଆବେଦନ ଆରମ୍ଭ ହେବ। ଅଗଷ୍ଟ ୧୫ ତାରିଖରେ କାର୍ଡ ବଣ୍ଟନର ଶୁଭାରମ୍ଭ ହେବ ବୋଲି ପାଣ୍ଡିଆନ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ପାଣ୍ଡିଆନ ଛାତ୍ରୀଛାତ୍ରଙ୍କ ସହ ଭାବ ବିନିମୟ କରିଥିଲେ। ଅନୁଦାନ ପତ୍ର ପାଇବା ପରେ ତୁରନ୍ତ ବ୍ୟାଙ୍କରୁ ସେମାନଙ୍କ ଆକାଉଣ୍ଟରେ ଜମା ହୋଇଥିବା ଅର୍ଥର ଏସ୍ଏମ୍ଏସ୍ ପାଇବା ପରେ ଛାତ୍ରୀଛାତ୍ରମାନେ ଉତ୍ସାହିତ ହୋଇପଡ଼ିଥିଲେ। ଏହି ପଦକ୍ଷେପ ପାଇଁ ଛାତ୍ରୀଛାତ୍ରମାନେ ମୁଖ୍ୟମନ୍ତ୍ରୀ ଏବଂ ୫-ଟି ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଦେଇଥିଲେ।

# ଚଟ୍ପଟି ଖାଇବା ପରେ ଝାଡ଼ାବାନ୍ତି

## ୪୦ରୁ ଊର୍ଦ୍ଧ୍ୱ ଅସୁସ୍ଥ

ଚାନ୍ଦବାଲି,୨୬।୨ (ଅଶୋକ ପଣ୍ଡା/କିଷାନ ପାତ୍ର)



ମେଡିକାଲ୍କୁ ଚିକିତ୍ସା ପାଇଁ ଆସିଥିବା ଅସୁସ୍ଥ।

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ଜଳେଶ୍ୱରପୁର ପଞ୍ଚାୟତର ବଳଭଦ୍ର ପ୍ରସାଦ ଗ୍ରାମର ଅନୁସୂଚିତ ଜାତି ସାହିରେ ଚଟ୍ପଟି ଖାଇ ୪୦ରୁ ଊର୍ଦ୍ଧ୍ୱ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ରବିବାର ଉକ୍ତ ଗ୍ରାମକୁ ଆସିଥିବା ଜଣେ ବିକାଳିଙ୍କଠାରୁ ଲୋକେ ଚଟ୍ପଟି ଖାଇଥିଲେ। ଖାଇବାର ପ୍ରାୟ ଦୁଇ ଘଣ୍ଟା ପରେ କାହାର ପେଟ କାଟିବାକୁ ଲାଗିଲା ତ କାହାର ବାନ୍ତି ଆରମ୍ଭ ହେଲା ଏବଂ କାହାର ବାରମ୍ବାର ଝାଡ଼ା ହୋଇଥିଲା। ସମସ୍ତେ ନିକଟସ୍ଥ ମତୋ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ପ୍ରାଥମିକ ଚିକିତ୍ସା ପରେ ସମସ୍ତେ ଘରକୁ ଫେରି ଆସିଥିଲେ। ଘରେ ପହଞ୍ଚିବା ପରେ ପୁନର୍ବାର ସେମିତି ଲକ୍ଷଣ ଆରମ୍ଭ ହୋଇଥିଲା। ସୋମବାର ପୁଣିଥରେ ଡାକ୍ତରଖାନା ଯାଇ ଚିକିତ୍ସିତ ହୋଇ ସମସ୍ତେ ଘରକୁ ଫେରିଛନ୍ତି।

ମେଡିକାଲ ଟିମ୍ ଗାଁକୁ ଆସି ଚିକିତ୍ସା ଯୋଗାଇବାକୁ ଗ୍ରାମବାସୀ ଦାବି କରିଛନ୍ତି। ଅପରପକ୍ଷେ ମତୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ସରୋଜିନୀ ପଟ୍ଟନାୟକ କହିଛନ୍ତି, ସେମାନଙ୍କ ପାଇଁ ଚିକିତ୍ସା ବ୍ୟବସ୍ଥା କରାଯାଇଛି। ଏନେଇ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ଜଣାଇଛନ୍ତି। ଡାକ୍ତରୀ ଟିମ୍ ଗାଁକୁ ଯାଇ ଚିକିତ୍ସା କରିବା ସହ ଝାଡ଼ାବାନ୍ତିର କାରଣ ନେଇ ତଦନ୍ତ କରିବ।

# ନିର୍ମାଣାଧୀନ ପୋଲ ତଳକୁ ଖସିଲା ବାଇକ୍, ଚାଲିଗଲା ୨ ଜୀବନ

ପାପଡ଼ାହାଣ୍ଡି,୨୬।୨ (ସ୍ୱପ୍ନଜିତ୍ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଶହୀଦ ମିନାର ନିକଟ ତୁରି ନଦୀରେ ନିର୍ମାଣାଧୀନ ପୋଲ ତଳକୁ ବାଇକ୍ ଖସି ୨ ଜଣଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ଉମରକୋଟ ବ୍ଲକ ଗୋଇଦୌଡ଼ି ଗ୍ରାମର ବଳରାମ ମୁଦୁଲି ଓ ଡାବୁଗାଁ ଥାନା ଅଧୀନ ସିଉନାଗୁଡ଼ା ଗ୍ରାମର ରଇନା ଜାନୀ।

ସୂଚନାନୁଯାୟୀ, ରବିବାର ରାତି ପ୍ରାୟ ୧୨.୩୦ରେ ଉଭୟ ବଳରାମ ଓ ରଇନା ଏକ ବାଇକ୍ (ଓଡି-୨୪ଜେ-୪୨୧୦)ରେ ନବରଙ୍ଗପୁର ବ୍ଲକ ଲୋଦିଯୋଡ଼ିକୁ ଯାଉଥିଲେ। ପାପଡ଼ାହାଣ୍ଡିଠାରେ ତୁରି ନଦୀ ପୋଲ କାମ ଚାଲୁଥିବାରୁ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଏହାର ଅନତି ଦୂରରୁ ମାଟି ବିଛାଇ ରଖାଯାଇଛି। ବଳରାମ ଭାରସାମ୍ୟ ହରାଇ ମାଟିଗଦା ଉପରେ ଚଢ଼ାଇ ଦେଇଥିଲେ। ଫଳରେ ଉଭୟ ପୋଲ ତଳକୁ ଖସିପଡ଼ି ଗୁରୁତର ହୋଇଥିଲେ। ପୋଲ ନିର୍ମାଣରେ କାର୍ଯ୍ୟରତ କେତେଜଣ ଶ୍ରମିକ ଦୁର୍ଘଟଣା ସମ୍ପର୍କରେ ଜାଣିବା ପରେ ଉଭୟଙ୍କୁ ଉଦ୍ଧାର କରିଥିଲେ। ସେମାନେ ୧୦୮ ଆମ୍ବୁଲାନ୍ସ ଯୋଗେ ଗୁରୁତରଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସମୟରେ ବାଟରେ ହିଁ ଉଭୟଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଉଭୟ ମୃତକଙ୍କ ବାପା ସୋମବାର ଅପରାହ୍ନରେ ପାପଡ଼ାହାଣ୍ଡି ଥାନାରେ ଏତଲା ଦେଇଥିଲେ। ପୋଲିସ କେସ୍ ନଂ.୫୦/୨୪ରେ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ତଦନ୍ତକାରୀ ଅଧିକାରୀ ଶିବ ପ୍ରସାଦ ଦଳେଇ ସୂଚନା ଦେଇଛନ୍ତି।

# ନୂଆପାଲିକୁ ହରାଇ ଘଣ୍ଟପାଲି ଚାମ୍ପିୟନ

## ମା'ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ

ଅମରପାଲି,୨୬।୨ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଦେଉଳମୁଣ୍ଡା ଖେଳପଡ଼ିଆରେ ହେଉଥିବା ସପ୍ତମ ମା'ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ରେ ନୂଆପାଲିକୁ ହରାଇ ଘଣ୍ଟପାଲି ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ତିନିଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟରେ ନୂଆପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରତ ୧୨ ଓଭର ରେ ୬ ଉଇକେଟ ହରାଇ ୯୦ ରନ କରିଥିଲା। ଜବାବରେ ଘଣ୍ଟପାଲି ଦଳ ନିର୍ଦ୍ଧାରତ ୧୧.୪ ଓଭର ରେ ୬ ଉଇକେଟ ହରାଇ ୯୧ ରନ କରିଥିଲା। ଦିତୀୟ ଫର୍ମାଟ ରେ ନୂଆପାଲି ନିର୍ଦ୍ଧାରତ ୮ ଓଭର ରେ ୫ ଉଇକେଟ ହରାଇ ୯୦ ରନ କରିଥିଲା। ଜବାବରେ ଘଣ୍ଟପାଲି ଦଳ ନିର୍ଦ୍ଧାରତ ୮ ଓଭର ରେ ୪ ଉଇକେଟ ହରାଇ ୮୨ ରନ କରିଥିଲା। ଉଭୟ ଦଳ ଗୋଟିଏ ଲେଖାଏଁ ଫର୍ମାଟ ରେ ବିଜୟୀ ହେବାରୁ ତୃତୀୟ ଫର୍ମାଟ ଖେଳ ହୋଇଥିଲା। ତୃତୀୟ ଫର୍ମାଟ ରେ ନୂଆପାଲି ଦଳ ୨ ଓଭର ରେ ୨୮ ରନ କରିଥିବା ବେଳେ ଘଣ୍ଟପାଲି ୧.୪ ଓଭରେ ୨୯ ରନ କରି ବିଜୟୀ ହୋଇଥିଲା। ଫଳରେ ଘଣ୍ଟପାଲି ଦଳ ଚାମ୍ପିୟନ ହୋଇଥିଲା।ଶୁଭ୍ରାଂଶୁ ଶେଖର ପାଢ଼ୀଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଟୁର୍ନାମେଣ୍ଟ ପରିଚାଳନା କମିଟିର ସଭାପତି ଶୁଭେନ୍ଦୁ ଚାନ୍ଦ ଅଧ୍ୟକ୍ଷତା କରିଥିଲେ। ବୀରମହାରାଜପୁର ଜୋନ-୧ ଜିଲା ପରିଷଦ ସଭ୍ୟ ଲବ କୁମାର ସାହୁ ମୁଖ୍ୟଅତିଥି ଏବଂ ଆଇନଜୀବୀ ଶ୍ରୀନିବାସ ଚାନ୍ଦ, ଧୀରେନ୍ଦ୍ର ବାଘ, ରାଧାକାନ୍ତା ବାଘ, ବ୍ୟମକେସ ପଣ୍ଡା , ଗୋପବନ୍ଧୁ ଭୋଇ , ବିଦ୍ୟାଧର ଖୁର୍ଦ୍ଦିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଘଣ୍ଟପାଲିକୁ ନଗଦ ଅର୍ଥ ରାଶି ସହିତ ଟ୍ରଫି ଏବଂ ଉପବିଜେତା ନୁଆପାଲି ଦଳକୁ ନଗଦ ଅର୍ଥ ରାଶି ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଫାଇନାଲ ମ୍ୟାଚକୁ ରଞ୍ଜିତ ଚାନ୍ଦ ଓ ଅଜିତ ଚାନ୍ଦ ଖେଳ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟ କୁ ଦେଉଳମୁଣ୍ଡା ମାହେଶ୍ୱରୀ କ୍ରିକେଟ ସଂଘର କର୍ମକର୍ତ୍ତା ଆୟୋଜନ କରିଥିଲେ।

# ପାଟଣାଗଡ଼ରେ ବଡି ବିଲ୍ଡିଂ ପ୍ରତିଯୋଗିତା



ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

ପାଟଣାଗଡ, ୨୬।୨ (ସଚ୍ଚିଦାନନ୍ଦ ମହାକୁର)

ପାଟଣାଗଡ ଗଙ୍ଗାଧର ପାର୍କରେ ପ୍ରଥମକରି କଳିଙ୍ଗ ବଡି ବିଲ୍ଡିଂ ଆସୋସିଏଶନ ପକ୍ଷରୁ ବଡି ବିଲ୍ଡିଂଙ୍କ ପ୍ରତୀଯୋଗିତା ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନ ସଭାପତି ପ୍ରତୀକ ନାଏକ, ରାଜ୍ୟ ସାଧାରଣ ସମ୍ପାଦକ ସନ୍ତୋଷ ମହାନ୍ତି ଓ ପୀକୁ ପାଣିଗ୍ରାହୀମ୍ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ମହିଳା ଓ ପୁରୁଷ ପ୍ରତିଯୋଗୀଙ୍କ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ପୂର୍ବତନ ଏମ୍ପି କଳିକେଶ ନାରାୟଣ ସିଂଦେଓ, ଆକାଶ ମିଶ୍ର, ରମେଶ ପୁରୋହିତ, ବଳରାମ ବର୍ଗର୍ତ୍ତି, ସତ୍ୟ ପାଣିଗ୍ରାହୀ, ଶିବାନନ୍ଦ ପରିଚ୍ଛା ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରୁ ଭାଗ ନେଇଥିବା ୬୫ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ।

# ୪ ଦିନରେ ଚାର୍ଜଶିଟ୍, ଶୁଣାଣି ଆରମ୍ଭ

## ବିଦେଶିନୀଙ୍କୁ ଅସଦାଚରଣ, ଲିଙ୍ଗରାଜ ମନ୍ଦିର ସେବାୟତ ଗିରଫ ଘଟଣା

ଭୁବନେଶ୍ୱର,୨୬।୨(ସତ୍ୟଜିତ୍ ରାଉତ)

ଶ୍ରୀଲିଙ୍ଗରାଜ ମନ୍ଦିର ନିକଟରେ ଜଣେ ବିଦେଶିନୀଙ୍କୁ ଅସଦାଚରଣ ମାମଲାରେ ଗିରଫ ହୋଇ ଜେଲ ଯାଇଛନ୍ତି ସେବାୟତ କୁନ୍ଦନ ମହାପାତ୍ର ଓରଫ କୁଣ୍ଟୁ। ଏହି ମାମଲାକୁ କମିଶନରେଟ ପୋଲିସ ଗୁରୁତ୍ୱର ସହ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବାବେଳେ ମାତ୍ର ୪ଦିନରେ ଭୁବନେଶ୍ୱର ଏସ୍ଡିଜେଏମ୍ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଛି। ଫଳରେ ସୋମବାରଠାରୁ ଏହି ମାମଲାରେ ଶୁଣାଣି ଆରମ୍ଭ ହୋଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଭୁବନେଶ୍ୱର ପୋଲିସ ସମସ୍ତ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଅଧିକ ଗୁରୁତ୍ୱ ହେଉଥିବା ଡିସିପି ପ୍ରତୀକ ସିଂ କହିଛନ୍ତି।

ସୂଚନାଯୋଗ୍ୟ, ପୀଡିତା ସ୍ୱିଡେନ୍ର ୨୮ ବର୍ଷୀୟା ଯୁବତୀ ଓଡ଼ିଶା ଭ୍ରମଣରେ ଆସି ଭୁବନେଶ୍ୱରରେ ପହଞ୍ଚିଥିଲେ। ଫେବୃଆରୀ ୧୯ରେ ସେ ପ୍ରଭୁ ଲିଙ୍ଗରାଜଙ୍କୁ ଦର୍ଶନ ପାଇଁ ଚାହିଁଥିଲେ ମଧ ବାରଣ ଥିବାରୁ ସମ୍ଭବ ହୋଇପାରି ନ ଥିଲା। ତେଣୁ ଅଭିଯୁକ୍ତ ସେବାୟତ କୁଣ୍ଟୁ ତାଙ୍କୁ ପାର୍ଶ୍ୱ ମନ୍ଦିର ବୁଲାଇ ଦେବାକୁ କହି ଅପରାହ୍ନ ପ୍ରାୟ ୨ଟାରେ ଉତ୍ତରଦ୍ୱାର ନିକଟ ଟାୱାର ପାଖକୁ ନେଇ ଅସଦାଚରଣ କରିଥିଲେ। ବିଦେଶିନୀ ଜଣକ ପ୍ରତିବାଦ କରିବାରୁ ଅଭିଯୁକ୍ତ କୁଣ୍ଟୁ ଏହା ଆମ ସଂସ୍କୃତି ଓ ପରମ୍ପରା ବୋଲି କହିବା ସହ ଧମକ ଦେଇଥିଲେ। ବିଦେଶିନୀ ସେଠାରୁ ଖସି ଆସିବା ପରେ ଲିଙ୍ଗରାଜ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୩୫/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ୨୦ ତାରିଖରେ ଅଭିଯୁକ୍ତ କୁଣ୍ଟୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

## ପ୍ରଥମ ପୃଷ୍ଠାରୁ

### ପ୍ରଶ୍ନପତ୍ର ପୁଣି...

ହେଲେ ପରୀକ୍ଷା ହଲ୍ରୁ ପରୀକ୍ଷାର୍ଥୀ ବାହାରିବା ପରେ ଭାଇରାଲ ପ୍ରଶ୍ନପତ୍ର ଓ ପରୀକ୍ଷା ହୋଇଥିବା ପ୍ରଶ୍ନପତ୍ର ସମାନ ଥିବା ଜଣାପଡ଼ିଥିଲା। ପରେ ଏହି ଘଟଣାକୁ ନେଇ ସାରା ରାଜ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ତେବେ ନିର୍ଦ୍ଦିଷ୍ଟ ଭାବେ ଏହା କେଉଁ କେନ୍ଦ୍ରରୁ ଓ କେତେବେଳେ ଭାଇରାଲ୍ ହୋଇଛି ତାହା ଜଣାପଡ଼ିନାହିଁ। ମାତ୍ର ପରୀକ୍ଷା ସରିବା ପରେ ପୂର୍ବାହ୍ନ ୧୧ଟା ୪୫ରେ ପ୍ରଶ୍ନପତ୍ର ସୋସିଆଲ ମିଡିଆରେ ଉପଲବ୍ଧ ହୋଇଥିବା ବୋର୍ଡ ପକ୍ଷରୁ କୁହାଯାଇଛି। ଏଥିସହ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ଅଜବ ଉତ୍ତର ରଖିଛନ୍ତି। ଏଥିପାଇଁ ସେ ଗଣମାଧ୍ୟମ ଉପରେ ଦୋଷ ଲଦିଛନ୍ତି। ଏକ ନିର୍ଦ୍ଦିଷ୍ଟ ଗଣମାଧ୍ୟମ (ନାମ ନେଇ) ଏଭଳି କାରନାମା କରିଥିବା କହିଛନ୍ତି। ଏପରିକି ଯେଉଁ ଛାତ୍ରୀଛାତ୍ର ପ୍ରଶ୍ନପତ୍ର ସମାନ ଥିବା କହୁଛନ୍ତି, ସେମାନେ ମଧ୍ୟ ଉକ୍ତ ଗଣମାଧ୍ୟମ ନିର୍ଦ୍ଦେଶରେ ଏଭଳି ମନ୍ତବ୍ୟ ଦେଉଛନ୍ତି। ପରୀକ୍ଷା ଶୃଙ୍ଖଳିତ ଭାବେ ସରିଥିଲା। ଗଣମାଧ୍ୟମ ବିଶୃଙ୍ଖଳା ସୃଷ୍ଟି କରୁଛି ବୋଲି ବୋର୍ଡ ସଭାପତି ଅଭିଯୋଗ ଦୋହରାଇଛନ୍ତି। ସେହିଭଳି ବୋର୍ଡ ଉପସଭାପତି ଡ. ମହାନ୍ତି କହିଛନ୍ତି, ପରୀକ୍ଷା ଚାଲିଥିବା ସମୟରେ ପ୍ରଶ୍ନପତ୍ର ଭାଇରାଲ ନେଇ ବୋର୍ଡ ପାଖକୁ କୌଣସି ଅଭିଯୋଗ ଆସିଥିଲେ ନିଶ୍ଚୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାଆନ୍ତା।

ଅପରପକ୍ଷେ ଗଣିତ ପ୍ରଶ୍ନପତ୍ର ପ୍ରଘଟ ହେବା ସମ୍ପର୍କରେ କେନ୍ଦୁଝର ଜିଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ଘଟଣା ନେଇ ଖବର ପାଇବା ପରେ ଜିଲା ପ୍ରଶାସନ ପକ୍ଷରୁ ଅନୁସନ୍ଧାନ ଓ ତର୍ଜମା କରାଯାଇଥିଲା। କିନ୍ତୁ ପ୍ରସାରିତ ଖବରର କୌଣସି ସତ୍ୟତା ଓ ଆଧାର ନାହିଁ। ଏପରି ଅପପ୍ରଚାର କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉଥିବା କୁହାଯାଇଛି। ଏଡିଇଓ ଜଗବନ୍ଧୁ ସାହୁ କହିଛନ୍ତି, ଆମ ଜିଲାରେ କଡ଼ା ସୁରକ୍ଷା ବ୍ୟବସ୍ଥାରେ ନୋଡାଲ ସେଣ୍ଟରରେ ପ୍ରଶ୍ନପତ୍ର ସୁରକ୍ଷିତ ରଖାଯାଇ ପଠାଯାଉଛି। ଜିଲାର କୌଣସି କେନ୍ଦ୍ରରୁ ପ୍ରଶ୍ନପତ୍ର ଲିକ୍ ହୋଇନାହିଁ। ଅନ୍ୟ ଜିଲାରୁ ହ୍ୱାଟ୍ସ ଆପ୍ ମାଧ୍ୟମରେ ଆସିଥାଇପାରେ। ଅଯଥାରେ ଜିଲାକୁ ବଦ୍ନାମ କରାଯାଉଛି ବୋଲି ସେ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଗତ ୨୩ ତାରିଖରେ କେନ୍ଦୁଝର ଜିଲାର ଏକ ପରୀକ୍ଷା କେନ୍ଦ୍ରରୁ ଦ୍ୱିତୀୟ ଭାଷା ଇଂଲିଶ ପ୍ରଶ୍ନପତ୍ର ଲିକ୍ ହୋଇ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଚର୍ଚ୍ଚା ହୋଇଥିଲା।

### ଗଣିତରେ କପି...

ପରୀକ୍ଷା ପରିଚାଳନାକୁ ଶୃଙ୍ଖଳିତ କରିବା ପାଇଁ ବୋର୍ଡ ପକ୍ଷରୁ ୪୨ଟି ସ୍ପେଶାଲ ସ୍କ୍ୱାଡ୍, ୭୨ଟି ଫ୍ଲାଇଙ୍ଗ ସ୍କ୍ୱାଡ୍ ଓ ଜିଲା ପ୍ରଶାସନ ସ୍ତରରେ ୧ଟି ଲେଖାଏ ସ୍ୱତନ୍ତ୍ର ସ୍କ୍ୱାଡ୍ ବ୍ୟବସ୍ଥା ହୋଇଛି। ସିସିଟିଭି ଜରିଆରେ ଆର୍ଟିଫିସିଆଲ ସର୍ଭିଲାନ୍ସ (ଏଆଇ) ଉପଯୋଗରେ ପରୀକ୍ଷା ପରିଚାଳନାକୁ ବୋର୍ଡ ମୁଖ୍ୟାଳୟରୁ ନିୟନ୍ତ୍ରଣ କରାଯାଉଛି। ଏହାସତ୍ତ୍ୱେ କପି ହେଉଥିବା ନଜରକୁ ଆସିଛି। ମାଟ୍ରିକ ପରୀକ୍ଷା ସୂଚୀ ଅନୁଯାୟୀ, ଫେବୃଆରୀ ୨୮ରେ ତୃତୀୟ ଭାଷା, ମାର୍ଚ୍ଚ ୨ରେ ସାଧାରଣ ବିଜ୍ଞାନ ଏବଂ ମାର୍ଚ୍ଚ ୪ରେ ସାମାଜିକ ବିଜ୍ଞାନ ବିଷୟ ପରୀକ୍ଷା ହେବ।

### ପରଲୋକରେ ପଙ୍କଜ...

ତାରକା ଭାବେ ପ୍ରତିଷ୍ଠିତ କରାଇଥିଲା। ପରବର୍ତ୍ତୀ କେତେକ ଦଶନ୍ଧି ପର୍ଯ୍ୟନ୍ତ ସେ ମେହଫିଲ, ମୁକରାର, ଆଫ୍ରିନ୍ ଆଦି ଆଲବମ୍ ଜରିଆରେ ବିଶ୍ୱବ୍ୟାପୀ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରାଇବା ସହ ଅଜସ୍ର ସମ୍ମାନ ପାଇଥିଲେ। ୨୦୦୬ରେ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏତେସବୁ ସଫଳତା ସତ୍ତ୍ୱେ ପଙ୍କଜ ତାଙ୍କ ପ୍ରଶଂସକ ଏବଂ ସହକର୍ମୀମାନଙ୍କ ପ୍ରତି ବିନୟୀ ଥିଲେ। ସଙ୍ଗୀତକୁ ସେ ପେସା ଅପେକ୍ଷା ଆଧ୍ୟାତ୍ମିକ ଆହ୍ୱାନ ଭାବେ ବିବେଚନା କରୁଥିଲେ। ତାଙ୍କ ପରଲୋକରେ ସଙ୍ଗୀତ ଜଗତ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

### ଦୁର୍ଘଟଣାରେ ୩...

ନରଣପୁର ଗାଁର ବୀରେନ ଦାସଙ୍କ ସୂଚନା ଅନୁଯାୟୀ, ପ୍ରତିବର୍ଷ ଜାଗର ସମୟରେ ଗାଁର ମା' କାଳୀ ଡ୍ରାମାଟିକ୍ କ୍ଲବ ପକ୍ଷରୁ ନାଟକ କରାଯାଇଥାଏ। ଏହି ଯାତ୍ରା ପାଇଁ ବିଭିନ୍ନ ସ୍ଥାନରୁ ମଞ୍ଚ କଳାକାରମାନଙ୍କୁ ଅଣାଯାଇଥାଏ। ଚଳିତବର୍ଷ ବିଭିନ୍ନ ସ୍ଥାନରୁ ମହିଳା ମଞ୍ଚ କଳାକାରଙ୍କୁ ନାଟକର ରିହରସାଲ ପାଇଁ ଅଣାଯାଇଥିଲା। ରବିବାର ରାତିରେ ରିହରସାଲ ପରେ ସେହି କଳାକାରଙ୍କୁ କେନ୍ଦ୍ରାପଡ଼ାରେ ଛାଡ଼ିବା ପାଇଁ ଗାଁର ୨ଜଣ ବେଲେରୋ(ଓଡି ୦୫ ବିଏ ୮୯୦୧)ରେ ନରଣପୁରରୁ ଯାଇଥିଲେ। ହଳଦୀଢିଅଠାରେ ବୋଲେରୋ ଦୁର୍ଘଟଣାରେ କଳାକାରମାନଙ୍କ ମୃତ୍ୟୁ ଏବେ ଗ୍ରାମରେ ଶୋକର ଛାୟା ଖେଳାଇଦେଇଛି। ପ୍ରତ୍ୟକ୍ଷଦର୍ଶୀ କଂସାର ଗାଁର ନିରଞ୍ଜନ ପରିଡା କହିଛନ୍ତି, ବେଲେରୋଟି ବହୁ ସ୍ପିଡ୍ରେ ଆସି ହଳଦୀଢିଅ ବୁଲାଣି ନିକଟରେ ଥିବା କେନାଲକୂଳ ଗଛରେ ବାଡେଇ ହୋଇଯାଇଥିଲା। ଭାରସାମ୍ୟ ହରାଇଥିବା ଏହି ଗାଡ଼ିଟି ଆଗପଟ ଚୂରମାର ହେବା ସହ ଭିତରେ ଥିବା ଲୋକଙ୍କ ଅବସ୍ଥା ଗୁରୁତର ଥିଲା। ଦମକଳ ବାହିନୀ ଓ ଆମ୍ବୁଲାନ୍ସ ଦ୍ୱାରା ଗାଡ଼ିକୁ ଗ୍ୟାସ୍ କଟରରେ କାଟି ୨ ଜଣଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ବୁଲାଣି ସମ୍ପର୍କରେ କୌଣସି ସୂଚନା ରହୁ ନ ଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ହେବା ସମ୍ଭାବନା ବଢୁଛି। ମୁଖ୍ୟ ଚିକିତ୍ସାଧାରୀ ଡା. ଦେବାଶିଷ ସାହୁ କହିଛନ୍ତି , ୩ ମହିଳାଙ୍କର ମୃତଦେହ ଏଠାରେ ପହଞ୍ଚିଥିଲା। ଅନ୍ୟ ୪ ଗୁରୁତରଙ୍କ ଅବସ୍ଥା ଖରାପ ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ମେଡିକାଲକୁ ପଠାଯାଇଛି। ଏହି ଦୁର୍ଘଟଣା ସମ୍ପର୍କରେ ସଦର ଥାନା ଅଧିକାରୀ ସରୋଜ କୁମାର ସାହୁଙ୍କ ନେତୃତ୍ୱରେ ତଦନ୍ତ ଆରମ୍ଭ ହୋଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୨୭/୨୦୨୪ Bhubaneswar, Tuesday, February 27/2024






# ବରମୁଣ୍ଡା ବସ୍ ଟର୍ମିନାଲରେ ହେବ ପୋଲିସ୍ ଆଉଟପୋଷ୍ଟ

## ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି

### ନିଯୁକ୍ତି ପାଇବେ ୮୯ ପୋଲିସ୍ କର୍ମଚାରୀ

ଭୁବନେଶ୍ୱର,୨୬।୨(ଅନିଲ ଦାସ)

ଭୁବନେଶ୍ୱର ବରମୁଣ୍ଡା ଡ. ବାବା ସାହେବ ଭୀମରାଓ ଆମ୍ବେଡକର ବସ୍ ଟର୍ମିନାଲରେ ଏକ ପୋଲିସ୍ ଆଉଟପୋଷ୍ଟ ପ୍ରତିଷ୍ଠା କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଷ୍ପତ୍ତି ନେଇଛନ୍ତି। ଏଥିରେ ୮୯ ଜଣ ପୋଲିସ୍ କର୍ମଚାରୀ ନିଯୁକ୍ତି ପାଇବେ। ସେମାନଙ୍କ ମଧ୍ୟରୁ ୨ଜଣ ସବ୍-ଇନ୍ସପେକ୍ଟର, ୯ଜଣ ଆସିଷ୍ଟାଣ୍ଟ ସବ୍-ଇନ୍ସପେକ୍ଟର, ୪ଜଣ ହାବିଲଦାର, ୭୨ଜଣ କନ୍ଷ୍ଟେବଲ ଓ ୨ଜଣ ଡ୍ରାଇଭର ରହିବେ।

ସୂଚନାଯୋଗ୍ୟ, ୫-ଟି ଉପକ୍ରମରେ ଏହି ଆନ୍ତଃ ରାଜ୍ୟ ବସ୍ ଟର୍ମିନାଲର ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖୁବ୍‌ଶୀଘ୍ର ଏହା ଲୋକାର୍ପିତ ହେବ। ଏଠାକୁ ଦୈନିକ ୭୦୦ରୁ ୮୦୦ ବସ୍ ଯାତାୟାତ କରିବ। ଭବିଷ୍ୟତରେ ବସ୍ ସଂଖ୍ୟା ୧୭୦୦ରୁ ୧୮୦୦କୁ ବୃଦ୍ଧି ପାଇପାରେ। ଏଥିସହିତ ଦୈନିକ ୩୫ରୁ ୪୫ ହଜାର ଯାତ୍ରୀ ମଧ୍ୟ ଯିବା ଆସିବା କରିବେ ବୋଲି ଆକଳନ କରାଯାଇଛି।

୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ବିଭିନ୍ନ ସମୟରେ ନିର୍ମାଣାଧୀନ ଟର୍ମିନାଲକୁ ଯାଇ ଏହାର ଅଗ୍ରଗତି ସମୀକ୍ଷା କରିବା ସମୟରେ ଅଧିକାରୀ ଓ ସ୍ଥାନୀୟ ଲୋକମାନଙ୍କ ସହିତ ଯାତ୍ରୀଙ୍କ ସୁରକ୍ଷା ଓ ସୁବିଧା ପାଇଁ ଏଠାରେ ଏକ ପୋଲିସ୍ ଆଉଟପୋଷ୍ଟ ପାଇଁ ପ୍ରସ୍ତାବ ଆସିଥିଲା। ଏ ବିଷୟରେ ପାଣ୍ଡିଆନ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିବା ପରେ ଏଠାରେ ପୋଲିସ୍ ଆଉଟପୋଷ୍ଟ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ଗ୍ରହଣ କରିଛନ୍ତି।

ଏହି ଟର୍ମିନାଲରେ ଯାତ୍ରୀଙ୍କ ପାଇଁ ରେଷ୍ଟୁରାଣ୍ଟ, ବହୁତଳ କାର ପାର୍କିଂ, ଆହାର କେନ୍ଦ୍ର, ଯାତ୍ରୀଙ୍କ ପାଇଁ ପିକ୍ ଅପ ଏବଂ ଡ୍ରପ ଅଫ୍ ସୁବିଧା, ୧୪୪ଟି ବସ୍ ବେ, ସିଟି ବସ୍ ପାଇଁ ବସ୍ ବେ ଓ ଦୋକାନ ବଜାର ଅନେକ ସୁବିଧା ରହିବ। ଏଥିପାଇଁ ଏଠାରେ ସୁରକ୍ଷା ବ୍ୟବସ୍ଥାର ଗୁରୁତ୍ୱ ଯଥେଷ୍ଟ ଅଧିକ ରହୁଛି।

# ୨୮ରେ ଓଡ଼ିଶା ଆସିବେ ବିଲ୍ ଗେଟ୍ସ

ଭୁବନେଶ୍ୱର, ୨୬।୨(ଅସମାପିକା ସାହୁ)

ମାଇକ୍ରୋସଫ୍ଟ ସହ-ପ୍ରତିଷ୍ଠାତା ବିଲ୍ ଗେଟ୍ସ ଆସନ୍ତା ୨୮ ତାରିଖରେ ଓଡ଼ିଶା ଆସିବେ। ସେ କୃଷି ଭବନରେ କୃଷି ସମୀକ୍ଷା କେନ୍ଦ୍ର ପରିଦର୍ଶନ କରିବେ। ଏହାସହ ରାଜ୍ୟର କୃଷି ବିକାଶ କାର୍ଯ୍ୟକ୍ରମକୁ ଅନୁଧ୍ୟାନ କରିବେ। ବିଶେଷକରି କୃଷି ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଯୋଜନା ଓ ପଦକ୍ଷେପ ଯଥା ବିଲ୍ ଗେଟ୍ସ କାଳିଆ, ମିଶନ ଶକ୍ତି, ମୁଖ୍ୟମନ୍ତ୍ରୀ କୃଷି ଯୋଜନା, କୃଷି ବିବିଧକରଣ, ମାଟିର ଆର୍ଦ୍ରତାକୁ ନେଇ ଚାଷ, ୧୮୦ ବ୍ଲକ୍‌ରେ ମିଲେଟ ମିଶନ, ମହିଳା ଚାଷୀଙ୍କ ଆତ୍ମନିଯୁକ୍ତି, ମାଣ୍ଡିଆର ଅନ୍ତର୍ଜାତୀୟସ୍ତରୀୟ ପ୍ରସାରର ସଫଳ ରୂପାୟନ ସମ୍ପର୍କରେ ଜାଣିବେ। କମ୍ ସମୟ ଭିତରେ ଏତେସବୁ କୃଷି ଯୋଜନାକୁ ତୃଣମୂଳସ୍ତରରୁ ଅନ୍ତର୍ଜାତୀୟସ୍ତର ଯାଏ କିପରି ନିଆଗଲା, ତାକୁ ସେ ଅନୁଧ୍ୟାନ କରିବେ ବୋଲି କୃଷି ଉପଦେଷ୍ଟା ରାମ ଚନ୍ଦ୍ର ପଣ୍ଡା କହିଛନ୍ତି। ସୂଚନାଯୋଗ୍ୟ, ୨୦୧୭ରେ ବିଲ୍ ଗେଟ୍ସ ଫାଉଣ୍ଡେଶନ ସହ ଓଡ଼ିଶା ସରକାରଙ୍କ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା, ଯାହା ଜରିଆରେ ବୈଷୟିକ ପ୍ରଣାଳୀରେ କ୍ଷୁଦ୍ରଚାଷୀଙ୍କ ଆୟ ବୃଦ୍ଧି କରାଯିବା ଲକ୍ଷ୍ୟ ନେଇ ଯୋଜନା ହୋଇଥିଲା। ବିଲ୍ ଗେଟ୍ସ ଫାଉଣ୍ଡେଶନ ଏଥିପାଇଁ ବୈଷୟିକ ସହାୟତା ଯୋଗାଉଛି। ଓଡ଼ିଶା ଗସ୍ତ ସମୟରେ ବିଲ ଗେଟ୍ସ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିବାର ମଧ୍ୟ କାର୍ଯ୍ୟକ୍ରମ ରହିଛି।







ଧରିତ୍ରୀ DHARITRI
ଧରିତ୍ରୀ 50 Years
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୨୭/୨୦୨୪ Bhubaneswar, Tuesday, February 27/ 2024

# ବେପରୁଆ ଖେଳାଳିଙ୍କୁ ରୋହିତଙ୍କ ଚେତାବନୀ

## 'ସଫଳତା ପାଇଁ ଭୋକିଲା ଖେଳାଳିଙ୍କୁ ସୁଯୋଗ ଦିଆଯିବ'

ରାଞ୍ଚି, ୨୬।୨ (ପି.ଟି.)

କଠିନ ପରିଶ୍ରମ ବିନା ଜାତୀୟ ଦଳକୁ ଆସିବାକୁ ଚାହୁଁଥିବା ଖେଳାଳିଙ୍କୁ କଠୋର ବାର୍ତ୍ତା ଦେଇଛନ୍ତି ଅଧିନାୟକ ରୋହିତ ଶର୍ମା। ଯେଉଁ ଖେଳାଳିମାନେ 'ସଫଳତା ପାଇଁ ଭୋକିଲା' ସେମାନଙ୍କୁ ଟେଷ୍ଟ ଦଳରେ ସୁଯୋଗ ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି। ଚତୁର୍ଥ ଟେଷ୍ଟରେ ଇଂଲଣ୍ଡକୁ ହରାଇବା ସହ ଭାରତ ଘରୋଇ ପରିବେଶରେ କ୍ରମାଗତ ୧୭ ଥର ସିରିଜ ବିଜୟୀ ହୋଇଛି। ଯଶସ୍ୱୀ ଜୟସ୍ୱାଲ, ସର୍ଫରାଜ ଖାଁ, ଧ୍ରୁବ ଜୁରେଲ ଓ ଆକାଶ ଦୀପ୍‌ଙ୍କ ପରି ଯୁବ ଖେଳାଳି ଦଳର ଓଭରଅଲ୍ ସଫଳତାରେ ନିର୍ଣ୍ଣାୟକ ଭୂମିକା ନେଇଛନ୍ତି। ଏମାନଙ୍କ ପ୍ରଦର୍ଶନରେ ଅଧିନାୟକ ଖୁସି ଅଛନ୍ତି। ''ଯେଉଁ ଖେଳାଳିଙ୍କର ଭୋକ ଅଛି ଆମେ ସେମାନଙ୍କୁ ସୁଯୋଗ ଦେବୁ। ଭୋକ ନ ଥିବା ଖେଳାଳିଙ୍କୁ ଖେଳାଇବାର କୌଣସି ମତଲବ ନାହିଁ'' ବୋଲି ରୋହିତ ଦୃଢ଼ ବାର୍ତ୍ତା ଦେଇଛନ୍ତି। ଏହାଦ୍ୱାରା ଭଲ ପ୍ରଦର୍ଶନ ପାଇଁ ବ୍ୟଗ୍ର ନ ଥିବା ଖେଳାଳିଙ୍କୁ ଟିମ୍ ମ୍ୟାନେଜମେଣ୍ଟ ସୁଯୋଗ ଦେବାକୁ ଆଗ୍ରହୀ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। କିଛିଦିନ ତଳେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଈଶାନ କିଶନ ଓ ଶ୍ରେୟସ ଆୟରଙ୍କ ଭଳି ଖେଳାଳିଙ୍କୁ ରଣଜୀ ଟ୍ରଫି ଖେଳିବା ପାଇଁ ପରାମର୍ଶ ଦେଇଥିଲା, ମାତ୍ର ସେମାନେ ଏହାକୁ ଅଣଦେଖା କରିଥିଲେ। ଏବେ ରୋହିତଙ୍କ ମନ୍ତବ୍ୟ ଅନେକ ଦିଗ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

''ଏବେ ଦଳରେ ଥିବା କୌଣସି ଖେଳାଳି ସଫଳତା ପାଇଁ ଭୋକିଲା ନ ଥିବା ମୁଁ ଅନୁଭବ କରୁନାହିଁ। ଦଳରେ ଥିବା ଖେଳାଳି ଓ ନ ଥିବା ଖେଳାଳିମାନେ ଜାତୀୟ ଦଳରେ ରହିବାପାଇଁ ଇଚ୍ଛା ରଖଥାନ୍ତି। ମାତ୍ର ଟେଷ୍ଟ କ୍ରିକେଟ ପାଇଁ ସୁଯୋଗ ଖୁବ୍ କମ୍ ଥାଏ। ଯଦି କେହି ଏହାର ସଦୁପଯୋଗ ନ କରେ ତେବେ ତା'ର ମୂଲ୍ୟ ଦେବାକୁ ପଡ଼େ'' ବୋଲି ରୋହିତ କହିଛନ୍ତି। ୨୫ ବର୍ଷୀୟ କିଶନ ଝାଡ଼ଖଣ୍ଡ ପକ୍ଷରୁ ରଣଜୀ ଟ୍ରଫି ଖେଳି ନ ଥିଲେ। ମାତ୍ର ସେ ଆସନ୍ତା ମାସରୁ ଆରମ୍ଭ ହେବାକୁ ଯାଉଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ ପାଇଁ ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସହ ବରୋଦାରେ ଅଭ୍ୟାସ କରୁଥିବା ପରିଲକ୍ଷିତ ହୋଇଛି। ରୋହିତ କୌଣସି ଖେଳାଳିଙ୍କ ନାମ ନେଇ ନ ଥିଲେ ମଧ୍ୟ ଟିମ୍ ମ୍ୟାନେଜମେଣ୍ଟର କଠୋର ଚୟନ ପ୍ରକ୍ରିୟା ସମ୍ପର୍କରେ ସୂଚନା ଦେଇଛନ୍ତି। ''ଜଣା ପଡ଼ିଯାଇଥାଏ ଯେ, କେଉଁ ଖେଳାଳିଙ୍କର ଭୋକ ନାହିଁ ଏବଂ ଏହି ଫର୍ମାଟରେ ରହିବାକୁ ଚାହାନ୍ତି ନାହିଁ। ଯେଉଁମାନଙ୍କର ଭୋକ ରହିଛି ସେମାନେ କଷ୍ଟସାଧ୍ୟ କଣ୍ଡିଶନରେ ଖେଳିବାକୁ ପସନ୍ଦ କରିଥାନ୍ତି। ଆମେ ସେମାନଙ୍କୁ ଅଗ୍ରାଧିକାର ଦେବୁ। ଏହା ଅତି ସାଧାରଣ କଥା'' ବୋଲି ରୋହିତ ପ୍ରକାଶ କରିଛନ୍ତି। ଇଂଲଣ୍ଡ ବିପକ୍ଷରେ ଭାରତର ଶେଷ ୩ ଟେଷ୍ଟ ବିଜୟ ସହଜରେ ଆସିନାହିଁ। ଏଥିପାଇଁ ବୋଲର ଓ ବ୍ୟାଟରଙ୍କୁ ଦକ୍ଷତା ଦେଖାଇବାକୁ କଷ୍ଟ କରିବାକୁ ପଡ଼ିଛି। ଏହି ଅବସରରେ ରୋହିତ ୨ଟି ଦ୍ୱିଶତକ ହାସଲ କରିଥିବା ଯଶସ୍ୱୀ ଜୟସ୍ୱାଲ ଏବଂ ଧ୍ରୁବ ଜୁରେଲଙ୍କୁ ଭୂୟସି ପ୍ରଶଂସା କରିଛନ୍ତି। ଏମାନଙ୍କ ମ୍ୟାଚ ବିଜୟୀ ଇନିଂସ ପାଇଁ ବିଜୟ ସମ୍ଭବ ହେଲା ବୋଲି ସେ କହିଛନ୍ତି।



ଧ୍ରୁବ ଜୁରେଲ ଓ ଶୁବମନ ଗିଲ୍‌ଙ୍କୁ ଅଭିନନ୍ଦନ ଜଣାଉଛନ୍ତି ରୋହିତ ଶର୍ମା।

# ଓଡ଼ିଶାର ରଞ୍ଜିତାଙ୍କ ପ୍ରଶଂସନୀୟ ପ୍ରଦର୍ଶନ

## ଖେଲୋ ଇଣ୍ଡିଆ ଶୀତକାଳୀନ କ୍ରୀଡ଼ା

ଭୁବନେଶ୍ୱର, ୨୬।୨
(ତପନ ସ୍ୱାଇଁ)

ଓଡ଼ିଶାର 'ସ୍ନୋ ଗର୍ଲ' ରଞ୍ଜିତା ବେହେରା ଜମ୍ମୁ-କଶ୍ମୀରର ଗୁଲମାର୍ଗଠାରେ ଚଳିତ ମାସ ୨୧ରୁ ୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ଖେଲୋ ଇଣ୍ଡିଆ ଶୀତକାଳୀନ କ୍ରୀଡ଼ାରେ ପ୍ରଶଂସନୀୟ ପ୍ରଦର୍ଶନ କରି ରେସ୍ ଫିନିଶ୍ କରିଛନ୍ତି। ଏହି ପ୍ରତିଯୋଗିତାର ଆଲପାଇନ୍ ସ୍କି ଇଭେଣ୍ଟରେ ସେ କ୍ରମାଗତ ତୃତୀୟ ଥରପାଇଁ ଭାଗ ନେଇଥିଲେ। ଆଲପାଇନ୍ ସ୍କିରେ ଭାଗ ନେଇଥିବା ମହିଳା ସ୍କିୟରଙ୍କ ମଧ୍ୟରେ ଆଞ୍ଚଲ ଠାକୁର, ଅମିଶା ଚୌହାନ ଓ ମିଶାଲ କନୱାଲଙ୍କ ସହ ରଞ୍ଜିତାଙ୍କ ପ୍ରଦର୍ଶନ ଚର୍ଚ୍ଚାରେ ରହିଥିଲା। ସବୁଠାରୁ ବଡ଼ କଥା ହେଲା ଆଞ୍ଚଲ ଓ ମିଶାଲ ହିମାଚଳ ପ୍ରଦେଶର ହୋଇଥିବାରୁ ଏବଂ ଉତ୍ତରାଖଣ୍ଡର ଅମିଶା ପିଲାଟି ଦିନରୁ ବରଫ ସହ ଅଭ୍ୟସ୍ତ। ଏମାନେ ଛୋଟ ବେଳକୁ ବରଫରେ ଅଭ୍ୟାସ କରି ଆସିଛନ୍ତି। ଅମିଶା ଏଭରେଷ୍ଟ ଆରୋହଣ ମଧ୍ୟ କରି ସାରିଛନ୍ତି। ଏପରି ସ୍ଥିତିରେ ଓଡ଼ିଶାରୁ ଯାଇ ସେମାନଙ୍କ ସମକକ୍ଷ ପ୍ରଦର୍ଶନ କରିବା ରଞ୍ଜିତାଙ୍କ ପାଇଁ ଏକ ବଡ଼ ଉପଲବ୍ଧି ନିଶ୍ଚିତ। ହିମାଚଳ ପ୍ରଦେଶ, କଶ୍ମୀର, ଉତ୍ତରାଖଣ୍ଡ, ଇଣ୍ଡିଆନ ଆର୍ମି ଏବଂ ଇଣ୍ଡୋ ତିବ୍ବତ ପୋଲିସର ନାମୀ ଏବଂ ଅଭିଜ୍ଞ ଖେଳାଳିଙ୍କ ଉପସ୍ଥିତି ସତ୍ତ୍ୱେ ରଞ୍ଜିତାଙ୍କ ପ୍ରଦର୍ଶନ ଚର୍ଚ୍ଚାରେ ରହିଥିଲା। ଏବେ ସେ ଏହି କ୍ରୀଡ଼ାରେ ଏକ ପରିଚିତ ନାମ ହୋଇଯାଇଛନ୍ତି। ଆଞ୍ଚଲ, ମିଶାଲ, ଅମିଶା ଓ ରଞ୍ଜିତା ପ୍ରତିଯୋଗିତା ସମୟରେ ପରସ୍ପରକୁ ପ୍ରତିଦ୍ୱନ୍ଦ୍ୱୀ ବୋଲି ଭାବି ନ ଥାନ୍ତି। ବନ୍ଧୁଭାବେ ପରସ୍ପରକୁ ସମର୍ଥନ କରିଥାନ୍ତି। ଏପରି ପ୍ଲାଟଫର୍ମ ଯୋଗାଇଥିବାରୁ ଖେଲୋ ଇଣ୍ଡିଆକୁ ଧନ୍ୟବାଦ ଜଣାଇଛନ୍ତି ରଞ୍ଜିତା। ଏପରି ପଦକ୍ଷେପ ଦେଶରେ ଶୀତକାଳୀନ କ୍ରୀଡ଼ାକୁ ପ୍ରୋତ୍ସାହିତ କରିବ ବୋଲି ସେ କହିଛନ୍ତି।

ଖେଲୋ ଇଣ୍ଡିଆ ପ୍ରତିଯୋଗିତା ପାଇଁ ରାଉରକେଲାର ରଞ୍ଜିତା କିଛିଦିନ ତଳେ ୟୁରୋପର ଆଲ୍‌ପସରେ ତାଲିମ ନେଇଥିଲେ। ସେଠାରୁ ଫେରିବା ପରେ ଗୁଲମାର୍ଗରେ ନିଜର ପ୍ରସ୍ତୁତିକୁ ଜାରି ରଖିଥିଲେ। ଗତମାସରେ ଅଷ୍ଟ୍ରିଆର ସେଣ୍ଟ ମିଚେଲ୍‌ଠାରେ ଅନୁଷ୍ଠିତ ଆଲ୍‌ପାଇନ୍ ସ୍କି ପ୍ରତିଯୋଗିତାରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ ଏବଂ ଭଲ ପଏଣ୍ଟ ପାଇବାକୁ ସକ୍ଷମ ହୋଇଥିଲେ। ୟୁରୋପରେ ତାଲିମ ଫଳରେ ତାଙ୍କ ପ୍ରଦର୍ଶନରେ ବହୁତ ଉନ୍ନତି ହୋଇଛି ବୋଲି ପ୍ରକାଶ କରିଛନ୍ତି ରଞ୍ଜିତା। ସେଠାରେ ଅନେକ କିଛି ଶିଖିବାକୁ ମିଳିଥିଲା, ଯାହାକି ପରବର୍ତ୍ତୀ ପର୍ଯ୍ୟାୟରେ କାମ ଦେଉଛି। ଅନେକ ଭଲ ପ୍ରତିଯୋଗୀ ଅଯୋଗ୍ୟ ବିବେଚିତ ହୋଇଥିବାବେଳେ ସେ ରେସ୍ ଫିନିଶ୍ କରି ପାରିଥିଲେ। ତେଣୁ ପଦକ ହାସଲ ହୋଇ ନ ଥିଲେ ମଧ୍ୟ ନିଜ ପ୍ରଦର୍ଶନ ଓ ଟାଇମିଂରେ ସେ ସନ୍ତୁଷ୍ଟ ଅଛି ବୋଲି ପ୍ରକାଶ କରିଛନ୍ତି ଓଡ଼ିଶାର ଏହି ସାହସୀ ଯୁବତୀ।

ଖରାପ ପାଗ ଯୋଗୁ ଝାପ୍‌ସା ଦେଖା ଯାଉଥିବା ସତ୍ତ୍ୱେ ଆଲପାଇନ୍ ସ୍କିର ଉଭୟ ଇଭେଣ୍ଟରେ ରଞ୍ଜିତାଙ୍କ ଷ୍ଟାଇଲିଶ୍ ପ୍ରଦର୍ଶନରେ ପ୍ରଭାବିତ ହୋଇଛନ୍ତି ଖେଲୋ ଇଣ୍ଡିଆ ୱିଣ୍ଟର ଗେମ୍ସର ମ୍ୟାନେଜର ଦାୟିତ୍ୱରେ ଥିବା ରୌଫ ଟ୍ରାମ୍ବୋ। ଗତ ଦୁଇବର୍ଷ ତୁଳନାରେ ରଞ୍ଜିତାଙ୍କ ପ୍ରଦର୍ଶନରେ ଅନେକ ଉନ୍ନତି ହୋଇଛି। ବରଫ ପଡୁ ନ ଥିବା ଏକ ରାଜ୍ୟରୁ ଆସିଥିବା ଜଣେ ସ୍କିୟରଙ୍କ ନିକଟରୁ ଏପରି ପ୍ରଦର୍ଶନ କେବେ ଆଶା କରାଯାଇ ନ ଥାଏ। ମାତ୍ର ରଞ୍ଜିତା ଥଣ୍ଡା ମିଜାଜରେ ବରଫ ପରିବେଷ୍ଟିତ ରାଜ୍ୟରୁ ଆସିଥିବା ଅଭିଜ୍ଞ ଖେଳାଳିଙ୍କ ଉପସ୍ଥିତି ସତ୍ତ୍ୱେ ଯେପରି ପ୍ରଦର୍ଶନ କରିଛନ୍ତି ତାକୁ ଯେତେ ପ୍ରଶଂସା କଲେ କମ୍ ହେବ ବୋଲି ଟ୍ରାମ୍ବୋ କହିଛନ୍ତି। ୱିଣ୍ଟର ଅଲିମ୍ପିକ୍ସରେ ୬ ଥର ସ୍ୱର୍ଣ୍ଣ ପଦକ ବିଜେତା ତଥା ବର୍ତ୍ତମାନ ସ୍କି ଆଣ୍ଡ ସ୍ନୋବୋର୍ଡ ଇଣ୍ଡିଆ ଆଡହକ୍ କମିଟିର ଅଧ୍ୟକ୍ଷ ଥିବା ଶିବା କେଶବନ ମଧ୍ୟ ରଞ୍ଜିତାଙ୍କ ପ୍ରଦର୍ଶନକୁ ପ୍ରଶଂସା କରିଛନ୍ତି।



ୱିଣ୍ଟର ଅଲିମ୍ପିକ୍ସ ଚାମ୍ପିୟନ ଶିବା କେଶବନଙ୍କ ସହ ରଞ୍ଜିତା।

# କ୍ରିକେଟ ପ୍ରତିଯୋଗିତାକୁ ଫେରିଲେ ହାର୍ଦ୍ଦିକ

ନଭି ମୁମ୍ବାଇ, ୨୬।୨ (ପି.ଟି.)

ଭାରତ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ସୋମବାର ପ୍ରତିଯୋଗିତାମୂଳକ କ୍ରିକେଟକୁ ଫେରିଛନ୍ତି। ସେ ବହୁଦିନ ହେଲା ଆଘାତଜନିତ ସମସ୍ୟାରେ ଥିଲେ। ଡି-ୱାଇ କ୍ରିକେଟ ଷ୍ଟାଡିୟମରେ୍ ଭାରତ ପେଟ୍ରୋଲିଅମ୍ କର୍ପୋରେଶନ ଲିମିଟେଡ୍ ବିପକ୍ଷ ଏକ ଲୋ ସ୍କୋରିଂ ମ୍ୟାଚରେ ରିଲାଏନ୍ସ ୱାନ୍'ର ୨ ଉଇକେଟ ବିଜୟ ମ୍ୟାଚରେ ପାଣ୍ଡ୍ୟା ୩ ଓଭର ବୋଲିଂ କରି ୨୨ ରନ ବିନିମୟରେ ୨ ଉଇକେଟ ଅକ୍ତିଆର କରିଛନ୍ତି। ଗତବର୍ଷ ଅକ୍ଟୋବରରେ ପୁଣେଠାରେ ବାଂଲାଦେଶ ବିପକ୍ଷ ଦିନିକିଆ ବିଶ୍ୱକପ୍ ମ୍ୟାଚ ବେଳେ ତାଙ୍କ ଗୋଇଠିରେ ଆଘାତ ଲାଗିଥିଲା। ଏହାପରଠାରୁ ସେ କ୍ରିକେଟ ଖେଳିବା ବନ୍ଦ କରିଦେଇଥିଲେ। ବର୍ତ୍ତମାନ ସେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)କୁ ପ୍ରତ୍ୟାବର୍ତ୍ତନ ଲାଗି ଅଭ୍ୟାସ ଚଳାଇଛନ୍ତି। ୫ଥର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସର ସେ ନୂଆ ଅଧିନାୟକ ହୋଇଛନ୍ତି। ରିଲାଏନ୍ସ ୱାନ୍ ଟିମ୍‌ରେ ଖେଳୁଥିବା ମୁମ୍ବାଇ ଇଣ୍ଡିଆନ୍ସର ଅନ୍ୟ ଖେଳାଳିମାନେ ହେଲେ ତିଳକ ବର୍ମା, ନେହାଲ ୱାଧେରା, ଆକାଶ ମାଧ୍ୱାଲ, ନମନ ଧୀର୍ ଓ ପୀୟୂଷ ଚାୱ୍‌ଲା।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ